
# ଉତ୍କଳ ପ୍ରସଙ୍ଗ

6885
22/1/93





୧୯୭୯ ଅକ୍ଟୋବର ୨୩ ତାରିଖ ଦିନ ଭୁବନେଶ୍ୱର ସଚିବାଳୟଠାରେ କେନ୍ଦ୍ର କୃଷିମନ୍ତ୍ରୀ ଚୌଧୁରୀ ବ୍ରହ୍ମ ପ୍ରକାଶ ରାଜ୍ୟର ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ କାମ ବିନିମୟରେ ଖାଦ୍ୟ କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବା ସଂପର୍କରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉଚ୍ଚପଦସ୍ଥ ଅଫିସରମାନଙ୍କ ସହ ଆଲୋଚନା କରୁଛନ୍ତି ।



୧୯୭୯ ନଭେମ୍ବର ୧୪ ତାରିଖ ଶିଶୁଦିବସ ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀବୃନ୍ଦ ।

# ଉତ୍କଳ ପ୍ରସଙ୍ଗ

୧୯୭୯ ନଭେମ୍ବର/ଡିସେମ୍ବର
କାର୍ତ୍ତିକ/ମାର୍ଗଶୀର
୧୯୦୧ ଶକାବ୍ଦ
୩୬ଭାଗ: ୪ର୍ଥ ଓ ୫ମ ସଂଖ୍ୟା

## ସୂଚୀପତ୍ର

ନିଖିଳ ବିଶ୍ୱ କରିନିଏ ଯିଏ ଆପଣାର .. ୧
ନିର୍ବାଚନ ଓ ଆମେ .. ୪
ସାପ ଓ ଗରିବ ଲୋକର କଥା .. ୭
ଓଡ଼ିଶା ଉପରେ ପ୍ରକୃତିର କୋପଦୃଷ୍ଟି .. ୯
ଆଉ ଏକ ପୃଥ୍ୱୀ (କବିତା) .. ୧୨
ମରୁଡ଼ି ପରିସ୍ଥିତି ଓ ସମବାୟ ସମିତିଗୁଡ଼ିକର ଭୂମିକା .. ୧୩
ଗରିବଙ୍କୁ ଆଇନଗତ ସାହାଯ୍ୟ : ଏକ ସାମାଜିକ ଆନ୍ଦୋଳନ ୧୫
ଅଜା ଆସିଛନ୍ତି .. ୧୬
ଅହିଂସାତ୍ମକ ଉପାୟରେ ଆତ୍ମରକ୍ଷା .. ୧୯
ମରୁଡ଼ି ପରିସ୍ଥିତିରେ ଖାଦ୍ୟ ଓ ଯୋଗାଣ ବିଭାଗର ଭୂମିକା.. ୨୩
ମିଶ୍ରିତ ମାଛଚାଷ କାହିଁକି ଓ କିପରି କରିବ .. ୨୭
ମିଳିତ ଜାତିସଂଘ ଆନୁକୂଲ୍ୟରେ ସଦ୍ୟ ପ୍ରକାଶିତ ଜନସଂଖ୍ୟା ଆଧାରିତ ତଥ୍ୟାବଳି ୨୯
ସର୍କସର ନିରୀହ ଦର୍ଶକ (କବିତା) .. ୩୪
କାଳ ଶିରୋମଣି .. ୩୫
ରବି କାର୍ଯ୍ୟକ୍ରମରେ ସ୍ୱପୀର ସହଯୋଗ .. ୩୯
କାମପାଇଁ ଶସ୍ୟ ଯୋଜନା .. ୪୧
ମରୁଡ଼ି ସମୟରେ ଗୋଖାଦ୍ୟ ସମସ୍ୟା .. ୪୩
ଆମରାଜ୍ୟ .. ୪୬
ଜିଲ୍ଲା ପରିକ୍ରମା .. ୫୧

ଶ୍ରୀ ଅଶୋକ କୁମାର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ ୧୦·୦୦

ପ୍ରତି ଖଣ୍ଡ ୧·୦୦

* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ" ରେ ପ୍ରକାଶିତ ହୋଇଥାଏ । ଏହାବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିକି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

# ନିଖିଳ ବିଶ୍ୱ କରୁଣାଏ ଯିଏ ଆପଣାର



"God loves you
Love others as
He loves you
God bless you"
M Teresa MC

ଶ୍ରୀ ମିହିର କୁମାର ରାଓ

"ଗାନ୍ଧିଜୀ କହିଥିଲେ—ମଣିଷର ସେବାହିଁ ଭଗବାନଙ୍କର ସେବା । ତାଙ୍କ ଭଳି ମହାମାନବଙ୍କ ପକ୍ଷରେ ଏତେ ବିରାଟ ସତ୍ୟକୁ ଏତେ ସୁନ୍ଦରଭାବେ କହିବା ସମ୍ଭବ । ସେହି ସେବାହିଁ ସମସ୍ତଙ୍କର ଧ୍ୟେୟ ହେଉ, ଭଗବାନଙ୍କ ନିକଟରେ ଏହାହିଁ ମୋର ପ୍ରାର୍ଥନା ।" କହିଲେ ୬୯ ବର୍ଷ ବୟସା ମଦର ଟେରେସା ଜଣେ ସାମ୍ବାଦିକଙ୍କର ଅଭିନନ୍ଦନର ପ୍ରତ୍ୟୁତ୍ତରରେ । ଗତ ଅକ୍ଟୋବର ୧୭ ତାରିଖ ସନ୍ଧ୍ୟାରେ ମଦର ଟେରେସାଙ୍କର ନୋବେଲ୍ ପୁରସ୍କାର ପ୍ରାପ୍ତି ଖବର ଶୁଣିବା ମାତ୍ରେ ସାମ୍ବାଦିକ ଜଣକ ଦୌଡ଼ି ଯାଇଥିଲେ ତାଙ୍କର କଲିକତା ଆବାସସ୍ଥଳୀ ମିଶନାରିଜ ଅଫ୍ ଚ୍ୟାରିଟିଜ ଭବନକୁ । ପୁଣ ମୁଗ୍ଧ ସାମ୍ବାଦିକ ପୁଣି ପଚାରିଲେ "ମା, ଦୀନ, ଦୁଃଖୀ ଓ ନିଃସହାୟଙ୍କ ପାଇଁ ଆପଣ ତ ଅନେକ କିଛି କରୁଛନ୍ତି ହେଲେ ତେବେ ବି ଦୁନିଆରେ ଏତେ ଦୁଃଖ କାହିଁକି ?" ଉତ୍ତର ପାଇଲେ "ପାପ ପୃଥିବୀକୁ ଛାଇ ଗଲାଣି, ସେଥିଲାଗି ଏତେ ଦୁଃଖ, ଏତେ କ୍ଲେଶ । ଏହାର ଅବସାନ ଲାଗି ଧନୀ, ନିର୍ଦ୍ଧନ, ଉଚ୍ଚ, ନୀଚ ସମସ୍ତଙ୍କୁ ଆଗେଇ ଆସିବାକୁ ପଡ଼ିବ । ଅନ୍ୟ ପନ୍ଥା ନାହିଁ । ଭଗବାନ ସମସ୍ତଙ୍କୁ ଭଲ ପାଆନ୍ତି, ଆମକୁ ମଧ୍ୟ ସମସ୍ତଙ୍କୁ ଭଲ ପାଇବାକୁ ପଡ଼ିବ । ନିଃସ୍ୱାର୍ଥପରଭାବେ ଭଲ ପାଇଲେ ଦୁନିଆରୁ ଦୁଃଖ କ୍ଲେଶ ନିଶ୍ଚୟ ଦୂର ହେବ ।" ଏହା ହେଲା ଅପାର ପ୍ରେମ ଓ କରୁଣାର ଜ୍ୱଳନ୍ତ ପ୍ରତୀକ । ମଦର ଟେରେସାଙ୍କର ଦୃଢ଼ ବିଶ୍ୱାସ ଏବଂ ସେହି ବିଶ୍ୱାସକୁ ରୂପାୟିତ କରିବାରେ ସେ ଜୀବନର ୩୦ ବର୍ଷରୁ ଅଧିକ ସମୟ ଅତିବାହିତ କରେଣି ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ସେ ସେବାବ୍ରତରେ ଅଟଳ ରହିବେ ଏଥିରେ କୌଣସି ସନ୍ଦେହ ନାହିଁ ।

ଏହି ମହୀୟସୀ ନାରୀଙ୍କୁ ଶାନ୍ତିପାଇଁ ନୋବେଲ ପୁରସ୍କାର ଦେଇ କେବଳ ସମ୍ମାନିତ କରାଯାଇ ନାହିଁ ନୋବେଲ ପୁରସ୍କାର କମିଟି ମଧ୍ୟ

ନିଜକୁ ଗୌରବାନ୍ୱିତ କରିଛନ୍ତି ତଥା ନିଜର ଲୁପ୍ତ ପ୍ରାୟ ବିସ୍ମରବୋଧକୁ ପୁନଃପ୍ରତିଷ୍ଠିତ କରିଛନ୍ତି । ମଦର ଟେରେସାଙ୍କର ସମ୍ମାନ ଲାଭ ସମଗ୍ର ଭାରତକୁ ଗୌରବାନ୍ୱିତ କରିଛି । ୧୯୧୩ ମସିହାରେ ସାହିତ୍ୟ ପାଇଁ କବିଗୁରୁ ରବୀନ୍ଦ୍ରନାଥ ଠାକୁର ଓ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନ ଲାଗି ମହାବିଜ୍ଞାନୀ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ପରେ ଏଇ ସମ୍ମାନର ଅଧିକାରୀ ହୋଇଥିବା ତୃତୀୟ ଭାରତୀୟ ହେଉଛନ୍ତି ମଦର ଟେରେସା। ଜନ୍ମସୂତ୍ରରେ ମଦର ଟେରେସା ଆଲ୍‌ବେନିୟ ହେଲେହେଁ ଭାରତ, ବିଶେଷକରି କଲିକତା, ତାଙ୍କର ସାଧନାର ପୀଠ ଏବଂ ୧୯୪୨ ମସିହାରୁ ସେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିଛନ୍ତି । ତେଣୁ ଭାରତୀୟମାନଙ୍କ ପକ୍ଷରେ ତାଙ୍କ ଗୌରବରେ ଉତ୍‌ଫୁଲ୍ଲ ହେବା ସ୍ୱାଭାବିକ । ଅବଶ୍ୟ ଆଉ ଜଣଙ୍କ ପାଇଁ ଭାରତବାସୀ ଆନନ୍ଦିତ ହୁଅନ୍ତି । ସେ ହେଲେ ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ବିଜୟୀ ଡ଼କ୍ଟର ହରଗୋବିନ୍ଦ ଖୁରାନା । ତେବେ ସେ ଆନନ୍ଦ ସଂପ୍ରତି ସୀମିତ । କାରଣ ଡକ୍ଟର ଖୁରାନା ବର୍ତ୍ତମାନ ଆମେରିକା ଯୁକ୍ତରାଷ୍ଟ୍ରର ନାଗରିକ ଏବଂ ନୋବେଲପୁରସ୍କାର ପାଇବା ପୂର୍ବରୁ ତାଙ୍କର କର୍ମସ୍ଥଳୀ ଥିଲା ଆମେରିକା ଯୁକ୍ତରାଷ୍ଟ୍ର । ନୋବେଲ ପୁରସ୍କାର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲ ଏହି ଶାନ୍ତି ପୁରସ୍କାରର ବ୍ୟବସ୍ଥା କଲାବେଳେ କହିଥିଲେ ଯେ ଜନଗଣଙ୍କ ମଧ୍ୟରେ ଭ୍ରାତୃଭାବକୁ ଦୃଢ଼ କରିବା ଲାଗି ଯେ କୌଣସି ବ୍ୟକ୍ତି ବା ପ୍ରତିଷ୍ଠାନ କାମ କଲେ ପୁରସ୍କାର ପାଇଁ ସେମାନଙ୍କ କଥା ବିବେଚନା କରାଯିବ । ଦୁଃଖର କଥା ପ୍ରତିଷ୍ଠାତା ନୋବେଲଙ୍କର ଏହି ନୀତି ଅନୁସରଣ କରି ସବୁବେଳେ ଯେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆଯାଉଛି ତାହା କୁହାଯାଇପାରିବ ନାହିଁ । ପୁରସ୍କାର କମିଟିର ନିଷ୍ପତ୍ତି ସବୁବେଳେ ବିତର୍କର ଊର୍ଦ୍ଧ୍ୱରେ ନୁହେଁ । ବରଂ ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ସଫଳ ରାଷ୍ଟ୍ର ନେତା କିମ୍ବା ଧୁରୀଣ କୂଟନୀତିଜ୍ଞଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଉଛି । ତାହା ନହେଲେ ସତ୍ୟ ଓ ଅହିଂସାର ପୂଜାରୀ, ଦୀନବନ୍ଧୁ ମହାତ୍ମା ଗାନ୍ଧି କିମ୍ବା ଶାନ୍ତିର ଅଗ୍ରଦୂତ ଜବାହାରଲାଲ ନେହେରୁଙ୍କୁ ପୁରସ୍କାର କମିଟିର ଅବଜ୍ଞା କରିବାର କି କାରଣ ଥାଇପାରେ ? ସେଥିପାଇଁ ଭାରତବାସୀଙ୍କ ମନରେ ଯେଉଁ କ୍ଷୋଭ ରହିଛି ତାହାକୁ ଅଯୌକ୍ତିକ ବୋଲି କୁହାଯାଇ ପାରିବ ନାହିଁ । ଏହାର ଯେ ବ୍ୟତିକ୍ରମ ଘଟିନାହିଁ ତାହା ନୁହେଁ । ଆଲବାର୍ଟ ସୋୟାଇତଜାରଙ୍କ ଭଳି ଲୋକ ଜନ ସେବକ କିମ୍ବା ଲୁଥୁଲିଙ୍କ ଭଳି ନୀରବ ସାଧକଙ୍କୁ ପୁରସ୍କୃତ କରାଯାଇ ଆଲ୍‌ଫ୍ରେଡ୍ ନୋବେଲଙ୍କର ନୀତିକୁ କେତେକାଂଶରେ ସମ୍ମାନିତ କରାଯାଇଛି । ମଦର ଟେରେସାଙ୍କୁ ସମ୍ମାନିତ କରିବା ଏହି ପର୍ଯ୍ୟାୟଭୁକ୍ତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ମଦର ଟେରେସା ଆଜି ଆଉ ବ୍ୟକ୍ତି ବିଶେଷ ନୁହନ୍ତି—ଏକ ସୁମହାନ୍ ପ୍ରତିଷ୍ଠାନର ପ୍ରାଣ କେନ୍ଦ୍ର ଓ କର୍ଣ୍ଣଧାର । ତାଙ୍କର କାର୍ଯ୍ୟକଳାପ ଆଉ ଭାରତ ମଧ୍ୟରେ ସୀମାବଦ୍ଧ ନରହି ପୃଥିବୀର ବିଭିନ୍ନ ପ୍ରାନ୍ତକୁ ବ୍ୟାପି ଗଲାଣି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମିଶନାରୀଜ ଅଫ୍ ଚ୍ୟାରିଟିଜ (Missionaries of Charities) ର ସେବିକାମାନେ ଆଜି ଦୀନଦୁଃଖୀ ଓ ଆର୍ତ୍ତର ସେବାରେ ସୁଦୂର ଦକ୍ଷିଣ ଆମେରିକାର ଭେନେଜୁଏଲା, ସିଂହଳ, ପୂର୍ବ ଆଫ୍ରିକାର ତାନଜାନିୟା, ଅଷ୍ଟ୍ରେଲିଆ, ଜର୍ଡନ ଏବଂ ଲଣ୍ଡନ, ନ୍ୟୁୟର୍କ ଓ ରୋମର ବସ୍ତି ଅଞ୍ଚଳରେ କର୍ମରତା ଏହାଛଡ଼ା ଭାରତରେ ମଦର ଟେରେସାଙ୍କର ନେତୃତ୍ୱାଧୀନରେ ଚାଲିଛି ୬୦ଟି ସ୍କୁଲ, ୨୧୩ଟି ଦାତବ୍ୟ ଚିକିତ୍ସାଳୟ, ୫୪ଟି କୁଷ୍ଠାଶ୍ରମ । ଓଡ଼ିଶାରେ ଏଭଳି ଏକ କୁଷ୍ଠାଶ୍ରମ ଖୋର୍ଦ୍ଧା ନିକଟରେ ପ୍ରତିଷ୍ଠିତ ହୋଇଛି । ତାହାଛଡ଼ା ଅଛି ଅନାଥ ଓ ବିକଳାଙ୍ଗ ଲାଗି ବିଭିନ୍ନ ଅନାଥାଶ୍ରମ ।

କିଏ ଏହି ମହୀୟସୀ ନାରୀ ମଦର ଟେରେସା ? କଅଣ ତାଙ୍କର ପଟଭୂମି ? ସ୍ୱଭାବତଃ ଏଭଳି ପ୍ରଶ୍ନ ଉଠିପାରେ । ଜୀବନୀ ଲେଖାରେ ମଦର ଟେରେସାଙ୍କର ଘୋର ଆପତ୍ତି । ସେ ସଂପର୍କରେ କୌତୂହଳ ପ୍ରକାଶ କଲେ ସେ ପ୍ରଶ୍ନ କରନ୍ତି, ',ଯୀଶୁ ଖ୍ରୀଷ୍ଟ ଜୀବିତ ଥିଲାବେଳେ କଅଣ ତାଙ୍କର ଜୀବନୀ ଲେଖା ଯାଇଥିଲା ? କର୍ମହିଁ ଥିଲା ତାଙ୍କର ଜୀବନୀ । ମୋର ମଧ୍ୟ ସେଇଆ । "ତଥାପି ତାଙ୍କ ସଂପର୍କରେ ଅନେକ ତଥ୍ୟ ସଂଗୃହୀତ ହୋଇଛି ।

ଜନ୍ମ ତାଙ୍କର ସୁଦୂର ଯୁଗୋସ୍ଲୋଭିଆର ସୀମାନ୍ତବର୍ତ୍ତୀ ସହର ସ୍କୋପେଜରେ ୧୯୧୦ ମସିହା ଅଗଷ୍ଟ ୨୭ ତାରିଖ ଦିନ । ସହର ସ୍କୁଟରେ ସେ ଆଲବାନିୟ ପିତା ଥିଲେ ଏକ ଛୋଟ ଦୋକାନୀ । ବାପ ମାତା ଓ ତିନି ଭାଇ ଭଉଣୀଙ୍କୁ ନେଇ ତାଙ୍କର ଥିଲା ଏକ ସୁଖୀ ପରିବାର ମଦରଙ୍କ ନାମ ଥିଲା ଯାଗନେସ୍—ଯାଗନେସ୍ ଗଣ୍ଡକ୍‌ସିଆ ବୋୟାକ୍ସିଅ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଭାଇ ଓ ଅନ୍ୟ ଜଣକ ଭଉଣୀ । ବିଦ୍ୟା ଆରମ୍ଭ ଏକ ସରକାରୀ ସ୍କୁଲରେ । ସ୍କୋପେଜ ସହରରେ ସ୍ଥାନୀୟ ଧର୍ମ ଯାଜକମାନଙ୍କର ଗୋଟିଏ ସଙ୍ଗଠନ ଥିଲା । ସେଥିରେ ସାନ ସାନ ପିଲାମାନେ ମଝିରେ ମଝିରେ ଯୋଗ ଦେଉଥିଲେ । ସେହି ସାନ ସାନ ପିଲାମାନଙ୍କ ମଧ୍ୟରୁ ଜଣେ ଥିଲେ ଯାଗନେସ୍, ତାଙ୍କୁ ସେତେବେଳେ ୧୨ ବର୍ଷ । ଏହି ସଂଯୋଗ ଯାଗନେସ୍‌ଙ୍କ ମନରେ ଈଶ୍ୱର ପ୍ରେମ, ସେବା ଓ ମାନବିକତାବୋଧର ଉନ୍ମେଷ ଘଟାଇଥିଲା । ୧୨ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଏହିପରି ଚାଲିଲା । ଗୋଟିଏ ପାଖରେ ପିତାମାତାଙ୍କର ସ୍ନେହ ଓ ଆଦର ଓ ଅନ୍ୟ ପକ୍ଷରେ ମାନବିକତାର ଆହ୍ୱାନ । ସେତେବେଳେ ଯୁଗୋସ୍ଲୋଭିଆର ଯେସୁଇଟ୍‌ମାନେ ମିଶନାରୀ କାର୍ଯ୍ୟ ଲାଗି ଭାରତକୁ ଆସିବାକୁ ଆରମ୍ଭ କରିଥାନ୍ତି। ପ୍ରଥମ ଦଳ ଆସିଲେ କଲିକତାକୁ ୧୯୨୫ ମସିହା ଡିସେମ୍ବର ମାସରେ । ସେମାନଙ୍କ ମଧ୍ୟରୁ ଜଣେ ଅବସ୍ଥାପିତ ହେଲେ ଦାର୍ଜିଲିଂ ନିକଟବର୍ତ୍ତୀ କାଲିମପଂଗ ସହରରେ । ସେଠାକାର କର୍ମ ପରିବେଶ ତାଙ୍କୁ ଉତ୍‌ଫୁଲ୍ଲ କଲା । ସ୍ୱଦେଶର ସହକର୍ମୀମାନଙ୍କୁ ସେ ଲେଖିଲେ "ଏଠାରେ କାମ କରିବାର ବିରାଟ ସୁଯୋଗ ରହିଛି ଆହୁରି ଲୋକ ପଠାଅ । ସ୍କୋପେଜ ସହରର ଧର୍ମଯାଜକମାନଙ୍କ ସଙ୍ଗଠନରେ ଏ ଚିଠି ନେଇ ବେଶ୍ ଆଳାପ ଆଲୋଚନା ଚାଲିଲା । ସେତେବେଳେ ସେଠାରେ ଉପସ୍ଥିତ ଥିଲେ ଅଷ୍ଟାଦଶୀ ଯାଗନେସ୍ । ଭାରତରେ ସେବାର ବିରାଟ ସମ୍ଭାବନା କଥା ଯାଗନେସ୍‌ଙ୍କୁ ଅଭିଭୂତ କଲା । ଦିନେ ଦୁଇ ଦିନ ସେ ବିଷୟରେ ଚିନ୍ତା କଲାପରେ ସେ ସ୍ଥିର କଲେ ଯେସୁଇଟ୍ ମିଶନାରୀମାନଙ୍କ ସହ ସେ ମଧ୍ୟ ଭାରତରେ କାମ କରିବେ । ତାଙ୍କ ନିଷ୍ପତ୍ତି କଥା ଶୁଣି ଧର୍ମଯାଜକମାନେ ପ୍ରଥମେ ବିସ୍ମିତ ହେଲେ । କିନ୍ତୁ ଯାଗନେସ୍‌ଙ୍କର ସଂକଳ୍ପର ଦୃଢ଼ତା ଦେଖି ସେମାନଙ୍କ ମନରେ କୌଣସି ଦ୍ୱିଧା ରହିଲା ନାହିଁ । ସଙ୍ଗେ ସଙ୍ଗେ ସେମାନେ ଆୟାରଲ୍ୟାଣ୍ଡର ଲରେଟୋର "ନନ୍" ମାନଙ୍କ ସଙ୍ଗେ ଯାଗନେସ୍‌ଙ୍କ ଯୋଗାଯୋଗ ସ୍ଥାପନ କରାଇଦେଲେ । କାରଣ କଲିକତା କ୍ୟାଥଲିକ୍ ସନ୍ନ୍ୟାସିନୀ ସଙ୍ଗଠନର ଏହି "ନନ୍" ମାନେ ଥିଲେ ପରିଚାଳିକା ।

୧୯୨୮ ମସିହା କଥା । ଅଷ୍ଟାଦଶୀ ଯାଗନେସ୍ ପିତାମାତା, ପରିବାର ଓ ସ୍ୱଦେଶକୁ ଛାଡ଼ି ଚାଲିଗଲେ ଆୟାରଲ୍ୟାଣ୍ଡର ଡବଲିନ୍ ସହରକୁ ରଥଫରନାହାମର ଧର୍ମପ୍ରତିଷ୍ଠାନ (Loretto Abbey) ରେ ଯୋଗ ଦେବା ଲାଗି । ଭଗବାନଙ୍କର ଡାକରା ପାଇ ଚିରକାଳ ପାଇଁ ଯାଗନେସ୍ ନିଜ ଦେଶ ଛାଡ଼ିଲେ । ପରେ ଆଉ ସେ ପେଛି ପଛକୁ ଅନାଇ ନାହାନ୍ତି । ପର ବର୍ଷ ଅର୍ଥାତ୍ ୧୯୨୯ ମସିହାରେ ସେ ଆସି ପହଞ୍ଚିଲେ କଲିକତାରେ । ଯୋଗ ଦେଲେ କଲିକତାର ଲରେଟୋରେ ନବୀନା ସନ୍ନ୍ୟାସିନୀ ରୂପେ । ସେଠାରେ ଆରମ୍ଭ ହେଲା ତାଙ୍କର ଶିକ୍ଷୟିତ୍ରୀ ଜୀବନ । ପ୍ରଥମେ ସେଣ୍ଟ ମାର୍ଗାରେଟ୍ ସ୍କୁଲର ସେ ହେଲେ ଭୂଗୋଳ ଶିକ୍ଷୟତ୍ରୀ । ଅନେକ ଦିନ ରହିଲେ ବଙ୍ଗାଳୀ ଛାତ୍ରୀ ବିଭାଗର କର୍ତ୍ରୀ ରୂପେ । କିଛିଦିନ ପାଇଁ ହେଲେ ସ୍କୁଲର ଅଧ୍ୟକ୍ଷା ସେଥିସହ ଆଉ ଏକ ଦାୟିତ୍ୱ ମଧ୍ୟ ମୁଣ୍ଡାଇଲେ । ତାହା ଥିଲା ଭାରତୀୟ ସନ୍ନ୍ୟାସିନୀମାନଙ୍କୁ ନେଇ ଗଠିତ "ଡଟର ଅଫ୍ ସେଣ୍ଟ ଆନ୍" (Daughter of St. Anne)ର ପରିଚାଳନା । ଏହି ଭଳି ଭାବରେ ପ୍ରାୟ ୧୭ ବର୍ଷ ବିତିଗଲା । ୧୯୪୭ ମସିହାରେ ସେ ଛୁଟି ଅତିବାହିତ କରିବା ପାଇଁ ଟ୍ରେନ ଯୋଗେ ଦାର୍ଜିଲିଂ ଯାଉଥିଲାବେଳେ ମନରେ ତାଙ୍କର ଦେଖାଦେଲା ଏକ ପ୍ରଶ୍ନ "ଦୁନିଆରେ ଏତେ ଦୁଃଖ, କ୍ଲେଶ ଓ ଦାରିଦ୍ର୍ୟ । ସେ କଥା ନ ଭାବି ଚିରକାଳ କଅଣ ଏହି ସ୍କୁଲକୁ ନେଇ ରହିଥିବି । "ମନ ଆଲୋଡ଼ିତ ହେଲା, ଅନ୍ତରରେ ଦ୍ୱନ୍ଦ୍ୱ ଦେଖାଦେଲା । "ହଠାତ୍ ଯେମିତି ତାଙ୍କ କାନରେ ବାଜିଲା କଲିକତା ଚଳିବାକୁ

ଆର୍ତ୍ତଜନତାର କରୁଣ ଆହ୍ୱାନ । ସେ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ମନେ ହେଲା ପ୍ରଭୁ ଯୀଶୁ ଯେପରି କହୁଛନ୍ତି– "ମୁଁ ଏଠାରେ ଏହି ଆର୍ତ୍ତ ଓ କ୍ଷୁଧାର୍ତ୍ତଙ୍କ ମଧ୍ୟରେ ।" ମନରୁ ସବୁ ଦ୍ୱିଧା ଓ ସଂଶୟ ନିମେଷମାତ୍ରେ ଦୂର ହୋଇଗଲା । ସେହି ଟ୍ରେନରେ ବସି ସେ ସ୍ଥିର କଲେ "ଏଣିକି ତାଙ୍କର କର୍ମ କ୍ଷେତ୍ର ହେବ ଆର୍ତ୍ତ, ଦୁଃସ୍ଥ ଓ ନିରାଶ୍ରୟଙ୍କ ମଧ୍ୟରେ "। ନବଜନ୍ମ ଲାଭ କଲେ ମଦର ଟେରେସା ସେପ୍ଟେମ୍ବର ୧୦, ୧୯୪୬ ମସିହାରେ । ସ୍କୁଲ ଛାଡ଼ିବାହାରି ଆସିଲେ କଲିକତାର ବସ୍ତି ଭିତରକୁ । ସନ୍ୟାସିନୀର ପୋଷାକ ପରିବର୍ତ୍ତିତ ହେଲା । ପରିଧାନ କଲେ ନେଳିଆ ଧଡ଼ିଯୁକ୍ତ ସାଦା ଶାଢ଼ୀ । ପଣତ ଅଟକାଇବା ପାଇଁ କାନ୍ଧରେ ଶୋଭା ପାଇଲା "କ୍ରୁଶ୍" ।

ପରବର୍ତ୍ତୀ କାହାଣୀର ପଟାନ୍ତର ଦୁର୍ଲଭ । କେବଳ ବୁଦ୍ଧଦେବଙ୍କ ଧର୍ମ ପ୍ରସାର ସହିତ ତୁଳନୀୟ । ତାଙ୍କରି ପ୍ରେରଣାରେ ୧୯୫୦ ମସିହା ଅକ୍ଟୋବର ମାସରେ ଗଠିତ ହେଲା ମିସ୍‌ନାରିଜ ଅଫ୍ ଚ୍ୟାରିଟିଜ୍ ସଂସ୍ଥା । ମହାମାନ୍ୟ ପୋପ୍ ସାନନ୍ଦରେ ଏହି ନୂତନ ସଂସ୍ଥା ଗଢ଼ିବାର ଅଧିକାର ଦେଲେ ମଦର ଟେରେସାଙ୍କୁ । ୧୯୫୬ ମସିହାରୁ ଏହି ସଂସ୍ଥାର ମର୍ଯ୍ୟାଦା ଆହୁରି ଉନ୍ନତ କରାଗଲା । ବର୍ତ୍ତମାନ ତାହା ସିଧାସଳଖ ପୋପ୍‌ଙ୍କ ଅଧୀନରେ । ମଦର ଟେରେସାଙ୍କ ଭଲ ପାଇବାର ଓ ସେବା କରିବାର ବନ୍ୟା ଆଜି କୁଳ ପ୍ଲାବିନୀ ଗଙ୍ଗା ସ୍ୱରୂପା । ସରକାରୀ ଅର୍ଥ ସାହାଯ୍ୟ ଉତ୍ସର୍ଗୀକୃତ ପ୍ରାଣ ମଦର ଟେରେସାଙ୍କର ଗ୍ରହଣୀୟ ନୁହେଁ । ଉଦ୍ଦେଶ୍ୟ ମହତ୍ । ତେଣୁ ଅର୍ଥାଭାବ ବା ସ୍ୱେଚ୍ଛାସେବୀଙ୍କର ଅଭାବ ଘଟୁନାହିଁ । ମଦର ଟେରେସାଙ୍କର ଜୟଯାତ୍ରା ଆଜି ଅବ୍ୟାହତ । ବହୁ ଜାତୀୟ ଏବଂ ଆନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନରେ ଭୂଷିତ ଏହି ମହିୟସୀ ନାରୀ ବିନା ଆଡ଼ମ୍ବରରେ ଆଗେଇ ଚାଲିଛନ୍ତି "ଭଲ ପାଇବାର" ବର୍ତ୍ତିକା ଧରି । ଦେଶ ତାଙ୍କୁ "ପଦ୍ମଶ୍ରୀ" ଉପାଧିରେ ଭୂଷିତ କରିଛି, "ନେହେରୁ ପୁରସ୍କାର "ଦେଇ ସମ୍ମାନିତ କରିଛି । ନୋବେଲ ପୁରସ୍କାର ପାଇବା ଯୋଗୁ ତାଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଆଶା ଏହି ଶ୍ରୁଦ୍ଧେୟା ମଦର ଟେରେସାଙ୍କର "ଭଲ ପାଇବାର" ମହାମନ୍ତ୍ରରେ ଡେ ବାସୀଙ୍କୁ ଦୀକ୍ଷିତ କରିବାର ସୁଯୋଗ ଦେବ ।

ସଂସ୍ଥାଗତରେ ପ୍ରଥମ ବଙ୍ଗଳାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କର ଏକ ଉକ୍ତି ଉଲ୍ଲେଖଯୋଗ୍ୟ । ସେ ଦିନଟି ଥିଲା ଶ୍ରୀ ରାୟଙ୍କ ଅଶୀତିମେ ଜନ୍ମ ବାର୍ଷିକୀ । ଶ୍ରୀ ରାୟ ଯଥାବିଧି ପଶ୍ଚିମ ବଙ୍ଗଳା ସଚିବାଳୟରେ ଉପଗତ । ବଲେ ସାମ୍ବାଦିକ ଦଳେ ତାଙ୍କୁ ଜନ୍ମ ଦିନରେ ଅଭିନନ୍ଦନ ଜଣାଇବାକୁ । "୮୦ ବର୍ଷ ବୟସରେ ମୁଖ୍ୟମନ୍ତ୍ରୀତ୍ୱ ଆପଣଙ୍କୁ କେମିତି ଲାଗୁଛି" ବୋଲି ସାମ୍ବାଦିକମାନେ ପଚାରନ୍ତେ ସେ କହିଲେ "ମୁଁ ଅଫିସକୁ ଆସିବା ଲାଗି ପାହାଚ ଚଢ଼ୁଥିଲାବେଳେ ମୋର ମନେ ପଡ଼ିଲା ମଦର ଟେରେସାଙ୍କୁ । ଅଦ୍ଭୁତ ଏହି ମହିଳା । କିପରି ଭାବରେ ସେ ସେ ଦୀନ ଦୁଃଖୀ, ଦୁଃସ୍ଥ ଓ ନିଃସହାୟଙ୍କର ମଙ୍ଗଳ ଲାଗି କାର୍ଯ୍ୟ କରି ଯାଉଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମଦର ଟେରେସାଙ୍କର ନିଷ୍କାମ ପ୍ରଚେଷ୍ଟା ଦେଶବାସୀଙ୍କର ଆଦର୍ଶ ହେଉ । ଆଜି ଦିନରେ ଏହାହିଁ ମୋର କାମନା ।"

ସ୍ୱର୍ଗତ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ଉକ୍ତି ଦେଶ ବିଦେଶରେ ଧ୍ୱନିରେ ରୂପାୟିତ ହେଲେ ଏହି ପ୍ରତିଭାମୟୀ ସନ୍ୟାସିନୀଙ୍କ ପ୍ରତି ପ୍ରକୃଷ୍ଟ ଶ୍ରଦ୍ଧା ଜ୍ଞାପନ କରାହେବ ।

"ମିହିର ମନ୍ଦିର"
କାଜୀଗଳି, କଟକ–୨

"ଯା' ଦେଖି ଜାଣିବେ ଜଗତେ ସମସ୍ତେ"

ଭାରତ ଆକ୍ରମଣରେ ଆସିଥିବାବେଳେ ଆଲେକଜାଣ୍ଡାର ନିଜ ଶିବିର ନିକଟବର୍ତ୍ତୀ କେତେକ ଗ୍ରାମକୁ ଛଦ୍ମବେଶରେ ବୁଲି ଯାଉଥିଲେ । ଭାରତୀୟ ରୀତିନୀତି ଓ ପ୍ରଥା ପରଂପରା ସଂପର୍କରେ ଜ୍ଞାନ ଆହରଣ କରିବା ତାଙ୍କ ଭ୍ରମଣର ଉଦ୍ଦେଶ୍ୟ ଥିଲା । ଦିନେ ଗୋଟିଏ ଗ୍ରାମକୁ ବୁଲିଯାଇଥିବାବେଳେ ସେ ଦେଖିଲେ ଜଣେ ବ୍ୟକ୍ତି ସ୍ୱର୍ଣ୍ଣ ପାତ୍ରଟିଏ ଗହଣ କରିବାପାଇଁ ଅନ୍ୟ ଜଣଙ୍କୁ ପଚାରୁଛନ୍ତି । କିନ୍ତୁ ଦ୍ୱିତୀୟ ବ୍ୟକ୍ତିଟି ସ୍ୱର୍ଣ୍ଣପାତ୍ର ଥରେ ହେଲେ ଦେଖୁ ନାହିଁ । ଆଲେକଜାଣ୍ଡାର ଅନୁସନ୍ଧାନ କରି ଜାଣିଲେ ଯେ ଗୋଟିଏ ଜମିରୁ ସ୍ୱର୍ଣ୍ଣପାତ୍ରଟି ମିଳିଛି । ଜମିର କ୍ରେତା ପାତ୍ରଟିକୁ ଜମି ବିକ୍ରେତାକୁ ଫେରାଇବାପାଇଁ ଯଥାସମ୍ଭବ ଉଦ୍ୟମ କରୁଥିଲେ ମଧ୍ୟ ବିକ୍ରେତା ବିକ୍ରି ହୋଇ ସାରିଥିବା ଜମିରେ ତାଙ୍କର କୌଣସି ଦାବୀ ନାହିଁ କହି ସ୍ୱର୍ଣ୍ଣ ପାତ୍ରଟିକୁ ଅନାଇ ନଥିଲେ । ଦୁଇଜଣଯାକ ସ୍ୱର୍ଣ୍ଣପାତ୍ରର ଭବିଷ୍ୟତ ସ୍ଥିର କରିବା ପାଇଁ ଗ୍ରାମବାସୀମାନଙ୍କୁ ବିଚାର କରିବାକୁ ଡ଼ାକିଲେ । ଗ୍ରାମବାସୀମାନେ ସ୍ଥିର କଲେ, ବିକ୍ରେତାର ଝିଅକୁ କ୍ରେତାର ପୁଅ ବିବାହ କରିବ ଏବଂ ସ୍ୱର୍ଣ୍ଣ ପାତ୍ରଟି ଝିଅକୁ ଯୌତୁକ ରୂପେ ପ୍ରଦାନ କରାଯିବ । ମାନବିକ ଗୁଣର ମହତ୍ତ୍ୱ ଆଲେକଜାଣ୍ଡାରଙ୍କୁ ଅଭିଭୂତ କରିଥିଲା । ଏହା ଉପଲବ୍ଧି କରି ଲଜ୍ଜିତ ଅସ୍ତ୍ର ବଳରେ ଅନ୍ୟର ସଂପତ୍ତି ଲୁଟିବା ଯେ ଅତ୍ୟନ୍ତ ଗର୍ହିତ କର୍ମ ସେ ହୋଇଥିଲେ ।

ତୁମେ ଯେତେବେଳେ ସତରେ ବଦଳି ଯିବ ତୁମ ଚାରିପାଖରେ ଥିବା ପୃଥିବୀ ବଦଳି ଯିବ
—ମୀସ ବାଉ

# ନିର୍ବାଚନ ଓ ଆମେ

ଶ୍ରୀ କାଳୀ କୁମାର ରଥ

ଭାରତର ସଂବିଧାନ ଅନୁଯାୟୀ ପ୍ରତି ପାଞ୍ଚବର୍ଷରେ ଲୋକସଭା ନିର୍ବାଚନ ହୋଇଥାଏ । କିନ୍ତୁ ଆବଶ୍ୟକହେଲେ ରାଷ୍ଟ୍ରପତି ଏହି ୫ବର୍ଷ ମଧ୍ୟରେ ଲୋକସଭାକୁ ଭାଙ୍ଗି ସାରି ନିର୍ବାଚନ ପାଇଁ ଆଦେଶ ଦେଇଥାଆନ୍ତି । ୧୯୭୭ ମସିହା ମାର୍ଚ୍ଚ ମାସରେ ନିର୍ବାଚନ ହୋଇଥିବାରୁ ଯେଉଁ ଲୋକସଭା ଗଠିତ ହୋଇଥିଲା ତାହା ୧୯୮୨ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଥାଆନ୍ତା । କିନ୍ତୁ ରାଜନୈତିକ ପରିସ୍ଥିତି ଯୋଗୁ ରାଷ୍ଟ୍ରପତି ଏହି ଲୋକସଭାକୁ ଭାଙ୍ଗି ପୁନର୍ବାର ନିର୍ବାଚନ ହେବାପାଇଁ ସିଦ୍ଧାନ୍ତ କଲେ । ଆସନ୍ତା ଜାନୁଆରୀ ୩ ଓ ୬ ତାରିଖରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ହେବ । ଓଡ଼ିଶାରେ ଜାନୁଆରୀ ୩ ତାରିଖ ଗୋଟିଏ ଦିନ ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି ।

ତାଲିକା ପ୍ରକାଶ ପାଇବାପରେ ଯଦି ଏଥିରେ କାହାର ନାମ ନଥାଏ ବା କାହା ନାମରେ ଭୁଲ ଭ୍ରାନ୍ତି ଥାଏ, ତେବେ ସ୍ଥାନୀୟ ସବ୍‌ଡିଭିଜନାଲ୍ ଅଫିସରଙ୍କ ନିକଟରେ ଦରଖାସ୍ତ ଦେଇ ତାହାକୁ ସଂଶୋଧନ କରିବାର ବ୍ୟବସ୍ଥା କରାଯାଇଥାଏ । ଏହିସବୁ ଆପତ୍ତି ଦରଖାସ୍ତ ବିଚାର କଲାପରେ ଯେଉଁମାନଙ୍କର ନାମ ପୁନର୍ବାର ଯୋଗ କରିବା ଆବଶ୍ୟକ ତାହା ସଂପୃକ୍ତ ସବଡିଭିଜନାଲ୍ ଅଫିସରମାନେ କରିସାରିଲେଣି । ଏହି ପ୍ରକାରରେ ପ୍ରସ୍ତୁତ ଭୋଟର ତାଲିକା ନଭେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ଭାବେ ପ୍ରକାଶ ପାଇଛି । ଏହି ଚୂଡ଼ାନ୍ତ ଭୋଟର ତାଲିକା ଏହି ନିର୍ବାଚନ ପୂର୍ବରୁ ସଂଶୋଧନ ହେବାର ସୁଯୋଗ ନାହିଁ । ଅନେକ ସମୟରେ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରିଜାଇଡ଼ିଂ ଅଫିସରମାନଙ୍କ ସହ ଭୋଟରମାନେ ଏ

## ନିର୍ବାଚନର ପଟ୍ଟଭୂମି

ନିର୍ବାଚନର ହିସାବ ସମୀକ୍ଷା କଲେ ଜଣାଯାଏ, ଗଣତାନ୍ତ୍ରିକ ପଦ୍ଧତିରେ ଆମ ଦେଶରେ ପ୍ରଥମ ନିର୍ବାଚନ ହୁଏ ୧୯୫୧ ଡ଼ିସେମ୍ବର ଓ ୧୯୫୨ ଫେବୃୟାରୀ ମଧ୍ୟରେ । ଦ୍ୱିତୀୟ ନିର୍ବାଚନ ହୁଏ ୧୯୫୭ର ଫେବୃୟାରୀ-ମାର୍ଚ୍ଚ ମାସରେ, ତୃତୀୟ–ଫେବୃୟାରୀ ୧୯୬୨ରେ, ଚତୁର୍ଥ–ଫେବୃୟାରୀ ୧୯୬୭ରେ, ପଞ୍ଚମ–ମାର୍ଚ୍ଚ ୧୯୭୧ରେ ଏବଂ ଷଷ୍ଠ–ମାର୍ଚ୍ଚ ୧୯୭୭ରେ ।

ଭୋଟର ସଂଖ୍ୟା ଦୃଷ୍ଟିରୁ ଭାରତୀୟ ନିର୍ବାଚନର ପଟାନ୍ତର ନାହିଁ । ଆଗାମୀ ନିର୍ବାଚନରେ ଭୋଟର ସଂଖ୍ୟା ହେବ ପ୍ରାୟ ୩୬ କୋଟି । ଅର୍ଥାତ୍ ଚୀନ୍‌କୁ ବାଦ୍ ଦେଲେ ପୃଥିବୀର ଯେ କୌଣସି ଦେଶର ଲୋକ ସଂଖ୍ୟା ଅପେକ୍ଷା ଏହା ଯଥେଷ୍ଟ ଅଧିକ । ୧୯୫୨ ମସିହା ସାଧାରଣ ନିର୍ବାଚନ ବେଳେ ଭୋଟର ସଂଖ୍ୟା ୧୭ କୋଟି ୩୦ଲକ୍ଷ ହୋଇଥିବା ବେଳେ ଆଗାମୀ ୭ମ ନିର୍ବାଚନ ବେଳକୁ ଏହା ହେବ ପ୍ରାୟ ୩୬ କୋଟି । ତେଣୁ ୩୨ ବର୍ଷ ମଧ୍ୟରେ ଆମ ଦେଶର ଭୋଟର ସଂଖ୍ୟା ଯେ ଦୁଇଗୁଣରୁ ଅଧିକ ହେଲଣି ତାହା କହିବା ବାହୁଲ୍ୟ ମାତ୍ର ।

ସଂପ୍ରତି ଓଡ଼ିଶାରେ ଯେଉଁ ଭୋଟର ତାଲିକାର ଖସଡ଼ା ପ୍ରକାଶ ପାଇଛି ସେଥିରେ ୧ କୋଟି ୩୮ ଲକ୍ଷ ୪ ହଜାର ୬୭୦ ଜଣ ଭୋଟରଙ୍କ ନାମ ରହିଛି । ୧୯୭୭ ମସିହା ବିଧାନ ସଭା ନିର୍ବାଚନ ବେଳର ଭୋଟର ସଂଖ୍ୟାଠାରୁ ଏହା ୧୧ ଲକ୍ଷ ୩୮ ହଜାର ୨୪୮ ଅଧିକ ।

ଆମ ଦେଶରେ ପାର୍ଲାମେଣ୍ଟ କହିଲେ ଏକତ୍ର ଭାବେ ଲୋକସଭା ରାଜ୍ୟସଭା ଓ ରାଷ୍ଟ୍ରପତିଙ୍କୁ ବୁଝାଏ । କେବଳ ଏକତ୍ର ଲୋକସଭା ଓ ରାଜ୍ୟସଭାକୁ ନୁହେଁ । ଅର୍ଥାତ୍ ରାଷ୍ଟ୍ରପତି ପାର୍ଲାମେଣ୍ଟର ଏକ ଅଙ୍ଗ । (ସଂଗୃହୀତ)

ଏହି ନିର୍ବାଚନ ପାଇଁ କିନ୍ତୁ ପ୍ରସ୍ତୁତି ଆରମ୍ଭ ହେଲଣି ସେପଟେମ୍ବର ପହିଲାରୁ । ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଥରେ ଭୋଟର ତାଲିକା ସଂଶୋଧନ କରାଯାଇଥାଏ । ଏଥର ମଧ୍ୟ ନିର୍ବାଚନ ପୂର୍ବରୁ ବ୍ୟାପକଭାବେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଅନୁସାରେ ଗଣନାକାରୀମାନେ ଘରକୁଘର ବୁଲି ଭୋଟରମାନଙ୍କର ନାମ ସଂଗ୍ରହ କରିଥିଲେ । ତଦନୁଯାୟୀ ପ୍ରସ୍ତୁତ ଭୋଟର ତାଲିକା ଚିଠା ଭୋଟର ତାଲିକା ରୂପେ ଅକ୍‌ଟୋବର ୧୯ ତାରିଖରେ ପ୍ରକାଶିତ ହୋଇଥିଲା । ଏହି

ବିଷୟରେ ଯୁକ୍ତିତର୍କ କରିଥାନ୍ତି । କିନ୍ତୁ ଏକଥା ମନେରଖିବାକୁ ହେବ ଯେ ଭୋଟଗ୍ରହଣ କେନ୍ଦ୍ରରେ ଏଭଳି ବିବାଦ କରିବା ନିରର୍ଥକ । ଯେଉଁମାନଙ୍କ ନାମ ପ୍ରିଜାଇଡ଼ିଂ ଅଫିସରଙ୍କ ପାଖରେ ଥିବା ଭୋଟର ତାଲିକାରେ ନଥିବ ସେମାନେ କୌଣସି ପ୍ରକାରେ ଭୋଟ ଦେଇ ପାରିବେନାହିଁ । ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଓ ଏହି କାମ ଶେଷ ହେଲଣି କହିଲେ ଚଳେ ।

୧୯୭୭ ମସିହା ନିର୍ବାଚନ ସମୟରେ କଟକ ଜିଲ୍ଲାରେ ୨୩ଲକ୍ଷ ଭୋଟର ଥିବା ସ୍ଥଳେ ଏଥର ଭୋଟରଙ୍କ ସଂଖ୍ୟା ୨୫ ଲକ୍ଷକୁ ବୃଦ୍ଧି

ପାଉଛି । ସମଗ୍ର ରାଜ୍ୟରେ ହାରାହାରି ଶତକଡ଼ା ୧୦ ଭାଗ ଭୋଟର ସଂଖ୍ୟା ବୃଦ୍ଧି ହୋଇଯିବାର ଲକ୍ଷ୍ୟ କରାଯାଉଛି । ସାଧାରଣତଃ ନିର୍ବାଚନ ପୂର୍ବରୁ ଦରଖାସ୍ତ ଦ୍ୱାରା ନୂତନ ଭୋଟରମାନଙ୍କୁ ତାଲିକାଭୁକ୍ତ କରାଯାଇଥାଏ । ତେଣୁ ବହୁସଂଖ୍ୟାରେ ନୂତନ ଭୋଟର ତାଲିକାଭୁକ୍ତ ହୋଇ ପାରିନଥାନ୍ତି । କିନ୍ତୁ ଉକ୍ତ ନିର୍ବାଚନରେ ଘରକୁ ଘର ଯାଇ ତାଲିକା ସଂଶୋଧନ କରାଯାଇଥିବାରୁ ଏତେ ଅଧିକ ସଂଖ୍ୟାରେ ନୂତନ ଭୋଟର ତାଲିକାଭୁକ୍ତ ହୋଇଛନ୍ତି ।

ଏ ତ ଗଲା ଭୋଟର ତାଲିକା କଥା । କିନ୍ତୁ ଏତିକିରେ ତ ଭୋଟ ହୋଇପାରିବନାହିଁ । ଆହୁରି ଅନେକ ପ୍ରକାର ପ୍ରସ୍ତୁତି ଅଛି । କେଉଁ ସ୍ଥାନରେ ଭୋଟ ଗ୍ରହଣ କେନ୍ଦ୍ର, ସେଠାରେ କେଉଁ କେଉଁ ଗ୍ରାମର ଲୋକ ଭୋଟ ଦେବେ, କେଉଁ ଅଫିସରମାନେ ସେହି କେନ୍ଦ୍ର ଦାୟିତ୍ୱରେ ରହିବେ, ସେମାନେ କେଉଁ ଗାଡ଼ିରେ କି କି ଜିନିଷ ନେଇ ଯିବେ, ଏସବୁ କଥା ବହୁ ଆଗରୁ ବିଚାରକୁ ନିଆଯାଏ । ଭୋଟର ତାଲିକା ପ୍ରସ୍ତୁତି ସଙ୍ଗେ ସଙ୍ଗେ ଏ ପ୍ରସ୍ତୁତି ମଧ୍ୟ ଅବ୍ୟାହତ ରହିଛି ।

ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ତାଲିକା ଚୂଡ଼ାନ୍ତ ହୋଇସାରିଲାଣି । କେହି କେହି ଭାବୁଥିବେ ଯେ ଭୋଟଗ୍ରହଣ କେନ୍ଦ୍ର ସ୍ଥାପନ କରୁଥିବା ବେଳେ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନେ ବୋଧେ ନିଜ ସୁବିଧା ମୁତାବକ କେନ୍ଦ୍ର ସ୍ଥିର କରୁଥିଲେ, ଯାହାକୁ ପସନ୍ଦ ନାହାନ୍ତି । କିନ୍ତୁ ତା'ନୁହେଁ । ଭୋଟ ଗ୍ରହଣକେନ୍ଦ୍ର ଠିକଣା ହେବା ପୂର୍ବରୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ, ବିଧାନସଭା ଓ ଲୋକସଭା ସଦସ୍ୟମାନଙ୍କ ସହ ବିଶେଷ ଭାବେ ଆଲୋଚନା କରାଯାଇଥାଏ । ଗତ ଅକ୍ଟୋବର ୨୭ ତାରିଖରେ ସାରାଦେଶର ଜିଲ୍ଲା ସଦର ମହକୁମାମାନଙ୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ନିର୍ବାଚନ ଅଫିସରମାନେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାରେ ମଧ୍ୟ ରାଜନୈତିକ ଦଳର ପ୍ରତିନିଧି ଓ ଲୋକପ୍ରତିନିଧିମାନେ ଆଲୋଚନାରେ ଯୋଗ ଦେଇଥିଲେ । ସେ ଦିନ ଭୋଟକେନ୍ଦ୍ର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଯାଇଛି । ଭୋଟ ଗ୍ରହଣ କେନ୍ଦ୍ର ସ୍ଥିର କରିବାପାଇଁ କେତେଗୁଡ଼ିଏ ବିଷୟ ବିଚାରକୁ ନିଆଯାଇଛି । ଜନସାଧାରଣଙ୍କ ସୁବିଧା ପ୍ରତି ଲକ୍ଷ୍ୟ ରଖି ଭୋଟ କେନ୍ଦ୍ରଗୁଡ଼ିକ ସ୍ଥିର କରାଯାଇଛି ।

ସାଧାରଣତଃ ୭୫୦ରୁ ଏକହଜାର ପର୍ଯ୍ୟନ୍ତ ଭୋଟର ଗୋଟିଏ କେନ୍ଦ୍ରରେ ଭୋଟଦେବାର ବ୍ୟବସ୍ଥା ହୋଇଛି । ସ୍ଥଳ ବିଶେଷରେ ଏହାଠାରୁ କମ୍ ଭୋଟର ଅଛନ୍ତି ଓ ଅତି ଅସୁବିଧା କ୍ଷେତ୍ରରେ ଏକହଜାରରୁ କିଛି ଅଧିକ ଭୋଟର ମଧ୍ୟ ଅଛନ୍ତି । ଘନ ଜନବସତି ପୂର୍ଣ୍ଣ ସମତଳ ଅଞ୍ଚଳରେ ଭୋଟରମାନଙ୍କୁ ଦୁଇ କିଲୋମିଟରରୁ ଅଧିକ ଯିବାକୁ ପଡ଼ିବନାହିଁ । ସ୍ୱଳ୍ପ ଜନବସତି ଥିବା ଅଞ୍ଚଳରେ

## ଓଡ଼ିଶାରେ ୧୯୭୭ ଲୋକସଭା ନିର୍ବାଚନ ହିସାବ ସମୀକ୍ଷା

| ନିର୍ବାଚନ ମଣ୍ଡଳୀର ନାମ (୧) | ଭୋଟର ସଂଖ୍ୟା (୨) | ମିଳିଥିବା ଭୋଟ ସଂଖ୍ୟା (୩) | ମୋଟ ଭୋଟର ଶତକଡ଼ା ହାର (୪) |
|---|---|---|---|
| ୧ । ମୟୂରଭଞ୍ଜ (ସଂରକ୍ଷିତ) .. | ୫,୫୭,୮୪୮ | ୨,୧୫,୦୦୬ | ୩୮.୫୪ |
| ୨ । ବାଲେଶ୍ୱର .. | ୬,୧୫,୭୩୭ | ୩,୫୦,୭୬୧ | ୫୬.୯୭ |
| ୩ । ଭଦ୍ରକ .. | ୬,୧୪,୬୮୪ | ୩,୩୬,୦୫୪ | ୫୪.୬୭ |
| ୪ । ଯାଜପୁର .. | ୬,୧୧,୧୭୧ | ୩,୧୬,୭୬୫ | ୫୧.୮୩ |
| ୫ । କେନ୍ଦ୍ରାପଡ଼ା .. | ୬,୨୯,୦୬୭ | ୩,୯୬,୨୨୪ | ୬୨.୯୯ |
| ୬ । କଟକ .. | ୬,୨୩,୯୨୧ | ୩,୩୦,୧୫୨ | ୫୨.୯୯ |
| ୭ । ଜଗତସିଂହପୁର .. | ୬,୫୪,୨୧୪ | ୪,୧୦,୧୮୨ | ୬୨.୭୦ |
| ୮ । ପୁରୀ .. | ୬,୨୪,୨୬୭ | ୩,୦୦,୫୫୪ | ୪୮.୧୪ |
| ୯ । ଭୁବନେଶ୍ୱର .. | ୬,୦୯,୧୬୪ | ୨,୪୬,୦୧୩ | ୪୦.୩୯ |
| ୧୦ । ଆସ୍କା .. | ୬,୫୮,୬୯୩ | ୩,୦୧,୨୨୯ | ୪୫.୮୧ |
| ୧୧ । ବ୍ରହ୍ମପୁର .. | ୬,୦୭,୦୭୨ | ୨,୧୪,୬୧୧ | ୩୫.୩୭ |
| ୧୨ । କୋରାପୁଟ (ସଂରକ୍ଷିତ) .. | ୫,୮୧,୪୨୮ | ୧,୫୧,୧୨୪ | ୨୫.୯୯ |
| ୧୩ । ନବରଙ୍ଗପୁର (ସଂରକ୍ଷିତ) .. | ୫,୨୨,୩୯୪ | ୧,୪୪,୪୦୮ | ୨୭.୬୪ |
| ୧୪ । କଳାହାଣ୍ଡି .. | ୫,୪୨,୦୩୩ | ୧,୯୩,୧୬୩ | ୩୫.୬୪ |
| ୧୫ । ଫୁଲବାଣୀ (ସଂରକ୍ଷିତ) .. | ୬,୩୩,୮୫୦ | ୨,୦୯,୨୩୨ | ୩୩.୦୧ |
| ୧୬ । ବଲାଙ୍ଗୀର .. | ୫,୭୨,୧୨୨ | ୨,୩୨,୨୬୦ | ୪୦.୬୦ |
| ୧୭ । ସମ୍ବଲପୁର .. | ୬,୬୦,୨୦୦ | ୩,୧୪,୭୭୪ | ୪୭.୬୮ |
| ୧୮ । ଦେଓଗଡ଼ .. | ୬,୧୧,୭୫୬ | ୨,୫୮,୮୩୭ | ୪୨.୩୧ |
| ୧୯ । ଢେଙ୍କାନାଳ .. | ୫,୯୦,୨୮୦ | ୨,୬୨,୬୩୪ | ୪୪.୩୨ |
| ୨୦ । ସୁନ୍ଦରଗଡ଼ (ସଂରକ୍ଷିତ) .. | ୫,୬୪,୨୯୪ | ୨,୨୫,୮୫୮ | ୪୦.୦୨ |
| ୨୧ । କେଉଁଝର (ସଂରକ୍ଷିତ) .. | ୫,୬୧,୨୩୦ | ୧,୯୪,୮୨୧ | ୩୪.୬୧ |
| | ୧୨,୬୪୫,୪୨୫ | ୫,୬୦୪,୨୮୬ | ୪୪.୩୨ |

କୌଣସି କୌଣସି ଗ୍ରାମର ଲୋକଙ୍କୁ ଦୁଇ କିଲୋମିଟରରୁ ସାମାନ୍ୟ ଅଧିକବାଟ ଯିବାକୁ ହୋଇପାରେ । ଖାଲି ଦୂରତ୍ୱ ଦେଖିଲେ ତ ହେବନାହିଁ, ପୁଣି ଭୋଟ ଗ୍ରହଣ କେନ୍ଦ୍ର ଥିବା ଦରକାର । ଭୋଟ ଗ୍ରହଣ କେନ୍ଦ୍ର କେବଳ ସର୍ବସାଧାରଣ ସ୍ଥାନରେ ହୋଇଥାଏ । ବିଦ୍ୟାଳୟ ଗୃହଗୁଡ଼ିକ ଏଥିପାଇଁ ଉପଯୁକ୍ତ । ମନ୍ଦିର, ମସ୍‌ଜିଦ୍, ଗୀର୍ଜାର ପରିସର, କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଅର୍ଥ-ଆଉରେ ଥିବା ଗୃହ ଭୋଟ କେନ୍ଦ୍ର ରୂପେ ବ୍ୟବହାର କରାଯାଏ ନାହିଁ । କୌଣସି ସ୍ଥାନରେ ସର୍ବସାଧାରଣ ଅନୁଷ୍ଠାନ ନଥିଲେ ବରଂ ଗୋଟିଏ ଅସ୍ଥାୟୀ କୁଡ଼ିଆ ଘର ତିଆରି କରାଯିବ, କିନ୍ତୁ କୌଣସି ବ୍ୟକ୍ତି-ବିଶେଷଙ୍କର କୋଠାଘର ଥିଲେ ମଧ୍ୟ ଏହି ଉଦ୍ଦେଶ୍ୟରେ ତାହା ନିଆଯିବନାହିଁ ।

ପ୍ରତି ଭୋଟ ଗ୍ରହଣ କେନ୍ଦ୍ରରେ ପରିଚାଳନା ପାଇଁ ଜଣେ ପ୍ରିଜାଇଡିଂ ଅଫିସର ଓ ତିନିଜଣ ପୋଲିଂଅଫିସର ନିଯୁକ୍ତ ହୋଇ-ଥାଆନ୍ତି । ଭୋଟର ତାଲିକା ଖୋଜି ନାମ ବାହାର କରିବା, ଭୋଟକାଗଜ ଓ ରବରସିଲ୍ ଦେବା, ଭୋଟ ଗ୍ରହଣ ପ୍ରକୋଷ୍ଠ ଦେଖାଇବା ଇତ୍ୟାଦି କାର୍ଯ୍ୟ ଏହି ଅଫିସରମାନେ କରିଥାଆନ୍ତି ।

ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରେ ଏହି ଅଫିସରମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଥାଆନ୍ତି । ଭୋଟକେନ୍ଦ୍ରର ଗୋଟିଏ ପ୍ରବେଶ ଦ୍ୱାର ଓ ଗୋଟିଏ ପ୍ରସ୍ଥାନ ଦ୍ୱାର ଥାଏ । କୌଣସି କେନ୍ଦ୍ରରେ ଏପରି ଦୁଇଟି ଦ୍ୱାର ନଥିଲେ ଦଉଡ଼ି ଟାଣି ଗୋଟିଏ ଦ୍ୱାରକୁ ଦୁଇ ଭାଗ କରାଯାଇଥାଏ । ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ଜଣେ ବା ଦୁଇଜଣ ପୁଲିସ୍ କର୍ମଚାରୀ ଥାଆନ୍ତି । ସେମାନେ ଭୋଟଗ୍ରହଣ କୋଠରୀ ବାହାରେ ଓ କେନ୍ଦ୍ରର ପରିସର ମଧ୍ୟରେ ଶାନ୍ତି ରକ୍ଷା କରନ୍ତି । ପ୍ରତ୍ୟେକ ବ୍ୟକ୍ତି ସୁବିଧାରେ ଭୋଟ ଦେବାପାଇଁ ଭୋଟର ମାନେ ଧାଡ଼ି ବାନ୍ଧି ଜଣକପଛରେ ଜଣେ ଯିବା ଆବଶ୍ୟକ । ଭିଡ଼ଗହଳି ସମୟରେ ଏହିଭଳି ଧାଡ଼ି ବାନ୍ଧି ଯିବାପାଇଁ ପୁଲିସ୍ କର୍ମଚାରୀମାନେ ସାହାଯ୍ୟ କରିଥାଆନ୍ତି । ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟକୁ ପ୍ରବେଶକରି ପୋଲିଂ ଅଫିସରଙ୍କୁ ନିଜର ନାମ, ଗ୍ରାମ ଇତ୍ୟାଦି ଜଣାଇବେ । ଭୋଟରମାନଙ୍କଠାରୁ ଏସବୁ ଜାଣି ଭୋଟର ତାଲିକାରେ ଏ ନାମ ଅଛି କି ନାହିଁ ତାହା ଖୋଜି ପୋଲିଂ ଅଫିସର ଭୋଟରଙ୍କୁ ଜଣାଇବେ । ଯଦି ନାମ ଥାଏ ତେବେ ତାଙ୍କୁ ଖଣ୍ଡିଏ ଭୋଟ କାଗଜ ଦିଆଯିବ ।

ଏଥର ଗୋଟିଏ ନୂଆ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଭୋଟର ଭୋଟକାଗଜ ନେଲାବେଳେ ଭୋଟ କାଗଜ ମୁଣ୍ଡାଚେକ୍‌ରେ ଦସ୍ତଖତ କରିବେ ବା ଟିପ ଦେବେ । ଏଥିପାଇଁ ପୋଲିଂ ଅଫିସର ତାଙ୍କୁ ସାହାଯ୍ୟ କରିବେ । ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରେ ଗୋଟିଏ ଜଉମୁଦଦିଆ ବାକ୍‌ସ ରଖାଯାଇଥିବ । ଏହି ବାକ୍‌ସଟି ଗୋଟିଏ କୋଣରେ ପରଦା ଆଢୁଆଳରେ ଅନ୍ୟମାନଙ୍କ ଦୃଷ୍ଟି ନପଡ଼ିଲା ଭଳି ସ୍ଥାନରେ ରଖାଯାଇଥିବ । ଭୋଟଦାତା ଭୋଟ କାଗଜ ଓ ଭୋଟ ଦାନର ସିଲ୍ ଧରି ଏହି ପ୍ରକୋଷ୍ଠ ମଧ୍ୟକୁ ଯିବେ ଓ ଅନ୍ୟମାନେ ନଦେଖି ପାରିଲାଭଳି ନିଜ ଇଚ୍ଛା ମୁତାବକ ସ୍ଥାନରେ ସିଲ୍‌ଦେବେ । ତା'ପରେ ତାହାକୁ ଚଉତି ଭୋଟବାକ୍‌ସ ମଧ୍ୟରେ ପକାଇବେ । ଭୋଟ ବାକ୍‌ସ ଏଭଳି ତିଆରି ଯେ ଏହା ଭିତରକୁ ଗୋଟିଏ ଚଉତାକାଗଜ ଅକ୍ଳେଶରେ ଯାଇ ପାରିବ; କିନ୍ତୁ ଚାବି ନଖୋଲି, ଜଉମୁଦ ନଭାଙ୍ଗି ତା ଭିତରରୁ କାଗଜ ଅଣାଯାଇ ପାରିବ ନାହିଁ । ଭୋଟକାଗଜ ଖଣ୍ଡିକ ବଢ଼ାଇବା ବେଳେ ଜଣେ ପୋଲିଂ ଅଫିସର ବାମହାତର ତର୍ଜନୀ ଆଙ୍ଗୁଠି ନଖପାଖରେ ଗୋଟିଏ କଳା ସ୍ୟାହି ଦାଗ ଦେବେ । ଏହି ଦାଗଟି ଅଲିଭା । ତା'ଅର୍ଥ ନୁହେଁ ଯେ ଏହା ଜୀବନସାରା ରହିବ । କିନ୍ତୁ ଅନେକଦିନ ପର୍ଯ୍ୟନ୍ତ ସେ ଦାଗ ଯିବନାହିଁ । ଏଭଳି ଦାଗ ଦେବାର ଉଦ୍ଦେଶ୍ୟ ହେଲା ଜଣେ ଭୋଟଦାତା ନିର୍ବାଚନ ସମୟରେ କେବଳ ଥରେ ମାତ୍ର ଭୋଟଦାନର ସୁଯୋଗ ପାଇବେ । କୌଣସି ଭୋଟରଙ୍କ ହାତରେ ଆଗରୁ ଏଭଳି ଦାଗ ଲାଗିଥିଲେ ସେ ଥରେ ଭୋଟ ଦେଇଛନ୍ତି ବୋଲି ଧରାଯିବ ଓ ତାଙ୍କୁ ପୁନର୍ବାର ଭୋଟଦେବାର ସୁଯୋଗ ଦିଆଯିବନାହିଁ । ଏଭଳି ଦାଗ ଲାଗିଥିଲେ ମଧ୍ୟ ଭୋଟଦେବା ପାଇଁ କହିବା ଓ କଳାଦାଗ ନ ଲଗାଇବାକୁ କହିବାକୁ ବିଶୃଙ୍ଖଳ ଆଚରଣ ବୋଲି ଧରାଯିବ । ପ୍ରତ୍ୟେକ ବ୍ୟକ୍ତି ସଜାଗ ରହିବା ଉଚିତ ଯେ ଏଭଳି ଆଚରଣ ଦ ୍ଡନୀୟ ।

ଏ ତ ଗଲା ଭୋଟକେନ୍ଦ୍ର ଭିତରର କଥା । ଏହାର ବହୁ ଆଗରୁ ଲୋକଙ୍କ ଭିତରେ ଭୋଟ ସଂପର୍କରେ ଆଲୋଚନା ହୋଇ ବାତାବରଣ ସରଗରମ ଥାଏ । ସେହି ସମୟରେ ଯେପରି କିଛି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେଥିପାଇଁ ରାଜନୀତିକ ଦଳମାନଙ୍କ ପାଇଁ କେତେକ ଆଚରଣ ବିଧି କରାଯାଇଛି । କୌଣସି ରାଜନୈତିକ ଦଳ ଅନ୍ୟର ସଭା ବା ଶୋଭାଯାତ୍ରାକୁ ବାଧା ଦେବେନାହିଁ । କାହା ସଂପର୍କରେ ବ୍ୟକ୍ତିଗତଭାବେ କୁତ୍ସାରଟନା କରିବେନାହିଁ । ନିର୍ବାଚନ ଦିନ ଭୋଟ କେନ୍ଦ୍ରର ଶହେଗଜ ମଧ୍ୟରେ ଭୋଟ ପ୍ରଚାର ହେବ-ନାହିଁ। ଏହିପରି ଛୋଟ ବଡ଼ କେତେଗୁଡ଼ିଏ ଆଚରଣ ବିଧି ହୋଇଛି, ଏଗୁଡ଼ିକ ନ ମାନିଲେ ସାଧାରଣତଃ ବିଶୃଙ୍ଖଳା ସୃଷ୍ଟି ହୁଏ ଓ ଛୋଟ ଛୋଟ ବିଶୃଙ୍ଖଳା ବଡ଼ଆକାର ଧାରଣ କରେ । ଏହି ଆଚରଣ ବିଧି ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଦେଖିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି । ନିର୍ବାଚନ ପୂର୍ବରୁ ମଝିରେ ମଝିରେ ଏହି କମିଟି ବସି ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ରକ୍ଷାକରନ୍ତି ।

ନିର୍ବାଚନ ଦିନେ ଦୁଇଦିନ ପୂର୍ବରୁ ନିର୍ବାଚନ କରାଉଥିବା କର୍ମଚାରୀମାନଙ୍କୁ ମଟର ଗାଡ଼ିରେ ନିର୍ବାଚନ କେନ୍ଦ୍ରଗୁଡ଼ିକୁ ପଠାଯାଏ । ଏଥର କେବଳ କଟକ ଜିଲ୍ଲାର ୬ଟି କେନ୍ଦ୍ରରୁ ୧୪ହଜାର ଲୋକଙ୍କୁ ନେଇ ୧୮ଶହ ଗାଡ଼ି ଚାଲିବ ଭୋଟ ଗ୍ରହଣ କେନ୍ଦ୍ର ଅଭିମୁଖେ । ଏହି ଅନୁପାତରେ ସାରା ଭାରତର କଥା ଅନୁମାନ କରନ୍ତୁ ତ !

ଖାଲି ଏତିକି ନୁହେଁ, ଏହା ବ୍ୟତୀତ ଅଛନ୍ତି ପୁଲିସ୍ କର୍ମଚାରୀ । ପ୍ରତି ୧୫ଟି କେନ୍ଦ୍ରପାଇଁ ଶାନ୍ତି ଶୃଙ୍ଖଳା ରକ୍ଷାକରିବାକୁ ଗୋଟିଏ ଲେଖାଏଁ ଦଳ ବିଭିନ୍ନ ରାସ୍ତାରେ ପହରା ମାରିବେ । ମୋଟା ମୋଟି ଭାବେ ନିର୍ବାଚନରେ ଆମେ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ହେବ । କିଏ ଭୋଟ କେନ୍ଦ୍ରରେ ଉପସ୍ଥିତ ହୋଇ ଭୋଟ ଦେବେ, କିଏ ଭୋଟ ଗ୍ରହଣ କାର୍ଯ୍ୟ ପରିଚାଳନା କରିବେ, କିଏ ଭୋଟ ସଂପର୍କରେ ପ୍ରଚାର କରିବେ ଅଥବା କିଏ ଶାନ୍ତି ଶୃଙ୍ଖଳା ରକ୍ଷାକରିବେ । କିନ୍ତୁ ସମସ୍ତଙ୍କ ସହଯୋଗ ଆବଶ୍ୟକ । କହିବା ବାହୁଲ୍ୟ ଯେ ନିର୍ବାଚନ ଆଇନର ପରିସର ମଧ୍ୟରେ ସମସ୍ତେ ନାମକଲେ ଗଣତନ୍ତ୍ରର ବିକାଶପାଇଁ ଆମେ ସାହାଯ୍ୟ କରି ପାରିବା ।

ଜିଲ୍ଲା ନିର୍ବାଚନ ଅଧିକାରୀ
କଟକ

କର୍ମ ହିଁ ଲିପିବଦ୍ଧ ହୋଇ ରହେ —ଗୁରୁ ନାନକ

# ସାପ ଓ ଗରିବ ଲୋକର କଥା

ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର

ଅନେକ ଦିନ ତଳର କଥା । ଜଣେ ରାଜା ସ୍ୱପ୍ନରେ ତାଙ୍କ ମୁଣ୍ଡ ଉପରେ ଟିଣ୍ଡିଆଟିଏ ଝୁଲୁଥିବାର ଦେଖିଲେ । ନିଦ ତାଙ୍କର ଚଟକିନା ଭାଙ୍ଗିଗଲା । ସେ ସେହି ରାତିଅଧରେ ରାଜ୍ୟର ସବୁ ବିଜ୍ଞ ଲୋକଙ୍କୁ ରାଜପ୍ରାସାଦକୁ ଡକାଇଲେ । ସେମାନଙ୍କୁ ସେହି ଅଦ୍ଭୁତ ସ୍ୱପ୍ନର ଅର୍ଥ ପଚାରିଲେ । କିନ୍ତୁ ସେହି ପଣ୍ଡିତ ଓ ଜ୍ଞାନୀ ଲୋକେ ସ୍ୱପ୍ନର ଅର୍ଥ କହି ପାରିଲେନାହିଁ ।

ଗରିବ ଲୋକଟିଏ ତା କାମରେ ରାଜଧାନୀକୁ ଆସୁଥିଲା । ବାଟରେ ସାପଟିଏ ଗାତ ଭିତରୁ ବାହାରି ତା ଆଗରେ ଫଣା ଟେକି ଠିଆ ହୋଇଗଲା । "ଶୁଣ ମଣିଷ ଭାଇ ! ରାଜାଙ୍କ ଢେଣ୍ଡୁରା ଶୁଣିଥିବ । ମୁଁ ତୁମକୁ ତାଙ୍କ ସ୍ୱପ୍ନର ଅର୍ଥ କହିଦେବି । ତୁମେ ଯାଇ ତାହା ରାଜାଙ୍କୁ କୁହ । ସେ ତୁମକୁ ପ୍ରଚୁର ଧନ ଦେବେ । ଆମେ ତାକୁ ଭାଗ କରିନେବା ।

ଗରିବ ଲୋକଟି ରାଜାଙ୍କ ଢେଣ୍ଡୁରା ଶୁଣିଥିଲା । ସେ ସାପ କଥାରେ ରାଜି ହୋଇଗଲା । ସାପ କହିଲା—"ତୁମେ ରାଜାଙ୍କୁ ଯାଇ କୁହ—ହେ ମହାରାଜ, ଆପଣଙ୍କ ସ୍ୱପ୍ନର ଅର୍ଥ ମୁଁ ଜାଣେ । ଏହି ବର୍ଷଟା ଆପଣ ସାବଧାନ ରହିବେ । ପାତ୍ର ମନ୍ତ୍ରୀ, ସେନାପତି, କାହାରିକୁ ଆପଣ ଏ ବର୍ଷ ବିଶ୍ୱାସ କରିବା ଉଚିତ ନୁହେଁ । ଏହା ଛଳନା, ପ୍ରବଞ୍ଚନା ଓ ଠକାମିର ବର୍ଷ ।"

ଗରିବ ଲୋକଟି ରାଜାଙ୍କ ପାଖକୁ ଆସି ସାପ କହିଥିବା ଅନୁଯାୟୀ ସ୍ୱପ୍ନର ଅର୍ଥ କହିଲା । ରାଜା ତା' ଉପରେ ସନ୍ତୁଷ୍ଟ ହୋଇ ତାକୁ ବହୁତ ଧନ ସମ୍ପଭ ଦେଇ ବିଦାୟ ଦେଲେ । ଲୋକଟି କିନ୍ତୁ ଫେରିବା ବେଳେ ଯାଇଥିବା ବାଟରେ ନଆସି ଅନ୍ୟ ବାଟରେ ଘରକୁ ଫେରିଲା । ସାପକୁ ତା ଭାଗ ଦେବାକୁ ତା'ର ଇଚ୍ଛା ନଥିଲା ।

କିଛି ଦିନ ପରେ ରାଜା ପୁଣି ଆଉ ଗୋଟିଏ ସ୍ୱପ୍ନ ଦେଖିଲେ ।
ତାଙ୍କ ମୁଣ୍ଡ ଉପରେ ଖଣ୍ଡାଟିଏ ଝୁଲୁଥିଲା । ସେହିପରି ସେ ଚମକି
ଉଠି ଚିତ୍କାର କରି ସେହି ଗରିବ ଲୋକଟିକୁ ଧରି ଆଣିବା ପାଇଁ
ସୈନ୍ୟ ପଠାଇଲେ । ରାଜାଙ୍କ ଲୋକଙ୍କଠୁ ସବୁ କଥା ଶୁଣି ବଡ଼
ଚିନ୍ତିତ ହୋଇ ଲୋକଟି ରାଜାଙ୍କ ଘଆସକୁ ବାହାରିଲା । ବାଟରେ
ସେହି ପଡ଼ିଆରେ ସାପ ସହ ତା'ର ପୁଣି ଭେଟ ହୋଇଗଲା । ସାପକୁ
ଦେଖି ନଦେଖିଲା ପରି ସେ ପୁଲି ଯାଉଥିବା ବେଳେ ସାପ କହିଲା—
"ରୁହ, ରୁହ, ମଣିଷ ଭାଇ, ମୁଁ ଯାହା କହୁଛି ତା ଶୁଣି ଯାଅ । ଗରିବ
ଲୋକଟି ଗତଥର ସାପକୁ ଠକି ଦେଇଥିବାରୁ ଲଜ୍ଜିତ ହୋଇ ସାପ
ପାଖକୁ ଆସିଲା । ସାପଟି କହିଲା : "ରାଜାଙ୍କୁ ଯାଇ କୁହ
"ମହାରାଜ ! ଆପଣଙ୍କ ସ୍ୱପ୍ନର ଅର୍ଥ ମୁଁ ଜାଣେ । ଏ ବର୍ଷ ସାରା
ଯୁଦ୍ଧ ହେବ, ରକ୍ତପାତ ହେବ । କିନ୍ତୁ ଆପଣ ବ୍ୟସ୍ତ ହେବେନାହିଁ ।
ଯୁଦ୍ଧରେ ଆପଣ ଜୟ ଲାଭ କରିବେ ।"

"ହଉ, ଠିକ୍ ଅଛି । ତୁମେ କହିବା ଅନୁଯାୟୀ ମୁଁ ରାଜାଙ୍କୁ ସବୁ କହିବି । ଆଉ ଏ ଥରକ ତୁମକୁ ମୁଁ ତୁମର ଭାଗ ମଧ୍ୟ ନିଶ୍ଚୟ ଦେବି । ମୋତେ ଅପେକ୍ଷା କରିଥିବ ।"

"ମୋ ଭାଗ କଥା ଛାଡ଼ । କେବେ ତୁମେ ଉଚ୍ଛର ଯାହା ମୋତେ ଦକ୍ଷିଣ ।"

ଏତକ କହି ସାପ ଗାତ ଭିତରକୁ ପୁଲିଗଲା । ଗରିବ ଲୋକଟି ରାଜାଙ୍କ ପାଖକୁ ଯାଇ ତାଙ୍କୁ ସ୍ୱପ୍ନର ଅର୍ଥ ବୁଝାଇ ସାବଧାନ କରାଇ ଦେଲା । ସତକୁ ସତ ସେତେବେଳକୁ ରାଜା ପଡ଼ୋଶୀ ରାଜ୍ୟ ବିରୁଦ୍ଧରେ ଯୁଦ୍ଧ ଆୟୋଜନ କରୁଥାନ୍ତି । ଲୋକଟି ଉପରେ ଖୁସି ହୋଇ ସେ ତାକୁ ଗତଥରଠୁ ମଧ୍ୟ ଅଧିକ ଧନ ଦେଲେ । ଏଥର ଘୋଡ଼ାଟିଏ ଓ ଖଣ୍ଡାଟିଏ ମଧ୍ୟ ତାକୁ ଦେଇ କହିଲେ—"ଭଲ ସମୟ ପଡ଼ିନି । ଖଣ୍ଡାଟି ଥାଉ । କାଳେ କୌଣସି ଶତ୍ରୁକୁ ବାଟରେ ଭେଟିବ ।"

ବାଟରେ ସାପ ଅପେକ୍ଷା କରିଥିଲା । ଗରିବ ଲୋକଟି ସାପ ପାଖରେ ପହଞ୍ଚି ଧନ ଦେବା ପରିବର୍ତ୍ତେ ଖଣ୍ଡାରେ ତାକୁ ପ୍ରହାର କଲା । କିନ୍ତୁ ମାତ୍ର ଠିକ୍ ଜାଗାରେ ନବାଜି ସାପ ଲାଞ୍ଜରେ ବାଜିଲା, ଲାଞ୍ଜଟୁ କିଛି କଟିଗଲା । ସାପ ପ୍ରାଣ ବିକଳରେ ଗାତ ଭିତରକୁ ପଶିଗଲା ।

ଗୋଟିଏ ବର୍ଷ ପୁରିଗଲା । ସାପ ଯାହା କହିଥିଲା ତାହା ଅକ୍ଷରେ ଅକ୍ଷରେ ଫଳିଲା । ଯୁଦ୍ଧରେ ରାଜା ବିଜୟୀ ହେଲେ । କିନ୍ତୁ କିଛି ଦିନ ପରେ ଆଉ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖି ରାଜା ନିଦରୁ ଉଠି ପଡ଼ିଲେ । ସ୍ୱପ୍ନରେ ତାଙ୍କ ମୁଣ୍ଡ ଉପରେ ଦଧିଆବାଘ ସହ ମେଣ୍ଢାଟିଏ ଝୁଲୁଥିବାର ସେ ଦେଖିଥିଲେ । ରାଜାଙ୍କ ଲୋକ ପୁଣି ଗରିବ ଲୋକର ଗାଁକୁ ଦଉଡ଼ି ଗଲେ ।

ରାଜାଙ୍କ ଡକରା ପାଇ ଗରିବ ଲୋକଟି ବାଟରେ ଚାଲୁଚାଲୁ ମନେ ମନେ ଭାବୁଥାଏ । ମୁଁ ସାପକୁ ଜାଣିକି ସେପରି ଆଘାତ ଦେଲି । ତା ସାହାଯ୍ୟ ବିନା ରାଜାଙ୍କ ସ୍ୱପ୍ନର ଅର୍ଥ ମୁଁ କଦାପି କହି ପାରିବି ନାହିଁ । ରାଜା ରାଗିବେ । ଏଥର ନିଶ୍ଚେ ମୋ ମୁଣ୍ଡ କାଟ ହେବ ।

ଚିନ୍ତାରେ ତାକୁ କିଛି ଦିଶୁନଥାଏ । ମୁଣ୍ଡ ବୁଲାଇ ହୋଇ ଯାଉଥାଏ ।
ହଠାତ୍ ସେ ଦେଖିଲା ସେ ସାପ ଗାତ ପାଖରେ ଠିଆ ହୋଇଛି ।
"ଯାଅ ମଣିଷ ଭାଇ ! ଚିନ୍ତା କରନି । ରାଜାଙ୍କ ପାଖକୁ ଖୁସି ମନରେ
ଯାଅ । ଏହି ବର୍ଷ ଶାନ୍ତିର ବର୍ଷ । ଶତ୍ରୁ ତା ଭୁଲି ଲୋକେ ଏକାଠି
ମିଳି ମିଶି ରହିବେ । ଦଧିଆ ମେଣ୍ଢା ଏକାଠି ଝୁଲିବାର ଅର୍ଥ ଏଇଆ ।"


ଗରିବ ଲୋକଟି ରାଜାଙ୍କୁ ଯାଇ ସ୍ୱପ୍ନର ଅର୍ଥ କହିଲା । ରାଜ୍ୟରେ ଲୋକେ ସୁଖ ଓ ଶାନ୍ତିରେ ରହିବେ ଶୁଣି ରାଜା ଖୁସି ହେଲେ । ବହୁ ଧନ ସମ୍ପତ୍ତି ଦେଇ ଲୋକଟିକୁ ସେ ବିଦାୟ ଦେଲେ ।

ଏଥର ଲୋକଟି ଧନରତ୍ନ ଧରି ସିଧା ସାପ ଗାତ ପାଖରେ ପହଞ୍ଚିଲା । ସାପ ପଡ଼ିଆରେ ନିଶ୍ଚିନ୍ତରେ ଶୋଇଥିଲା । "ରାଜାଙ୍କର ଏହି ଧନରତ୍ନରୁ ତୁମେ ଅଧା ନିଅ ସାପଭାଇ ! ଏଠି ଅପେକ୍ଷା କର । ମୁଁ ଘରକୁ ଯାଇ ବାକୀ ଧନତକ ଆଣୁଛି । ତାକୁ ମଧ୍ୟ ଅଧା ଅଧା କରି ବାଣ୍ଟି ଦେବା ।"

ସାପ ନିଦରେ ଗଦ୍ଗଦ୍ କହିଲା, "ମୋର ଏ ଧନ ସମ୍ପତ୍ତି କିଛି ଦରକାର ନାହିଁ । ତୁମେ ସବୁ ରଖ ।" "କିନ୍ତୁ ତା କିପରି ହେବ । ମୁଁ ଜାଣେ ତୁମେ ମୋ ଉପରେ ରାଗିଛ । ମୋଠୁ ବଳି ନିଷ୍ଠୁର ଆଉ ଅକୃତଜ୍ଞ କେହି ହେବନି । ସବୁସମୟେ ତୁମେ ମୋ ପ୍ରତି ଯେଉଁ ଦୟା ଓ କ୍ଷମା ଦେଖାଇଛ ମୁଁ ତାହା ଭୁଲି ପାରିବିନି" । କିଛି ନଭାବି ତୁମେ ଘରକୁ ଯାଅ ମଣିଷ ଭାଇ ! ତୁମକୁ ଦୋଷ ଦେଇ କିଛି ଲାଭନାହିଁ । ପ୍ରଥମ ବର୍ଷ ବିନ୍ଧୁଆ ବର୍ଷ-ପ୍ରତାରଣା, ଛଳନା ଓ ମିଥ୍ୟାଚ୍ଚରର ବର୍ଷ । ତେଣୁ ତୁମେ ମୋତେ ଠକିଲ । ଦ୍ୱିତୀୟ ବର୍ଷ ଖଣ୍ଡାର ବର୍ଷ–ହିଂସା ଓ ରକ୍ତପାତର ବର୍ଷ । ମୋତେ ତୁମେ ଖଣ୍ଡାରେ ସେହି ବର୍ଷ ଆଘାତ ଦେଲ । ଆଉ ଏ ବର୍ଷଟ ମିତ୍ରତାର, ଶାନ୍ତି ଓ ସୁଖର ବର୍ଷ । ତେଣୁ ତୁମେ ଅନୁତପ୍ତ ହୋଇ ମୋ ଭାଗ ଦେବାକୁ ଦଉଡ଼ି ଆସିଛ । କିନ୍ତୁ ମୋର କଣ ହେବ ଧନରତ୍ନ ? କିଛି ଭାବନି, ଯାହା ଯେପରି ହେବା ଉଚିତ ତା ହୋଇଛି । ସୁଖ ମନରେ ଘରକୁ ଯାଅ ।" ସାପଟିକୁ ପଦନ ପିଇବାକୁ ଛାଡ଼ିଦେଇ ଗରିବ ଲୋକଟି ତା ଗାଁକୁ ଫେରି ଆସିଲା ।

(ଆରମେନିଆର ଏକ ଲୋକକଥା ଅବଲମ୍ବନରେ ଲିଖିତ)

ପ୍ରାଧ୍ୟାପକ, ଦର୍ଶନ ବିଭାଗ
ବାଣୀବିହାର



## ଓଡ଼ିଶାର ହସ୍ତଶିଳ୍ପ

ଓଡ଼ିଶାର ପ୍ରାୟ ୩୫ ହଜାର ପରିବାର ବିଭିନ୍ନ କିସମର ହସ୍ତ ଶିଳ୍ପ ପ୍ରସ୍ତୁତ କରି ଜୀବିକା ନିର୍ବାହ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ପାଇଁ ବିକ୍ରିବଟାର ନିଶ୍ଚିତ ବ୍ୟବସ୍ଥା କରାଯାଇ ପାରିଲେ ପରଂପରାଗତ କଳାକୃତିର ସଂରକ୍ଷଣ ସମ୍ଭବ ହେବ ଓ କଳାକାରମାନଙ୍କର ଆର୍ଥିକ ସ୍ଥିତି ଦୃଢ଼ ହେବ ।

ଏହି ଉଦ୍ଦେଶ୍ୟ ନେଇ ଓଡ଼ିଶା ସମବାୟ ହସ୍ତଶିଳ୍ପ କରପୋରେସନ ଗଠିତ ହୋଇଛି । ଗତ ଦୁଇବର୍ଷ ମଧ୍ୟରେ ଏହି କରପୋରେସନ ଓଡ଼ିଶାରେ ଓ ଓଡ଼ିଶା ବାହାରେ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ କରିବାରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ପାରିଛି । ୧୯୭୬-୭୭ ମସିହାରେ ଏହି କର୍ପୋରେସନ ୧୧ ଲକ୍ଷ ଟଙ୍କାର ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରିଥିବା ସ୍ଥଳେ ୧୯୭୮-୭୯ ମସିହାରେ ବିକ୍ରି ପରିମାଣ ୩୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । କର୍ପୋରେସନ କାରିଗରମାନଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ନୂଆ ଡ଼ିଜାଇନ୍ ପ୍ରଦର୍ଶନ କରିଛି ଏବଂ ହସ୍ତଶିଳ୍ପର ଗୁଣାତ୍ମକ ମାନ ରକ୍ଷା ପାଇଁ କଞ୍ଚାମାଲ ମଧ୍ୟ ଯୋଗାଇ ଦେଉଛି ।

ଯାହା ହୃଦୟରେ ଅହଂକାରର ଅଣୁଟିଏ ରହିଛି ସେହି ବ୍ୟକ୍ତି
ସ୍ୱର୍ଗରେ ପ୍ରବେଶ କରି ପାରିବ ନାହିଁ

—ମହମ୍ମଦ

# ଓଡ଼ିଶା ଉପରେ ପ୍ରକୃତିର କୋପଦୃଷ୍ଟି

**ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି**
ରାଜସ୍ୱ ମନ୍ତ୍ରୀ, ଓଡ଼ିଶା

ଆମର କୃଷକ ଓ କୃଷିର ଉନ୍ନତି ଉପରେ ରାଜ୍ୟର ଅର୍ଥନୀତିର ବିକାଶ ନିର୍ଭର କରେ; ଯେହେତୁ ଆମର ଅର୍ଥନୀତି କୃଷିଭିତ୍ତିକ । ବର୍ଷକୁ ବର୍ଷ ଯେଉଁସବୁ ପ୍ରାକୃତିକ ବିପତ୍ତି ପଡୁଛି, ତଦ୍ୱାରା କୋଟି କୋଟି ଟଙ୍କାର ଫସଲ ସମେତ ବ୍ୟାପକ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟହେଉଛି । ଗ୍ରାମ୍ୟ ଅର୍ଥନୀତି ଦୁର୍ବଳ ହେଉଛି । ଗତ ବର୍ଷ ଏବଂ ଚଳିତ ବର୍ଷର ବିପର୍ଯ୍ୟୟଜନିତ ଦୁର୍ଦ୍ଦଶା ସମ୍ପର୍କରେ ଏଠାରେ ଆଲୋଚନା କରାଯାଉଛି ।

### ଘୂର୍ଣ୍ଣିବାତ୍ୟା:

ଗତ ବର୍ଷ ରାଜ୍ୟରେ ଦୁଇଥର ବାତ୍ୟା ହୋଇଥିଲା ; ପ୍ରଥମେ ହେଲା ବାତ୍ୟା—ତା'ପରେ ଆସିଲା ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟା । ମାର୍ଚ୍ଚ ମାସର ବାତ୍ୟାରେ ଢେଙ୍କାନାଳ ଜିଲ୍ଲାର ୯ଟି ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ଅଞ୍ଚଳରେ ୬ଜଣ ବ୍ୟକ୍ତି ଓ ୧ ହଜାରରୁ ଊର୍ଦ୍ଧ୍ୱ ଗୋରୁଗାଈ ମୃତ୍ୟୁମୁଖରେ ପଡ଼ିଲେ । ୨୮୬୯ ହେକ୍ଟର ଜମିର ଫସଲ ନଷ୍ଟ ହେଲା । ଏହାର ମାସକ ପରେ କେନ୍ଦୁଝର ଜିଲ୍ଲାର ପୁରୁଣାବନ୍ଧଗୋଡ଼ା ସମେତ ୧୧ଟି ଗ୍ରାମର ଶାନ୍ତ ଜୀବନକୁ ବିପର୍ଯ୍ୟସ୍ତ କରିଥିଲା ଏକ ଭୟାବହ ଘୂର୍ଣ୍ଣିବାତ୍ୟା । ଫଳରେ ୧୬୬ ଜଣ ଲୋକ ଏବଂ ୧୧୭୬ ଗୃହପାଳିତ ପଶୁ ମୃତ୍ୟୁବରଣ କରିଥିଲେ । ପୁରୁଣାବନ୍ଧଗୋଡ଼ା ଗ୍ରାମଟି ସମ୍ପୂର୍ଣ୍ଣ ବିଧ୍ୱସ୍ତ ହେବା ସଙ୍ଗେ ସଙ୍ଗେ ସେସବୁ ଗ୍ରାମରେ ୧ କୋଟି ୪୮ ଲକ୍ଷ ଟଙ୍କାର ବେସରକାରୀ ସମ୍ପତ୍ତି ଏବଂ ୨୫ ଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହୋଇଗଲା । ଏହିସବୁ ବିପର୍ଯ୍ୟୟର ମାତ୍ର ୩ ମାସ ପରେ ଆସିଲା ପ୍ରଳୟଙ୍କରୀ ବନ୍ୟା । ଗତ ବର୍ଷ ଜୁଲାଇ—ଅଗଷ୍ଟ ମାସରେ ତେଲ, ହାତୀ, ବଂଶଧାରା, ମହାନଦୀ ଓ ତାର ଶାଖା, ବୁଢ଼ାବଳଙ୍ଗ, ଶୋଣ, ଗଙ୍ଗାହାର, କଳକା, ବ୍ରାହ୍ମଣୀ ଓ ବୈତରଣୀ ନଦୀଗୁଡ଼ିକରେ ପ୍ରବଳ ବନ୍ୟା ହେବାରୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ବ୍ୟାପକ ଫସଲ ହାନି ହୋଇଥିଲା । ସେପ୍ଟେମ୍ବର ମାସରେ—ବନ୍ୟାର ୨ୟ ପର୍ଯ୍ୟାୟ ତାଣ୍ଡବ ଲୀଳା ଆରମ୍ଭ ହେଲା । ବ୍ରାହ୍ମଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀଗୁଡ଼ିକରେ ବନ୍ୟାଜଳ ବୃଦ୍ଧି ପାଇବା ଫଳରେ ଯାଜପୁର ଓ ଉତ୍ତର ବାଲେଶ୍ୱରର ବିସ୍ତୀର୍ଣ୍ଣାଞ୍ଚଳ ଜଳମଗ୍ନ ହୋଇଗଲା । ସୁବର୍ଣ୍ଣରେଖା ନଦୀରେ ସେପ୍ଟେମ୍ବର ୩ ତାରିଖରେ ବନ୍ୟାଜଳ ପତନ ୨୦.୮୦ ଫୁଟକୁ ବୃଦ୍ଧି ପାଇଲା । ଏହା ଥିଲା ସେଠାରେ ସର୍ବୋଚ୍ଚ ଜଳପତନ । ବନ୍ୟା ଓ ବର୍ଷାର ତାଡ଼ନାରେ ୧୫୭ଟି ବ୍ଲକ ଅନ୍ତର୍ଗତ ୫୪୨୬ଟି ଗ୍ରାମର ନିରୀହ ଗ୍ରାମବାସୀ ସର୍ବସ୍ୱାନ୍ତ ହେଲେ । ଆଉ ମୃତ୍ୟୁ ବରଣ କଲେ ୨୧ ଜଣ ବ୍ୟକ୍ତି ଓ ୨୭୨ଟି ଗୃହପାଳିତ ପଶୁ । ଅନ୍ୟାନ୍ୟ ବିପୁଳ କ୍ଷୟକ୍ଷତି ବ୍ୟତୀତ ୧୧ କୋଟି ୧୭ ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟ ହୋଇଥିଲା ।

ଏ ସବୁ ହେଲା ଗତବର୍ଷରେ ଝଡ଼ି ଓ ବଢ଼ିରେ ଆହତ ରାଜ୍ୟବାସୀଙ୍କର ଦୁର୍ଦ୍ଦଶାର କରୁଣ ବିବରଣୀ । ବିପନ୍ନ ଲୋକମାନଙ୍କୁ ଯେଉଁସବୁ ସରକାରୀ ଓ ବେସରକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ସାହାଯ୍ୟ ଦିଆଗଲା ତାହା ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ । ଏହିସବୁ ସାହାଯ୍ୟ ଫଳରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କର କ୍ଷତି ଭରଣା ହେବା ଅସମ୍ଭବ । ତେବେ ଯାହାହେଉ, କେନ୍ଦ୍ର ସରକାର ରାଜ୍ୟର ସାମୂହିକ କ୍ଷୟକ୍ଷତି ପର୍ଯ୍ୟାଲୋଚନା କରି ୬ କୋଟି ୬୪ ଲକ୍ଷ ଟଙ୍କା ଆଗୁଆ ଯୋଜନା ସାହାଯ୍ୟ ଭାବେ ମଞ୍ଜୁର କରିଥିଲେ ।

### ବ୍ୟାପକ ମରୁଡ଼ି:

ରାଜ୍ୟବାସୀ ତାଙ୍କର କ୍ଷୟକ୍ଷତି ଭରଣା କରିବା ପୂର୍ବରୁ ଚଳିତ ବର୍ଷର ଅଭୂତପୂର୍ବ ମରୁଡ଼ି ପୁଣିଥରେ ତାଙ୍କର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ସମ୍ପ୍ରତି ମରୁଡ଼ିର ଦାଉ ଧକ୍କା ସେମାନେ ଅନୁଭବ କରୁଛନ୍ତି । ବିଗତ କେତେ ବର୍ଷର ମରୁଡ଼ି ଅବସ୍ଥା ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସେସବୁ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ସୀମାବଦ୍ଧ ରହିଥିଲା । କିନ୍ତୁ ଚଳିତ ବର୍ଷ ମରୁଡ଼ିର ପ୍ରଭାବ ସମଗ୍ର ରାଜ୍ୟକୁ ବ୍ୟାପିଛି । ଚଳିତ ବର୍ଷ ବର୍ଷା ଋତୁ ପ୍ରକୃତରେ କେବେ ଆସି କେବେ ଗଲା ତାହା ଠିକ୍ କହି ହେବ ନାହିଁ । ଏପରିକି ଧାନ ଶ୍ରାବଣ ମାସରେ କେତେକ ଅଞ୍ଚଳରେ ଜମି ଶୁଖିଲା ପଡ଼ିଲା । ବର୍ଷା ଋତୁ ବିଳମ୍ବରେ ଆରମ୍ଭ ହୋଇ ଯେଉଁ ମାସରେ ଯେତେ ପରିମାଣରେ ବର୍ଷା ହେବା କଥା ତାହା ମଧ୍ୟ ହେଲା ନାହିଁ । ପ୍ରତିବର୍ଷ ମଇ ମାସ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ରାଜ୍ୟରେ ସର୍ବମୋଟ ହାରହାରି ବୃଷ୍ଟିପାତ ୧୩୦୦ ମି. ମି. ହୋଇଥାଏ । କିନ୍ତୁ ଚଳିତ ବର୍ଷର ବୃଷ୍ଟିପାତ ସେହି ସମୟ ମଧ୍ୟରେ ପ୍ରାୟ ୯୦୦ ମି: ମି: କୁ ହ୍ରାସ ପାଇଛି । ଜଳବାୟୁର ଏପରି ଅନିଶ୍ଚିତ ଗତି ପ୍ରତି ସରକାର ଲକ୍ଷ୍ୟରଖି ଚଳିତ ବର୍ଷ ଯେ ଏକ ଭୟାବହ ମରୁଡ଼ି ପଡ଼ିବ ସେଥିପାଇଁ ପୂର୍ବରୁ ସତର୍କ ରହିଥିଲେ ।

### ବ୍ୟାପକ ଫସଲ ହାନି:

ଏବର୍ଷ ମରୁଡ଼ି ଯୋଗୁଁ ୧୨୭୯ ଟି ଗ୍ରାମ ପଞ୍ଚାୟତରେ ଶତକଡ଼ା ୫୦ ଭାଗରୁ ୭୫ ଭାଗ ଫସଲ ଏବଂ ୬୫୯ଟି ପଞ୍ଚାୟତରେ ଶତକଡ଼ା

୭୫ ଭାଗ କିମ୍ବା ତଦୁର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି ବୋଲି ଆଜିସୁଦ୍ଧା ଜଣାପଡିଛି । ସଠିକ୍ ବିବରଣୀ ଅମଳ ସମୟରେ ସର୍ବୋତ୍ତ ପ୍ରକାଶ ପାଇବ । ସମୁଦାୟ ୩୨ ଲକ୍ଷ ୧୨ ହଜାର ହେକ୍ଟର ଜମିର ୧୮ ଲକ୍ଷ ଟନ୍ ଫସଲ ନଷ୍ଟ ହୋଇଥିବାର ପ୍ରାଥମିକ ଅଟକଳରୁ ଜଣା ଯାଉଛି ।

## ମରୁଡି ପାଇଁ ଆଗୁଆ ପଦକ୍ଷେପ:

ମରୁଡି ଜନିତ ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର କେତେକ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି । ଖରିଫ ଫସଲକୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ଶତକଡା ୭୫ ଭାଗ ସବ୍‌ସିଡି ହାରରେ ଭଡାସୂତ୍ରରେ ଡିଜେଲ ପମ୍ପ ଯୋଗାଇବା ଓ ଉଠା ଜଳସେଚନ ପଏଣ୍ଟ ସବୁ କାର୍ଯ୍ୟକାରୀ କରି ଏକର ପ୍ରତି ୪୨୮.୮୦ ଜଳକର ପରିବର୍ତ୍ତେ ୪୮ଙ୍କାରେ ପାଣି ଦେବାକୁ ସରକାର ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ଆଜି ସୁଦ୍ଧା କେବଳ ଉଠା ଜଳସେଚନ କର୍ପୋରେସନର ୭୨୩ଟିରୁ ଊର୍ଦ୍ଧ୍ୱ ଡିଜେଲ ପମ୍ପ ଭଡାସୂତ୍ରରେ ଚାଷୀମାନଙ୍କୁ ଦିଆଗଲାଣି ଏବଂ ସମୁଦାୟ ୨୫୭୫ ଟି ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟକାରୀ କରାଗଲାଣି । ଏହି ବ୍ୟବସ୍ଥା ଫଳରେ ୪୪ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ଜଳସେଚିତ ହୋଇ ପାରିଛି । ନାଳାଧାରଥିବା ଅଞ୍ଚଳରେ ଆଡ଼ିବନ୍ଧ ନିର୍ମାଣ କରି ଖରିଫ ଫସଲକୁ ବଞ୍ଚାଇବା ପାଇଁ ସବୁ ଜିଲ୍ଲାକୁ ଆଜି ସୁଦ୍ଧା ୨୫ ଲକ୍ଷ ୩୫ ହଜାର ଟଙ୍କା ମଞ୍ଜୁର କରାଗଲାଣି । ଏଥିରୁ ୧୨ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟରେ ୧୪୬୬ ଟି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି ।

## ଜଳସେଚନ ପାଇଁ ସ୍ଥାୟୀ ପଦକ୍ଷେପ:

ଗତ ଦୁଇବର୍ଷ ମଧ୍ୟରେ ଅଢେଇ ଲକ୍ଷ ସେଚକୂପ ନିର୍ମାଣ କରି ତନ୍ମଧ୍ୟରୁ କେବଳ ଗତ ବର୍ଷକ ମଧ୍ୟରେ ୧୫ ହଜାର କୂପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଆସନ୍ତା ବର୍ଷ ଜୁନ୍‌ମାସ ସୁଦ୍ଧା ସମଗ୍ର ରାଜ୍ୟରେ ୧ଲକ୍ଷ ୫୦ ହଜାର ନୂତନ ସେଚକୂପ ନିର୍ମାଣ କରାଯିବ । ଏହାଫଳରେ ଆମେ ଯେ କେବଳ ଖରିଫ ଓ ରବି ଫସଲ ପାଇଁ ସ୍ଥାୟୀ ଜଳସେଚନର ସୁବିଧା ପାଇବୁ ତା' ନୁହେଁ ପାନୀୟ ଜଳର ଅଭାବ ମଧ୍ୟ ବହୁ ପରିମାଣରେ ଦୂର ହୋଇ ପାରିବ । ଏହା ବ୍ୟତୀତ ୩୦୦୦ ଫିଲଟର ପଏଣ୍ଟ ନଳକୂପ ନିର୍ମାଣ କରାଯାଇ ୧୫୦୦୦ ସେଚକୂପରେ ବିଦ୍ୟୁତ୍ ସଂଯୋଗ କରାଯିବ ।

କ୍ରମାଗତଭାବେ ମରୁଡିଗ୍ରସ୍ତ ହେଉଥିବା ରାଜ୍ୟର କେତେକ ଅଞ୍ଚଳରେ ସ୍ଥାୟୀ ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ କରିବାକୁ ରାଜ୍ୟସରକାର ସ୍ଥିର କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ବଲାଙ୍ଗୀର ଜିଲ୍ଲା ଏବଂ ସମ୍ବଲପୁର ଜିଲ୍ଲାର ପଦ୍ମପୁର ଅଞ୍ଚଳରେ ଜଳସେଚନ ନିମିତ୍ତ ତିରୋଲି ଜଳସେଚନ ଯୋଜନା, କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ଅଞ୍ଚଳ ଏବଂ ବଲାଙ୍ଗୀର ଜିଲ୍ଲାର ବଙ୍ଗମୁଣ୍ଡା ଅଞ୍ଚଳରେ ଜଳସେଚନ ନିମନ୍ତେ ଇନ୍ଦ୍ରବନ୍ଧ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ଦୁଇଟିଯାକ ବୃହତ୍ ଜଳସେଚନ ଯୋଜନା ଆଗାମୀ ୭।୮ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ବ୍ୟତୀତ ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ୪ଟି ମଧ୍ୟମ ଜଳସେଚନ ଯୋଜନା ହାତକୁ ନିଆଯିବ । ମୟୂରଭଞ୍ଜ ଜିଲ୍ଲାରେ ବାଙ୍କବଲ ମଧ୍ୟମ ଜଳସେଚନ ଯୋଜନା, ସୁନ୍ଦରଗଡ଼ ଜିଲ୍ଲାରେ କାଂସବାହାଲ ଯୋଜନା, କଳାହାଣ୍ଡି ଜିଲ୍ଲାରେ କାରଲୁଆଁ ଓ ଉପରଜଙ୍କ ନାମକ ଦୁଇଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବ । ଏଗୁଡିକ ଆଗାମୀ ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ମରୁଡିପ୍ରବଣ ଉପରୋକ୍ତ ଅଞ୍ଚଳମାନଙ୍କରେ ମରୁଡିର ସ୍ଥାୟୀ ପ୍ରତିକାର ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାଗୁଡିକୁ ଚଳିତବର୍ଷଠାରୁ ହାତକୁ ନିଆଯିବ ।

ଆସନ୍ତା ରବି ଫସଲ ପାଇଁ ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାଗୁଡିକରୁ ୨୫ ଲକ୍ଷ ୨୦ ହଜାର ଏକର ପ୍ରତି ଜଳ ଯୋଗାଇ ଦିଆଯିବ । ଏହାଦ୍ୱାରା ୧୧ ଲକ୍ଷ ୬୨ ହଜାର ୫୦୦ ଟନ୍ ଡାଲିଜାତୀୟ ଫସଲ ସମେତ ୧୭ ଲକ୍ଷ ୫୫ ହଜାର ଟନ୍ ଖାଦ୍ୟଶସ୍ୟ ଓ ୬ ଲକ୍ଷ ୬୧ ହଜାର ଟନ ତୈଳବୀଜ ଉତ୍ପାଦିତ ହୋଇପାରିବ ।

## ଶ୍ରମଭିତ୍ତିକ କାର୍ଯ୍ୟକ୍ରମ:

ମରୁଡିବିପନ୍ନ ଲୋକମାନଙ୍କୁ ବିଭିନ୍ନ କାମଧନ୍ଦା ଯୋଗାଇ ଦେବା ପାଇଁ କାମ ପାଇଁ ଖାଦ୍ୟ ଯୋଜନାକୁ ଟେଷ୍ଟ ରିଲିଫ କାର୍ଯ୍ୟ ସହିତ ସମନ୍ୱିତ କରି ବ୍ୟାପକ ଶ୍ରମଭିତ୍ତିକ କାର୍ଯ୍ୟସବୁ ଆରମ୍ଭ କରାଗଲାଣି । ଟେଷ୍ଟ ରିଲିଫ ପାଇଁ ୧୨ ହଜାର ଟନ୍ ଖାଦ୍ୟଶସ୍ୟ ବିଭିନ୍ନ ଜିଲ୍ଲାକୁ ଦିଆଯାଇଛି ଏବଂ ଅଧିକ ୨୪ ହଜାର ୫୦୦ ଟନ ପଠାଇବାର ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ୧ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଆଜିସୁଦ୍ଧା ୮୧ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟରେ ଯେଉଁ ୪୫୯୨ଟି କାର୍ଯ୍ୟ ଆରମ୍ଭ ହୋଇଛି ସେଗୁଡିକରେ ୨୯ ଲକ୍ଷ ୭୦ ହଜାର ଶ୍ରମଦିବସ ସୃଷ୍ଟି ହୋଇପାରିଛି । ଏହା ବ୍ୟତୀତ, ବିଭିନ୍ନ ସରକାରୀ ବିଭାଗ ତରଫରୁ ମରୁଡିଗ୍ରସ୍ତ ଅଞ୍ଚଳରେ ୫ ହଜାର ୩୮୧ଟି ଶ୍ରମଭିତ୍ତିକ ଯୋଜନା ଆରମ୍ଭ ହୋଇଛି । ତଦ୍ୱାରା ୧ ଲକ୍ଷ ୨୫ ହଜାର ଶ୍ରମଦିବସ ସୃଷ୍ଟି କରା-ଗଲାଣି ।

"କାମ ପାଇଁ ଖାଦ୍ୟ ଯୋଜନା" ଅନୁସାରେ କେନ୍ଦ୍ରଠାରୁ ମିଳିଥିବା ୧ ଲକ୍ଷ ୭୪ ହଜାର ମେ: ଟନ୍ ଶସ୍ୟ ମଧ୍ୟରୁ ୧ ଲକ୍ଷ ୪୫ ହଜାର ଟନ୍ ଶସ୍ୟ ଜିଲ୍ଲାମାନଙ୍କୁ ଦିଆଯାଇଛି । ସମ୍ପ୍ରତି କେନ୍ଦ୍ରସରକାରଙ୍କ ଠାରୁ କେବଳ ମରୁଡିଗ୍ରସ୍ତ ଅଞ୍ଚଳ ପାଇଁ ମିଳିଥିବା ୩୦ ହଜାର ଟନ୍ ଚାଉଳ ମଧ୍ୟ ପଠାଯାଉଛି । ଏହି ଯୋଜନା ଯେପରି ତ୍ୱରାନ୍ୱିତ ହୁଏ ତା'ର ସୁପରିଚାଳନା କରିବାକୁ ଗ୍ରାମପଞ୍ଚାୟତ ସ୍ତରରେ କମିଟି ସବୁ ଗଠନ କରାଯାଇଛି । ସେମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳରେ ଏହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

## ବୃଦ୍ଧଙ୍କ ପାଇଁ ଖାଦ୍ୟଶସ୍ୟ:

ସମାଜର ବୃଦ୍ଧ–ବୃଦ୍ଧା, ଅକର୍ମଣ୍ୟ ଓ ଅସହାୟ ଶିଶୁମାନଙ୍କୁ ଏ ବିପତ୍ତିବେଳେ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେବା ଆବଶ୍ୟକ ବୋଲି ସରକାର ଅନୁଭବ କରନ୍ତି । ତେଣୁ ଏ ଉଦ୍ଦେଶ୍ୟରେ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଚଳିତ ମାସଠାରୁ ପ୍ରଥମ ପର୍ଯ୍ୟାୟରେ ଶତକଡା ୭୫ ଭାଗ ଫସଲ ହାନି ହୋଇଥିବା ଗ୍ରାମ-ପଞ୍ଚାୟତଗୁଡିକରେ କାର୍ଡ କରିଆରେ ଖାଦ୍ୟଶସ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଆସନ୍ତା ୫ ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟ-କ୍ରମ ଚାଲୁରହିବ । ଫଳରେ ୨ ଲକ୍ଷ ୧୪ ହଜାରରୁ ଊର୍ଦ୍ଧ୍ୱ ବୃଦ୍ଧ–ବୃଦ୍ଧା ଏବଂ ଅସହାୟ ଶିଶୁ ଉପକୃତ ହେବେ ।

## ପ୍ରାକ୍-ବିଦ୍ୟାଳୟ ବୟସର ଶିଶୁଙ୍କ ପାଇଁ ଖାଦ୍ୟ:

ପୁଷ୍ଟିକର ଖାଦ୍ୟଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ବର୍ତ୍ତମାନ ମରୁଡି ଅଞ୍ଚଳର ୮ ଲକ୍ଷ ଶିଶୁ ଓ ଗର୍ଭବତୀ ମହିଳା ଉପକୃତ ହେଉ-ଛନ୍ତି । ଏହା ବ୍ୟତୀତ ଅଧିକ ୫ ଲକ୍ଷ ମହିଳା ଓ ଶିଶୁଙ୍କ ପାଇଁ ଏହି ପ୍ରକାର ଖାଦ୍ୟ ଯୋଗାଇବାକୁ ଏକ ଜରୁରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଚଳିତମାସଠାରୁ ୧ ଲକ୍ଷ ୯୪ ହଜାର ପ୍ରାକ୍‌ବିଦ୍ୟାଳୟ ବୟସର ଶିଶୁଙ୍କୁ କେୟାର ଓ ବିଶ୍ୱ ଖାଦ୍ୟ ସଂସ୍ଥାର ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ୧୯୭୯ ଡିସେମ୍ବର ମାସଠାରୁ ଅଧିକ ୧ ଲକ୍ଷ ୭୪ ହଜାର ଶିଶୁ ଓ ମହିଳାଙ୍କୁ କେୟାର ଖାଦ୍ୟ ଯୋଗାଇଦିଆଯିବ ।

## ପାନୀୟ ଜଳଯୋଗାଣ ପାଇଁ ଅସ୍ଥାୟୀ ବ୍ୟବସ୍ଥା:

ପାନୀୟ ଜଳାଭାବ ଥିବା ଗ୍ରାମ ଓ ସହରାଞ୍ଚଳରେ ନଳକୂପ ପ୍ରତିଷ୍ଠା କରିବା, ନୂତନ କୂପ ନିର୍ମାଣ କରିବା ଓ କୂପ ମରାମତି କରିବା ଉପରେ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଚଳିତବର୍ଷ ଆଜିଯାଏ ୧୩୬୩ଟି କୂପ ବସାଯାଇଛି । ମରୁଡ଼ି ଅଞ୍ଚଳରେ ସ୍ୱତନ୍ତ୍ରଭାବେ ୮୦୦ ନଳକୂପ ବସାଯିବ । ଏହି ବାବଦରେ ସମ୍ପ୍ରତି କେନ୍ଦ୍ରସରକାର ଅତିରିକ୍ତ ୩ କୋଟି ଟଙ୍କା ବ୍ୟୟ କରିବାକୁ ସମ୍ମତ ହୋଇଛନ୍ତି । ଏଥିରେ ୩୦୦୦ଟି ନଳକୂପ ବିଭିନ୍ନ ମରୁଡ଼ି ଅଞ୍ଚଳରେ ବସାଇବାର ବ୍ୟବସ୍ଥା ହେଉଛି । ଏହା-ବ୍ୟତୀତ ୩୪୭୨ଟି ପାନୀୟଜଳକୂପ ଖୋଳାଯିବ । ନଳକୂପ ଖନନ ପାଇଁ ଅଧିକ "ରିଗ" ମେସିନ୍‌ର ବ୍ୟବସ୍ଥା କେନ୍ଦ୍ର ସରକାର କରୁଛନ୍ତି ।

## ଖାଦ୍ୟ ଯୋଗାଣ:

ଅନାହାରରେ ରାଜ୍ୟର କୌଣସି ବ୍ୟକ୍ତି ଯେପରି ମୃତ୍ୟୁ ବରଣ ନକରନ୍ତି ସେ ଦିଗରେ ସରକାର ସତର୍କ ଦୃଷ୍ଟି ରଖିଛନ୍ତି । ତଦନୁଯାୟୀ ମରୁଡ଼ିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବା-ପାଇଁ ଆଜିଯାଏ ୯୬ ହଜାର ୭୫ ଟନ୍ ଗହମ ପଠାଯାଇଛି । ଏହା ବ୍ୟତୀତ କେନ୍ଦ୍ରୀୟ ଭଣ୍ଡାରରୁ ମରୁଡ଼ିଗ୍ରସ୍ତ ଅଞ୍ଚଳକୁ ୬୫ ହଜାର ଟନ୍ ଅଧିକା ଗହମ ଯୋଗାଇବାର ବ୍ୟବସ୍ଥା ହେଉଛି । ବର୍ତ୍ତମାନ ଯୁକ୍ତିମୂଲ୍ୟ ଦୋକାନଗୁଡ଼ିକ ଖୋଲା ରଖି ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଗହମ ଯୋଗାଇ ଦିଆଯିବ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସାହାଯ୍ୟ:

ସରକାରଙ୍କ ଅନୁରୋଧ କ୍ରମେ 'ଅକ୍ସଫାମ୍' ପରି କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଆରମ୍ଭ କଲେଣି । 'ଅକ୍ସଫାମ୍' ସଂସ୍ଥା କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲା ଦୁଇଟିର ୮ଗୋଟି ବ୍ଲକ୍ ଅଞ୍ଚଳରେ ରିଲିଫ କାମ ଆରମ୍ଭ କରିଛନ୍ତି । ଏ ବାବଦରେ ସରକାର ତାଙ୍କୁ ପର୍ଯ୍ୟାୟ କ୍ରମେ ନଗଦଟଙ୍କା ଓ ଖାଦ୍ୟଶସ୍ୟ ଆକାରରେ ୫ ୮୮୮ ଟନ୍ ଶସ୍ୟ ଯୋଗାଇ ଦେବେ ।

ସାମ୍ପ୍ରତିକ ମରୁଡ଼ିଜନିତ କଷ୍ଟକର ପରିସ୍ଥିତିରେ ବିପନ୍ନ ଲୋକ-ମାନଙ୍କ ପାଇଁ ଯାହାସବୁ କରାଗଲାଣି ଏବଂ କରାଯାଉଛି ତା'ର ସଫଳ ରୂପାୟନ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ।

---

### ଓଡ଼ିଶା ଶିଳ୍ପ ବିକାଶ ଓ ଅର୍ଥ ବିନିଯୋଗ କର୍ପୋରେସନ

ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପ ଉନ୍ନୟନ କର୍ପୋରେସନ ଗଠିତ ହୋଇଛି । ମାତ୍ର ବେସରକାରୀ ଉଦ୍ୟମକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଅଂଶୀଦାର ହିସାବରେ ମିଳିତ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା ପାଇଁ ୧୯୬୩ ମସିହାରୁ ଶିଳ୍ପ ବିକାଶ ଓ ଅର୍ଥ ବିନିଯୋଗ କର୍ପୋରେସନ ଗଠିତ ହୋଇଛି ।

ଏହି କର୍ପୋରେସନର ସହାୟତାରେ ପ୍ରତିଷ୍ଠିତ ୧୨ଗୋଟି ଉଦ୍ୟୋଗ ମଧ୍ୟରେ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ କରିଛନ୍ତି । ଏଗୁଡ଼ିକ ହେଲା ରୁପ୍‌ସାଠାରେ ୩୯ ଲକ୍ଷ ଟଙ୍କା ବ୍ୟୟରେ ଛୋଟ ଚାଉଳ କାରଖାନା, ରାଜଗାଙ୍ଗପୁରଠାରେ ୨୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଫେରୋ-ଆଲୟ କାରଖାନା, ଚାନ୍ଦବାଲିଠାରେ ୩୧ ଲକ୍ଷ ୩୯ହଜାର ଟଙ୍କା ବ୍ୟୟରେ ସିଲିକନ-କାର୍ବାଇଡ଼ କାରଖାନା, ରାଜଗାଙ୍ଗପୁରଠାରେ ୭୨ଲକ୍ଷ ଟଙ୍କା ବ୍ୟୟରେ ସୂତାକଳ, ରାଉରକେଲାଠାରେ ୨୨ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ଉତ୍ତାପ-ପ୍ରତିରୋଧକ କାରଖାନା, ରାଜଗାଙ୍ଗପୁରଠାରେ ୬୧ଲକ୍ଷ ଟଙ୍କା ବ୍ୟୟରେ ଯନ୍ତ୍ରାଂଶ ନିର୍ମାଣ କାରଖାନା, ଭୁବନେଶ୍ୱରଠାରେ ୯ ଲକ୍ଷ ଟଙ୍କା ବ୍ୟୟରେ ସାକାରିନ କାରଖାନା, ୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ହୋଟେଲ, ରାଉରକେଲାଠାରେ ୭୬ଲକ୍ଷ ଟଙ୍କା ବ୍ୟୟରେ କୋକ୍-ଓଭେନ କାରଖାନାର ସଂପ୍ରସାରଣ, ଚୌଦ୍ୱାରଠାରେ ୨ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶା ଟେକ୍ସଟାଇଲର ସଂପ୍ରସାରଣ, ଢେଙ୍କାନାଳଠାରେ ୧୫ଲକ୍ଷ ଟଙ୍କା ବ୍ୟୟରେ କାଗଜକଳ ଓ ପାରାଦୀପଠାରେ ୪୦ଲକ୍ଷ ଟଙ୍କା ବ୍ୟୟରେ ମତ୍ସ୍ୟ ସଂରକ୍ଷଣ କାରଖାନା ଅନ୍ୟତମ ।

ଏହି କର୍ପୋରେସନକୁ ଅର୍ଥଲଗାଣକାରୀ ସଂସ୍ଥା ହିସାବରେ ଭାରତ ସରକାର ସ୍ୱୀକୃତି ଦେଇଛନ୍ତି । ଭାରତ ଶିଳ୍ପ ଉନ୍ନୟନ ବ୍ୟାଙ୍କର ପୁନଃ ଅର୍ଥଲଗାଣ ଯୋଜନା ଅନୁଯାୟୀ ଏହି କର୍ପୋରେସନ ସର୍ବାଧିକ ପରିମାଣରେ ପୁନଃ ଅର୍ଥଲଗାଣ ପାଇଁ ଅନୁମୋଦନ ଲାଭ କରି ସାରା ଭାରତ-ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି ।

---

ମଣିଷ ଯେତେବେଳେ ପଶୁ ହୁଏ ସେ ପଶୁଠାରୁ ହୀନ ହୋଇଥାଏ

—ରବୀନ୍ଦ୍ରନାଥ

# ଆଉ ଏକ ପୃଥ୍ୱୀ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ

କବିତାର ଊର୍ଦ୍ଧ୍ୱେ ଅଛି ଆଉ ଏକ ପୃଥିବୀ ଯେଉଁଠି
ଭିନ୍ନ କିସମର ମାଟି, ଭିନ୍ନ ମେଘ, ଭିନ୍ନ ଗଛଲତା
କବିତାର ଊର୍ଦ୍ଧ୍ୱେ ଅଛି ଅଲିଖିତ ଶବ୍ଦ ଅଗଣିତ
ଯେଉଁଠି ଶୂନ୍ୟସ୍ଥ ଝରେ ଉସ୍ଥିବା ଅକ୍ଷରର ଛଟା ।

କବିତାର ଊର୍ଦ୍ଧ୍ୱେ ଅଛି ଭିନ୍ନ ଏକ ସତ୍ତା ଓ ଚେତନା
ଯାହା ଗୁଛି ରଖେ ଶିଳା ଗ୍ରଛିରେ ହୃଦୟ
ଯେଉଁଠି ଗୋଟିଏ ଢେଉ ଥୋଇଦିଏ ଅନ୍ୟ ପାପୁଲିରେ
ଅବଶିଷ୍ଟ ଶୁଭେଚ୍ଛା ଓ ଅନ୍ତହୀନ ଶ୍ରଦ୍ଧା ଓ ସମୟ ।

ଊର୍ଦ୍ଧ୍ୱେ ଅଛି ଭିନ୍ନ ପୃଥ୍ୱୀ ମୁଁ ଯାହାର ଛାୟାଂଶ କେବଳ
ମୁଁ ଯାହାର ଅପଭ୍ରଂଶ ମୁଁ ଯାହାର ପରିଶିଷ୍ଟ ଲେଖା
ମୁଁ ଯାହାର ଦୃଶ୍ୟରୂପ ପ୍ରତୀପ ଓ ଅସଂଲଗ୍ନ ଲିପି
ମୁଁ ଯାହାର ରୂପକଳ୍ପ ସେ ତ ନୁହେଁ ମୋର ପ୍ରରିକା ।

କବିତାର ଊର୍ଦ୍ଧ୍ୱେ ଅଛି ଭିନ୍ନ ମାଟି, ମେଘ ଓ ଚେତନା
ଜୀବନ ଯେଉଁଠି ହୁଏ ଭିନ୍ନ' ମନ ଅଭିନ୍ନ କଳ୍ପନା ।

ସହକାରୀ ସଂପାଦକ
ସୂଚନା ଓ ଲୋକସଂପର୍କ ବିଭାଗ
ଭୁବନେଶ୍ୱର

ବାଧ୍ୟବାଧକତାରେ ଯେଉଁ ଜ୍ଞାନ ଆହରଣ କରାଯାଏ ମନ ଉପରେ ତାର ପ୍ରଭାବ ରହେନାହିଁ
—ପ୍ଲାଟୋ

# ମରୁଡ଼ି ପରିସ୍ଥିତି ଓ ସମବାୟ ସମିତିଗୁଡ଼ିକର ଭୂମିକା

ଶ୍ରୀ ସମର ବଲ୍ଲଭ ମହାପାତ୍ର

ଆମ ରାଜ୍ୟରେ ଜଳସେଚିତ ଜମିର ପରିମାଣ ମୋଟ ଚାଷ ଜମିର ଶତକଡ଼ା ସତର ଭାଗରୁ ଅଧିକ ହେବନାହିଁ । ତେଣୁ ବର୍ଷା ଉପରେ ନିର୍ଭର କରି ସାଧାରଣତଃ ଖରିଫ ଋତୁରେ ଚାଷ କରାଯାଇଥାଏ । ପ୍ରାୟ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟିପାତ ବା ଅନିୟମିତ ବୃଷ୍ଟି ଯୋଗୁ ଫସଲ ହାନି ଘଟିଥାଏ । ତେବେ ଏବର୍ଷର ମରୁଡ଼ି ଅନ୍ୟାନ୍ୟ ବର୍ଷ ତୁଳନାରେ ଅଧିକ ବ୍ୟାପକ । ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଶତକଡ଼ା ୫୦ ଭାଗରୁ ଅଧିକ ଗ୍ରାମ ପଞ୍ଚାୟତ ମରୁଡ଼ିର ସମ୍ମୁଖୀନ ହୋଇଛନ୍ତି ।

ଅଗଷ୍ଟ ମାସ ଶେଷବେଳକୁ ଯେତେବେଳେ ଜଣାପଡ଼ିଲା ଆମ ରାଜ୍ୟ ଏକ ଅଭୂତପୂର୍ବ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି, ସେତେବେଳେ ଏହାର ମୁକାବିଲା କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି କରାଗଲା । ପୂର୍ବରୁ ସାଧାରଣତଃ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ଖରିଫ ଋଣ ଦିଆଯାଉଥିଲା । ତା'ପରେ ଋଣ ମଞ୍ଜୁରୀ ଖରିଫ ଫସଲ ପାଇଁ କରାଯାଉନଥିଲା । ଏବର୍ଷର ବିଶେଷ ପରିସ୍ଥିତି ଯୋଗୁଁ ଋଣ ଦାନ ସମୟକୁ ସେପ୍ଟେମ୍ବର ୩୦ ତାରିଖକୁ ଘୁଞ୍ଚାଇ ଦିଆଗଲା । ଯେଉଁ ସ୍ଥାନମାନଙ୍କରେ ବିଳମ୍ବରେ କିଛି କିଛି ବୃଷ୍ଟି ହେଲା, ସେଠାରେ ଚାଷୀମାନେ ଏହାଦ୍ୱାରା ଉପକୃତ ହେଲେ ।


ମରୁଡ଼ି ପରିସ୍ଥିତି ଦୃଷ୍ଟିରୁ ରାଜ୍ୟରେ ବ୍ୟାପକ ରବି ଫସଲ କାର୍ଯ୍ୟକ୍ରମ କରିବାର ଯୋଜନା କରାଯାଇଛି । ସେପ୍ଟେମ୍ବର ମାସରୁ ସମବାୟ ସମିତିମାନଙ୍କୁ ଚାଷୀମାନଙ୍କର ଋଣ ସୀମା ପତ୍ର (Credit limit) ତିଆରି କରି ଋଣ ମଞ୍ଜୁରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣତଃ ରବି ଋତୁରେ ଜଳସେଚିତ ଜମିପାଇଁ ଋଣ ଦିଆଯାଇ-ଯାଇଥାଏ । ମାତ୍ର ଅଣ-ଜଳସେଚିତ ଜମିରେ ମୁଗ, ବିରି, ଚିନା ବାଦାମ ଜାତୀୟ ଫସଲ ଆଦି ଚାଷ କରିବାପାଇଁ ଆବଶ୍ୟକୀୟ ଋଣ ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏବର୍ଷ ରାଜ୍ୟରେ ଏଗାରକୋଟି ଟଙ୍କା ଋଣ ଲଗାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଯଦି କେନାଲଗୁଡ଼ିକରେ ପାଣି ଯୋଗାଇ ଦିଆଯିବ ତେବେ ଏହି ଲକ୍ଷ୍ୟ ପୂର୍ଣ୍ଣ ହୋଇପାରିବ । ରବି ଋଣ ପାଇଁ ଯେପରି ସବୁ ସମବାୟ ବ୍ୟାଙ୍କ୍ ସୁବିଧାରେ ଋଣ ଯୋଗାଇ ପାରିବେ ସେଥିପାଇଁ ରିଜର୍ଭ ବ୍ୟାଙ୍କକୁ ଅଧିକ ଅର୍ଥ ମଞ୍ଜୁର ପାଇଁ ଅନୁରୋଧ କରାଯାଇଛି ଓ ରବି ଫସଲ ପାଇଁ ଅତିରିକ୍ତ ଋଣ ଦେବାରେ ଅସୁବିଧା ହେବନାହିଁ ବୋଲି ରିଜର୍ଭ ବ୍ୟାଙ୍କ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

ରବି ଋତୁରେ କିପରି ଚାଷୀମାନେ ସାର, ବିହନ ଆଦି ପାଇପାରିବେ, ସେଥିପାଇଁ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଗୋଟିଏ ମନିଟରିଙ୍ଗ ସେଲ୍ ଖୋଲଯାଇଛି । ସାର ପାଇବାରେ ଅସୁବିଧା ହେଲେ ଏହି ସେଲ୍ ଜରିଆରେ ତାର ସମାଧାନ କରାଯିବ । ଏହାଛଡ଼ା ଏହି ସେଲ୍ ଜରିଆରେ କେତେ ଋଣ ଲଗିଲା, କେତେ ସାର ଦିଆଗଲା, ଏହାର ପୁଙ୍ଖାନୁପୁଙ୍ଖ ତଦାରଖ କରାଯାଉଛି । ରବି ଋତୁ ପାଇଁ ବର୍ତ୍ତମାନ ସୁଦ୍ଧା ୧୪.୪୧ କୋଟି (ଚଉଦ କୋଟି ଏକଚାଳିଶ ଲକ୍ଷ) ଟଙ୍କାର ଋଣ ମଞ୍ଜୁର ହୋଇଛି । ରବି ଋତୁରେ ଆବଶ୍ୟକୀୟ ବିହନ ଯୋଗାଇବା ପାଇଁ କୃଷିବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏହି କ୍ଷେତ୍ରରେ ମଧ୍ୟ ସମବାୟ ସମିତିମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆଞ୍ଚଳିକ ସମବାୟ ସମିତି ଜରିଆରେ ମୁଗ, ବିରି, ଚିନାବାଦାମ ମଞ୍ଜି ସଂଗ୍ରହ କରି ରାଜ୍ୟ ବିହନ କର୍ପୋରେସନ ଚାଷୀମାନଙ୍କୁ ବିହନ ଯୋଗାଇ ଦେଉଛନ୍ତି । ମରୁଡ଼ି ପରିସ୍ଥିତି ଦୃଷ୍ଟିରୁ ଆସନ୍ତା ବର୍ଷ ଖରିଫ୍ ଋତୁରେ ଧାନ ବିହନର ଅଭାବ ପଡ଼ିବ'ବୋଲି ଆଶଙ୍କା ପ୍ରକାଶ ପାଉଛି । ତେଣୁ ଏବେଠାରୁ ଧାନ ବିହନ ସଂଗ୍ରହ କରିବାର ଯୋଜନା କୃଷିବିଭାଗ ତରଫରୁ କରାଯାଉଛି । କେବଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଜରିଆରେ ୪୦ ହଜାର କୁଇଣ୍ଟାଲ୍ ଧାନ ସଂଗ୍ରହ ହେବବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ବର୍ତ୍ତମାନ ସୁଦ୍ଧା ୭ ହଜାର କୁଇଣ୍ଟାଲ ଧାନ ବିହନ ସଂଗୃହୀତ ହୋଇସାରିଲାଣି । ଏହା ବ୍ୟତୀତ ମୁଗ, ବିରି, ଚିନାବାଦାମ, ସୋରିଷ ଆଦି ସଂଗ୍ରହ କରିବାର ବ୍ୟାପକ ଯୋଜନା ମଧ୍ୟ କରାଯାଉଛି ।

ଭୂତଳର ଜଳ ସମ୍ପଦକୁ ବ୍ୟବହାର କରି ଜଳସେଚନ କରିବା ପାଇଁ କୂପଖନନ ଯୋଜନା (Dug well Scheme) ରାଜ୍ୟରେ କାର୍ଯ୍ୟ-କାରୀ ହେଉଛି । ନିକଟରେ ଯେତେବେଳେ କେନ୍ଦ୍ର ଅନୁଧ୍ୟାନକାରୀ ଦଳ ଆସିଥିଲେ, ସେମାନେ ଦେଖିଲେ ଯେ ଯେଉଁ ଚାଷୀମାନେ ଋଣ ନେଇ କୂପ ଖୋଳିଛନ୍ତି ସେମାନେ କୌଣସି ମତେ ମରୁଡ଼ି ହାତରୁ ତାଙ୍କ ଜମିର କିଛିଅଂଶ ବଞ୍ଚାଇ ପାରିଛନ୍ତି । ତେଣୁ ଭବିଷ୍ୟତରେ ଏହିଯୋଜନାକୁ ବ୍ୟାପକ କରିବାକୁ ସେମାନେ ମତ ଦେଇଥିଲେ । ତେଣୁ ଏବର୍ଷ ଏକଲକ୍ଷ ପନ୍ଦର ହଜାର କୂପ (Dug well) ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଉଛି । ଏଥିରୁ ଅଧିକାଂଶ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭୂଉନ୍ନୟନ ବ୍ୟାଙ୍କମାନଙ୍କ ଜରିଆରେ କାର୍ଯ୍ୟକାରୀ ହେବ । ଚାଷୀ ଯେପରି ଠିକ୍ ସମୟରେ ଋଣ ପାଇବ ସେଥିପାଇଁ ଋଣ ମେଳାର (Credit mela) ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମେଳାରେ ସମସ୍ତ ବ୍ୟାଙ୍କର କର୍ମଚାରୀମାନେ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଫିସର ଉପସ୍ଥିତ ରହିବେ । ସେଠାରେ ଚାଷୀର ଋଣ ମଞ୍ଜୁରୀ ହେବ ଓ ସେଠାରେ ମଧ୍ୟ ପ୍ରଥମ କିସ୍ତି ଟଙ୍କା ଦିଆଯିବ ବୋଲି ପରିକଳ୍ପନା କରାଯାଉଛି । ଏହା ବ୍ୟତୀତ ପନ୍ଦର ହଜାର କୂପକୁ ବିଦ୍ୟୁତ୍ ପମ୍ପ ଯୋଗାଇ ଦିଆଯିବା ପାଇଁ କାର୍ଯ୍ୟକ୍ରମ କରାଯାଉଛି ।

ସମ୍ପ୍ରତି ମରୁଡ଼ି ପରିସ୍ଥିତି ଚାଷୀମାନଙ୍କ ମନରେ ହତାଶଭାବ ସୃଷ୍ଟି କରୁଛି । ସବୁଆଡୁ ପ୍ରଶ୍ନ ଆସୁଛି ଯେ ଏବର୍ଷର ଋଣ କିପରି ପରିଶୋଧ କରାଯିବ ? ଏବର୍ଷ ପ୍ରାୟ ୨୪ କୋଟି ଟଙ୍କା ଖରିଫ୍ ଋତୁରେ ସମବାୟ ଜରିଆରେ ଲଗାଣହୋଇଛି । ଯେଉଁ ପଞ୍ଚାୟତ ଗୁଡ଼ିକରେ ଶତକଡ଼ା ୫୦ ଭାଗରୁ ଅଧିକ ଫସଲ ନଷ୍ଟ ହୋଇଛି ବୋଲି ଜିଲ୍ଲାପାଳମାନେ ସାର୍ଟିଫିକେଟ ଦେବେ ସେ ଅଞ୍ଚଳରେ ଦିଆଯାଉଥିବା ସ୍ୱଳ୍ପକାଳୀନ ଋଣକୁ ୫ ବର୍ଷିଆ ମଧ୍ୟମ କାଳୀନ ଋଣକୁ ପରିବର୍ତ୍ତିତ କରିବା ପାଇଁ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରାଯିବ । ଏଥିପାଇଁ ଶତକଡ଼ା ୪୦ ଭାଗ ରାଜ୍ୟ ସରକାର ଓ ବ୍ୟାଙ୍କମାନଙ୍କୁ ବହନ କରିବାକୁ ପଡ଼ିବ । ରାଜ୍ୟ ସରକାର ଓ ବ୍ୟାଙ୍କମାନଙ୍କ ଆର୍ଥିକ ସମ୍ବଳ ଅଭାବ ହେତୁ କେନ୍ଦ୍ର ସରକାରଙ୍କୁ ଏ ବାବଦ ଖର୍ଚ୍ଚ ଦେବାକୁ ଅନୁରୋଧ କରା- ଯାଇଛି । ଏହା ବ୍ୟତୀତ ଛୋଟ ଚାଷୀମାନଙ୍କୁ ଏବର୍ଷର ସୁଧ ଛାଡ଼ କରିବାପାଇଁ ମଧ୍ୟ କେନ୍ଦ୍ର ସରକାରଙ୍କୁ ଅର୍ଥସାହାଯ୍ୟ କରିବାସକାଶେ ଅନୁରୋଧ କରାଯାଉଛି ।

ରାଜ୍ୟ ସମବାୟ ସମିତିସମୂହର ନିବନ୍ଧକ,
ଓଡ଼ିଶା



## ଶିଳ୍ପ ଉନ୍ନୟନ କର୍ପୋରେସନର ଉଲ୍ଲେଖନୀୟ ସାଫଲ୍ୟ

ସରକାରୀ ଉଦ୍ୟୋଗ ଗୁଡ଼ିକରେ ବିପୁଳ ପରିମାଣର ଅର୍ଥ ବିନିଯୋଗ ସତ୍ତ୍ୱେ ସେଗୁଡ଼ିକ ଆଶାନୁରୂପ ଲାଭ ନ କରି କ୍ଷତିରେ ଚାଲୁଛି ବୋଲି ସାଧାରଣତଃ ଯେଉଁ ଧାରଣା ସୃଷ୍ଟି ହୋଇଛି ତାହାକୁ ଅପ୍ରମାଣିତ କରି ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ ୧୯୭୮-୭୯ ମସିହାରେ ୧ କୋଟି ୨ ଲକ୍ଷ ଟଙ୍କାର ନିଟ୍ ଲାଭ କରିଛି । ୧୯୭୯-୮୦ ମସିହାର ପ୍ରଥମ ଛଅମାସ ମଧ୍ୟରେ ଏହି କର୍ପୋରେସନର ୧ କୋଟି ୫୮ ଲକ୍ଷ ଟଙ୍କା ଲାଭ ହୋଇଛି ।

ଶିଳ୍ପ ବିକାଶ ପାଇଁ ଓଡ଼ିଶାରେ ଯଥେଷ୍ଟ ସୁଯୋଗ ଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁଁ ଆଶାନୁରୂପ ଶିଳ୍ପ ପ୍ରସାର ସମ୍ଭବ ହେଉ ନଥିବା ଦୃଷ୍ଟିରୁ ୧୯୬୨ ମସିହାରେ ରାଜ୍ୟ ସରକାର ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି କର୍ପୋରେସନ ଗଠନ କରିଥିଲେ । ଏହା ଅଧୀନରେ ୭ଟି ଶିଳ୍ପ କାରଖାନା ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି । ଏହି କାରଖାନା ଗୁଡ଼ିକ ୧୯୭୮-୭୯ ମସିହା ମଧ୍ୟରେ ୩୦ କୋଟି ୪୨ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିଥିଲେ ଓ ସେହି ବର୍ଷ ୩୧ କୋଟି ୨୭ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରୟ କରିଥିଲେ । ୧୯୭୯-୮୦ ମସିହାର ଅକ୍ଟୋବର ମାସ ଶେଷ ସୁଦ୍ଧା ୨୩ କୋଟି ୧୦ ଲକ୍ଷ ଟଙ୍କା ମୂଲ୍ୟର ଜିନିଷପତ୍ର ଉତ୍ପାଦିତ ହୋଇ ୨୨ କୋଟି ୯୦ ଲକ୍ଷ ଟଙ୍କାର ଜିନିଷ- ପତ୍ର ବିକ୍ରୟ ହୋଇଛି ।

୧୯୭୮-୭୯ ମସିହା ଶେଷ ସୁଦ୍ଧା ଏହି କର୍ପୋରେସନ ବିଭିନ୍ନ ଟିକସ, ଶୁଳ୍କ ଆକାରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ୬୩ କୋଟି ୫୬ ଲକ୍ଷ ଟଙ୍କା ଦେଇଛନ୍ତି ।

ତୁମେମାନେ ଆହାରଦ୍ୱାରା ଶରୀରର ପୁଷ୍ଟି ସାଧନ କରୁଛ, କିନ୍ତୁ ତାହାକୁ ଅନ୍ୟମାନଙ୍କର କଲ୍ୟାଣ ନିମନ୍ତେ ଉତ୍ସର୍ଗ ନ କଲେ ଦେହପୁଷ୍ଟି ଦ୍ୱାରା କ'ଣ ହେବ ? ତୁମେମାନେ ଅଧ୍ୟୟନାଦି ଦ୍ୱାରା ବୁଦ୍ଧିବୃତ୍ତିର ବିକାଶ ସାଧନ କରୁଛ, ଯଦି ତୁମେ ତାହାକୁ ଅନ୍ୟ- ମାନଙ୍କ ନିମନ୍ତେ ଉତ୍ସର୍ଗ ନ କର,ସେଥିରେ ବା କ'ଣ ହେବ ?

—ବିବେକାନନ୍ଦ

# ଗରିବଙ୍କୁ ଆଇନଗତ ସାହାଯ୍ୟ : ଏକ ସାମାଜିକ ଆନ୍ଦୋଳନ

ସ୍ୱାଧୀନତା ପ୍ରାପ୍ତି ପରେ ପରେ ସମାଜର ବିଭିନ୍ନ ସ୍ତରରୁ ସାମାଜିକ ଓ ଆର୍ଥିକ ଅସମାନତାକୁ ଦୂର କରିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି । ସମ୍ବିଧାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯଥା ସମ୍ଭବ ସମାନ ମୌଳିକ ଅଧିକାର ଦିଆଯାଇଅଛି । କି କି ନୀତି ଅନୁସରଣ କଲେ ଏକ ଜନମଙ୍ଗଳ ରାଷ୍ଟ୍ର ହୋଇ ପାରିବ ତାହା ମଧ୍ୟ ନିର୍ଦ୍ଧାରଣ କରାଯାଇଅଛି । ଆମ ଦେଶରେ ମୋଟ ଜନସଂଖ୍ୟା ମଧ୍ୟରୁ ଗରିବମାନଙ୍କ ସଂଖ୍ୟା ଧନୀମାନଙ୍କଠାରୁ ବହୁଗୁଣରେ ଅଧିକ, ଧନୀ ଲୋକେ ବଳଶାଳୀ, ଗରିବମାନେ ଅସହାୟ । ଏହି କାରଣରୁ ରାଷ୍ଟ୍ରର ଯେଉଁସବୁ ଯୋଜନା ଗରିବଙ୍କ କଲ୍ୟାଣ ପାଇଁ କରାଯାଇଥାଏ ସେଗୁଡ଼ିକୁ ସେମାନେ ଭୋଗ କରିପାରନ୍ତି ନାହିଁ, କାରଣ ସେମାନେ ଅସହାୟ ଓ ନିରାଶ୍ରୟ । ତେଣୁ ଗରିବମାନେ ଉଚିତ ନ୍ୟାୟ ପାଇବାରେ ମଧ୍ୟ ଅସମର୍ଥ ହୁଅନ୍ତି । ଫଳ ସ୍ୱରୂପ ସେମାନଙ୍କୁ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଥାଏ ।

ଏହା ଏକ ସ୍ୱାଭାବିକ କଥା—ଦେଶରେ ନ୍ୟାୟ ବିତରଣ ପାଇଁ ଯେଉଁ ବ୍ୟବସ୍ଥା ପ୍ରଚଳିତ ତାହା ସାଧାରଣତଃ ବ୍ୟୟ ସାପେକ୍ଷ । ଏହି ବ୍ୟବସ୍ଥାକୁ ଅଧିକ ସହଜ ଓ ସୁଲଭ କରିବା ପାଇଁ ଉପାୟ ଖୋଜି ବାହାର କରିବା ପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାରେ ଗରିବମାନଙ୍କ ପାଇଁ ଏକ ସୁବିଧା ଜନକ ବିକଳ୍ପ ଉପାୟ ସ୍ଥିର କରାଯାଇ ଓଡ଼ିଶା ସରକାରଙ୍କ ତରଫରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଯୋଜନାକୁ 'ଗରିବଙ୍କୁ ଆଇନଗତ ସାହାଯ୍ୟ' କୁହାଯାଏ । ଏହା ୧୯୭୫ ମସିହାରୁ ଗେଜେଟରେ ପ୍ରକାଶିତ ହୋଇ କାର୍ଯ୍ୟକାରୀ ହେଲାଣି । ଏହି ଯୋଜନା ଅନୁସାରେ ଯେ କୌଣସି ଗରିବ ଲୋକ ମକଦ୍ଦମା ଲଢ଼ିବା ପାଇଁ ଯେଉଁ ଓକିଲ ପରାମର୍ଶ ଓ କୋର୍ଟଫିସ ଆବଶ୍ୟକ କରନ୍ତି ତାହାର ସମସ୍ତ ବ୍ୟୟ ସରକାର ବହନ କରିଥାନ୍ତି । ଏଥିପାଇଁ ୧୯୭୫ ମସିହାରେ ଆମ ରାଜ୍ୟରେ ଗରିବଙ୍କୁ ଆଇନଗତ ସାହାଯ୍ୟ ନାମକ ଏକ ନିୟମାବଳୀ ପ୍ରଣୟନ କରା ହୋଇଅଛି ।

ଏହି ସାହାଯ୍ୟ ଦେବା ଲାଗି ପ୍ରତ୍ୟେକ ଜିଲ୍ଲାର ସବ୍‌ଡିଭିଜନାଲ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏ ବାବଦରେ ଯଥେଷ୍ଟ ପରିମାଣରେ ଅର୍ଥ ମଧ୍ୟ ଗଚ୍ଛିତ ଅଛି । ଯେକୌଣସି ଗରିବ ଲୋକ ତାର ଆବଶ୍ୟକବେଳେ ସହଜରେ ଏ ସାହାଯ୍ୟ ଲାଭ କରିପାରିବ । ଏ ସାହାଯ୍ୟ ଋଣ ନୁହେଁ, ତେଣୁ ଏହାକୁ ପରିଶୋଧ କରିବାକୁ ପଡ଼େନାହିଁ । ବରଂ ଏହା ପ୍ରତ୍ୟେକ ଗରିବ ଲୋକର ଏକ ଦାବୀ ଏବଂ ସରକାରଙ୍କର କର୍ତ୍ତବ୍ୟ ।

**କେଉଁମାନେ ଏ ସାହାଯ୍ୟ ପାଇବାକୁ ଯୋଗ୍ୟ—**

୧—ଫୌଜଦାରୀ ଓ ସିଭିଲ ନ୍ୟାୟାଳୟରେ ଭରଣ ପୋଷଣ ଦାବୀ କରୁଥିବା ପତ୍ନୀ, ଯାହାଙ୍କର ବାର୍ଷିକ ଆୟ ଟ ୩୦୦୦ ଙ୍କା ରୁ ବେଶି ହୋଇନଥିବ ।

୨—ଓଡ଼ିଶା ଭୂସଂସ୍କାର ଅଧିନିୟମ ଅନୁସାରେ ଅସମର୍ଥ ବା ସେହି ଆଇନର ଧାରା ୨(୨୪) (କ) ଓ (ଚ) ଅନୁସାରେ ସ୍ୱାଧିକାର-ଯୁକ୍ତ ରୟତଙ୍କ ଭିନ୍ନ ଅନ୍ୟ ଯେଉଁମାନେ ଉଚ୍ଛେଦ ସମ୍ପର୍କିତ ମକଦ୍ଦମାକୁ ପ୍ରତିରୋଧ କରୁଥାନ୍ତି ବା ଉକ୍ତ ଆଇନର ଧାରା ୨୬(୨) ବା ୩୬-କ ଅନୁସାରେ ଦଖଲି ସ୍ୱତ୍ୱ ପାଇଁ ଦରଖାସ୍ତ କରୁଥାନ୍ତି ସେହି ରୟତମାନେ । କିନ୍ତୁ ତାହାଙ୍କ ଦଖଲରେ ଦୁଇ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ଜମି ନଥିବ ।

୩—ଓଡ଼ିଶା ମହାଜନୀ ଅଧିନିୟମ, ୧୯୩୯ ଅନୁସାରେ ମକଦ୍ଦମା ଲଢ଼ୁଥିବା ଖାତକ, ଯାହାଙ୍କର ବାର୍ଷିକ ଆୟ ଟ ୨,୫୦୦ଙ୍କାରୁ ବେଶି ହୋଇନଥିବ ।

୪—ଓଡ଼ିଶା ତପସିଲଭୁକ୍ତ ଅଞ୍ଚଳ (ଆଦିବାସୀମାନଙ୍କ ଦ୍ୱାରା) ସ୍ଥାବର ସମ୍ପତ୍ତି ହସ୍ତାନ୍ତର ବିନିୟମ ୧୯୫୬ ଅଧୀନ ମକଦ୍ଦମାରେ ଜମି ହସ୍ତାନ୍ତର କରିଥିବା ଆଦିବାସୀ ।

୫—ଓଡ଼ିଶା ତପସିଲଭୁକ୍ତ ଅଞ୍ଚଳ ମହାଜନୀ ବିନିୟମ, ୧୯୬୭ ଅଧୀନ ମକଦ୍ଦମାରେ ଆଦିବାସୀ ଓ ହରିଜନ ଖାତକ ।

୬—ସ୍ୱତ୍ୱ ବା ଦଖଲ ଘୋଷଣା ମକଦ୍ଦମାରେ ବାଦୀ ବା ପ୍ରତିବାଦୀ, ଯଦି:—

(କ) ତାଙ୍କର ବାର୍ଷିକ ଆୟ ଟ ୨,୦୦୦ ଙ୍କା ରୁ ବେଶି ହୋଇନଥିବ ।

(ଖ) ଆପାତତଃ ତାଙ୍କର ସମ୍ପତ୍ତିରେ ନ୍ୟାଯ୍ୟ ସ୍ୱତ୍ୱ ଅଛି ବୋଲି ତଦନ୍ତରୁ ଜଣା ପଡୁଥିବ, କିନ୍ତୁ ଅପର ପକ୍ଷ ସରକାର ବା ସମବାୟ ସମିତି ବା କୌଣସି ତପସିଲଭୁକ୍ତ ବ୍ୟାଙ୍କ ବା କୌଣସି ସରକାରୀ କମ୍ପାନୀ ବା ଆଇନାନୁମୋଦିତ କୌଣସି କର୍ପୋରେସନ ବା କୌଣସି ଅର୍ଥ ଯୋଗାଣ ପ୍ରତିଷ୍ଠାନ ବା କୌଣସି ସ୍ଥାନୀୟ ପ୍ରାଧିକାରୀ ହୋଇନଥିବ ।

୭—ଯେକୌଣସି ଫୌଜଦାରୀ ମକଦ୍ଦମାରେ, ଏପରିକି ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଉତ୍ତମ ବ୍ୟବହାର ପାଇଁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଅଧ୍ୟାୟ ୮ (ଧାରା ୧୦୭ରୁ ୧୨୪) ଅନୁସାରେ ହୋଇଥିବା ମକଦ୍ଦମା ସମେତ ଅନ୍ୟ ଯେକୌଣସି ଫୌଜଦାରୀ ମକଦ୍ଦମାରେ ଅଭିଯୁକ୍ତ ଆସାମୀ (ଯାହାଙ୍କର ବାର୍ଷିକ ଆୟ ଟ ୨,୦୦୦ଙ୍କା ରୁ ବେଶି ହୋଇନଥିବ), କିନ୍ତୁ

ଯେଉଁ ସ୍ଥଳେ ଦଣ୍ଡ ସଂହିତାର ଧାରା ୩୨୪ ବା ୩୨୫ ଅନୁସାରେ ଅସ୍ତ୍ର ଦ୍ୱାରା ଆଘାତ କରିବା ଓ ଗୁରୁତର ଭାବେ ଆଘାତ କରିବା ଅଭିଯୋଗରେ ଜଣେ ଆଦିବାସୀ ବା ହରିଜନ ପ୍ରଥମଥର ପାଇଁ ଅଭିଯୁକ୍ତ ହୋଇଥାନ୍ତି ଏବଂ ତାହା ଆପାତତଃ ଗୁରୁତର ଉତ୍ତେଜନାର ବଶବର୍ତୀ ହୋଇ କରାଯାଇଥାଏ, ସେହିସ୍ଥଳେ ତାଙ୍କର ବାର୍ଷିକ ଆୟର ପରିମାଣ ଯାହା-ହେଲେ ମଧ୍ୟ ତାଙ୍କୁ ଆଇନଗତ ସାହାଯ୍ୟ ଦିଆଯିବ ।

୮–ଯୌତୁକ ନିବାରଣ ଅଧିନିୟମ, ୧୯୬୧ ମକଦ୍ଦମାରେ ପତ୍ନୀ ବା ପତ୍ନୀଙ୍କ ପିତାମାତା ବା ଅଭିଭାବକ ଯାହାଙ୍କର ବାର୍ଷିକ ଆୟ ଟ ୨,୫୦୦ ଙ୍କାରୁ ବେଶି ହୋଇନଥିବ ।

୯–ମାନବିକ ଅଧିକାର ସଂରକ୍ଷଣ ଅଧିନିୟମ ୧୯୫୫ ଅଧୀନ ମକଦ୍ଦମାରେ ଅଭିଯୋଗ କରିଥିବା ହରିଜନ, ଯାହାଙ୍କର ବାର୍ଷିକ ଆୟ ଟ ୨,୫୦୦ ଙ୍କା ରୁ ବେଶି ହୋଇନଥିବ ।

ଅବଶ୍ୟ ଉପରୋକ୍ତ (୨), (୬), (୩) ବା (୮) ରେ ଉଲ୍ଲିଖିତ ଘଟଣାଗୁଡ଼ିକରେ ଉଭୟ ପକ୍ଷ ଏହି ସାହାଯ୍ୟ ପାଇବାକୁ ଯୋଗ୍ୟ ହୋଇଥିଲେ ତାହା କାହାରିକୁ ମିଳିବ ନାହିଁ ।

**ସାହାଯ୍ୟ କିପରି ମିଳିବ—**

ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସରକାରୀ ଓକିଲଙ୍କ ସହିତ ପରାମର୍ଶ କରି ଏହି ସାହାଯ୍ୟ ମଞ୍ଜୁର କରିବେ ।

ଏ ସାହାଯ୍ୟ ପାଇବାକୁ ଇଚ୍ଛୁକ ବ୍ୟକ୍ତି, ମକଦ୍ଦମାର ସମ୍ପୂର୍ଣ୍ଣ ବିବରଣ ଓ ପ୍ରାମାଣିକ ଦଲିଲ ସହ ନିଜ ସବ୍‌ଡିଭିଜନର ଏସ୍. ଡି. ଓଙ୍କ ନିକଟରେ ଏକ ଦରଖାସ୍ତ ଦେବେ । ଆବଶ୍ୟକସ୍ଥଳେ ସମ୍ପତ୍ତିର ବିବରଣ ଓ ବାର୍ଷିକ ଆୟ ମଧ୍ୟ ଦେବେ । ଦରଖାସ୍ତର ସବୁ ବିବରଣ ସହିତ ସେ ସାହାଯ୍ୟ ପାଇବାକୁ ଯୋଗ୍ୟ ବୋଲି କୌଣସି ଗେଜେଟେଡ୍ ଅଫିସର ବା ପଞ୍ଚାୟତ ସମିତି ଚେୟାରମ୍ୟାନଙ୍କଠାରୁ ଗୋଟିଏ ସାର୍ଟିଫିକେଟ୍ ମଧ୍ୟ ଦରଖାସ୍ତରେ ରହିବ । ଯେଉଁସବୁ ମାମଲାରେ ସାହାଯ୍ୟ ଦାନ ଦରଖାସ୍ତକାରୀଙ୍କର ବାର୍ଷିକ ଆୟ ବା ଭୂସମ୍ପତ୍ତି ଉପରେ ନିର୍ଭର କରେ ସେପରି କ୍ଷେତ୍ରରେ ସାର୍ଟିଫିକେଟ୍‌ରେ ତାଙ୍କର ଆନୁମାନିକ ଆୟ ବା ଭୂସମ୍ପତ୍ତିର ପରିମାଣ ମଧ୍ୟ ସୂଚାଇ ଦିଆଯାଇଥିବ । ଏହି ସାର୍ଟି-ଫିକେଟ୍ ଜମିଜମା ସଂକ୍ରାନ୍ତ ମକଦ୍ଦମାରେ ରେଭିନ୍ୟୁ ସୁପରଭାଇଜର ବା ରେଭିନ୍ୟୁ ଇନ୍‌ସପେକ୍ଟରଙ୍କଠାରୁ, ଆଦିବାସୀ ହରିଜନ ସଂକ୍ରାନ୍ତୀୟ ମକଦ୍ଦମାରେ ୱେଲ୍‌ଫେୟାର ଏକ୍‌ସଟେନ୍‌ସନ ଅଫିସରଙ୍କଠାରୁ ଓ ଅସ୍ପୃଶ୍ୟତା ସଂକ୍ରାନ୍ତ ମକଦ୍ଦମାରେ ପୋଲିସ ସବ୍‌ଇନ୍‌ସ୍‌ପେକ୍ଟର ବା ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟରଙ୍କଠାରୁ ଦିଆଯାଇ ପାରିବ ।

ଦରଖାସ୍ତ ପାଇବା ପରେ ଏସ୍. ଡି. ଓ. ପ୍ରୟୋଜନ ମନେ କଲେ ଆବଶ୍ୟକ ତଦନ୍ତ କରିବେ । ଏହି ତଦନ୍ତ ସମ୍ଭବ ହେଲେ ଦରଖାସ୍ତ-କାରୀଙ୍କ ଘର ପାଖରେ ହେବ । ଏହି ଦରଖାସ୍ତ ଯଥାଶୀଘ୍ର ଫଏସଲ୍ କରାଯିବ ।

କୌଣସି ବିଚାରାଧୀନ ବନ୍ଦୀ ଏପରି ସାହାଯ୍ୟ ଚାହୁଁଥିଲେ, ଆବଶ୍ୟକ ଦଲିଲ ସହିତ ଏକ ଦରଖାସ୍ତ ସମ୍ପୃକ୍ତ ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ ଜରିଆରେ ପଠାଇବେ । ଏପରି ଦରଖାସ୍ତ ଦୁଇ ସପ୍ତାହ ମଧ୍ୟରେ ଅବଶ୍ୟ ଫଏସଲ ହେବ ।

**ଅନ୍ୟାନ୍ୟ ପ୍ରସଙ୍ଗ—**

ସାହାଯ୍ୟ ମଞ୍ଜୁର ହେଲେ ତାହା ଦିଆଯିବା ପୂର୍ବରୁ ପ୍ରାର୍ଥୀ ଓ ସରକାରଙ୍କ ମଧ୍ୟରେ ଗୋଟିଏ ଚୁକ୍ତି ସ୍ୱାକ୍ଷରିତ ହେବ । ତାହାପରେ ପ୍ରାର୍ଥୀଙ୍କ ପାଇଁ ଜଣେ ଓକିଲ ନିଯୁକ୍ତ ହେବେ । ଚୁକ୍ତି ଅନୁସାରେ ତାହାଙ୍କୁ ଆବଶ୍ୟକ ତଥ୍ୟମାନ ଯୋଗାଇ ଦେବାକୁ ହେବ । ସାହାଯ୍ୟପ୍ରାପ୍ତ ବ୍ୟକ୍ତିଙ୍କୁ ଓକିଲ ଫିସ୍ ଦେବାକୁ ପଡ଼ିବ ନାହିଁ । ସରକାରଙ୍କ ତରଫରୁ ତାଙ୍କର ଫିସ୍ ଦିଆଯିବ । ଏହା ବାଦ୍ ନ୍ୟାୟାଳୟରେ ଅନ୍ୟ ଯେଉଁସବୁ ଫିସ ଆବଶ୍ୟକ ତାହା ମଧ୍ୟ ଏହି ଯୋଜନା ଅନୁସାରେ ସରକାର ଦେବେ । ଚୁକ୍ତି ଅନୁସାରେ ମକଦ୍ଦମାରେ ଜିଣିବା ଫଳରେ ଯଦି କିଛି ଖର୍ଚ୍ଚା ମିଳିବ ସେ ତାହାକୁ ତାଙ୍କ ଓକିଲଙ୍କ ଜରିଆରେ ସରକାରଙ୍କଠାରେ ଜମାଦେବେ ।

ତଳ ନ୍ୟାୟାଳୟରେ ଏ ସାହାଯ୍ୟ ପାଇଥିବା ବ୍ୟକ୍ତି କେବଳ ଅପିଲ୍ ବା ରିଭିଜନ ମକଦ୍ଦମାରେ ପୁନର୍ବାର ସାହାଯ୍ୟ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

ପ୍ରଚଳିତ ଅନ୍ୟ ଆଇନ ଅନୁସାରେ ଦୌରା ମକଦ୍ଦମାଗୁଡ଼ିକରେ ଗରିବ ଅସହାୟମାନଙ୍କ ପାଇଁ ସରକାରଙ୍କ ତରଫରୁ ଓକିଲ ନିଯୁକ୍ତି କରିବା ଲାଗି ଯେଉଁସବୁ ବ୍ୟବସ୍ଥା ରହିଆସିଛି ସେଗୁଡ଼ିକ ମଧ୍ୟ ଅବ୍ୟାହତ ଓ ଓ ବଳବତ୍ତର ରହିଅଛି ।

ଏହି ଯୋଜନାର ସଫଳତା ମୂଳତଃ, ସବସାଧାରଣଙ୍କର ତଥା ଓକିଲମାନଙ୍କର ସହଯୋଗ ଉପରେ ନିର୍ଭର କରେ । ଯୋଜନାଟି ସଫଳ ହେଲେ ଗରିବମାନେ ବିଭିନ୍ନ ମକଦ୍ଦମାରେ ନିଜ ପକ୍ଷରୁ ଅଧିକ ସହଜରେ ଲଢ଼ି ପାରିବେ ଏବଂ ନ୍ୟାୟ ପାଇବାର ସୁଯୋଗ ପାଇବେ । ଫଳରେ ନ୍ୟାୟ ବିତରଣର ପ୍ରକୃତ ଅର୍ଥ ମିଳିପାରିବ ।

ଏକ ସୁସ୍ଥ ଓ ସମୃଦ୍ଧିଶାଳୀ ସମାଜ ଗଠନ କରିବା ଦିଗରେ ଏହା ଏକ ନୂତନ ଦିଗନ୍ତ । ଏହି ସାହାଯ୍ୟ କେବଳ ସାହାଯ୍ୟ ନୁହେଁ, ବରଂ ଅସମାନତା ବିରୁଦ୍ଧରେ ଏକ ସାମାଜିକ ଆନ୍ଦୋଳନ ।

---

ଯୁଦ୍ଧ କ୍ଷେତ୍ରରେ ହାତୀକୁ ଧନୁରୁ ନିକ୍ଷିପ୍ତ ହୋଇଥିବା ଶରଗୁଡ଼ିକ ସହ୍ୟ କରିବାକୁ ହୋଇଥାଏ, ମୁଁ ମଧ୍ୟ ସେହିପରି ଭାବରେ ନିନ୍ଦା ସହ୍ୟ କରେ; ଅଧିକାଂଶ ଲୋକ ତ ଶୃଙ୍ଖଳା ଜାଣି ନାହାନ୍ତି ।

—ବୁଦ୍ଧ

---

|| କ୍ଷୁଦ୍ର ଗଳ୍ପ ||

# ଅଜା ଆସିଛନ୍ତି

ଶ୍ରୀ ଦୁର୍ଗା ମାଧବ ମିଶ୍ର

ସେଦିନ ଅଜା ଆସିବେ ବୋଲି, ବାବୁଲି ଓ କୁନୁଙ୍କର ପାଦ ତଳେ ଲାଗୁନଥାଏ । ଅଜା ଗାଆଁ ରେ ରହନ୍ତି । ପିଲାଟି ଦିନରୁ ବାବୁଲି ଓ କୁନୁ କେବେ ହେଲେ ଗାଆଁ କୁ ଯାଇନାହାନ୍ତି । ବାପାଙ୍କର କଟକରେ ଚାକିରି । ସେମାନେ ବାପା ମାଆଙ୍କ ପାଖରେ କଟକରେ ରହି ପାଠ ପଢ଼ନ୍ତି । ଛୁଟିରେ ମଧ୍ୟ କେବେ ଗାଆଁ କୁ ଯାଇହୁଏ ନାହିଁ । କେବଳ ବାପା ମଝିରେ ମଝିରେ ଗାଆଁ କୁ ଯାଇ ବୁଲି ଆସନ୍ତି । ମଫସଲ ଜାଗା ଗାଡ଼ି ଯାଏ ନାହିଁ । ବସ୍‌ରୁ ଓହ୍ଲାଇ ଚାରି ମାଇଲ ବାଟ ଚାଲି ଚାଲି ଯିବାକୁ ପଡ଼େ । ବାବୁଲି ଆଉ କୁନୁ କଣ ଏତେ ବାଟ ଚାଲି ପାରିବେ ?

ହେଲେ, ଅଜାଙ୍କବିଷୟରେ ସେମାନେ ଅନେକ କାହାଣୀ ଶୁଣିଛନ୍ତି । ଅଜା ବୁଢ଼ା ସଂସ୍କୃତ ପଣ୍ଡିତ । କଥା କହିଲେ ସଂସ୍କୃତ ଶ୍ଲୋକ ଗାଇ ବସନ୍ତି । ତାଙ୍କର ବୁଢ଼ା ଦାନ୍ତ ନାହିଁ । ପାନ ହେମଦସ୍ତାରେ ଛେଚି ପାଟିରେ ପାକୁଳାଇ ପାକୁଳାଇ ଖାଆନ୍ତି । ମୁଣ୍ଡରେ ତାଙ୍କର ଲମ୍ବା ଚୁଟି ସେଥିରେ ସେ ଫୁଲ ଲଗାଇ ଥାଆନ୍ତି । କଥା କହିଲାବେଳେ ଚୁଟି ଏପଟ ସେପଟ ହୁଏ ଓ ଫୁଲଟା ବି ତା ସାଥିରେ ନାଚୁଥାଏ ।

କେତେବେଳେ ଅଜା ଆସିବେ ଯେ—

ମାଆଙ୍କ ପାଖକୁ ଧାଇଁଲେ ଦିହେଁ । ମାଆ କହିଲେ, ବାପା ଷ୍ଟେସନ ଯାଇଛନ୍ତି । ଅଜାଙ୍କୁ ନେଇ କରି ଆସିବେ ।

ଦିହେଁ ଦାଣ୍ଡ ବାରଣ୍ଡାରେ ଠିଆହୋଇ ରାସ୍ତାକୁ ଚାହିଁ ଥାଆନ୍ତି । କେତେବେଳେ ରିକ୍‌ସାଟାଏ ଟିଂ କରି ଘଣ୍ଟି ବଜାଇଲେ ଅଜା ଆସିବେ ବୋଲି ସେମାନେ ରାସ୍ତାକୁ ଧାଇଁ ଯାଆନ୍ତି । ଦେଖିଲା ବେଳକୁ ଆଉ କିଏ ଜଣେ ।

ଚାହିଁ ଚାହିଁ ରାତି ନଅଟା ବାଜିଲା । ମାଆ କହିଲେ "ଆସ ଖାଇ ଦିଅ" ।

ମନ ନଥିଲେ ବି ଦିହେଁ ଖାଇବାକୁ ଗଲେ । ଭୋକତ କଲାଣି ।

ଅଜା କଅଣ ରେଳଗାଡ଼ି ଭିତରେ ହଜିଗଲେ ? ହଜିଯାଇଥିଲେ ବାପାତ ଏକୁଟିଆ ଫେରନ୍ତେଣି ।

ଯାହା ହେଉ ଖାଇ ଦେଇ ଅପେକ୍ଷା କରିବେ । ଅଜା ଆସିବେ । ତାଙ୍କୁ ନଦେଖିଲା ପର୍ଯ୍ୟନ୍ତ ଆଖିକୁ ନିଦ ଆସିବନି ।

ଖାଇସାରି ଦିହେଁ ପୁଣି ଦାଣ୍ଡ ବାରଣ୍ଡାରେ ଯାଇ ବସିଲେ ।

ରାତି ୧୦ ହେଲା । ନିଦରେ ଆଖି ପତା ଢୁଳୁ ଢୁଳୁ ହେଲାଣି ତଥାପି ଚାହିଁ ରହିବାକୁ ଚେଷ୍ଟା କରୁଥାନ୍ତି ।

ଆଉ ହେବନାହିଁ । ରାତି ଏଗାର । ବସୁ ବସୁ ବାରଣ୍ଡାରେ ଶୋଇପଡ଼ିଲେ ଦିହେଁ । ମାଆ ମଧ୍ୟ ସେମାନଙ୍କ ପାଖରେ ଘୁମେଇ ପଡ଼ିଲେ ।

ସକାଳ ହେଲା ।

ପ୍ରଥମେ ନିଦ ଭାଙ୍ଗିଲା ବାବୁଲିର । ସେ କୁନୁକୁ ଉଠାଇଦେଲା । ଉଠୁ ଉଠୁ ଅଜାଙ୍କୁ ଦେଖିବା ପରା ।

ପଡ଼ିଉଠି ଅଜାଙ୍କୁ ଦେଖିବାକୁ ଧାଇଁଲେ ଦିହେଁ । ଅଜାଙ୍କୁ ଖଟ ଉପରକୁ ଯାଇ ଦେଖିଲା ବେଳକୁ ବିଛଣା ଖାଲି । ଅଜା କଣ ଆସିଲେ ନାହିଁ ?

ଦିହେଁଙ୍କର ମନ ମରିଗଲା ।

—ବୋଉ ଅଜା କାହାନ୍ତି ?

ବଡ଼ପାଟିରେ ଡାକିଲେ ଦିହେଁ ।

—କିଏ କିରେ ? ?

ଚମକି ପଡ଼ିଲେ ଦିହେଁ ଏ ସ୍ୱର ଶୁଣି ।

—ଅଜା, ଅଜା, ତୁମେ କେଉଁଠି ?

—ମୁଁ ପରା ଏଇଠି ଶୋଇଛି ।

ତକ୍ତ ଉପର ଚାରି ଆଡ଼କୁ ଚାହିଁ ଦେଖିଲା ବେଳକୁ ଖଟତଳେ ଅଜା କମ୍ବଳ ଘୋଡ଼େଇ ହୋଇ ଶୋଇଛନ୍ତି ।

—ଅଜା ତୁମେ ସେଠି କଣ କରୁଛ ?

—ଶୋଇଛିରେ ପିଲେ । ଆସ, ଆସ ।

ଅଜା ଖଟତଳୁ ବାହାରି ଆସିଲେ । ବାବୁଲି ଆଉ କୁନା ହସି ହସି ଗଡ଼ିଗଲେ ।

ଅଜା ଖଟତଳେ କଅଣ ଶୁଅନ୍ତି ? ଖଟ ଉପରେ ଶୁଅନ୍ତି ନା ।

—ସତେ ନା କଅଣ ? ମୁଁ ଭାବିଲି ଏଇଟା ଘର ଭିତରେ ଆଉ ଗୋଟେ ଘର । ମୁଁ ସେଇ ସାନ ଘର ଭିତରେ ଶୋଇ ପଡ଼ିଲି । ହଉ ହଉ, ତୁମ ଭିତରେ ବାବୁଲି କିଏ, ଲୁନୁ କିଏ ?

ମୁଁ ବାବୁଲି ।

ମୁଁ ଲୁନୁ ।

ଦିହେଁ ଧାଇଁ ଯାଇ ଅଜାଙ୍କ ଦି ହାତକୁ ଧରି ପକାଇଲେ ।

ଚାଲ ଅଜା, ଆମକୁ ଗପ କହିବ ।

ଅଜା କହିଲେ "ରହିଥା ମୁଁ ଟିକିଏ ପାଣି ସାରି ଆସେ ।"

ପାଣି ସାରିବ ? ମୋଟେ ନୁହେଁ । ଆମର ଟାଙ୍କିରେ ଏତେ ପାଣିଯେ, ଯେତେ ସାରିଲେ ବି ସରିବ ନାହିଁ ।

ଏତେବେଳକୁ ବାପା ଆସି ପହଞ୍ଚିଗଲେ ।

—ଏତେ ସକାଳୁ ଅଜାଙ୍କୁ କଣ ବିରକ୍ତ କରୁଛ ?

—ବାପା, ଅଜା କ'ଣ ଆମ ପାଣି ସାରିଦେବେ ବୋଲି କହୁଛନ୍ତି ।

ମାଆ ପୁଣି ଆସି ଅଜାଙ୍କ ଗୋଡ଼ତଳେ ମୁଣ୍ଡିଆ ମାରି ହାତକୁ ଡାଳ, ଦାନ୍ତକାଠି ବଢ଼ାଇ ଦେଲେ ।

ଅଜା ଡାଳଟି ଧରି ବାହାରିଲେ ।

ମାଆ ! ଅଜା ଡାଳଧରି କୁଆଡ଼େ ଗଲେ ?

ମାଆ ହସି ହସି କହିଲେ —

—ବାଥ୍ ରୁମ୍‌କୁ ।

ବାବୁଲି ଲୁନୁ ମୁହଁକୁ ଲୁନୁ ବାବୁଲି ମୁହଁକୁ ଚାହିଁ ହଠାତ୍ କିରି କିରି ହୋଇ ହସି ଗଡ଼ିଗଲେ ।

ଅଜା ବାଥ୍‌ରୁମ୍‌ରୁ ଆସି ଲୁଗା ପାଲଟି ଅଣ୍ଟାରୁ ଗୋଟିଏ ମୁଣି କାଢ଼ିଲେ । ବଢ଼ିଆ ରଙ୍ଗ ମୁଣିଟିଏ ।

—ଏଥିରେ କଣ ଆଣିଛ ଅଜା ?

ଅଜା କହିଲେ—ରହ ଦେଖିବ । ମୁଣିଟିର ମୁହଁ ଝୁମ୍ପୁଝୁମ୍ପିଆ ଯୋଡ଼ିଏ ସୂତାରେ ବନ୍ଧା ହୋଇଛି । ଗୋଟେ ପଟ ସୂତାକୁ ଟାଣି ଦେଇଲୁ ମୁହଁ ମେଲା ହୋଇଗଲା । ତା' ଭିତରୁ ବାହାରିଲା ପିତଳର ଗୋଟିଏ ଗୋଲ ଡିବା । ଡବାର ଦି' ମୁହଁରେ ଠିପି । ଗୋଟାଏ ଠିପି ଖୋଲି ଦେଇବେଳକୁ ପାନ । ଆରପଟ ମୁହଁ ଖୋଲିଲା ବେଳକୁ ଚୂନ ।

ପୋଲିସ ଆଇ. ଜି. (ଗୃହରକ୍ଷୀ ବାହିନୀ)
କଟକ—୧

ବାପା ଏଇଟା କି ମୁଣି ?

ଯା ନାଆଁ ବଟୁଆ । ଏଥିରେ ପାନ, ଚୂନ, ଖଇର, ଗୁଣ୍ଡି ସବୁ ଅଛି ।

ପାନ ଭଙ୍ଗା ହେଲା । ଗୋଟିଏ ପିତଳ ହେମଦସ୍ତା ଆଉ ଗୋଟିଏ ମୁଣିରୁ ବାହାରିଲା । ସେଥିରେ ପାନ ଛେଚ୍ଚା ହେଲା । ସେ ଚଟଣୀପରି ହୋଇଗଲା ପରେ ସେତକ ଅଜା ପାଟିରେ ପୁରାଇ ଦେଲେ ।

ବଟୁଆ ରଖିଦେଇ ସାରି ଘର ଭିତର ଗୋଟିଏ କଣରେ ଗୋଟାଏ ଗୋଲ ବାକ୍ସ ପାଖକୁ ଅଜା ଗଲେ । ଇଏ କଣ ? ଏ ବାକ୍ସ ତ ଆମେ ଦେଖି ନାହୁଁ ।

ଅଜା କହିଲେ—ଏଇଟା ବାକ୍ସ ନୁହେଁ । ଯା ନାଆଁ ପେଟର । ସତରେ ଗୋଟାଏ ମୋଟା ଲୋକର ପେଟ ପରି ବେତରେ ତିଆରି ହୋଇଛି ପେଟରଟି । ସେଥିରେ ଗୋଟିଏ ତାଲା ପଡ଼ିଛି ।

ପଇତାରେ ଅଜାଙ୍କର ବନ୍ଧା ହୋଇଛି ଗୋଟିଏ ଚାବି । ସେଥିରେ ତାଲା ଫିଟାଇ ତା' ଭିତରୁ ବାହାର କଲେ କେତେ ବିଚିତ୍ର ଜିନିଷ । ଭରି ବାସ୍ନା । ଗୋଲ ଗୋଲ ଚେପ୍‌ଟା, ଚେପଟା, । ଲମ୍ବା ଲମ୍ବା ।

ସେଥିରୁ ଗୋଟିଏ ଗୋଟିଏ ତାଙ୍କ ହାତରେ ଦେଇ କହିଲେ—

—ଯା ନାଆଁ କାକରା ପିଠା ।

ତା'ପରେ ଆଉ ପ୍ରକାରେ ପିଠା—ଆରିଷା—ଆଉ ପ୍ରକାରେ ପିଠା ଭଜା ମଣ୍ଡା । ଇମିତି ରକିକି ରକି କେତେ ପିଠା ସେ ପେଟରର ପେଟରୁ ବାହାରିଲା ।

ବାବୁଲି, ଲୁନୁ ଖାଇବେ କି ନାହିଁ ଜାଣି ପାରୁ ନାହାନ୍ତି । ସାହସ କରି ଖାଇଲେ ଟିକିଏ ଟିକିଏ । ଭାରି ସୁଆଦ ଲାଗିଲା ଆଉ ଟିକିଏ ଖାଇଲେ; ଆହୁରି ସୁଆଦ ଲାଗିଲା । ତା' ପରେ ଟାହୁ ଟାହୁ କରି ସବୁପାକ ପିଠା ଖାଇଦେଇ ଦି'ଗିଲାସ ପାଣି ପିଇ ଅଜାଙ୍କୁ ଚାହିଁଲେ ।

ଅଜା ତାଙ୍କୁ ଚାହିଁ ହସୁଛନ୍ତି । ପାଟିରୁ ନାଲି ନାଲି ହୋଇ ନିଗିଡ଼ି ଆସୁଛି ପାନପିକ ।

ତା'ପରେ ଅଜା କହିଲେ କାହାଣୀ । ବାବୁଲି ଓ ଲୁନୁ ଶୁଣୁଥିଲେ । ଗୋଟିଏ ଯୋଡ଼ିଏ । ଇମିତି କେତେ କାହାଣୀ କହୁଥିଲେ ଅଜା ।

ସେ ଦିନ ଇସ୍କୁଲ ଯିବାକୁ ଭୁଲିଗଲେ ବାବୁଲି, ଲୁନୁ ।

ଅଜା ତାଙ୍କର ଆସିଛନ୍ତି । ଆଉ ଇସ୍କୁଲ ଯିବେ କଅଣ ?

# ଅହିଂସାତ୍ମକ ଉପାୟରେ ଆତ୍ମରକ୍ଷା

କୁମାରୀ ଜ୍ୟୋତ୍ସ୍ନା ନାୟକ

ଏହି ବର୍ଷ ଜୁଲାଇ ମାସର ଘଟଣା । କଟକର ଜଣେ ଭଦ୍ରବ୍ୟକ୍ତି ତାଙ୍କ ପତ୍ନୀ ଓ ଦୁଇଟି ଅବିବାହିତା ଯୁବତୀ ଭଉଣୀଙ୍କ ସହ ସିନେମା ଦେଖି ଯାଇଥିଲେ । ସେକେଣ୍ଡ ସୋ । ରାତି ଅଧ । ବାଟରେ କେତେଜଣ ଅସାମାଜିକ ବ୍ୟକ୍ତି ଦୁଇଭଉଣୀଙ୍କ ଉପରେ ଚଢ଼ାଉ କଲେ ।

ଏହି ଘଟଣାକୁ ପରିବେଷଣ କରି ଗୋଟିଏ ଦୈନିକ ସମ୍ବାଦପତ୍ର ସେତେବେଳେ ଲେଖିଥିଲେ ଯେ ଭଉଣୀ ଦୁହେଁ ଲିପ୍‌ଷ୍ଟିକ ଲଗାଇ ନାନା କୃତ୍ରିମ ଅଂଗରାଗରେ ମଣ୍ଡିତା ହୋଇଥିବା ଯୋଗୁଁ ଏ ପ୍ରକାର ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଲା ।

ଭଉଣୀ ଦୁହିଁଙ୍କର ଇଜ୍ଜତ ରକ୍ଷା କରିବାକୁ ଯାଇ ଭାଇ ଆକ୍ରମଣକାରୀଙ୍କ ଦ୍ୱାରା କ୍ଷତବିକ୍ଷତ ହୋଇପଡ଼ିଲେ । ନିଜସ୍ୱାମୀ ଓ ନଣଦ ଦୁହିଁଙ୍କର ଦୟନୀୟ ଅବସ୍ଥା ଦେଖି ଭଦ୍ରବ୍ୟକ୍ତିଙ୍କ ପତ୍ନୀ ମୂର୍ଚ୍ଛା ହୋଇପଡ଼ିଲେ । ଇତ୍ୟବସରରେ ପୋଲିସ ପେଟ୍ରୋଲର ଆବାଜ ପାଇ ଦୁର୍ବୃତ୍ତମାନେ ପଳାଇଯାଇଥିଲେ ।

ଏତିକିରେ ସଂବାଦଟିର ଅନ୍ତହେଲା । ପରବର୍ତ୍ତୀ ପୋଲିସ ପଦକ୍ଷେପ ସମ୍ବନ୍ଧରେ ସଂବାଦପତ୍ରମାନ ନୀରବ ରହିଗଲେ ।

ଏ ପ୍ରକାର ଘଟଣା ନୂଆ ନୁହେଁ । ସଭ୍ୟତାର ପ୍ରତୀକ ବୋଲାଉଥିବା ବମ୍ବେ, କଲିକତା, ଦିଲ୍ଲୀ ଭଳି ବଡ଼ବଡ଼ ନଗରାଞ୍ଚଳରେ ଏପ୍ରକାର ଅସାମାଜିକତା ନିତିଦିନର ଘଟଣା ।

ଏହାର ପ୍ରତିରୋଧ କଲେ ନିଜକୁ ଶିକ୍ଷିତ ବୋଲାଉଥିବା ସଂଘ, ସଂସ୍ଥା, ସମାଜ, ସମାଜସେବୀ, ରାଜନୈତିକ ବ୍ୟକ୍ତି ବା ଶିକ୍ଷାୟତନ କାହାରିଆଡୁ ଉଲ୍ଲେଖନୀୟ ପ୍ରତିରୋଧ, ପ୍ରତିବାଦ ବା ପ୍ରତିକାରର ଧ୍ୱନି ଶୁଣାଯାଉ ନାହିଁ ।

ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କକଥା ମନେପଡୁଛି । ମହାତ୍ମା ଗାନ୍ଧୀ ଆମ ସ୍ୱାଧୀନତା ସଂଗ୍ରାମକୁ ଅହିଂସା ଓ ଅସହଯୋଗ ଦୀକ୍ଷାରେ ନୂଆ ମୋଡ଼ ଦେବାକୁ ଗଲାବେଳେ ତାଙ୍କ ସମ୍ମୁଖରେ ଏ ପ୍ରକାର ବହୁ ଘଟଣା ଉତ୍‌ଥାପିତ ହୋଇଥିଲା । ସେ ତହିଁର ସମାଧାନ କଲେ ଅହିଂସାତ୍ମକ ଆତ୍ମରକ୍ଷାର ମାର୍ଗ ବତାଇଥିଲେ । ପ୍ରସଙ୍ଗକ୍ରମେ ଗୋଟିଏ ଘଟଣା—ଯାହାକି ଉକ୍ତ କଟକ ଘଟଣା ସହିତ ସଂପୂର୍ଣ୍ଣ ଖାପ ଖାଉଛି–ଏଠାରେ ଉଲ୍ଲେଖ କରଯାଉଛି ।

୧୯୩୮ ଡ଼ିସେମ୍ବର ୩୧ ତାରିଖରେ ବାପୁଜୀଙ୍କ ସଂପାଦିତ 'ହରିଜନ' ରେ ଘଟଣାଟି ପ୍ରକାଶିତ ହୋଇଥିଲା ।

## ନିର୍ଯ୍ୟାତନା ଜଣେ ଅସହାୟା ଝିଅର

ଲାହୋରର ପାଠପଢୁଆ ଝିଅଟିଏ । ଗାନ୍ଧିଜୀଙ୍କୁ ଅତ ଆପଣାର ବାପୁଜୀ ମନେକରି ଚିଠିଟିଏ ଲେଖିଛି—

"ଅକ୍‌ଟୋବର ୨୬ ତାରିଖ ସଂଧ୍ୟା ସାତଟା । ଜଣେ ସାଙ୍ଗ ଭଉଣୀ ସହ ମୁଁ ଏକ ବିଶେଷ କାମରେ ଯାଉଥିଲି । ରାସ୍ତାରେ ବିଶେଷ ଲୋକଗହଳି ନଥିଲା । ହଠାତ୍ ଦେଖିଲି ଜଣେ ଶିଖ୍ ଯୁବକ ଅଶ୍ଳୀଳ ଇଙ୍ଗିତ ଦେଇ ସାଇକେଲରେ ଆମ ଆଡ଼କୁ ମାଡ଼ି ଆସୁଛି । ଆମେ ବିପଦର ଆଶଂକା କଲୁ । ସାଧାରଣ ଝିଅମାନଙ୍କ ଠାରୁ ଆମେ ଅପେକ୍ଷାକୃତ ଦୁର୍ବଳ । କ'ଣ କରିବୁ ହଠାତ୍ ବୁଦ୍ଧି ଦିଶିଲା । ମୋ ହାତରେ ବଡ଼ ବହି ଖଣ୍ଡେ ଥାଏ । ମୁଁ ସାହସ ବାନ୍ଧି ବହି ଖଣ୍ଡିକ ତାର ସାଇକେଲ ଉପରକୁ ଜୋରରେ ଫିଙ୍ଗିଦେଇ ଚିତ୍କାର କରିବାକୁ ଲାଗିଲି । ପ୍ରତିରୋଧଟି ପ୍ରକୃତରେ କାମ ଦେଲା । ଦୁରାତ୍ମାର କୌଣସିମତେ ସାଇକେଲର ଭାରସାମ୍ୟ ରକ୍ଷାକରି ପଳାଇ ଯିବାକୁ ଲାଗିଲା ।

## ଚିତ୍କାର ସ୍ଥାୟୀ ପ୍ରତିକାର ନୁହେଁ

"ଲାହୋରରେ ଏପରି ଘଟଣା ପ୍ରାୟ ଘଟୁଛି । କୁମାରୀ ଓ ବୟସ୍କା ମହିଳାମାନେ ଅନେକ ସମୟରେ ସ୍ଥାନୁ ସ୍ଥାନ ଏକାକିନୀ ଯାଉଥିବା ବେଳେ କୁ ଚରିତ୍ର ଯୁବକମାନଙ୍କର ଶିକାର ହୋଇପଡୁଛନ୍ତି । ଚିତ୍କାର ଦ୍ୱାରା ଏ ପ୍ରକାର ସମସ୍ୟାର ସାମୟିକ ସମାଧାନ ହୁଏତ ହୋଇପାରେ ;

ମାତ୍ର ସ୍ଥାୟୀ ପ୍ରତିକାରର ମାର୍ଗ କ'ଣ ? ଦୀପାବଳି ଭଳି ପର୍ବଦିନମାନଙ୍କରେ ମହିଳାମାନଙ୍କୁ ଘରୁ ନ ବାହାରିବା ପାଇଁ ସମ୍ବାଦପତ୍ରରେ ସତର୍କବାଣୀ ପ୍ରକାଶ ପାଉଛି । ଏତଦ୍ୱାରା ଆମ ଦେଶର ମୁଣ୍ଡ ତଳକୁ ହେଉନାହିଁ କି ?

"ଆପଣ କହନ୍ତୁ—ଏ ପ୍ରକାର ଘଟଣାରେ ଝିଅମାନେ ଅହିଂସାତ୍ମକ ମାର୍ଗରେ କିପରି ଆତ୍ମରକ୍ଷା କରିପାରିବେ" । ଚିଠିକୁ ବାପୁଜୀ ତନ୍ନତନ୍ନ କରି ପଢ଼ିଲେ । ଆଉଜଣେ ପଞ୍ଜାବୀ ଝିଅକୁ ଚିଠିଟି ପଢ଼ିବାକୁ ଦେଲେ । ସେଏବି ଜଣେ କଲେଜ ପଢ଼ୁଆ ଝିଅ । ଝିଅଟି କହିଲା—ଏହା ନିରାଟ ସତ୍ୟ ଘଟଣା । ଅଧିକାଂଶ ଝିଅଙ୍କର ଏହା ଏକ ସାଧାରଣ ଅଭିଜ୍ଞତା ।

## ବରଂ ଚେପାପାଡ଼ିବା ଯଥାର୍ଥ ହୋଇଛି

ଘଟଣାଟି ବାପୁଜୀଙ୍କ ମନରେ ଆଲୋଡ଼ନ ସୃଷ୍ଟି କଲା । ସମାଜକୁ ଶିଷ୍ଟ ଓ ସଦାଚରିତା ଶିକ୍ଷା ଦେବା ଲକ୍ଷ୍ୟରେ ସେ ଅହିଂସାତ୍ମକ ମାର୍ଗରେ ଆତ୍ମରକ୍ଷା ଉପରେ ଯେଉଁ ବୈଜ୍ଞାନିକ ବିଶ୍ଳେଷଣ ଦେଲେ ତାହା ଏବେବି ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।

ବାପୁଜୀଙ୍କ କଥାର ସାରମର୍ମ ହେଲା—ହିଂସ୍ରକ ବ୍ୟକ୍ତିର ସମ୍ମୁଖୀନ ହେବାକୁ ଜଣେ ଦୁର୍ବଳକାୟ ବ୍ୟକ୍ତି ନପାରୁ ପଛକେ ଆଗେ ହିଂସା ପ୍ରୟୋଗ କରିଥାଏ । ହିଂସା ହେଉ ବା ଅହିଂସା ହେଉ ଆତ୍ମରକ୍ଷା ଅବଶ୍ୟ କର୍ତ୍ତବ୍ୟ । ଏପରିସ୍ଥଳେ ଇଜ୍ଜତ ରକ୍ଷା କରିବାକୁ ଯାଇ ବାଳିକାଟି ଆକ୍ରମଣକାରୀ ଉପରକୁ ବହି ଫୋପାଡ଼ିବାଟା ଯଥାର୍ଥ ହୋଇଛି । ସଂପ୍ରତି ଶାରୀରିକ ବଳପ୍ରୟୋଗ ପାଇଁ ଏପରି ଉପାୟମାନ ଉଦ୍ଭାବିତ ହୋଇଛି ଯେ ଯଥେଷ୍ଟ ବୁଦ୍ଧିଥିବା ଜଣେ ବାଳିକା ତାହା ସାହାଯ୍ୟରେ କ୍ଷଣକ ମଧ୍ୟରେ ଆକ୍ରମଣକାରୀର ମୃତ୍ୟୁ ଓ ଧ୍ୱଂସ ସାଧନ କରି ଦେଇପାରେ । ମାତ୍ର ଏତଦ୍ୱାରା ସମସ୍ୟାର ସମାଧାନ ହେବନାହିଁ ।

## ସମ୍ବାଦ ପତ୍ରରେ ନାମ ପ୍ରକାଶ ପାଉ

ଅଶ୍ଳୀଳ ଇଙ୍ଗିତରେ ବିଚଳିତ ହେବା ବା ଉଦାସୀନ ରହିବା ଉଚିତ ହେବନାହିଁ । ସମ୍ବାଦପତ୍ରରେ ଏପ୍ରକାର ଅସାମାଜିକ ଯୁବକମାନଙ୍କର ନାମ ବିନା ସଂକୋଚରେ ପ୍ରକାଶ କରାଯିବା ଉଚିତ । ଅଣ୍ଟିରେ ନିଆଁକୁ ରଖିଲେ ଅଣ୍ଟି ପୋଡ଼ି ଯିବା ଯେପରି ସାର ହୁଏ, ସେହିପରି ଏହିସବୁ ଅଶ୍ଳୀଳ ବ୍ୟବହାରକୁ ଗୋପନ ରଖିଲେ ତା'ର ପ୍ରତିକାର ହେବନାହିଁ—ବରଂ ସମାଜକୁ କ୍ରମେ ନଷ୍ଟ କରି ପକାଇବ । ଅନ୍ଧାର ଭିତରେ ଅପରାଧ ଓ ପାପର ବିକାଶସାଧନ କରିବାକୁ ଦିଆ ନଯାଉ ।

## ଝିଅମାନେ କୃତ୍ରିମ ଅଙ୍ଗରାଗ ଛାଡନ୍ତୁ

ବାପୁଜୀଙ୍କର ଉକ୍ତି ଏକ ଦେଶଦର୍ଶୀ ନଥିଲା । ପୁଅମାନଙ୍କ ପ୍ରସଙ୍ଗ ପରେ ସେ ଝିଅମାନଙ୍କୁ ମଧ୍ୟ ଚେତାବନୀ ଦେଲେ । ତାଙ୍କରି ତୁଣ୍ଡରେ କହିବାକୁ ଗଲେ—

"I have a fear that modern girl loves to be a Julliet of half a dozen Romeos. She likes adventure. They dress not to protect themselves from sun and rain, but to attract attention."

ନିଜକୁ ଆଧୁନିକା ବୋଲାଉଥିବା ଝିଅମାନେ କୃତ୍ରିମ ଅଙ୍ଗରାଗରେ ମଣ୍ଡିତ ହେବା ଦ୍ୱାରା ସ୍ୱତଃ ଅସାମାଜିକ ଯୁବକମାନଙ୍କ ଶିକାର ହେଉଥିବା ମର୍ମେ ମର୍ମେ ଅନୁଭବ କରି ବାପୁଜୀ ଅତ୍ୟନ୍ତ ବ୍ୟଥାତୁର ଚିତ୍ତରେ ପ୍ରକାଶ କରିଛନ୍ତି ଯେ ସେମାନେ ଖରା, ବର୍ଷା, ଶୀତ, ବାକରୁ ଶରୀରକୁ ରକ୍ଷା କରିବା ପାଇଁ ପୋଷାକ ପିନ୍ଧନ୍ତି ନାହିଁ । କୃତ୍ରିମ ଅଙ୍ଗରାଗରେ ଶରୀରକୁ ଚିତ୍ରିତ ଓ ଭୂଷିତ କରି ଅସାଧାରଣ ରୂପରେ ନିଜକୁ ଦେଖେଇ ହେଉଛନ୍ତି । ତାଙ୍କର ବେଶଭୂଷା ଓ ଢଙ୍ଗଢାଙ୍ଗ ଅଶୋଭନୀୟତା ଓ ଅସାମାଜିକତାକୁ ଡାକି ଆଣୁଛି । ଅହିଂସାତ୍ମକ ଉପାୟରେ ଆତ୍ମରକ୍ଷାର ମାର୍ଗ ଏହି ଶ୍ରେଣୀର ଝିଅମାନଙ୍କ ପାଇଁ ଆଦୌ ଉଦ୍ଦିଷ୍ଟ ନୁହେଁ ।

ଅହିଂସକ ସାଧନାରେ ନିଜକୁ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇ ବହୁବାର ପ୍ରଚାରିତ ତାଙ୍କର ଉପଦେଶକୁ ପୁଣି ଦୃଢ଼ୀକରଣ କରି ବାପୁଜୀ ଝିଅମାନଙ୍କୁ ଉପଦେଶ ଦେଇଛନ୍ତି ଯେ "ଅହିଂସା ଦୁର୍ବଳର ଅସ୍ତ୍ର ନୁହେଁ । ସର୍ବାପେକ୍ଷା ଶକ୍ତିମାନ ଲୋକର ହତିଆର । ଅହିଂସ ଲୋକ ପକ୍ଷରେ ମାଂସପେଶୀର ବଳ ପ୍ରୟୋଜନ ନାହିଁ । ହୃଦୟର ବଳହିଁ ତା' ପକ୍ଷରେ ଅପରିହାର୍ଯ୍ୟ । ତେଣୁ ଜୀବନନିର୍ବାହ ପ୍ରଣାଳୀକୁ ପରିଶୁଦ୍ଧ କର । ପୋଷାକ ପରିଚ୍ଛଦ ବଦଳାଅ । ଚିନ୍ତା ରାଜ୍ୟରେ ଶୁଦ୍ଧତା ଆଣ । ତାହାହେଲେ ଦୁଃଶାସନର ହାତ ଅଟକି ପଡ଼ିବ ସିନା ଦ୍ରୌପଦୀଙ୍କର ଇଜ୍ଜତ କଦାପି ଭୂ-ଲୁଣ୍ଠିତ ହେବ ନାହିଁ । ଖଳ ପ୍ରକୃତିର ଯୁବକମାନେ ସ୍ୱତଃ ନଇଁଯିବେ । ଏ ସାଧନା କଷ୍ଟସାଧ୍ୟ ହେଲେ ମଧ୍ୟ ଅସାଧ୍ୟ ନୁହେଁ । ପରିଶୁଦ୍ଧ ରୁଚିରେ ଉଦ୍ଦୀପ୍ତ ଝିଅମାନଙ୍କଠାରେ ସେମାନେ ଭଗିନୀତ୍ୱର ସନ୍ଧାନ ପାଇ ସମ୍ମାନ ପ୍ରଦର୍ଶନ କରିବାକୁ ବାଧ୍ୟ ହେବେ ।"

"ପ୍ରେମାଗ୍ନିରେ ସର୍ବାପେକ୍ଷା କଠିନ ଦ୍ରବ୍ୟ ମଧ୍ୟ ତରଳି ଯାଏ ; ଯଦି ନ ତରଳେ ତେବେ ବୁଝିବାକୁ ହେବ ଯେ ଅଗ୍ନିର ତେଜ କମ୍ ।"

## ଯାନ୍ ଯାଉ ମାନ୍ ରହୁ

ଇଜ୍ଜତର ଉତ୍କର୍ଷ ସ୍ୱରୂପ ବାପୁଜୀ ପୁଣି କହିଛନ୍ତି ଯେ ହିଂସା ଅହିଂସାର ଦ୍ୱନ୍ଦ୍ୱରେ ପଡ଼ି କିଂକର୍ତ୍ତବ୍ୟ ବିମୂଢ଼ ନହୋଇ ଯେ କୌଣସିମତେ ଝିଅମାନେ ନିଜର ସତୀତ୍ୱ ରକ୍ଷା କରିବେ । ପାଶବିକ ଶକ୍ତି ପାଖରେ ମୁଣ୍ଡ ନୁଆଁଇବେ ନାହିଁ । ବରଂ ମୃତ୍ୟୁ ବରଣ କରିବାକୁ ପସନ୍ଦ କରିବେ । ଯେଉଁ ଝିଅର ପ୍ରତିରୋଧ କରିବାର ମନୋବଳ ପ୍ରବଳ ଥିବ ତାକୁ କେହି ଶକ୍ତିହୀନ କରି ପାରିବେ ନାହିଁ । ସମସ୍ତ ବନ୍ଧନକୁ ସେ ଛିନ୍ନ କରି ଦେଇ ପାରିବେ ।"

## ତାଲିମ ଚାଲିଛି

ଏଭଳି ସାହସିକ ତାଲିମ ପାଇବା ପାଇଁ ଝିଅମାନଙ୍କୁ ପ୍ରୋତ୍ସାହନ ଦେଇ ବାପୁଜୀ କହିଛନ୍ତି ଯେ ତାଙ୍କ ଅହିଂସକ ସାଧନା ପ୍ରତି ଯାହାର ଜୀବନ୍ତ ବିଶ୍ୱାସ ନାହିଁ ଆତ୍ମରକ୍ଷାର ସାଧାରଣ କୌଶଳ ଶିଖି ଅସଭ୍ୟ ଯୁବକମାନଙ୍କ କବଳରୁ ନିଜକୁ ରକ୍ଷା କରନ୍ତୁ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ ।

ମାତୃଜାତିର ସମ୍ମାନହିଁ ପ୍ରକୃତ ଦେବାର୍ଚ୍ଚନ । ଏହି ତତ୍ତ୍ୱକୁ ସୁପ୍ରତିଷ୍ଠିତ କରାଇବାକୁ ଯାଇ ବାପୁଜୀ ଅତ୍ୟନ୍ତ ସନ୍ତପ୍ତ ଚିତ୍ତରେ କହିଛନ୍ତିଯେ—"ଯୁବକମାନେ ସମାଜରେ ଏକ ବଳିଷ୍ଠ ଶ୍ରେଣୀ । ନୈତିକ ସଦାଚାରିତା ହରାଇ ସମାଜର ସୁନାମରେ ସେମାନେ କଳଙ୍କ ଲେପନ କରନ୍ତୁ ନାହିଁ । ପ୍ରତ୍ୟେକ ନାରୀର ସମ୍ମାନହିଁ ନିଜ ମା ଭଉଣୀଙ୍କ ସମ୍ମାନ ପରି ଅତ୍ୟନ୍ତ ମୂଲ୍ୟବାନ ଓ ପବିତ୍ର । ଏହି ପବିତ୍ରତା ସେମାନେ ରକ୍ଷା କରନ୍ତୁ ।"ଚରିତ୍ର ନଥିଲେ ସବୁ ଅସାର ।"—ଏହା ଅକ୍ଷରେ ଅକ୍ଷରେ ସତ୍ୟ ।

## ଶିକ୍ଷକମାନେ କ'ଣ ନୀରବଦ୍ରଷ୍ଟା !

ଏବେ ଶିକ୍ଷାୟତନ ଏକ ଦୋକାନ, ଶିକ୍ଷକ ଦୋକାନୀ ଓ ପିଲାଏ କ୍ରେତା ବା ଗ୍ରାହକ ସାଜିଛନ୍ତି । ଶିକ୍ଷା ସମ୍ପୂର୍ଣ୍ଣ ଏକ ବ୍ୟବସାୟିକ ଢଙ୍ଗରେ ଚାଲିଛି । ପ୍ରତ୍ୟେକେ ଏକ ସମାନ୍ତର ସରଳ ରେଖା । କାହା ସଙ୍ଗେ କାହାରି ମେଳ ନାହିଁ । ୧୦ଟାରେ ଦୋକାନ ଖୋଲିଯାଏ, ୪ଟାରେ ବନ୍ଦ । ମୋ ସ୍କୁଲ, ମୋ ପିଲା, ମୋ ଶିକ୍ଷକ କହିବାର ଦମ୍ଭ କାହାରି ନାହିଁ । "ପିଲାଙ୍କୁ ସୁଚରିତ୍ର ରୂପେ ଗଢିବା ପାଇଁ ଶିକ୍ଷାୟତନ ଏକ କାରଖାନା"—ଏ ନୀତିବାକ୍ୟଟି ବାକ୍ୟରେହିଁ ରହିଛି ।

ଏହି ପରିପ୍ରେକ୍ଷୀରେ ବ୍ୟଥିତ ହୋଇ ଝିଅ ଓ ପୁଅମାନଙ୍କୁ ଅହିଂସାତ୍ମକ ସାଧନା ଓ ସିଦ୍ଧି ସମ୍ପର୍କରେ ବୁଝାଇବା ପରେ ବାପୁଜୀ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ମଧ୍ୟ ବାଦ୍ ଦେଇ ନାହାନ୍ତି । ସେ ପରିଷ୍କାର କହିଛନ୍ତି ଯେ—"ଶ୍ରେଣୀ କକ୍ଷରେ କେବଳ ନିର୍ଦ୍ଧାରିତ ପାଠ୍ୟପୁସ୍ତକର ଚର୍ବିତ ଚର୍ବଣ କରିବା ଶିକ୍ଷକମାନଙ୍କର ଏକମାତ୍ର କର୍ତ୍ତବ୍ୟ ନୁହେଁ । ଯେଉଁମାନଙ୍କୁ ସେମାନେ ଶିକ୍ଷା ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ଭଦ୍ରତା ଶିକ୍ଷା ଦେବା ଓ ନିଜେ ଭଦ୍ରତାର ଆଦର୍ଶ ହେବା ମଧ୍ୟ ସେମାନଙ୍କର କର୍ତ୍ତବ୍ୟ ।"

## ଗାନ୍ଧୀ ନାଆଁ ଆଉ ବିକିବା ନାହିଁ

ଏହିପରି ଶତ ସହସ୍ର ସଂଖ୍ୟାରେ ଗାନ୍ଧୀ ଲେଖା ରହିଛି । ସବୁ ପ୍ରକାର ପ୍ରଶ୍ନର ଉତ୍ତର ଅଛି । ସ୍ୱାଧୀନତା ପାଇବା ପରେ ଗାନ୍ଧୀ କଥା କ୍ରମେ ମଉଳି ଯାଉଛି । ପାଠରେ ଗାନ୍ଧୀବାଦର ଅନୁଶୀଳନ ନାହିଁ । ବାପୁଜୀଙ୍କ ଏକାଦଶ ବ୍ରତ ରହିଲା ଗାନ୍ଧିଜୀଙ୍କ ଆବୃତ୍ତିରେ । ଅଷ୍ଟାଦଶ ରଚନାତ୍ମକ କାର୍ଯ୍ୟକ୍ରମ ରହିଲା ବକ୍ତୃତାରେ । ଅହିଂସା, ଅନଶନ ଓ ସତ୍ୟାଗ୍ରହ ନାଁରେ ଯାହା ଚାଲୁଛି ତାହା ଏକପ୍ରକାର ଦୁରାଗ୍ରହ ଓ ନିଜର ସ୍ୱାର୍ଥସିଦ୍ଧି ଓ ଶତ୍ରୁ ସୃଷ୍ଟି ପାଇଁ ଉଦ୍ଦିଷ୍ଟ । ଔରଙ୍ଗଜେବ, ଆଲାଉଦ୍ଦିନ, କର୍ଜନ, କ୍ୟାନିଂ ଓ ଭିକ୍ଟୋରିଆଙ୍କ ପରି ଗାନ୍ଧୀ ଏବେ ଏକ ଇତିହାସର ଚିତ୍ର ।

ଆସନ୍ତୁ ! ଗାନ୍ଧୀ ନାଁ ବିକିବାରୁ ଆମେ କ୍ଷାନ୍ତ ରହିବା ।

C/o ଶ୍ରୀ ଚନ୍ଦ୍ରଶେଖର ନାୟକ
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ ଅଫିସର
ଖୋର୍ଦ୍ଧା, ପୁରୀ





ଭୋଲ୍ଟାର ମାଲିକ
ନଦୀର ମାଲିକ !
ଭୋଲ୍ଟା ହାଇ ସ୍ପୀଡ ଡିଜେଲ୍ ପମ୍ପସେଟ
ଭୋଲ୍ଟା ଇଲେକଟ୍ରିକ ପମ୍ପସେଟ
ଭୋଲ୍ଟା ମୋନୋବ୍ଲକ
ଭୋଲ୍ଟା ସ୍ଲୋ ସ୍ପୀଡ ଡିଜେଲ୍ ଇଂଜିନ
ଭୋଲ୍ଟା କ୍ୟାପାସିଟର
VOLTA
ଭୋଲ୍ଟା ଷ୍ଟାର୍ଟର
ଭୋଲ୍ଟା ଉପରେ ଆପଣ ସଂପୂର୍ଣ୍ଣରୂପେ ଭରସା ରଖିପାରନ୍ତି, କାରଣ ଭୋଲ୍ଟା ନାମହିଁ ଉଚ୍ଚ ଗୁଣମାନର ପ୍ରତୀକ । ଆଉ ଭୋଲ୍ଟା ଉତ୍ପାଦନକୁ ଆପଣଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି ଯେଉଁ ଡିଲରସ ସେ ତ ସାରା ଦେଶରେ ବର୍ଷ-ଭର ସେବା ପାଇଁ ପ୍ରସିଦ୍ଧ ।
ଆପଣ ମଧ୍ୟ ଭୋଲ୍ଟା କିଣନ୍ତୁ,
ଯେତେବେଳେ ଚାହାନ୍ତି, ସେତେବେଳେ ଜଳସେଚନ କରନ୍ତୁ ।
ଭୋଲଟାସ ଲିମିଟେଡ
ଏଗ୍ରୋ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ଟସ ଡିଭିଜନ
ନେତାଜୀ ସୁଭାଷ ରୋଡ,
କଲିକତା-୭୦୦ ୦୦୧
25
ରଜତ ଜୟନ୍ତୀ
VT. 5210

# ମରୁଡ଼ି ପରିସ୍ଥିତିରେ ଖାଦ୍ୟ ଓ ଯୋଗାଣ ବିଭାଗର ଭୂମିକା

ଶ୍ରୀ ଗଙ୍ଗାଧର ମହାପାତ୍ର

ଓଡ଼ିଶା ଚାଉଳରେ ସ୍ୱାବଲମ୍ବୀ କାରଣ ଧାନ ହେଉଛି ଏହାର ମୁଖ୍ୟ ଫସଲ । ଅନ୍ୟାନ୍ୟ ଫସଲ ଭିତରୁ ଡ଼ାଲି ଜାତୀୟ ଫସଲ ମଧ୍ୟ କେତେକାଂଶରେ ଉତ୍ପନ୍ନ ହୁଏ । ବାକି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପାଇଁ ଆମ ପ୍ରଦେଶକୁ ସାଧାରଣତଃ ଅନ୍ୟ ପ୍ରଦେଶମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ତେଣୁ ପ୍ରଧାନ ଆମଦାନୀ ଅଞ୍ଚଳରେ ଫସଲର ଅବସ୍ଥା ଏବଂ ଦରଦାମ ଆମ ପ୍ରଦେଶର ଜିନିଷ ଯୋଗାଣ ଓ ତାର ମୂଲ୍ୟ ଉପରେ ପ୍ରଭାବ ପକାଏ । ଆମ ରାଜ୍ୟରେ ଏଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକ ଆମଦାନୀ ଓ ବଣ୍ଟନ ପାଇଁ କୌଣସି ସରକାରୀ ସଂସ୍ଥା ନାହିଁ । ଏଗୁଡ଼ିକ ସଂପୂର୍ଣ୍ଣଭାବେ ବ୍ୟକ୍ତିଗତ ବ୍ୟବସାୟୀଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ଯେ କୌଣସି ସମୟରେ ସରକାର ଯଦି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ତେବେ ମୁନାଫାଖୋର ବ୍ୟବସାୟୀ ଏକାଠି ହୋଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଆଉ ବ୍ୟବସାୟ କରିପାରିବେ ନାହିଁ ବୋଲି ଆଳ ଦେଖାଇ ସେଗୁଡ଼ିକ ବାହାରୁ ଆମଦାନୀ କରନ୍ତି ନାହିଁ । ଫଳରେ ଆମ ରାଜ୍ୟରେ ସେଇ ଜିନିଷଗୁଡ଼ିକର କୃତ୍ରିମ ଅଭାବ ସୃଷ୍ଟି ହୁଏ ଏବଂ ଖାଉଟିମାନେ ସେଇ ଜିନିଷଗୁଡ଼ିକ ଅଧିକ ଦାମ୍ ଦେଇ ଚୋରାରେ କିଣିବାକୁ ବାଧ୍ୟ ହୁଅନ୍ତି । ଏହି ପରିସ୍ଥିତିରେ ଗୋଟିଏ ଉଦାହରଣ ଦେଲେ ସହଜରେ ବୁଝିହେବ । ୧୯୬୭ ମସିହାରେ ଯେତେବେଳେ ସୋରିଷ ତେଲ ଦର ବଜାରରେ ଅତ୍ୟଧିକ ବୃଦ୍ଧି ପାଇଲା, କେନ୍ଦ୍ର ସରକାର ଅକ୍ଟୋବରଠାରୁ ସୋରିଷତେଲର ଦର ଦଶଟଙ୍କା ନିର୍ଦ୍ଧାରଣ କଲେ ଏବଂ ଯେଉଁ ବ୍ୟବସାୟୀ ଏଇ ଦରଠାରୁ ଅଧିକା ଦରରେ ବିକ୍ରୟ କରିବେ, ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ଘୋଷଣା କଲେ । ଠିକ୍ ଏଇ ଆଦେଶନାମା ପରେ ପରେ ବଜାରରୁ ସୋରିଷ ତେଲ ଉଭାନ ହେଲା । ଫଳରେ ଖାଉଟି ମାନେ ବାଧ୍ୟ ହୋଇ ବଜାରରୁ ଅତ୍ୟଧିକ ଦରରେ ବେପାରୀଙ୍କଠାରୁ ଚୋରାରେ କିଣିଲେ । କିନ୍ତୁ ଠିକ୍ ଏଇ ଆଦେଶ-ନାମା ଯେତେବେଳେ ୧୯୬୮ ଜାନୁଆରୀ ମାସରେ ପ୍ରତ୍ୟାହୃତ ହେଲା, ହଠାତ୍ ଦେଖାଗଲା ଯେ ବଜାରରେ ସୋରିଷ ତେଲ ପ୍ରଚୁର ପରିମାଣରେ ମିଳିଲା । ଏଥିରୁ ସହଜରେ ଅନୁମାନ କରିହେବ ଯେ ଦର ବଢ଼ାଇବା ପାଇଁ ଆମ ରାଜ୍ୟର ଅସାଧୁ ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟି କରନ୍ତି ।

ଏଇ ସବୁ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ପାଇକାରୀ ଓ ଖୁଚୁରା କାରବାର ନିଜ ପ୍ରଚେଷ୍ଟାରେ କରିବା ପାଇଁ ବିଚାର କରୁଅଛନ୍ତି । ବର୍ତ୍ତମାନ ପାଇଁ ରାଜ୍ୟ ପାଇକାରୀ ଖାଉଟି ସମବାୟ ସଂସ୍ଥାକୁ ଆଗ ଅପେକ୍ଷା ଆହୁରି ପାଣ୍ଠି ଯୋଗାଇ ଦିଆ ଯାଇଛି ଏବଂ ଏହି ସଂସ୍ଥା ବର୍ତ୍ତମାନ ଏହାର କାରବାର ବହୁଗୁଣରେ ବୃଦ୍ଧି କରିଛି ଏବଂ ରାଜ୍ୟର ବହୁ ଜିଲ୍ଲାରେ ଏହାର ଶାଖାମାନ ଖୋଲି ଖାଉଟିମାନଙ୍କୁ ସମବାୟ ସଂସ୍ଥା ଜରିଆରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି । କିନ୍ତୁ ଏଇ ଗୋଟିଏ ସଂସ୍ଥା ଜରିଆରେ ପ୍ରଦେଶର ସବୁ ସ୍ଥାନରେ ଖାଉଟିମାନଙ୍କ ପାଖରେ ମାଲ ପହଞ୍ଚାଇବା ସମ୍ଭବପର ହୋଇ ପାରୁନାହିଁ । ଏହା ସହିତ ମଧ୍ୟ ଚାଉଳ କ୍ରୟ ଓ ବଣ୍ଟନ କ୍ଷେତ୍ରରେ ରାଜ୍ୟ ମାର୍କେଟିଂ ଫେଡ଼େରେସନ୍ ସାହାଯ୍ୟ କରୁଛି । ଏସବୁ ସଂସ୍ଥା ପ୍ରଦେଶର ଲୋକସଂଖ୍ୟାକୁ ଦୃଷ୍ଟି ପର୍ଯ୍ୟାପ୍ତ ନହେଉଥିବାରୁ ରାଜ୍ୟ ସରକାର ବର୍ତ୍ତମାନ ଗୋଟିଏ କର୍ପୋରେସନ୍ ସ୍ଥାପନ କରିବା ପାଇଁ ଚିନ୍ତା କରୁଛନ୍ତି । ଏଇ ଯୋଗାଣ କର୍ପୋରେସନ୍ ସ୍ଥାପିତ ହେଲେ ରାଜ୍ୟ ସରକାର ଏଇ ସଂସ୍ଥା ଜରିଆରେ ସବୁ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଆମଦାନି କରି, ସୁଲଭ ମୂଲ୍ୟ ଦୋକାନମାନଙ୍କ ମାଧ୍ୟମରେ ଖାଉଟିମାନଙ୍କୁ ଏଇ ଜିନିଷଗୁଡ଼ିକ ଉଚିତ୍ ଦରରେ ଯୋଗାଇ ଦେଇ ପାରିବେ ।

ବିଗତ ଦୁଇବର୍ଷ ରାଜ୍ୟରେ ଫସଲର ଅବସ୍ଥା ଅତି ଭଲ ଥିବାରୁ ଖାଉଟିମାନେ ଖୋଲା ବଜାରରେ ଶସ୍ତାରେ ଚାଉଳ ପାଉଥିବାରୁ ସରକାରୀ ସଂସ୍ଥା ଦ୍ୱାରା ସଂଗୃହୀତ ଚାଉଳର ଚାହିଦା କମ୍ ଥିଲା । ୧୯୬୭-୬୮ର ସଂଗୃହୀତ ଚାଉଳର କିଛି ପରିମାଣ ବିକ୍ରି ନହୋଇ ୧୯୬୮-୬୯ପାଇଁ ଗଚ୍ଛିତ ରହିଯାଇଥିଲା ଏବଂ ୧୯୬୮-୬୯ରେ ଏଇ ଗଚ୍ଛିତ ଚାଉଳ ଏବଂ ରାଜ୍ୟର ଫସଲ ଅବସ୍ଥାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଚାଉଳ ସଂଗ୍ରହର ପରିମାଣ କମାଇ ଦେଇଥିଲେ । ସର୍ବମୋଟ ଲକ୍ଷ୍ୟ ୯୨୨୩୭ ଟନ୍‌ରୁ ରାଜ୍ୟ ସରକାର ଚାଉଳ ମାଲିକ-ମାନଙ୍କଠାରୁ ସର୍ବମୋଟ ୪୭୬୪୧ ଟନ୍ ଗ୍ରହଣ କରିଥିଲେ ଏବଂ ସେତିକି ଚାଉଳ ମଧ୍ୟ ବଜାରରେ ବିକ୍ରି ନ ହୋଇ ପାରିବାରୁ ଏଗୁଡ଼ିକ ଅନ୍ୟ ଉପାୟରେ ଖର୍ଚ୍ଚ କରିବାକୁ ଚେଷ୍ଟା ହୋଇଥିଲା । ଖୋଲା ବଜାରରେ ଚାଉଳର ଦର ସରକାରୀ ଚାଉଳ ଦର ଅପେକ୍ଷା କମ ରହିବାରୁ ଏଇ ଚାଉଳ ବିକ୍ରି ନହୋଇପାରି ଗୋଦାମରେ ପଡ଼ି ରହିଲା । ଫଳରେ ଚାଉଳର ଗୁଣାତ୍ମକ ମୂଲ୍ୟର ହ୍ରାସ ହୋଇଯିବାର ସମ୍ଭାବନା ଦେଖା ଦେଲା । କିନ୍ତୁ ଗତ ଜୁଲାଇ ମାସଠାରୁ ରାଜ୍ୟରେ ବର୍ଷାର ଅଭାବ ହେବାରୁ ଫସଲର ଅବସ୍ଥା କ୍ରମେ ଖରାପ ଆଡ଼କୁ ଗତି କଲା । ଅଗଷ୍ଟ ଓ ସେପ୍ଟେମ୍ବରର ଆଡ଼କୁ ଯେଉଁ ଫସଲ ଆମଦାନୀ ହୋଇ ଚାଉଳ ବଜାରକୁ ଆସେ, ସେ ପ୍ରକାରର ଧାନ ପୁରାପୁରି ନଷ୍ଟ ହୋଇ ଗଲା । ତେଣୁ ଖାଉଟିମାନଙ୍କୁ ଆଉ ବଜାରରେ ଶସ୍ତା ଦରରେ ଚାଉଳ ମିଳିଲା ନାହିଁ । ଫଳରେ ସରକାରଙ୍କ ଗୋଦାମରେ ଗଚ୍ଛିତ ଥିବା ଚାଉଳ ଉପରେ ଖାଉଟିମାନଙ୍କର ଚାହିଦା ବଢ଼ିଲା । ଅଗଷ୍ଟ ମାସରେ ଯଦି ସରକାରୀ ଚାଉଳ

ହାରାହାରି ୧୨୧୬ ଟନ୍ ବଜାରକୁ ଛଡ଼ା ଯାଉଥିଲା, ସେ ତୁଳନାରେ ସେପ୍ଟେମ୍ବର ମାସରେ କେବଳ ୧୭୮୮ ଟନ ଚାଉଳ ବଜାରକୁ ଛାଡ଼ିବାକୁ ପଡ଼ିଲା । ଆସ୍ତେ ଆସ୍ତେ ସରକାରୀ ଚାଉଳର ଚାହିଦା ବଢ଼ିଲା । ତେଣୁ କେନ୍ଦ୍ର ସରକାରଙ୍କ ସହିତ କଥାବାର୍ତ୍ତା କରି ପ୍ରଚୁର ପରିମାଣରେ ଚାଉଳ ଆଣି ଖାଉଟିମାନଙ୍କୁ ଉଚିତ୍ ମୂଲ୍ୟରେ ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟମ କଲେ ଏବଂ ଏବେ ସୁଦ୍ଧା ତଳ ଲିଖିତ ପରିମାଣର ଚାଉଳ ଓ ଗହମ ଆଣି ଖାଉଟିମାନଙ୍କୁ ଯୋଗାଇ ଦେଉ ଅଛନ୍ତି ।

ଚାଉଳ

| | | |
|---|---|---|
| ବାଲେଶ୍ୱର | .. | ୫,୦୦୦ ମେ. ଟ. |
| ବଲାଙ୍ଗିର | .. | ୨,୦୦୦ ମେ. ଟ. |
| କଟକ | .. | ୮,୫୦୦ ମେ. ଟ. |
| ଢେଙ୍କାନାଳ | .. | ୬,୦୦୦ ମେ. ଟ. |
| ଗଞ୍ଜାମ | .. | ୫,୦୦୦ ମେ. ଟ. |
| କୋରାପୁଟ | .. | ୪,୫୦୦ ମେ. ଟ. |
| କେନ୍ଦୁଝର | .. | ୬,୦୦୦ ମେ. ଟ. |
| କଳାହାଣ୍ଡି | .. | ୧,୦୦୦ ମେ. ଟ. |
| ମୟୂରଭଞ୍ଜ | .. | ୬,୫୦୦ ମେ. ଟ. |
| ଫୁଲବାଣୀ | .. | ୬,୦୦୦ ମେ. ଟ. |
| ପୁରୀ | .. | ୫,୫୦୦ ମେ. ଟ. |
| ସମ୍ବଲପୁର | .. | ୨,୦୦୦ ମେ. ଟ. |
| ସୁନ୍ଦରଗଡ | .. | ୬,୦୦୦ ମେ. ଟ. |

ଗହମ ପାଇଁ କେନ୍ଦ୍ର ସରକାରଙ୍କୁ ମାସିକ ଚାହିଦା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି ଏବଂ ଚଳିତବର୍ଷ ଜାନୁଆରୀରୁ ନଭେମ୍ବର ସୁଦ୍ଧା କେନ୍ଦ୍ର ସରକାର ୯୨,୦୦୦ ଟନ୍ ଗହମ ଯୋଗାଇ ଦେବାକୁ ଆଦେଶ ଦେଇଅଛନ୍ତି । ଏହାଛଡ଼ା ଗ୍ରାମଗୋଷ୍ଠୀ ବିଭାଗର ଅନୁରୋଧ ଅନୁସାରେ ମାସିକ ୮୭୫ ମେ ଟ. ଗହମ ଜରୁରୀ ଫିଡ଼ିଂ ପ୍ରୋଗ୍ରାମ ନିମନ୍ତେ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି । ଏହି ଜରୁରୀ ଫିଡ଼ିଂ ବ୍ୟବସ୍ଥା ଡିସେମ୍ବର ୧୯୭୯ରୁ ମାର୍ଚ୍ଚ ୧୯୮୦ ପର୍ଯ୍ୟନ୍ତ ଚାଲୁ ରଖିବାର ଯୋଜନା କରାଯାଇଛି ଏବଂ ଆଶା କରାଯାଏ ଯେ ମାର୍ଚ୍ଚ ମାସ ସୁଦ୍ଧା ନୂଆ ଚାଉଳ ଖୋଲବଜାରକୁ ଆସିଗଲେ ଏଇ କାର୍ଯ୍ୟକ୍ରମର ଆଉ ଆବଶ୍ୟକତା ରହିବ ନାହିଁ । ଏତଦ୍-ବ୍ୟତୀତ "ଖାଦ୍ୟପାଇଁ କାମ ଯୋଜନାରେ" ଲୋକଙ୍କୁ ନିୟମିତ କାମ ଯୋଗାଇବା ସଙ୍ଗେ ସଙ୍ଗେ ତାଙ୍କୁ ମଜୁରୀ ବାବଦରେ ଚାଉଳ ଯୋଗାଇ ଦେବାର ବନ୍ଦୋବସ୍ତ କରାଯାଇଛି ଏବଂ ଏଇ ଯୋଜନାଟି ସଫଳ ଭାବେ ଚାଲିଛି । ଏଇ ଯୋଜନା ଅଧୀନରେ ଅଧିକା କାମ କରାଇବା ପାଇଁ ଦାବୀ ହେଉଛି । ସେଇ ଅନୁସାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗ ରଖି ଅଧିକ ପରିମାଣର ଚାଉଳ ଆମଦାନି କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୩୦,୦୦୦ ଟନ୍ ଚାଉଳ ଓ ୯୨,୦୦୦ ଟନ୍ ଗହମ ଆମଦାନି କରି ସାରିଛନ୍ତି । ଏହାଦ୍ୱାରା ଖାଉଟିମାନଙ୍କର ମୁଖ୍ୟ ଚାହିଦା ରାଜ୍ୟ ସରକାର ପୂରଣ କରିବାକୁ ଚେଷ୍ଟା କରୁଛନ୍ତି ।

ରାଜ୍ୟରେ ଚାଉଳ ଓ ଗହମ ଯୋଗାଣ ଯେପରି ସୁବ୍ୟବସ୍ଥରୂପେ ହୁଏ ଏବଂ ବିଶେଷତଃ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ପ୍ରତି ଯେପରି ବିଶେଷ ଦୃଷ୍ଟି ଦିଆଯାଏ ସେ ବିଷୟରେ ଯୋଗାଣ ବିଭାଗ ଜିଲ୍ଲାପାଳ-ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳମାନଙ୍କୁ ପ୍ରତ୍ୟେକ ସପ୍ତାହରେ ତାଙ୍କ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଉଳ ଉଠାଣ ଓ ମହଜୁଦ ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସହିତ ଜିଲ୍ଲାମାନଙ୍କର ମାସିକ ଚାହିଦା ଏକମାସ ଆଗରୁ ଯୋଗାଣ ବିଭାଗକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯୋଗାଣ ବିଭାଗରେ ମଧ୍ୟ ଗୋଟିଏ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଯୋଗାଣ ଏଠାରେ ଦୈନିକ ପରିସ୍ଥିତି ଜିଲ୍ଲାମାନଙ୍କରୁ ବୁଝାଯାଉଛି ଏବଂ ଜରୁରୀକାଳୀନ ଭିତ୍ତିରେ ଯୋଗାଣ ଅବ୍ୟାହତ ରହିଛି ।

ଖାଲି ଜିନିଷ ଆମଦାନୀ କରିଦେଲେ ହେବନି । ତା'ର ଯେପରି ସୁଷମ ବଣ୍ଟନ କରାଯାଇପାରିବ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ତାଙ୍କ ଜିଲ୍ଲାମାନଙ୍କରେ ବହୁସଂଖ୍ୟାରେ ସୁଲଭ ମୂଲ୍ୟ ଦୋକାନ ଖୋଲି, ସବୁଲୋକ ଯେପରି ସୁବିଧାରେ ଏବଂ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ଜିନିଷ ପାଇପାରିବେ ତା'ର ସୁବନ୍ଦୋବସ୍ତ କରିବେ । ଏଇ ଯୋଜନା ଅନୁସାରେ ନଭେମ୍ବର ମାସ ସୁଦ୍ଧା ଜିଲ୍ଲାମାନଙ୍କରେ ସମୁଦାୟ ୯୧୫୩ ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି ଏବଂ ଖୁବ୍ ଶୀଘ୍ର ଆଉ ୨୯୮୨ ଦୋକାନ ଖୋଲାଯିବାର ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ଏଇ ଦୋକାନଗୁଡ଼ିକ ଜରିଆରେ ଚାଉଳ, ଗହମ, କିରୋସିନି ଯୋଗାଇ ଦିଆଯାଉଛି ଏବଂ ନିକଟରେ ଅନ୍ୟ ସବୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯୋଗାଇ ଦିଆଯିବ । ଏଇସବୁ ଦୋକାନ ଛଡ଼ା ସମବାୟ ବିଭାଗ ଦ୍ୱାରା ରାଜ୍ୟରେ ୩୦୦୦ ଟି ଦୋକାନ ପରିଚାଳିତ ହେଉଛି ।

ମରୁଡ଼ିର ମୁକାବିଲା କରିବା ପାଇଁ ଉଠା ଜଳସେଚନ ବିଭାଗକୁ ଅଧିକ ପମ୍ପ ବସାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ପମ୍ପ-ଗୁଡ଼ିକ ଚାଲିବା ପାଇଁ ସବୁଯାଗାରେ ବିଦ୍ୟୁତ ଯୋଗାଣ ନଥିବାରୁ ଯୋଗାଣ ବିଭାଗଦ୍ୱାରା କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗ କରି ଅଧିକ ଡିଜେଲ୍ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ଡିଜେଲର ଯେପରି ସୁଷମ ବଣ୍ଟନ ହୋଇପାରିବ ତା'ର ନିର୍ଦ୍ଦେଶ ମଧ୍ୟ ଜିଲ୍ଲାପାଳମାନଙ୍କୁ ଦିଆଯାଇଛି । ଖାଲି ଚାଉଳ ବା ଗହମ ଯୋଗାଇଦେଲେ ତ କାମ ଶେଷ ହେବନି, ତେଣୁ ଅନ୍ୟ ସବୁ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକର ଯୋଗାଣ ମଧ୍ୟ ଆଶାନୁରୂପ ହେବା ଦରକାର । ଏ ଦିଗରେ ଯୋଗାଣ ବିଭାଗ ରାଜ୍ୟ ପାଇକାରୀ ଖାଉଟି ସମବାୟ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସଂସ୍ଥା ଜରିଆରେ ରାଜ୍ୟ ବାହାରୁ ପ୍ରଚୁର ପରିମାଣରେ ଡାଲି ଓ ଖାଇବା ତେଲ ମଗାଇ ରାଜ୍ୟର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇବା ପାଇଁ ବନ୍ଦୋବସ୍ତ କରାଯାଇଛି । ମରୁଡ଼ି ଅଞ୍ଚଳରେ ଅଧିକ ଯତ୍ନବାନ ହେବାପାଇଁ ମଧ୍ୟ ନିର୍ଦ୍ଦେଶ ଦିଆ ହୋଇଛି ।

ଏହିସବୁ ଖାଦ୍ୟ ପଦାର୍ଥ ଯେପରି ଦ୍ରୁତ ଭାବରେ ରେଳବାଇ ୱାଗନ ଦ୍ୱାରା ଦେଶର ଅନ୍ୟ ସ୍ଥାନରୁ ଆମ ରାଜ୍ୟକୁ ଆମଦାନି କରିହେବ ତା'ର ମଧ୍ୟ ବିହିତ ବ୍ୟବସ୍ଥା କରାଯାଇଛି । ଅଧିକ ସଂଖ୍ୟକ ୱାଗନ ଯୋଗାଇ ଦେବାକୁ ଏବଂ ଜରୁରୀକାଳୀନ ଭିତ୍ତିରେ ଯେପରି ଏହି ରେଳ ୱାଗନ ଗୁଡ଼ିକ ଶୀଘ୍ର ଗତି କରିପାରେ ତା'ର ବନ୍ଦୋବସ୍ତ କରିବାକୁ କେନ୍ଦ୍ର ସରକାରଙ୍କର ରେଳବାଇ ବିଭାଗ ଓ ରେଳବାଇ ବୋର୍ଡ଼କୁ ଅନୁରୋଧ କରାଯାଇଛି । ରାଜ୍ୟ ଭିତରେ ମଧ୍ୟ ପରିବହନର ସୁବିଧା କରିବା ପାଇଁ ଖୋର୍ଦ୍ଧା ଡିଭିଜନର ରେଳବାଇ ଅଧିକାରୀଙ୍କ ସହିତ ଯୋଗାଯୋଗ ଓ ବିସ୍ତୃତ ଆଲୋଚନା କରାଯାଇଛି । ଯେଉଁଠାରେ ରେଳବାଇ ଦ୍ୱାରା ପରିବହନର ସୁବିଧା ନାହିଁ ସେଠାରେ ଟ୍ରକ ଯୋଗେ ମାଲ ପରିବହନର ସୁବିଧା କରାଯାଉଛି । ସବୁ କ୍ଷେତ୍ରରେ ଯୋଗାଣ ବିଭାଗ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ମରୁଡ଼ି ଅଞ୍ଚଳରେ ମୁନାଫାଖୋର ବ୍ୟବସାୟୀମାନେ କାଳେ ଖାଉଟି-ମାନଙ୍କୁ ଶୋଷଣ କରିବେ, ସେଥିପାଇଁ ଯୋଗାଣ ବିଭାଗ ମୁଖ୍ୟ ଦପ୍ତର (Hqrs.) ଓ ଜିଲ୍ଲାମାନଙ୍କରେ ଥିବା ଇନ୍‌ଫୋର୍ସମେଣ୍ଟ

ସ୍ୱାର୍ଥକୁ ସହାୟ କରାଯାଉଛି । ସେଉଁମାନେ ମରୁଡିର ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରି ମୋକଦମା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।


ମରୁଡି ପରିସ୍ଥିତିକୁ ଲକ୍ଷ ରଖି ଏ ବର୍ଷ ରାଜ୍ୟ ସରକାର ଖୋଲା ବଜାରରୁ ଚାଉଳ ସଂଗ୍ରହର ଲକ୍ଷ୍ୟକୁ ବଢ଼ାଇ ଦେଇଛନ୍ତି ଏବଂ ସେଉଁଠାରେ ଫସଲ ଅମଳ ହେବା ଆରମ୍ଭ ହେଉଛି, ସେଠାରେ ରାଜ୍ୟ ସରକାରଙ୍କର ଏଜେଣ୍ଟମାନେ ଚାଉଳ ସଂଗ୍ରହ ଆରମ୍ଭ କରି-ଦେଇଛନ୍ତି । ରାଜ୍ୟର କୌଣସି ଯାଗାରେ ଯେପରି ମରୁଡି ପରିସ୍ଥିତି ଯୋଗୁ ଚାଷୀ ବାଧ୍ୟ ହୋଇ ନିଜର ଅନ୍ୟାନ୍ୟ ଚାହିଦା ପୂରଣ କରିବା ପାଇଁ କମ ଦରରେ ଧାନ ନ ବିକେ, ସେଥିପାଇଁ ଦୃଷ୍ଟିଦେବାକୁ ଯୋଗାଣ ବିଭାଗ କର୍ମଚାରୀ ଏବଂ ଏଜେଣ୍ଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ଶେଷରେ କେନ୍ଦ୍ରୀୟ ସ୍ତରରେ ଗୋଟିଏ ଉଚ୍ଚ ସ୍ତରୀୟ କମିଟି ଗଠିତ ହୋଇଅଛି । ଏଥିରେ ପ୍ରଧାନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରତି ସପ୍ତାହରେ ମରୁଡି ଦ୍ୱାରା କ୍ଷତି-ଗ୍ରସ୍ତ ହୋଇଥିବା ରାଜ୍ୟଗୁଡିକର ବିଭିନ୍ନ ସମସ୍ୟାଗୁଡିକ ଉପରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆହେଉଛି । ରାଜ୍ୟର ଯୋଗାଣ ବିଭାଗ ସବୁ ସପ୍ତାହରେ ରାଜ୍ୟର ବିଭିନ୍ନ ସମସ୍ୟାଗୁଡିକ ଆଲୋଚନା କରି ତା'ର ସମାଧାନର ପଦକ୍ଷେପ ନେଉଛନ୍ତି ଏବଂ ସେଉଁଗୁଡିକରେ କେନ୍ଦ୍ରର ସାହାଯ୍ୟ ଦରକାର ସେଗୁଡିକ ଟାସ୍କ ଫୋର୍ସ କମିଟିକୁ ଜଣାଉଦେଉଛି । ଆମ ରାଜ୍ୟ ପାଇଁ ଆମ ରାଜ୍ୟର ଆବାସିକ କମିଶନର (ଦିଲ୍ଲୀରେ ଅବସ୍ଥାପିତ) ଏହି କମିଟିରେ ଯୋଗ ଦେଇ ରାଜ୍ୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରୁଛନ୍ତି । ଏଥିସହିତ ରାଜ୍ୟର ଯୋଗାଣ ବିଭାଗର ମାନ୍ୟବର ମନ୍ତ୍ରୀ ଓ ଉଚ୍ଚ କର୍ମଚାରୀବୃନ୍ଦ, ବିଭିନ୍ନ ଅଞ୍ଚଳ ଗସ୍ତକରି ଏହି କାର୍ଯ୍ୟ କିପରି ସଂପାଦନ କରାଯାଉଛି, ତା'ର ତଦାରଖ କରୁଛନ୍ତି ।

ଏ ରାଜ୍ୟରେ ଖାଦ୍ୟ ଅଭାବରୁ ଯେପରି ଜଣେ ଲୋକ ମୃତ୍ୟୁ ବରଣ ନ କରେ ରାଜ୍ୟ ସରକାର ତା'ର ବିହିତ ପ୍ରତିକାର କରିବାରେ ଯେତେଦୂର ସମ୍ଭବ ପଦକ୍ଷେପ ନେଇ ସାରିଛନ୍ତି ଏବଂ ମରୁଡି ପ୍ରପୀଡିତ ଅଞ୍ଚଳଗୁଡିକରେ ଲୋକମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ତା'ର ତତ୍ତ୍ୱାବଧାନ କରୁଛନ୍ତି ।

ସହକାରୀ ନିର୍ଦ୍ଦେଶକ, (ମାର୍କେଟ୍ ଇଣ୍ଟେଲିଜେନ୍ସ)
ଖାଦ୍ୟ ଓ ଯୋଗାଣ ବିଭାଗ, ଓଡିଶା



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ରବିରାୟ ୧୯୭୯ ନଭେମ୍ବର ୧୮ ତାରିଖ ଦିନ ପୁରୀ ଜିଲ୍ଲା ବାଲିପାଟଣା ଗ୍ରାମରେ ନଳକୂପ ଉଦ୍ଘାଟନ କରୁଛନ୍ତି



* ମରୁଡ଼ି ଅଞ୍ଚଳରେ ଯେଉଁ ଯେଉଁ ସ୍ଥାନରୁ ଲୋକେ ପାନୀୟ ଜଳ ନେଉଛନ୍ତି ସେଗୁଡ଼ିକୁ ସଂରକ୍ଷିତ କରି ନିୟମିତ ଭାବରେ ବ୍ଲିଚିଂ ପାଉଡ଼ର ଦ୍ୱାରା ବିଶୋଧନ କରାଯାଉଛି ।

* ବୋହି ଯାଉଥିବା ନଦୀ କିମ୍ବା ନାଳରୁ ଯଦି କୌଣସି ଅଞ୍ଚଳର ଲୋକେ ପାଣି ଆଣୁ ଥାଆନ୍ତି, ସେ ସ୍ଥାନରେ ଘରେ ପାଣିକୁ ବ୍ୟବହାର କରିବାପୂର୍ବରୁ କ୍ଲୋରିନ୍ ବଟିକା (ହାଲଜନ୍) ପକାଇ ବିଶୋଧନ କରାଯାଉଛି ।



* ଲୋକଙ୍କୁ ହଇ ା ପ୍ରତିଷେଧକ ଟୀକା ଦିଆଯାଉଛି ।

* ପରିବାର କଲ୍ୟାଣ ଅନ୍ତର୍ଭୁକ୍ତ ଯୋଜନା ଅନୁଯାୟୀ ମରୁଡ଼ି ଅଞ୍ଚଳରେ ମାଆ ଓ ଶିଶୁମାନଙ୍କୁ 'ଧନୁଷ୍ଟଙ୍କାର', 'ଡିପ୍‌ଥେରିଆ' ଓ 'ଲଟାକାଶ' ଆଦି ରୋଗର ପ୍ରତିଷେଧକ ଟୀକା ଦେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି ।

* ଲୋକଙ୍କୁ ସାଧାରଣ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଶିକ୍ଷା ଓ ଉପଦେଶ ଦିଆଯାଉଛି ।

* ମରୁଡ଼ି ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡ଼ିକୁ ଆବଶ୍ୟକୀୟ ପ୍ରତିଷେଧକ ଟୀକା, ବିଶୋଧକ ଔଷଧ ଆଦି ଅଧିକ ପରିମାଣରେ ଯୋଗାଇ ଦିଆଯାଉଛି ।

* ସଂକ୍ରାମକ ରୋଗ କୌଣସି ଅଞ୍ଚଳରେ ଦେଖାଦେଲେ ତାହାକୁ ଆୟତ୍ତ କରିବା ପାଇଁ ସଙ୍ଗେ ସଙ୍ଗେ ପଦକ୍ଷେପମାନ ନିଆଯାଉଛି ।

# ମିଶ୍ରିତ ମାଛଚାଷ
# କାହିଁକି ଓ କିପରି କରିବ ?

**ଶ୍ରୀ ସୁହାସ ରାୟ**

ପ୍ରଶ୍ନ : ଆଚ୍ଛା, ଆଜିକାଲି ଅଧିକ ଅମଳକ୍ଷମ ଏଇ ମାଛଚାଷ କ'ଣ ଟିକିଏ ଆମକୁ କହିବେ କି ?

ଉତ୍ତର : ଆପଣମାନେ ଜାଣନ୍ତି କେତେକ ମାଛ ଖୁବ୍ ଶୀଘ୍ର ବଢ଼ନ୍ତି । ଏଇ ମାଛଗୁଡ଼ିକ ହେଲେ ଭାକୁର, ରୋହୀ, ମିରିକାଳି ଓ ବିଲତି ରୋହି । ଏସବୁ ମାଛ ଏକାଠି ଗୋଟିଏ ପୋଖରୀରେ ଛାଡ଼ି ବଢ଼େଇବା ହେଲା ମିଶ୍ରିତ ମାଛଚାଷ ।

ପ୍ରଶ୍ନ : ଏଇ ନୂଆ ପ୍ରଣାଳୀର ତାତ୍ପର୍ଯ୍ୟ କ'ଣ ?

ଉତ୍ତର : ଏଇ ନୂଆ ପ୍ରଣାଳୀର ତାତ୍ପର୍ଯ୍ୟ ହେଲା—ଶୀଘ୍ର ଶୀଘ୍ର ବଢୁଥିବା ଓ ପୋଖରୀ ପାଣିର ବିଭିନ୍ନ ସ୍ତରରେ ରହୁଥିବା ମାଛ ଚାଷ କରିଥିଲେ ପୋଖରୀରେ ଥିବା ପ୍ରାକୃତିକ ମାଛ ଖାଦ୍ୟର ଖୁବ୍ ବେଶୀ ବ୍ୟବହାର । ଆମ ଦେଶୀ ମାଛ : ରୋହୀ, ଭାକୁର ମିରିକାଳି ସହିତ ବିଦେଶୀ ମାଛ ଗ୍ରାସ-କାର୍ପ ସିଲଭର କାର୍ପ ଓ ସାଇପ୍ରିନସ୍ କାପିଓ ମିଶାଇ ଚାଷ କରିବା ଯେ କେବଳ ଉପଯୁକ୍ତ ତାହା ନୁହେଁ ଲାଭଜନକ ମଧ୍ୟ । କାରଣ ଏହି ବିଦେଶୀ ମାଛଗୁଡ଼ିକ ଆମ ଦେଶୀ ମାଛମାନଙ୍କ ସାଥୀରେ ଖାଦ୍ୟ ଲାଗି ପ୍ରତିଯୋଗିତା କରନ୍ତି ନାହିଁ । ଦେଶୀ ମାଛ ଯେଉଁ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରେ, ଏଇ ବିଦେଶୀ ମାଛ ପୋଖରୀ ପାଣିରେ ମିଳୁଥିବା ସେହି ଖାଦ୍ୟର ସଦୁପଯୋଗ କରେ ।

ପ୍ରଶ୍ନ : ଗୋଟିଏ ଉଦାହରଣ ଦେଇ ବୁଝେଇ ଦେବେ ?

ଉତ୍ତର : ହଉ ଶୁଣନ୍ତୁ । ଗ୍ରାସ୍‌କାର୍ପ ଚିକୁଡ଼ିଆ ଦଳ ଖାଇବାକୁ ଭଲ ପାଏ । ସିଲଭର କାର୍ପ ଅଣୁ ଉଦ୍ଭିଦ ଖାଇ ବଂଚେ । କିନ୍ତୁ ଦେଶୀ ମାଛ ଯାକୁ ଖାଇବାକୁ ଆଦୌ ଭଲ ପାଆନ୍ତି ନାହିଁ । ସାଇପ୍ରିନସ୍ କାରପିଓ କିନ୍ତୁ ସବୁ ମାଛଯାକ ଯେଉଁ ଖାଦ୍ୟ ଛାଡ଼ିଯାନ୍ତି, ସେଇ ଖାଦ୍ୟକୁ ଗୋଟାପଣେ ଆବୋରି ବସେ । ଏଇ ଶୀଘ୍ର ଶୀଘ୍ର ବଢୁଥିବା ମାଛ-ଗୁଡ଼ିକ ଉପଯୁକ୍ତ ମିଶ୍ରଣରେ ଏକ ସ୍ୱାସ୍ଥ୍ୟକର ପରିବେଶରେ ବଢ଼ନ୍ତି । ନୂଆ ପ୍ରଣାଳୀ ଅନୁସାରେ ଗୋବର ଓ ସାର ପକାଇ ପାଣିର ଉର୍ବରତା ବୃଦ୍ଧି ଦରକାର । ମାଛମାନଙ୍କର ଚଞ୍ଚଳ ଚଞ୍ଚଳ ବଢ଼ିବା ଓ ଚର୍ବି ଜମିବା ପାଇଁ କୃତ୍ରିମ ଖାଦ୍ୟ ପ୍ରୟୋଗ ମଧ୍ୟ ଦରକାର ।

ପ୍ରଶ୍ନ : ଅଚ୍ଛା, ଏଇ ମିଶ୍ରିତ ପ୍ରଣାଳୀରେ ମାଛପୋନ ପାଇଁ କିମିତିକା ଜାଆଁଳ ଦରକାର ?

ଉତ୍ତର : ଶୀଘ୍ର ଶୀଘ୍ର ବଢୁଥିବା ମାଛପୋନ ଛାଡ଼ିବା ଦରକାର । ଅଧିକା ଉତ୍ପାଦନ କରିବାକୁ ହେଲେ ଜାତିଆ ମାଛର ବଡ଼ା ଏବଂ ବଡ଼ ଜାଆଁଳ ଛାଡ଼ିବାକୁ ପଡ଼େ ।

ପ୍ରଶ୍ନ : ହେକ୍ଟର ପିଛା କେତେ ଜାଆଁଳ ଛାଡ଼ିବା ପାଇଁ ଆପଣ ପରାମର୍ଶ ଦେଉଛନ୍ତି ?

ଉତ୍ତର : ୩ ଜାତିର ମିଶ୍ରଣ : ଭାକୁର, ରୋହୀ, ମିରିକାଳି ୬୦୦, ୧୨୫୦, ୬୫୦ ଛଡ଼ାଯାଇ ପାରେ । ୪ ଜାତିର ମିଶ୍ରଣ : ଭାକୁର, ରୋହୀ, ମିରିକାଳି, ସାଇପ୍ରିନସ୍ କାରପିଓ ୬୦୦,୧୦୦୦, ୪୫୦, ୪୫୦ ଛଡ଼ା ଯାଇପାରେ । ୫ ଜାତିର ମିଶ୍ରଣ : ଭାକୁର, ରୋହୀ, ମିରିକାଳି ସାଇପ୍ରିନସ୍ କାରପିଓ, ସିଲ୍‌ଭର କାର୍ପ ୫୦୦,୭୦୦,୫୦୦ ୫୫୦, ୨୫୦ ଛଡ଼ାଯାଇ ପାରେ ଏବଂ ୬ ଜାତିର ମିଶ୍ରଣ ଭାକୁର, ରୋହୀ, ମିରିକାଳି, ସାଇପ୍ରିନସ୍ କାରପିଓ ଗ୍ରାସ୍‌କାର୍ପ, ସିଲ୍‌ଭର କାର୍ପ ୨୫୦, ୧୦୦୦, ୩୫୦ ୪୦୦,୨୫୦, ୨୫୦ ଛାଡ଼ିବା ଦରକାର ।

ପ୍ରଶ୍ନ : ଅଧିକ ଉତ୍ପାଦନ ପାଇଁ କ'ଣ କରାଯାଇ ପାରେ ?

ଉତ୍ତର : ଅଧିକ ଉତ୍ପାଦନ ପାଇଁ ୬ ଜାତି ମିଶ୍ରଣର ଦେଶୀ ଓ ବିଦେଶୀ ମାଛପୋନ ଛାଡ଼ିବା ଭଲ ।

ପ୍ରଶ୍ନ : ଜାଆଁଳ ଛାଡ଼ିବା ଛଡ଼ା ଆଉ ସବୁ କ'ଣ କରିବାକୁ ହେବ ?

ଉତ୍ତର : ପୋଖରୀରେ ମାଛମାନଙ୍କ ପାଇଁ ଯେପରି ଯଥେଷ୍ଟ ଖାଦ୍ୟ ସବୁ ସମୟରେ ମିଳିବ ଏବଂ ପୋଖରୀଟି ସେମାନଙ୍କ ରହିବା ପାଇଁ ଉପଯୁକ୍ତ ସ୍ଥାନ ହେବ, ତାହା ଦେଖିବାକୁ ପଡ଼ିବ । ଏଥି ପାଇଁ ପୋଖରୀଟିକୁ ଠିକ୍‌ଭାବେ ପ୍ରସ୍ତୁତ କରିବାକୁ ହେବ ।

ପ୍ରଶ୍ନ : ମିଶ୍ରିତ ମାଛ ଚାଷ ପାଇଁ ପୋଖରୀକୁ କିପରି ପ୍ରସ୍ତୁତ କରିବା ?

ଉତ୍ତର : ଭଲ ପ୍ରଶ୍ନଟିଏ ପଚାରିଛନ୍ତି ଆପଣ । ଶେଷ ପ୍ରସ୍ତୁତ ସବୁଠୁଁ ଆଗ କଥା । ପୋଖରୀଗୁଡ଼ିକ ଯଥା ସଂଭବ ଏକ ଏକରରୁ ୨ ଏକର ଭିତରେ ହେଲେ ଭଲ । ପୋଖରୀଟି ଦଳଶୂନ୍ୟ ହୋଇଥିବା ଦରକାର । ଶିକାରୀ ମାଛକୁ ସମୂଳେ ନିପାତ କରିବାକୁ ପଡ଼ିବ ।

ପ୍ରଶ୍ନ : ଦଳସଫା ତ ଯାହା ଯିମିତି କରିହେବ । ଆଉ ଏ ଶିକାରୀ-ମାଛକୁ କିମିତି ମାରିବା ?

ଉତ୍ତର : ପୋଖରୀରେ ମାଛ ଚାଷ କରିବା ଆଗରୁ ଶିକାରୀ ଓ ଅଦରକାରୀ ମାଛସବୁକୁ ପ୍ରଥମେ ସମୂଳେ ମାରି ଦେବାକୁ ପଡ଼ିବ । ବାଲିଆ, ଶେଉଳ, ଶାଳ, ଚେଙ୍ଗ, ଗଡ଼ିଶା, ମାଗୁର, ଶିଙ୍ଗୀ ଆଦି ଶିକାରୀ ମାଛ ଓ ପୋହଳା, କେରାଣ୍ଡି, ମହୁରାଳି, ଫଳି ଆଦି ଅଦରକାରୀ ମାଛ । ଶିକାରୀ ମାଛ ଚାଷ ହେଉଥିବା ମାଛ ଓ ଜାଆଁଳ ଖାଇଯାନ୍ତି ଓ ଅଦରକାରୀ ମାଛଗୁଡ଼ିକ ପୋଖରୀରେ ବଂଶ ବୃଦ୍ଧି କରି ଖାଦ୍ୟ ଖାଇ ଦେଉଥିଲେ ମଧ୍ୟ ବଢ଼ନ୍ତି ନାହିଁ । ଏଇ ମାଛଗୁଡ଼ିକ ମାରିବାକୁ ହେଲେ ପୋଖରୀ ପାଣି ବାହାର କରିବାକୁ ପଡ଼ିବ । ମହୁଲ ପିଡ଼ିଆ ଶିକାରୀ ଓ ବାଜେ ମାଛ ମାରି ପୋଖରୀକୁ ସଫା ରଖିବାରେ ବ୍ୟବହୃତ ହୁଏ ।

ପ୍ରଶ୍ନ : ମହୁଲ ପିଡ଼ିଆକୁ କିମିତି କ'ଣ ପକାଇବାକୁ ପଡ଼ିବ ?

ଉତ୍ତର : ମହୁଲ ପିଡ଼ିଆକୁ ଗୁଣ୍ଡ କରି ମିଶାଇ ସାରିବା ପରେ ସମାନ ଭାବରେ ପୋଖରୀରେ ପକାଯାଏ । ପୋଖରୀର ହେକ୍ଟର ମିଟର ଆୟତନ ବିଶିଷ୍ଟ ପାଣିରେ ୨୫୦୦ କିଲୋଗ୍ରାମ୍ ପରିମାଣ ମହୁଲ ପିଡ଼ିଆ ପକାଇବାକୁ ପଡ଼େ । ପିଡ଼ିଆ ପକାଇବାର ୮ ଘଣ୍ଟାରୁ ୧୦ ଘଣ୍ଟା ମଧ୍ୟରେ ସବୁ ମାଛ କ୍ରମେ କ୍ରମେ ମରନ୍ତି । ଛୋଟ ମାଛ ଗୁଡ଼ିକ ଶୀଘ୍ର ଶୀଘ୍ର ଓ ବଡ଼ ମାଛଗୁଡ଼ିକ ଡେରିରେ ମରିଯାନ୍ତି । ତେଣୁ ସକାଳ ହେଲେ ମରି ଉପରକୁ ଉଠୁଥିବା ମାଛ-ଗୁଡ଼ିକ ଦିନ ଭିତରେ ଜାଲି ଧରି ନେଇ ହେବ । ଏଇ-ମାଛକୁ ଧରି ନେଇ ଖାଇ ହେବ ।

ପ୍ରଶ୍ନ : ପାଣି ବିଷାକ୍ତ ହୋଇ ମାଛ ତ ମରିବେ । ପୁଣି କିପରି ସେଥିରେ ଜାଆଁଳ ଛଡ଼ାଯାଇ ପାରିବ ?

ଉତ୍ତର : ମହୁଲ ପିଡ଼ିଆର ପ୍ରଭାବ ପାଣିରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହେ କିନ୍ତୁ ଏ ସମୟରେ ସେଥିରେ ଥିବା ସାରଅଂଶ ପାଣିରେ ମିଶି ମିଶି ପାଣିକୁ ଉର୍ବର କରିଥାଏ । ତାଛଡ଼ା ଜାଆଁଳ ଛାଡ଼ିବା ଆଗରୁ ଅନ୍ୟାନ୍ୟ ଦରକାରୀ ସାର ମଧ୍ୟ ଦେବାକୁହେବ ।

ସହକାରୀ ରଚନା ଅଧିକାରୀ,
ମତ୍ସ୍ୟ ବିଭାଗ, କଟକ

ପ୍ରଶ୍ନ : କି କି ସାର ଦେବାକୁ ପଡ଼ିବ ?

ଉତ୍ତର : ପୋଖରୀର ଉର୍ବରତା ବୃଦ୍ଧି ପାଇଁ ସାର ପ୍ରୟୋଗ ଆବଶ୍ୟକ । ସାର ପକାଇବା ପୂର୍ବରୁ ପୋଖରୀ ପାଣିକୁ ପରିଷ୍କାର କରିବା ଏବଂ ଅମ୍ଳତା ଦୂର କରି ମଧୁରତା ଆଣିବା ପାଇଁ ଚୂନ ଦେବା ଦରକାର ପଡ଼େ । ମାଟିର ଅବସ୍ଥାକୁ ଲକ୍ଷ୍ୟ କରି ହେକ୍ଟରର ପିଛା ୨୦୦ରୁ ୫୦୦ କିଲୋଗ୍ରାମ ଚୂନ ଥରକୁ ପକାଇବା ଦରକାର । ୧୫ ଦିନ ଅନ୍ତରରେ ଜୈବିକ ଓ ରାସାୟନିକ ସାର ପକାଇବାକୁପଡ଼େ । ଜାଆଁଳ ଛାଡ଼ିବାର ୨୦ ଦିନ ପୂର୍ବରୁ ପ୍ରାଥମିକ ସାର ପ୍ରୟୋଗ କରିବା ଉଚିତ । ୧ମ କିସ୍ତିରେ ହେକ୍ଟର ପିଛା ଗୋବର ୨୫୦୦ କିଲୋଗ୍ରାମ, ଆମୋନିୟମ ସଲଫେଟ୍ ୫୦ କିଲୋଗ୍ରାମ, ସିଙ୍ଗଲ ସୁପର ଫସ୍‌ଫେଟ ୨୫ କିଲୋଗ୍ରାମ ଏବଂ ଦ୍ୱିତୀୟ କିସ୍ତିରେ ୧୧ ମାସିକିଆ କିସ୍ତିରେ ଗୋବର ୫୦୦ କିଲୋଗ୍ରାମ, ଆମୋନିୟମ ସଲଫେଟ୍ ୨୫ କିଲୋଗ୍ରାମ, ସିଙ୍ଗଲ ସୁପର ଫସଫେଟ ୨୦ କିଲୋଗ୍ରାମ ପକାଇବାକୁ ପଡ଼ିବ ।

ପ୍ରଶ୍ନ : ମାଛମାନଙ୍କୁ ଶୀଘ୍ର ଶୀଘ୍ର ବଢ଼ିବାପାଇଁ କ'ଣ ଖାଦ୍ୟ ଦେବା ?

ଉତ୍ତର : ପ୍ରାକୃତିକ ଖାଦ୍ୟ ଛଡ଼ା ବାହାରୁ ଯଦି କିଛି ଖାଦ୍ୟ ଦିଆଯାଏ, ମାଛମାନେ ଅଧିକ ବଢ଼ିବେ । କାଣ୍ଡିଆକୁଣ୍ଡା ଓ ପିଡ଼ିଆ ସମାନ ଭାବରେ ମିଶାଇ ଗୁଣ୍ଡକରି ପୋଖରୀରେ ପକାଇବାକୁ ପଡ଼ିବ । ଖାଦ୍ୟକୁ ଚକଟି ଗୁଳାକରି ଗୋଟିଏ ଚଟକା ମାଟି ପାତ୍ରରେ ପୋଖରୀ ପାଣିରେ ରଖା ଯାଇ ପାରେ । ମାଛ କିମିତି କ'ଣ ଖାଦ୍ୟ ଦୈନିକ ଖାଉଛନ୍ତି, ତାକୁ ଦେଖି ଖାଦ୍ୟ ପରିମାଣ ଠିକ୍ କରିବାକୁ ପଡ଼ିବ । ପୋଖରୀ ପାଣିରେ ବେଶୀ ନେଳି ଦେଖା ଗଲେ ଖାଦ୍ୟ କମାଇ ଦେବାକୁ ପଡ଼ିବ ବା ଦରକାର ପଡ଼ିଲେ ବନ୍ଦ କରି ଦେବାକୁ ପଡ଼ିବ । ମାଛ କିମିତି ଭାବରେ ବଢ଼ୁଛନ୍ତି ସେମାନଙ୍କର ସ୍ୱାସ୍ଥ୍ୟ କିମିତି କ'ଣ ଅଛି, ତାକୁ ଯାଞ୍ଚ କରିବା ପାଇଁ ଦୁଇ ମାସରେ ଥରେ ଜାଲ ଟାଣି ଦେଖି ନେବାକୁ ପଡ଼ିବ । ଜାଲ ପକାଇବା ସମୟରେ ରୋଗିଣା ମାଛକୁ କାଢ଼ିଦେବା ଭଲ ।

ପ୍ରଶ୍ନ : ଏଇ ମିଶ୍ରିତ ପ୍ରଣାଳୀରେ କିମିତି କ'ଣ ଆୟ ମିଳିବ ?

ଉତ୍ତର : ଏଇ ଉନ୍ନତ ପ୍ରଣାଳୀରେ ମାଛ ଚାଷ କଲେ ହେକ୍ଟର ପିଛା ବର୍ଷକୁ ପ୍ରାୟ ୧,୫୦୦ କିଲୋଗ୍ରାମରୁ ଅଧିକ ମାଛ ମିଳିବ । ଖତସାର, ଖାଦ୍ୟ ଓ ଅନ୍ୟାନ୍ୟ ବାବଦରେ ସବୁ ଖର୍ଚ୍ଚକୁ ଚଳନ୍ତି ବଜାର ଦର ଅନୁସାରେ ହିସାବକୁ ନେଇ ଜାତିଆ ମାଛ ଚାଷ ପାଇଁ ଖର୍ଚ୍ଚ ପ୍ରାୟ ଟ୫,୦୦୦ଙ୍କା । ଆୟ କିଲୋ-ଗ୍ରାମ ସର୍ବ ନିମ୍ନ ୬ ଟଙ୍କା ହିସାବରେ ଟ୯୦୦୦, ନେଟ୍ ଲାଭ ମିଳିବ ଟ୪,୦୦୦ଙ୍କା ।

---

ଆନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ (ପ୍ରତ୍ୟେକ ଦିଗରୁ ଆମ ଆଡ଼କୁ ଭଲ ଚିନ୍ତା ଆସୁ)
—ଋକ୍ ବେଦ

---

ବିଜ୍ଞାନ ବିଚିତ୍ର

# ମିଳିତ ଜାତିସଂଘ ଆନୁକୂଲ୍ୟରେ ସଦ୍ୟ ପ୍ରକାଶିତ ଜନସଂଖ୍ୟା ଆଧାରିତ ତଥ୍ୟରାଜି

ଡ. ଦେବପ୍ରସାଦ ମିଶ୍ର
ଡ. ଦେବକାନ୍ତ ମିଶ୍ର

ମାତ୍ର କେତେଦିନ ପୂର୍ବେ ମିଳିତ ଜାତିସଂଘର 'ୟୁନାଇଟେଡ୍ ନେଶନ୍ସ୍ ଫଣ୍ଡ ଫର ପପୁଲେସନ ଆକଟିଭିଟିଜ୍' (UNFPA) ଶୀର୍ଷକ ସଙ୍ଗଠନର କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୃଥିବୀର ଜନସଂଖ୍ୟାରେ ଅଭିବୃଦ୍ଧି ସମ୍ବଳିତ ଜ୍ଞାତବ୍ୟ ତଥ୍ୟରାଜି ପରିବେଷଣ କରିଛନ୍ତି । ସଦ୍ୟ ପ୍ରକାଶିତ ଏହି ବିବରଣୀରୁ ଜଣାପଡୁଛି ଯେ ପୃଥିବୀ ବକ୍ଷରେ ଜନସଂଖ୍ୟା ଅଭିବୃଦ୍ଧିର ହାରର ପୂର୍ବାପେକ୍ଷା ଯଥେଷ୍ଟ ହ୍ରାସ ଘଟିଛି । ପୃଥିବୀର ମୋଟ ଜନସଂଖ୍ୟାର ପ୍ରାୟ ତିନି ଚତୁର୍ଥାଂଶ ଜନସଂଖ୍ୟା ଅଭିବୃଦ୍ଧିର ହାରକୁ କମାଇ ଦେବା ସଙ୍ଗେ ସଙ୍ଗେ ପରିବାରର ମୋଟ ଜନସଂଖ୍ୟାକୁ ସଙ୍କୁଚିତ କରାଇ ଦେବାର ଖୁବ ଲକ୍ଷଣ ପରିଦୃଷ୍ଟ ହୋଇଛି । ବିଗତ ଦଶନ୍ଧିର ଆରମ୍ଭରେ ପୃଥିବୀର ଜନସଂଖ୍ୟା ଯେତିକି ଥିଲା ତାହାର ପରିସମାପ୍ତି ଘଟିବା ବେଳକୁ ଜନସଂଖ୍ୟା ଆହୁରି ପ୍ରାୟ ୭୩୮ ନିୟୁତ ପର୍ଯ୍ୟନ୍ତ ବୃଦ୍ଧିଲାଭ କରିବ ବୋଲି ଅନୁମାନ କରାଯାଉଛି । ପୁଣି, ଏହି ବିବରଣୀରେ ସୂଚିତ ହୋଇଛି ଯେ ୨୦୦୦ ମସିହା ବେଳକୁ ପୃଥିବୀର ମୋଟ ଜନସଂଖ୍ୟା ପ୍ରାୟ ୬୨୦ କୋଟି ହୋଇଯିବ ; ଅର୍ଥାତ୍, ୧୯୬୦ ମସିହାରେ ପୃଥିବୀର ମୋଟ ଜନସଂଖ୍ୟା ଯେତିକି ଥିଲା ଶତାବ୍ଦୀର ପରିସମାପ୍ତି ବେଳକୁ ତାହା ପ୍ରାୟ ଦ୍ୱିଗୁଣିତ ହୋଇଯିବ । ତାତ୍ପର୍ଯ୍ୟର ଘଟଣା ହେଉଛି ଯେ ଶତାବ୍ଦୀର ଯବନିକା ପାତ ବେଳକୁ ଜନସଂଖ୍ୟାରେ ଏ ପ୍ରକାର ଯେଉଁ ଅଭିବୃଦ୍ଧି ଘଟିଥିବ, ତାହାର ଶତକଡ଼ା ୯୦ ଭାଗ କେବଳ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଜନ୍ମଗ୍ରହଣ କରିବେ । ଏଥିପାଇଁ ଶେଷୋକ୍ତ ରାଷ୍ଟ୍ରଗୁଡ଼ିକରେ ନିରକ୍ଷରତା, ବେକାରୀ, ଖାଦ୍ୟ ଅନାଟନ ଓ ଜନସ୍ୱାସ୍ଥ୍ୟର ଅବହେଳା ଯୋଗୁଁ ଅଶାନ୍ତି ଓ ବିଶୃଙ୍ଖଳା ପରିସ୍ଥିତିର ସୂତ୍ରପାତ ଘଟିବାର ଅବକାଶ ରହିଛି ।

ସମଗ୍ର ପୃଥିବୀର ଉଭୟ ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଜନସଂଖ୍ୟା ଅଭିବୃଦ୍ଧିର ହାର ସମ୍ପର୍କରେ ତଥା ଜନସଂଖ୍ୟାର ଅଭିବୃଦ୍ଧି ସହ ତାଳ ମିଳାଇ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ପରେ ଏହି ଅନୁଶୀଳନ ସହ ସମ୍ପୃକ୍ତ ବିଶେଷଜ୍ଞମାନେ ଗଭୀର ଆଶାବାଦର ବଶବର୍ତ୍ତୀ ହୋଇ ଘୋଷଣା କରିଛନ୍ତି ଯେ ପୃଥିବୀର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରର ଶାସକ ଗୋଷ୍ଠୀ ଜନସଂଖ୍ୟା ନିୟନ୍ତ୍ରଣ ବ୍ୟାପାରରେ ବୃହତ୍ ଉପଲବ୍ଧି କଲେଣି । ଏହି ବିଶେଷଜ୍ଞମାନେ ଜଣାଇଛନ୍ତି ଯେ କେବଳ ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ଜନସଂଖ୍ୟାର ଅଭିବୃଦ୍ଧିକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଦ୍ୱାରା ଭବିଷ୍ୟତ ସହ ଠିକଣାଭାବରେ ମୁକାବିଲା କରାଯିବା ସମ୍ଭବ ହେବନାହିଁ । ପରିବାର ନିୟନ୍ତ୍ରଣ ବ୍ୟବସ୍ଥାକୁ ଜନସାଧାରଣଙ୍କ ମଧ୍ୟରେ ବହୁଳଭାବରେ କାର୍ଯ୍ୟକାରୀ କରାଇବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ବେଳେ ସମକାଳୀନଭାବରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି ।

(କ) ବର୍ତ୍ତମାନ ପୃଥିବୀର ବିଭିନ୍ନ ରାଷ୍ଟ୍ରଗୁଡ଼ିକରେ ନୂଆ ନୂଆ ସହରାଞ୍ଚଳଗୁଡ଼ିକୁ ସୃଷ୍ଟି କରାଯିବା ଦିଗରେ ଯେପରି ଅଗ୍ରାଧିକାର ଆରୋପିତ ହେଉଛି, ତାହାକୁ ଉପଲକ୍ଷ୍ୟ କରି ଏହି ଅନୁଶୀଳନ ସହ ସମ୍ପୃକ୍ତ ବିଶେଷଜ୍ଞମଣ୍ଡଳୀ ପୃଥିବୀକୁ 'ବିସ୍ଫୋରଣ ପ୍ରବଣ ସହରଗୁଡ଼ିକରେ ସମାହାର' (World of Exploding Cities) ରୂପେ ଚିତ୍ରଣ କରିଛନ୍ତି । ୧୯୫୦ ମସିହାରେ ପୃଥିବୀର ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକର ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଭାଗ ସହରାଞ୍ଚଳରେ ବାସ କରୁଥିଲେ । ମାତ୍ର ବର୍ତ୍ତମାନ ଏହି ରାଷ୍ଟ୍ରଗୁଡ଼ିକର ମୋଟ ଜନସଂଖ୍ୟାର ପ୍ରାୟ ଦୁଇ-ତୃତୀୟାଂଶ ଜନାକୀର୍ଣ୍ଣ ସହରାଞ୍ଚଳରେ ବାସ କରୁଛନ୍ତି ଏବଂ ଆଶା କରାଯାଉଛି ଯେ ଚଳିତ ଶତାବ୍ଦୀର ପରିସମାପ୍ତି ଘଟିବାବେଳକୁ ମୋଟ ଜନସଂଖ୍ୟାର ତ୍ରି-ଚତୁର୍ଥାଂଶ ସହରାଞ୍ଚଳରେ ବାସ କରୁଥିବେ । ଆଗାମୀ ତିନି ଶତାବ୍ଦୀ ବା କୋଡ଼ିଏ ଶତାବ୍ଦୀ ମଧ୍ୟରେ ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିବା ଅବସରରେ ସହରାଞ୍ଚଳରେ ଜନସଂଖ୍ୟାର ଅଭିବୃଦ୍ଧିର ହାର ତ୍ୱରାନ୍ୱିତ ହୋଇଯିବ । ବିକାଶ ଶୀଳ ରାଷ୍ଟ୍ରଗୁଡ଼ିକରେ ଅବଶ୍ୟ ପୂର୍ବବତ୍ ଗ୍ରାମାଞ୍ଚଳରେ ଜନସଂଖ୍ୟାର ଅଭିବୃଦ୍ଧି ଘଟୁଛି ; ମାତ୍ର ଗ୍ରାମାଞ୍ଚଳରୁ ଜନସାଧାରଣ ଏତେ ଅଧିକ ସଂଖ୍ୟାରେ ସହରାଞ୍ଚଳକୁ ଚାଲି ଆସୁଛନ୍ତି ଯେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସଂଖ୍ୟାର ଅନୁପାତରେ ଦ୍ରୁତ ପରିବର୍ତ୍ତନ ସଂଘଟିତ ହେଉଛି । ୧୯୫୦ ମସିହାରେ ତୃତୀୟ ପୃଥିବୀ ଶ୍ରେଣୀଭୁକ୍ତ ରାଷ୍ଟ୍ରଗୁଡ଼ିକରେ ପ୍ରତି ୬ଜଣରେ ଜଣେ ନାଗରିକ ସହରାଞ୍ଚଳରେ ବାସ କରୁଥିଲେ ମାତ୍ର ବର୍ତ୍ତମାନ ଏହି ରାଷ୍ଟ୍ରଗୁଡ଼ିକରେ ଲକ୍ଷ୍ୟ କରାଯାଉଛି ଯେ ପ୍ରତି ୩ଜଣରେ ଜଣେ ନାଗରିକ

ସହରାଞ୍ଚଳରେ ବାସ କରୁଛନ୍ତି । ଆଶା କରାଯାଉଛି ଯେ ଆଗାମୀ ତିନି ଦଶନ୍ଧି ମଧ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସଂଖ୍ୟାର ପରସ୍ପର ସହ ସମାନ ହୋଇଯିବ । ତୃତୀୟ ପୃଥିବୀ ଶ୍ରେଣୀଭୁକ୍ତ ରାଷ୍ଟ୍ରଗୁଡ଼ିକରେ ପ୍ରତ୍ୟହ ୭୫,୦୦୦ ନାଗରିକ ଜୀବିକା ଅର୍ଜନ ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରୁ ଛୋଟ ବଡ଼ ସହରଗୁଡ଼ିକୁ ଚାଲି ଆସୁଛନ୍ତି । ଆମ ଦେଶରେ କଲିକତା ଓ ବମ୍ବେ ଭଳି ଜନାକୀର୍ଣ୍ଣ ନଗରୀ ଦୁଇଟିରେ ମୋଟ ଜନସଂଖ୍ୟାର ଯଥାକ୍ରମେ ୬୭ ଓ ୪୫ ଭାଗ ଜନସାଧାରଣ ଅପରିଷ୍କାର ଓ ଅପରିଚ୍ଛନ୍ନ ପରିବେଶରେ ବସତି ସ୍ଥାପନ କରିଛନ୍ତି । ଗ୍ରାମାଞ୍ଚଳରୁ ଚାଲି ଆସିଥିବା ଦୁଃସ୍ଥ ଜନସାଧାରଣ ରାସ୍ତା-କଡ଼ରେ ବା ନର୍ଦ୍ଦମା କଡ଼ରେ ଅତି ଦୟନୀୟଭାବରେ ବାସ କରୁଛନ୍ତି । ପୃଥିବୀର ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଭାଗ ନିକଟ ଭବିଷ୍ୟତରେ ଦାରିଦ୍ର୍ୟର ତାଡ଼ନାରେ ଏପରି ଦୁର୍ବିସହ ଜୀବନ ବିତାଇବାକୁ ବାଧ୍ୟ ହେବେ ।

ଆମ ଦେଶ ପରି ପେରୁ ନାମକ ଗୋଟିଏ ବିକାଶଶୀଳ ରାଷ୍ଟ୍ରରେ ନିମ୍ନଲିଖିତ କାରଣଗୁଡ଼ିକ ଯୋଗୁଁ ଗ୍ରାମାଞ୍ଚଳର ଅଧିବାସୀମାନେ କ୍ରମ ବର୍ଦ୍ଧମାନ ସଂଖ୍ୟାରେ ସହରାଞ୍ଚଳକୁ ଚାଲି ଆସୁଛନ୍ତି ।

ବ୍ୟବସାୟିକ କାରବାର–ଶତକଡ଼ା ୫ ଭାଗ

ଜୀବିକା ଅନ୍ୱେଷଣ–ଶତକଡ଼ା ୩୦ ଭାଗ (ଉଗ୍ରବାଦୀ ଗୋଷ୍ଠୀଙ୍କ ହିଂସାତ୍ମକ ଆଚରଣ କବଳରୁ ମୁକ୍ତି–ଶତକଡ଼ା ୧୩ ଭାଗ

ଆତ୍ମୀୟ ସ୍ୱଜନମାନଙ୍କ ସହିତ ସାକ୍ଷାତ–ଶତକଡ଼ା ୧୭ ଭାଗ

ଶିକ୍ଷା ଓ ଅନ୍ୟାନ୍ୟ କାରଣ–ଶତକଡ଼ା ୩୫ ଭାଗ

ଗ୍ରାମାଞ୍ଚଳରେ ଏକାଧିକ କୋଠରୀ ସମ୍ପନ୍ନ ଘାଟିମାଟି ବାସଗୃହରେ ପେଟ ବିକଳିଆ ଜୀବନ ବିତାଇବା ଅପେକ୍ଷା ଅଧିକ ଉପାର୍ଜନ ଆଶାରେ ସହରାଞ୍ଚଳରେ ଛିଣ୍ଡା ଅଖା ଓ କାଗଜ ପଟାରେ ତିଆରି ବସାରେ ମୁଣ୍ଡ ଗୁଞ୍ଜିବାକୁ ଜନସାଧାରଣ ଶ୍ରେୟସ୍କର ମଣୁଛନ୍ତି । ଆମ ଦେଶର ବିଭିନ୍ନ ଅଞ୍ଚଳରେ ମୋଟ ପରିବାରଗୁଡ଼ିକର ଶତକଡ଼ା ଯେତିକି ଭାଗ ଏକ କୋଠରିଆ ବାସଗୃହରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି, ତତ୍ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିବା ଦ୍ୱାରା ଆମେ ଜନସାଧାରଣଙ୍କର ସହରାଞ୍ଚଳ ପ୍ରତି ଅନୁରକ୍ତି ସମ୍ପର୍କରେ ସମ୍ୟକ ଧାରଣା ପାଇ ପାରିବା:—

ଗ୍ରାମାଞ୍ଚଳ–ଶତକଡ଼ା ୩୪ ଭାଗ

ସହରାଞ୍ଚଳ–ଶତକଡ଼ା ୪୪ ଭାଗ

୪ଟି ବଡ଼ ସହର–ଶତକଡ଼ା ୬୭ ଭାଗ

କଲିକତା–ଶତକଡ଼ା ୭୯ ଭାଗ

ଜନସଂଖ୍ୟାର ଅଭିବୃଦ୍ଧି ଭିତ୍ତିକ ସଭ୍ୟତା ଓ ସଂସ୍କୃତିର ସମ୍ଭାବ୍ୟ ରୂପରେଖ ସମ୍ବନ୍ଧରେ ଆଉ ଯେଉଁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଉଛି, ତନ୍ମଧ୍ୟରୁ ସହରାଞ୍ଚଳଗୁଡ଼ିକରେ ଏ ପ୍ରକାର ଜନସଂଖ୍ୟାର ଅଭିବୃଦ୍ଧି ହିଁ ସମାଜବିଜ୍ଞାନୀମାନଙ୍କୁ ଚିନ୍ତିତ କରି ପକାଉଛି । ସାମାଜିକ ସଙ୍ଗଠନ ଓ ଜାତୀୟ ଅର୍ଥନୀତିରେ ଏଥିପାଇଁ ଆମୂଳଚୂଳ ବା ବିପ୍ଳବାତ୍ମକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଧ ହେଉଛି । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି, "......bound to have radical and revolutionary implications for national economic and social structures." । ସହରାଞ୍ଚଳଗୁଡ଼ିକର ସମ୍ପ୍ରସାରଣ, ନୂଆ ନୂଆ ସହରଗୁଡ଼ିକର ପ୍ରତିଷ୍ଠା, ସହରାଞ୍ଚଳର ଜନାକୀର୍ଣ୍ଣ ପରିବେଶ ପ୍ରଭୃତି ସମସ୍ୟାଗୁଡ଼ିକର ପ୍ରତିକାର ପାଇଁ ଆଜଠୁଁ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରା ନଗଲେ ଏବଂ ସୁଚିନ୍ତିତ ଯୋଜନାଗୁଡ଼ିକୁ ଦୀର୍ଘମିଆଦୀ ସୂତ୍ରରେ କାର୍ଯ୍ୟକାରୀ କରା ନଗଲେ ପରିସ୍ଥିତି ବିଶୃଙ୍ଖଳ ଓ ଅଶାନ୍ତ ହୋଇଯିବା ସ୍ୱାଭାବିକ ବୋଧ ହେଉଛି ।

(ଖ) ସମଗ୍ର ପୃଥିବୀର ପ୍ରାକୃତିକ ସମ୍ପଦର ଉପଯୋଗ ସମ୍ବନ୍ଧେ ଯେଉଁ ଶିଳ୍ପାନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରାଯାଉଛି, ପୃଥିବୀର ମୋଟ ଜନସଂଖ୍ୟାର ଶତକଡ଼ା ୭୦ ଭାଗ ବାସ କରୁଥିବା ତୃତୀୟ ପୃଥିବୀ ଶ୍ରେଣୀଭୁକ୍ତ ରାଷ୍ଟ୍ରଗୁଡ଼ିକରେ ତାହାର ମାତ୍ର ଶତକଡ଼ା ୭ ଭାଗ ପ୍ରତିଷ୍ଠିତ ହୋଇଛି ଏବଂ ପାର୍ଥିବ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ମାତ୍ର ଶତକଡ଼ା ୧୦ ଭାଗ ଏହି ରାଷ୍ଟ୍ରଗୁଡ଼ିକର ଜନସାଧାରଣ ବ୍ୟବହାର କରି ପାରୁଛନ୍ତି । ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯେଉଁ ଅର୍ଥନୈତିକ ବୈଷମ୍ୟ ପ୍ରତିଷ୍ଠିତ ହୋଇଛି, ଆଉ ଏକ ଦୃଷ୍ଟିକୋଣରୁ ଆମେ ତତ୍ ସମ୍ପର୍କୀୟ ସୂଚନା ପାଇ ପାରିବା । ଶିଳ୍ପୋନ୍ନତ ରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିବା ଗୋଟିଏ ଶିଶୁର ଲାଳନ ପାଳନ ପାଇଁ ଯେତିକି ଖାଦ୍ୟ ଓ ଆନୁଷଙ୍ଗିକ ଦ୍ରବ୍ୟ ବ୍ୟବହୃତ ହେଉଛି, ତାହାର ପରିମାଣ ବିକାଶଶୀଳ ରାଷ୍ଟ୍ରରେ ଜନ୍ମ ଲାଭ କରିଥିବା ଶିଶୁ ପାଇଁ ଆବଶ୍ୟକ ଦ୍ରବ୍ୟ ତୁଳନାରେ ୨୦ ଗୁଣଠାରୁ ୪୦ ଗୁଣ ଅଧିକ ହୋଇଛି । ତେଣୁ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକରେ ଜନସଂଖ୍ୟାର ଅଭିବୃଦ୍ଧିର ହାର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ତୁଳନାରେ ଅତ୍ୟଳ୍ପ ହୋଇଥିଲେ ମଧ୍ୟ ଏହି ଅତ୍ୟଳ୍ପ ଅଭିବୃଦ୍ଧି ଯୋଗୁଁ ଯେତିକି ପ୍ରାକୃତିକ ସମ୍ପଦ ଯୋଗାଣ ଆବଶ୍ୟକ ହେଉଛି, ତାହାର ପରିମାଣ ଯଥେଷ୍ଟ ଅଧିକ ଜନସଂଖ୍ୟାରେ ଅଭିବୃଦ୍ଧି ଘଟୁଥିବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଚାହିଦା ତୁଳନାରେ ୮ ଗୁଣ ଅଧିକ ହେଉଛି ।

ପୃଥିବୀ ପୃଷ୍ଠରେ ପାଞ୍ଚ ବର୍ଷ ବୟସଠାରୁ କମ୍ ବୟସ ପ୍ରାୟ ୧୫ ନିୟୁତ ଶିଶୁ ପ୍ରତି ବର୍ଷ ମୃତ୍ୟୁ ବରଣ କରୁଛନ୍ତି । ମୋଟ ମୃତ୍ୟୁ କବଳିତ ଜନସଂଖ୍ୟାର ଏହା ଏକ-ଚତୁର୍ଥାଂଶ ହୋଇଛି । ୮ଟି ବିକାଶଶୀଳ ରାଷ୍ଟ୍ରରେ ଶିଶୁମାନଙ୍କ ଲାଳନପାଳନ ଆଧାରିତ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ପରେ ବିଶେଷଜ୍ଞମାନେ ଘୋଷଣା କରିଛନ୍ତି ଯେ ବିଶୁଦ୍ଧ ପାନୀୟ-ଜଳ ଓ ସ୍ୱାସ୍ଥ୍ୟକର ପରିବେଶର ଅଭାବ ଯୋଗୁଁ ବିକାଶଶୀଳ ରାଷ୍ଟ୍ର-ଗୁଡ଼ିକରେ ଶତକଡ଼ା ୯୦ ଭାଗ ଶିଶୁ ଅକାଳ ମୃତ୍ୟୁ କବଳିତ ହେଉଛନ୍ତି । ଅବଶ୍ୟ, ପୃଥିବୀର ବିଭିନ୍ନ ରାଷ୍ଟ୍ରଗୁଡ଼ିକରେ ଜନ ସ୍ୱାସ୍ଥ୍ୟର ରକ୍ଷଣାବେକ୍ଷଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଫଳରେ ଶିଶୁମାନଙ୍କ ମୃତ୍ୟୁ ହାରରେ ପୂର୍ବାପେକ୍ଷା ଯଥେଷ୍ଟ ହ୍ରାସ ପରିଲକ୍ଷିତ ହୋଇଛି । ଜନସାଧାରଣଙ୍କ ଜୀବନ ଯାପନର ପଦ୍ଧତି ଯେଉଁ ରାଷ୍ଟ୍ରରେ ଯେତେ ଅଧିକ ବିଜ୍ଞାନସମ୍ମତ ପନ୍ଥାରେ ପରିଚାଳିତ ହେଉଛି ଏବଂ ଯେଉଁ ରାଷ୍ଟ୍ରର ଶାସକବର୍ଗ ଜନସ୍ୱାସ୍ଥ୍ୟର ରକ୍ଷଣାବେକ୍ଷଣ ପାଇଁ ଯେତେ ଅଧିକ ଜନହିତକାରୀ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇ ପାରୁଛନ୍ତି, ସେହି ରାଷ୍ଟ୍ରରେ ଶିଶୁ ମୃତ୍ୟୁର ହାର ସେତେ କମ୍ ହୋଇଛି । ପାଞ୍ଚ ବର୍ଷଠାରୁ କମ୍ ବୟସ ପ୍ରତି ୧୦୦୦ ଶିଶୁ ମଧ୍ୟରୁ ବିଭିନ୍ନ ରାଷ୍ଟ୍ରରେ ପ୍ରତି ବର୍ଷ କେତେ ଶିଶୁ ମୃତ୍ୟୁ ବରଣ କରୁଛନ୍ତି, ତା'ର ତାଲିକା ନିମ୍ନରେ ପ୍ରଦତ୍ତ ହୋଇଛି । ଏହି ତାଲିକାରୁ ଉଲ୍ଲିଖିତ ଉକ୍ତିର ଯଥାର୍ଥତା ଅନାୟାସରେ ଉପଲବ୍ଧ ହେବ ।

ଆଫ୍ରିକା–୧୭୦

ଏସିଆ–୧୦୭

ଲଟିନ୍ ଆମେରିକା–୭୦

ଶିଳ୍ପୋନ୍ନତ ରାଷ୍ଟ୍ରସମୂହ–୨୫

ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଶିଶୁ ମୃତ୍ୟୁର ହାରରେ କ୍ରମ ହ୍ରାସ ପରିଲକ୍ଷିତ ହେଉଥିଲେ ହେଁ ଜନସାଧାରଣ ପୂର୍ବବତ୍ ପରିବାରରେ ଶିଶୁମାନଙ୍କ ସଂଖ୍ୟା ବଢ଼ାଇବାକୁ ଆଗ୍ରହୀ ହେଉଛନ୍ତି । ପୂର୍ବେ ଗୋଟିଏ ପରିବାରରେ ସାତ ବା ଆଠଟି ଶିଶୁ ଜନ୍ମ ଲାଭ କଲେ ସେମାନଙ୍କ ମଧ୍ୟରୁ ଅନ୍ତତଃ ଜଣେ ବା ଦୁଇ ଜଣ ଦୀର୍ଘଜୀବୀ ହେବା ସ୍ୱାଭାବିକ ବୋଧ ହେଉଥିଲା । ବର୍ତ୍ତମାନ, ଶିଶୁ ମୃତ୍ୟୁର ହାରରେ ଘଟିଥିବା କ୍ରମ ହ୍ରାସ ଜନସାଧାରଣଙ୍କୁ ସ୍ୱପରିବାରରେ ସନ୍ତାନ ସଂଖ୍ୟାରେ ହ୍ରାସ ଘଟାଇବା ଦିଗରେ ବିଶେଷ ସଚେତନ କରିନାହିଁ । ପୁଣି, ଏହି ରାଷ୍ଟ୍ରଗୁଡ଼ିକରେ ପରିବାରର ଭରଣ ପୋଷଣ ଦାୟିତ୍ୱ ତୁଲାଇବା ପାଇଁ ଶିଶୁମାନଙ୍କୁ ଉପାର୍ଜନକ୍ଷମ ଜୀବିକାରେ ନିୟୋଜିତ କରାଯିବାର ପରମ୍ପରା ପ୍ରଚଳିତ ହୋଇଛି । ଅର୍ଥନୈତିକ ଦୁର୍ଗତି ଓ ଦାରିଦ୍ର୍ୟର କଶାଘାତ ଯୋଗୁଁ ଅଭିଭାବକମାନେ କୋମଳମତି ସନ୍ତାନମାନଙ୍କୁ ଅତି ଅଳ୍ପ ବୟସରେ ଜୀବିକାର୍ଜନ ବ୍ୟାପାରରେ ନିୟୋଜିତ କରିବାକୁ ବାଧ୍ୟ ହୋଉଛନ୍ତି । କୃଷି ପ୍ରଧାନ ଗ୍ରାମବହୁଳ ରାଷ୍ଟ୍ରଗୁଡ଼ିକରେ ଅଦ୍ୟାବଧି ଏହି ଅସୁସ୍ଥ ପରମ୍ପରା ଅବ୍ୟାହତ ରହିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷମ ସନ୍ତାନମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟାଇବା ପ୍ରତି ଗୁରୁତ୍ୱ ଆରୋପ କରାଯାଉଛି । ମିଳିତ ଜାତିସଂଘର ବିଶେଷଜ୍ଞମାନେ ଦକ୍ଷିଣ-ପଶ୍ଚିମ ଏସିଆର ବିକାଶଶୀଳ ରାଷ୍ଟ୍ର ଗୁଡ଼ିକରେ ଏ ବ୍ୟାପାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ସେମାନେ ଲକ୍ଷ୍ୟ କଲେ ଯେ ଜାଭା, ଇଣ୍ଡୋନେସିଆ ପ୍ରଭୃତି ରାଷ୍ଟ୍ରଗୁଡ଼ିକରେ କନ୍ୟାମାନେ ୯ ବା ୧୦ ବର୍ଷ ବୟସରେ ପଦାର୍ପଣ କରିବା ପରେ ପରିବାରର ଭରଣ ପୋଷଣ ଦାୟିତ୍ୱ ତୁଲାଇ ପାରନ୍ତି । ସେମାନଙ୍କୁ ପରିବାରର ଉପାର୍ଜନ ବ୍ୟାପାର ସହ ଜଡ଼ିତ କରାଯାଏ । ଏହି ରାଷ୍ଟ୍ରଗୁଡ଼ିକରେ ଶିଶୁର ବୟସରେ କ୍ରମ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ତାହାକୁ କିପରିଭାବରେ ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ହୁଏ, ତତ୍ ସମ୍ବନ୍ଧୀୟ ଗୋଟିଏ ତାଲିକା ନିମ୍ନରେ ପ୍ରଦତ୍ତ ହୋଇଛି । ଆମ ଦେଶର ଦରିଦ୍ର ପରିବାର ଗୁଡ଼ିକର ଶିଶୁମାନଙ୍କ ଦୁର୍ଗତି ପ୍ରତି ଦୃଷ୍ଟିପାତ କଲେ ଅନାୟାସରେ ଉପଲବ୍ଧ ହେଉଛି ଯେ ଆମ ଦେଶର ଅବସ୍ଥା ପ୍ରାୟତଃ ଏହି ରାଷ୍ଟ୍ରଗୁଡ଼ିକର ଅନୁରୂପ ହୋଇଛି ।

| ଶିଶୁର ବୟସ | | ଜୀବିକା |
|---|---|---|
| ୬.୯ ବର୍ଷ | .. | କୁକୁଡ଼ା, ବତକ ଓ ହଂସ ପାଳନ |
| ୮.୦ ବର୍ଷ | .. | ଛୋଟ ଛୋଟ ପିଲାମାନଙ୍କ ଯତ୍ନ |
| ୮.୮ ବର୍ଷ | .. | ଜଳ ବାହନ |
| ୯.୩ ବର୍ଷ | .. | ଗୋମହିଷାଦି ପଶୁମାନଙ୍କ ଯତ୍ନ |
| ୯.୫ ବର୍ଷ | .. | ଗୋମହିଷାଦି ପଶୁମାନଙ୍କ ଖାଦ୍ୟ ପ୍ରସ୍ତୁତି |
| ୯.୭ ବର୍ଷ | .. | ଶସ୍ୟ ଅମଳ ବା ଶସ୍ୟ କାଟିବା |
| ୯.୯ ବର୍ଷ | .. | ଶସ୍ୟ କ୍ଷେତ୍ରରେ ବୃକ୍ଷ ରୋପଣ |
| ୧୨.୯ ବର୍ଷ | .. | ମଜୁରିଆ ଭାବରେ ଅର୍ଥୋପାର୍ଜନ |
| ୧୩ ବର୍ଷ | .. | ଫାଉଡ଼ା ବା କୋଦାଳ ସାହାଯ୍ୟରେ ମାଟି ଖୋଳିବା, ଜଙ୍ଗଲ ସଫା କରିବା ପ୍ରଭୃତି । |

ଉଭୟ ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ପରିଲକ୍ଷିତ ହେଉଛି ଯେ ଜନସାଧାରଣଙ୍କ ଆର୍ଥିକ ଅବସ୍ଥାରେ କ୍ରମୋନ୍ନତି ଘଟିବା ସହିତ ପରିବାରରେ ସନ୍ତାନ ସଂଖ୍ୟାର କ୍ରମ ହ୍ରାସ ଘନିଷ୍ଠ ଭାବରେ ସଂପୃକ୍ତ ହୋଇଛି । ଆର୍ଥିକ ଅବସ୍ଥାରେ ବା ପାରିବାରିକ ଉପାର୍ଜନରେ କ୍ରମବୃଦ୍ଧି ଘଟିବା ଦ୍ୱାରା ଅଭିଭାବକମାନେ ସନ୍ତାନମାନଙ୍କୁ ଶିକ୍ଷାଲାଭ କରିବା ପାଇଁ ବିଦ୍ୟାଳୟକୁ ପଠାଇ ପାରୁଛନ୍ତି, ପରିବାରର ଚଳଣିକୁ ବିଜ୍ଞାନସମ୍ମତ ମାନରେ ପରିଷ୍କୃତ କରିବା ପାଇଁ ସେମାନଙ୍କ ମନରେ ସ୍ୱତଃ ଆଗ୍ରହ ଜାତ ହେଉଛି, ସନ୍ତାନମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ସେମାନେ ଚିନ୍ତା କରିବାକୁ ସମର୍ଥ ହେଉଛନ୍ତି, ସନ୍ତାନମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସେମାନେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି, ସନ୍ତାନମାନେ ଅକାଳ ମୃତ୍ୟୁବରଣ କରି-ବାର ଆଶଙ୍କା ପିତା ମାତାଙ୍କୁ ବିବ୍ରତ କରୁ ନଥିବାରୁ ସନ୍ତାନ ସଂଖ୍ୟା ବଢ଼ାଇବା ଦିଗରେ ସେମାନେ ବିଶେଷ ଆଗ୍ରହୀ ହେଉନାହାନ୍ତି ଏବଂ ଜନ୍ମ ନିୟନ୍ତ୍ରଣ ଦିଗରେ ସରଳ ମାଧ୍ୟମଗୁଡ଼ିକ ରହିଥିବା ସମ୍ପର୍କରେ ଅବହିତ ବହୁବିଧ ବିକଳ୍ପ ପନ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ଆଦରି ନେବାକୁ ସେମାନେ ଶ୍ରେୟସ୍କର ମଣୁଛନ୍ତି । ମିଳିତ ଜାତିସଂଘର ବିଶେଷଜ୍ଞମାନେ କଣାଇ ଦେଉଛନ୍ତି ଯେ ମୁଖ୍ୟତଃ ନିମ୍ନଲିଖିତ କାରଣଗୁଡ଼ିକ ଯୋଗୁଁ ଜନ୍ମହାରରେ କ୍ରମହ୍ରାସ ଘଟୁଛି :—

(୧) ଜନ୍ମ ନିରୋଧ ପାଇଁ ଉପଯୁକ୍ତ ବ୍ୟବସ୍ଥାର ଆଶ୍ରୟ ନେବା-ପାଇଁ ଜନସାଧାରଣ ଅନାୟାସରେ ବିଶେଷଜ୍ଞମାନଙ୍କ ପରାମର୍ଶ ପାଇ ପାରୁଛନ୍ତି ଏବଂ ସେବାକାରୀ ସଂସ୍ଥାଗୁଡ଼ିକ ଜନସାଧାରଣଙ୍କୁ ଏ ଦିଗରେ ସାହାଯ୍ୟ କରିବାକୁ ବିଶେଷ କର୍ମତତ୍ପର ହୋଇଛନ୍ତି ।

(୨) ଶିକ୍ଷାର ପ୍ରସାର ଓ ନିରକ୍ଷରତାର ଦୂରୀକରଣ ପାଇଁ ବିହିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଥିବାରୁ ଜନସାଧାରଣ ଆଉ ପୂର୍ବବତ ଅନ୍ଧକାର ବଶବର୍ତ୍ତୀ ହୋଇ ଅସୁସ୍ଥ ପରମ୍ପରାର ଅନୁଗାମୀ ହେବାକୁ ପସନ୍ଦ କରୁ ନାହାନ୍ତି ।

(୩) ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ପାଇଁ ସେମାନେ ଚିକିତ୍ସା ବିଜ୍ଞାନର ମହନୀୟ ଅବଦାନଗୁଡ଼ିକୁ ବ୍ୟବହାର କରିପାରୁଛନ୍ତି । ପରମାୟୁରେ କ୍ରମ ଅଭିବୃଦ୍ଧି ତଥା ଶିଶୁମାନଙ୍କ ମୃତ୍ୟୁ ହାରରେ କ୍ରମହ୍ରାସ ଘଟୁଥିବା ଯୋଗୁଁ ପରିବାରର ସନ୍ତାନ ସଂଖ୍ୟାରେ ଅଧିକ ବୃଦ୍ଧି ନ ଘଟାଇବାର ପରାମର୍ଶ ସେମାନଙ୍କ ଗ୍ରହଣଯୋଗ୍ୟ ହେଉଛି ।

(୪) କୃଷି ଓ ଶିଳ୍ପ କ୍ଷେତ୍ରରେ ନୂଆ ନୂଆ ଜୀବିକା ସୃଷ୍ଟି କରା-ଯାଉଥିବାରୁ ପାରିବାରିକ ଆୟ ବୃଦ୍ଧିର ପଥ ସୁଗମ୍ୟ ହେଉଛି ।

(୫) ଉଭୟ ଯୁବକ ଓ ଯୁବତୀମାନଙ୍କ ବିବାହ କରିବାର ବୟସ ଅଧିକରୁ ଅଧିକ ହେଉଥିବାରୁ ଯେଉଁ ବୟସ ସୀମା ମଧ୍ୟରେ ମନୁଷ୍ୟ ପ୍ରଜନନକ୍ଷମ ହୁଏ, ତାହାର କ୍ରମସଂକୋଚନ ଘଟୁଛି; ଏଣୁ ପରିବାରର ସନ୍ତାନ ସଂଖ୍ୟା ବିଶେଷ ବୃଦ୍ଧି ଲାଭ କରିବାର ଅବକାଶ ରହୁନାହିଁ ।

(୬) ଗ୍ରାମାଞ୍ଚଳରୁ ପରିବାରର ପାଳନକର୍ତ୍ତା ରୂପେ କ୍ରିୟାଶୀଳ ପ୍ରଜନନକ୍ଷମ ଜନସାଧାରଣ ଅଧିକରୁ ଅଧିକ ସଂଖ୍ୟାରେ ସହରାଞ୍ଚଳକୁ ଚାଲି ଆସୁଥିବାରୁ ଜନ୍ମହାରରେ ଆନୁପାତିକ କ୍ରମହ୍ରାସ ଘଟିବା ସ୍ୱାଭାବିକ ବୋଧ ହେଉଛି ।

(୭) ନାରୀ ମାନଙ୍କ ସ୍ୱାର୍ଥ ଓ ମର୍ଯ୍ୟାଦା ସଂରକ୍ଷଣ ପାଇଁ ଆଧୁନିକ ଯୁଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସେମାନଙ୍କୁ କେବଳ ସନ୍ତାନ ପ୍ରସବକାରିଣୀ ରୂପେ ବିଶ୍ୱାସ କରିବା ଆଉ ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ । ସେମାନେ ପୁରୁଷ ମାନଙ୍କ ସମକକ୍ଷ ଉତ୍ପା-ଦନକ୍ଷମ ଜୀବିକାରେ ଆତ୍ମ ନିୟୋଗ କରିବା ପରେ ପରିବାରର ସନ୍ତାନ ସଂଖ୍ୟା ବଢ଼ାଇବା ବେଳେ ସେମାନଙ୍କ ମତ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଅନିବାର୍ଯ୍ୟ ବୋଧ ହେଉଛି ।

(୮) ପ୍ରତ୍ୟେକ ପରିବାରର ଜୀବନ ଧାରଣର ନ୍ୟୁନତମ ଚାହିଦା ପୂରଣ ତଥା ସାମାଜିକ କ୍ଷେତ୍ରରେ ଅର୍ଥନୈତିକ ବୈଷମ୍ୟର କ୍ରମ ସଂକୋଚନ ଦିଗରେ ବିହିତ ପ୍ରତିକାର ମୂଳକ ଆନୁଷଙ୍ଗିକ ପଦକ୍ଷେପ

ଗ୍ରହଣ କରାଯିବାରୁ ନିଃସନ୍ତାନ ବା ଦରିଦ୍ର ପରିବାର ଗୁଡ଼ିକର ଜୀବନ ଧାରଣର ମାନରେ ଉନ୍ନୋତି ଘଟୁଛି । ଆଶା କରାଯାଉଛି ଯେ ସଂପଦର ସୁଷମ ବଣ୍ଟନ ବ୍ୟବସ୍ଥାକୁ ଠିକଣା ମାର୍ଗରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହେଲେ ପ୍ରତ୍ୟେକ ନାଗରିକ ଜନ ସଂଖ୍ୟାର ଅଭିବୃଦ୍ଧି ନ ଘଟାଇବାର ତାତ୍ପର୍ଯ୍ୟ ଉପଲବ୍ଧି କରିବା ସଂଗେ ସଂଗେ ପୂର୍ବାପେକ୍ଷା ଅଧିକ ସୁଖ ଶାନ୍ତି ମୟ ଜୀବନ ଯାପନ କରିବାକୁ ଯତ୍ନଶୀଳ ହେବେ ।

(ଗ) ଲକ୍ଷ୍ୟ କରାଯାଉଛି ଯେ ପ୍ରତ୍ୟେକ ରାଷ୍ଟ୍ରରେ ଜନସାଧାରଣଙ୍କ ହାରାହାରି ପରମାୟୁରେ ଯଥେଷ୍ଟ ଅଭିବୃଦ୍ଧି ଘଟୁଛି । ୧୯୫୦ ମସିହା ବେଳକୁ ପୃଥିବୀର ଜନସାଧାରଣଙ୍କ ହାରାହାରି ପରମାୟୁ ପ୍ରାୟ ୪୦ ବର୍ଷ ହୋଇଥିଲା । ବର୍ତ୍ତମାନ ଏହା ୫୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ଲାଭ କରିଛି । ଜନସ୍ୱାସ୍ଥ୍ୟର ରକ୍ଷଣା ବେକ୍ଷଣ ଓ ଚିକିତ୍ସା ବିଜ୍ଞାନର ସମୃଦ୍ଧି ସାଧନ ପାଇଁ ବର୍ତ୍ତମାନ ଯେପରି ଭାବରେ ବିଭିନ୍ନ ରାଷ୍ଟ୍ର ଗୁଡ଼ିକରେ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରିଆରେ ପଦକ୍ଷେପ ଗ୍ରହଣ କରାଯାଉଛି ତଜ୍ଜନିତ ଆଶା କରାଯାଉଛି ଯେ ଚଳିତ ଶତାବ୍ଦୀର ପରିସମାପ୍ତି ଘଟିବା ବେଳକୁ ପୃଥିବୀର ଜନ ସାଧାରଣଙ୍କ ହାରାହାରି ପରମାୟୁ ପ୍ରାୟ ୬୩ ବର୍ଷ ପାଖାପାଖି ହୋଇଯିବ । ଅବଶ୍ୟ, ପ୍ରଥମ ପୃଥିବୀ ଶ୍ରେଣୀଭୁକ୍ତ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକରେ ହାରାହାରି ପରମାୟୁରେ ଅଭିବୃଦ୍ଧିର ହାର ବିଶେଷ ବୃଦ୍ଧି ଲାଭ କରିବାର ଶୁଭ ଲକ୍ଷଣ ପ୍ରତିଭାତ ହେଉନାହିଁ । ଶିଳ୍ପୋନ୍ନତ ରାଷ୍ଟ୍ର ଗୁଡ଼ିକ ଏ ଦିଗରେ ଆଉ ଅଧିକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବାକୁ ସମର୍ଥ ହୋଇ ନ ପାରିବା ଭଳି ଜଣା ପଡୁଛି । ତୃତୀୟ ପୃଥିବୀ ଶ୍ରେଣୀ ଭୁକ୍ତ ରାଷ୍ଟ୍ର ଗୁଡ଼ିକରେ ଶାସନ କ୍ଷମତା ବହନ କରିଥିବା ନେତୃ ବର୍ଗ ଯଦି ଜନ ସଂଖ୍ୟାର ନିୟନ୍ତ୍ରଣ ପାଇଁ ଆଜହୁଁ ସୁସମନ୍ୱିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ଅଗ୍ରାଧିକାର ଆରୋପ କରନ୍ତି, ତାହାହେଲେ ସେହି ଦେଶ ଗୁଡ଼ିକରେ ଜନ ସଂଖ୍ୟାର ଅଭିବୃଦ୍ଧିକୁ ଯଥେଷ୍ଟ ଅଧିକ ପରିମାଣରେ ନିୟନ୍ତ୍ରଣ କରାଯିବା ସଂଗେ ସଂଗେ ଜନସାଧାରଣଙ୍କ ହାରାହାରି ପରମାୟୁର ବିଶେଷ ଅଭିବୃଦ୍ଧି ଘଟିବାର ପଥ ସୁଗମ୍ୟ ହୋଇଯିବ

(ଘ) ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକରେ ଅତି ଅଳ୍ପ ସଂଖ୍ୟକ ଶିଶୁ ବର୍ତ୍ତମାନ ଜନ୍ମ ଗ୍ରହଣ କରୁଛନ୍ତି । ତୃତୀୟ ପୃଥିବୀରେ ଜନ୍ମହାର ପୂର୍ବାପେକ୍ଷା କମି ଯାଇଥିଲେ-ମଧ୍ୟ ମୃତ୍ୟୁ ବରଣ କରୁଥିବା ଶିଶୁ ବା ବୟସ୍କ ବ୍ୟକ୍ତି ମାନଙ୍କ ମୋଟ ସଂଖ୍ୟା ତୁଳନାରେ ଜନ୍ମ ଗ୍ରହଣ କରୁଥିବା ଶିଶୁ ମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇ ଯାଉଛି । ଅବଶ୍ୟ, ଶିଳ୍ପୋନ୍ନତି ରାଷ୍ଟ୍ରଗୁଡ଼ିକରେ ବର୍ତ୍ତମାନ ଜନ୍ମ ହାର ଓ ମୃତ୍ୟୁ ହାର ପରସ୍ପର ସହ ସମାନ ହୋଇ ନ ଥିଲେ ମଧ୍ୟ ଏହା ପ୍ରାୟତଃ ଏପରି ଅନୁପାତର ପାଖାପାଖି ହୋଇ ଗଲଣି । 'ଜିରୋ ପପୁଲେସନ ଗ୍ରୋଥ' (ଜେଡ୍: ପି: ଜି:) ଅର୍ଥାତ, ଜନ ସଂଖ୍ୟାର ଅଭି ବୃଦ୍ଧିକୁ ଶୂନ୍ୟ କରି ଦିଆ ଯିବାକୁ ବର୍ତ୍ତମାନ ଆଦର୍ଶ ରୂପେ ଗ୍ରହଣ କରା ଯାଉଛି । ଯୁକ୍ତ ରାଷ୍ଟ୍ର ଆମେରିକା ଓ ଜାପାନ ବର୍ତ୍ତମାନ ଏହି ଆଦର୍ଶଟିକୁ ପ୍ରାୟତଃ ପାଳନ କରିବା ଅବସ୍ଥାରେ ଉପନୀତ ହୋଇ ଗଲେଣି । ଏପରି ଘଟୁଥିବାରୁ ବର୍ତ୍ତମାନ ଏହି ରାଷ୍ଟ୍ର ଗୁଡିକରେ ଜନସାଧାରଣଙ୍କ ହାରାହାରି ବୟସ ଯଥେଷ୍ଟ ଅଧିକ ହୋଇ ଯାଉଛି ଏବଂ ଏହି ରାଷ୍ଟ୍ରଗୁଡ଼ିକରେ ପ୍ରୌଢ଼ ଓ ବୃଦ୍ଧ ବ୍ୟକ୍ତି ମାନଙ୍କ ସଂଖ୍ୟା ଶିଶୁ ଓ ଯୁବ ସଂପ୍ରଦାୟର ତୁଳନାରେ ଅଧିକ ହୋଇଛି । ସମୟ କ୍ରମେ 'ଜିରୋ ପପୁଲେସନ ଗ୍ରୋଥ୍' କୁ ଆଦର୍ଶ ରୂପେ ଗ୍ରହଣ କରିଥିବା ରାଷ୍ଟ୍ର ଗୁଡ଼ିକରେ ବୟୋବୃଦ୍ଧ ନାଗରିକ ମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିବାର ଯେଉଁ ସୂଚନା ମିଳୁଛି, ତାହାକୁ ଦୃଷ୍ଟିରକୁ ନେଇ ଉପଯୁକ୍ତ ସାମାଜିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସଂପର୍କରେ ଆଜହୁଁ ସମାଜ ବିଜ୍ଞାନୀ ମାନେ ଚିନ୍ତା କଲେଣି । ସେମାନେ ଜାଣି ଗଲେଣି ଯେ ଶିଶୁ ମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ଜନ ଶିକ୍ଷା ଭଳି ବ୍ୟବସ୍ଥା ଗୁଡ଼ିକ ତୁଳନାରେ ବୟୋବୃଦ୍ଧ ବ୍ୟକ୍ତି ମାନଙ୍କ ଜୀବନ ଧାରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦିଗରେ ଏଣିକି ଗୁରୁତ୍ୱ ଆରୋପ କରାଯିବ । ସ୍ୱଳ୍ପ ସଂଖ୍ୟକ କାର୍ଯ୍ୟକ୍ଷମ ନାଗରିକ ବିପୁଳ ସଂଖ୍ୟକ ବୟୋବୃଦ୍ଧ ନାଗରିକଙ୍କ ଭରଣ ପୋଷଣ ଦାୟୀତ୍ୱ ତୁଲାଇବାକୁ ବାଧ୍ୟ ହେବେ । ତେଣୁ ଜନ-ମଙ୍ଗଳକାରୀ ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ବେଳେ (ଯଥା : ପେନ୍‌ସନ ବ୍ୟବସ୍ଥା, ଭତ୍ତା, ପ୍ରଦାନ, ବାସଗୃହ ଯୋଗାଣ ପ୍ରଭୃତି) ଯୁବ ସଂପ୍ରଦାୟ ଏହାକୁ ପ୍ରଥମେ ବିରୋଧ କରିବା ସ୍ୱାଭାବିକ ବୋଧ ହେଉଛି । ମାତ୍ର ଶିଳ୍ପୋନ୍ନତ ରାଷ୍ଟ୍ର ଗୁଡ଼ିକରେ ସମାଜ ସଚେତନ ଜନସାଧାରଣ ଓ ଜନମଙ୍ଗଳ କାରୀ ସରକାର କାଳ କ୍ରମେ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ ନୂଆ ନୂଆ ପନ୍ଥା ଆବିଷ୍କାର କରିବାକୁ ବାଧ୍ୟ ହେବେ । ଆଜହୁଁ ସେମାନେ ଏ ଦିଗରେ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଭବିଷ୍ୟତ ସହ ଠିକଣା ଭାବରେ ମୁକାବିଲା କରିବାକୁ ସମର୍ଥ ହୋଇପାରିବେ ।

ମାତ୍ର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ନିକଟ ଭବିଷ୍ୟତରେ ବହୁ ପ୍ରକାର ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବେ । ଏହି ରାଷ୍ଟ୍ରଗୁଡ଼ିକରେ କାର୍ଯ୍ୟ-କ୍ଷମ ଯୁବକ ଯୁବତୀମାନଙ୍କ ସଂଖ୍ୟାରେ ତ୍ୱରାନ୍ୱିତ ଭାବରେ କ୍ରମବୃଦ୍ଧି ଘଟିବା ଯୋଗୁଁ ବେକାରୀ ସମସ୍ୟା ଉତ୍‌କଟ ଆକାର ଧାରଣ କରିବ । ଆଲୋଚ୍ୟ ଅନୁଶୀଳନ ସହ ସଂପୃକ୍ତ ବିଶେଷଜ୍ଞମାନେ ଜଣାଇ ଦେଇଛନ୍ତି ଯେ ୧୯୭୫—୮୫ ଦଶନ୍ଧି ମଧ୍ୟରେ ବିକାଶ-ଶୀଳ ରାଷ୍ଟ୍ର ଗୁଡ଼ିକରେ କାର୍ଯ୍ୟକ୍ଷମ ନାଗରିକ ମାନଙ୍କ ସଂଖ୍ୟା ୫୪୮ ନିୟୁତରୁ ୬୮୮ ନିୟୁତ ପର୍ଯ୍ୟନ୍ତ ବୃଦ୍ଧି ଲାଭ କରିବ । ଏତେ ଅଧିକ ସଂଖ୍ୟକ ଯୁବକ ଯୁବତୀମାନଙ୍କୁ ଠିକଣା ଭାବରେ ତାଲିମ୍ ଦେବା ପୂର୍ବକ ଦେଶୋପଯୋଗୀ ଉତ୍‌ପାଦନ କ୍ଷମ ଜୀବିକା ଯୋଗାଇ ଦେବା ରାଷ୍ଟ୍ରୀୟ ନେତୃ ବର୍ଗଙ୍କ ପକ୍ଷରେ ଗୋଟିଏ ଆୟାସ ସାଧ୍ୟ ବ୍ୟାପାରରେ ପରିଣତ ହେବ । ପୁଣି, ସମକାଳୀନ ଭାବରେ ଜନ ସଂଖ୍ୟାରେ ଅଭିବୃଦ୍ଧିକୁ ଯଥେଷ୍ଟ ପରିମାଣରେ ସଂକୁଚିତ କରାଯିବା ସଂଭବ ନ ହେଲେ ବେକାରୀ ସମସ୍ୟା ଆହୁରି ସଂପ୍ରସାରିତ ହେବ ଏବଂ ଏଥିପାଇଁ ଏହି ରାଷ୍ଟ୍ର ଗୁଡ଼ିକରେ ଅନିବାର୍ଯ୍ୟ ଭାବରେ ଅଶାନ୍ତି ଓ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହେବ । ମିଳିତ ଜାତିସଂଘ କର୍ତ୍ତୃପକ୍ଷ ଏହି ବିବରଣୀ ଜରିଆରେ ତୃତୀୟ ପୃଥିବୀ ଶ୍ରେଣୀ ଭୁକ୍ତ ରାଷ୍ଟ୍ର ଗୁଡ଼ିକର ଜନ ସାଧାରଣଙ୍କୁ ଆହୁରି ମଧ୍ୟ ଚେତାଇ ଦେଇଛନ୍ତି ଯେ ପୃଥିବୀ ପୃଷ୍ଠରେ ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସଂଖ୍ୟା ୩୦୪ ନିୟୁତ ଠାରୁ (୧୯୭୦ ମସିହାର ସ୍ଥିତାବସ୍ଥା) ବୃଦ୍ଧି ଲାଭ କରି ଚଳିତ ଶତାବ୍ଦୀର ପରିସମାପ୍ତି ଘଟିବା ବେଳକୁ ପ୍ରାୟ ୫୮୧ ନିୟୁତ ହୋଇଥିବ ଏବଂ ତନ୍ମଧ୍ୟରୁ ଶତକଡ଼ା ୯୦ ଭାଗ କେବଳ ବିକାଶ ଶୀଳ ରାଷ୍ଟ୍ର ଗୁଡ଼ିକରେ ଜୀବନ ବିତାଉ ଥିବେ । ଏହି ବୟୋବୃଦ୍ଧ ବ୍ୟକ୍ତି-ମାନଙ୍କ ପାଇଁ ସରକାର ଯେଉଁ ଥଇଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ, କ୍ରମ ବର୍ଦ୍ଧମାନ ବେକାର ଯୁବ ସଂପ୍ରଦାୟଙ୍କ ପ୍ରତି ତାହା କଦାପି ଗ୍ରହଣ ଯୋଗ୍ୟ ହେବ ନାହିଁ । ତେଣୁ ଯୁବ ସଂପ୍ରଦାୟ ଓ ବୟୋବୃଦ୍ଧବ୍ୟକ୍ତି ମାନଙ୍କ ମଧ୍ୟରେ ତିକ୍ତ ସଂପର୍କ ସୃଷ୍ଟି ହେବ ଏବଂ ଏହା ସାମାଜିକ ଜୀବନକୁ ପୂର୍ବାପେକ୍ଷା ଅଶାନ୍ତ ଓ ଉତ୍ତେଜନା ମୟ କରି ପକାଇବ ।

ଏହି ସମସ୍ତ ମୁଖ୍ୟ ଚିନ୍ତା ଉଦ୍ରେକକାରୀ ତଥା ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ବିଚାରକୁ ନେଇ ବିଜ୍ଞ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏଣିକି ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଗ୍ରାଧିକାର ଆରୋପ କରନ୍ତୁ । ସବୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଯଦି ଉତ୍ତମ ବୁଝାମଣା ବିନିମୟରେ ତଥା ପାରସ୍ପରିକ ସହଯୋଗିତା ବଳରେ କ୍ରିୟାଶୀଳ ହୁଅନ୍ତି ଏବଂ ତଥ୍ୟ ଆଦାନ-ପ୍ରଦାନ ବ୍ୟବସ୍ଥା ବିନିମୟରେ ଓ ପାରସ୍ପରିକ ନିର୍ଭରଶୀଳତା ଅବଲମ୍ବନରେ ସୁଚିନ୍ତିତ ଯୋଜନାଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକଣାଭାବରେ କାର୍ଯ୍ୟକାରୀ କରିବାକୁ ସଙ୍କଳ୍ପ ବଦ୍ଧ ହୁଅନ୍ତି, ତାହାହେଲେ ପାର୍ଥିବ ଜନସଂଖ୍ୟାର ଅଭିବୃଦ୍ଧିରେ କ୍ରମହ୍ରାସର ହାର ତ୍ୱରାନ୍ୱିତ ହେବା ସଂଗେ ସଂଗେ ଏହି ରାଷ୍ଟ୍ରଗୁଡ଼ିକର ଜନସାଧାରଣ ସୁଖ ଶାନ୍ତିମୟ ଜୀବନ ଯାପନ କରିବାକୁ ସମର୍ଥ ହୋଇ ପାରିବେ । ବିଶେଷଜ୍ଞମଣ୍ଡଳି ବିଶେଷଭାବରେ ଚେତାଇ ଦେଇଛନ୍ତି ଯେ ନାରୀମାନଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଥିବା ରାଷ୍ଟ୍ରଗୁଡ଼ିକରେହିଁ ଜନସଂଖ୍ୟାର ଅଭିବୃଦ୍ଧିର ହାର ତ୍ୱରାନ୍ୱିତ ହୋଇଛି । କେତେକ କ୍ଷେତ୍ରରେ ନାରୀମାନଙ୍କ ଶିକ୍ଷା ପାଇଁ ଓ ସେମାନଙ୍କୁ ଉତ୍ପାଦନକ୍ଷମ ଜୀବିକା ଯୋଗାଇ ଦେବାପାଇଁ ବିହିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ପରେ ପରିଲକ୍ଷିତ ହୋଇଛି ଯେ ସେହି ରାଷ୍ଟ୍ରଗୁଡ଼ିକରେ ଜନ୍ମଉଥିବା ସନ୍ତାନମାନଙ୍କ ସଂଖ୍ୟାରେ ଯଥେଷ୍ଟ କ୍ରମହ୍ରାସ ଘଟୁଛି । ଉଭୟ ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରର ଶାସକବର୍ଗ ଏ ଦିଗରେ ବିହିତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଏହି ବିବରଣୀରେ ବିଶେଷ ପ୍ରାଧାନ୍ୟ ଆରୋପିତ ହୋଇଛି ।

**ସମୟୋପଯୋଗୀ ଚେତାବନୀ**—ମିଳିତ ଜାତିସଂଘର ପୃଷ୍ଠପୋଷକତାରେ ଏ ଯେଉଁ ସମୟୋପଯୋଗୀ ବିବରଣୀଟି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହୋଇଛି, ତାହା ଆମ ଦେଶ ପରି ଗୋଟିଏ ବିକାଶଶୀଳ ତଥା ଜନବହୁଳ ରାଷ୍ଟ୍ର ପ୍ରତି ବିଶେଷ ଶିକ୍ଷଣୀୟ ହୋଇଛି । ଜନସଂଖ୍ୟାର ଅଭିବୃଦ୍ଧିକୁ ରୋକିବା ପାଇଁ ଅବଶ୍ୟ ଆମ ଦେଶରେ ପରିବାର କଲ୍ୟାଣ ଯୋଜନାକୁ ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକାରୀ କରାଯାଉଛି । ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହାର ଗୁରୁତ୍ୱ ଉପଲବ୍ଧି କରିବା ସଂଗେ ସଂଗେ ବିଶେଷଜ୍ଞମାନଙ୍କ ଜରିଆରେ ଜନ୍ମ ନିରୋଧ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରଉଛନ୍ତି ଏବଂ ପ୍ରଚାର ମାଧ୍ୟମଗୁଡ଼ିକ ଜରିଆରେ ଜନସାଧାରଣଙ୍କୁ ଏହି ବ୍ୟବସ୍ଥାଗୁଡ଼ିକର ସଦୁପଯୋଗ କରିବାକୁ ପ୍ରବର୍ତ୍ତାଉଛନ୍ତି । ମାତ୍ର ମିଳିତ ଜାତିସଂଘ ଆନୁକୂଲ୍ୟରେ ଅନୁଶୀଳନ ଚଳାଉଥିବା ବିଶେଷଜ୍ଞମାନେ ବହୁବିଧ ଦୃଷ୍ଟିକୋଣରୁ ପରିସଂଖ୍ୟାନଭିତ୍ତିକ ପ୍ରାମାଣିକ ତଥ୍ୟରାଜି ଅବଲମ୍ବନରେ ଗବେଷଣା ଚଳାଇବା ପରେ ପରିବାରର ସଂଖ୍ୟାକୁ ସ୍ୱେଚ୍ଛାକୃତଭାବରେ ସୀମିତ ରଖାଯିବା ଦିଗରେ ସହାୟକ ହେଉଥିବା ଯେଉଁ ସମସ୍ତ କାରଣଗୁଡ଼ିକ ସଂପର୍କରେ ଆଲୋକପାତ କରିଛନ୍ତି, ଆମ ଦେଶରେ ତଦନୁବର୍ତ୍ତୀ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବା ଦିଗରେ ବଳିଷ୍ଠ ନେତୃତ୍ୱରେ ଏକାନ୍ତ ଅଭାବ ପରିଲକ୍ଷିତ ହେଉଛି । ନିରକ୍ଷରତା ଦୂରୀକରଣ, ପ୍ରୌଢ଼ ଶିକ୍ଷାର ସଂପ୍ରସାରଣ, ଦେଶର ଜନସାଧାରଣଙ୍କ ଶିକ୍ଷା ଦୀକ୍ଷା ଓ ଜାତୀୟ ସଂପଦକୁ ବିଚାରକୁ ନେଇ ଉପଯୁକ୍ତ ଟେକ୍‌ନୋଲଜିଗୁଡ଼ିକର ଉଦ୍ଭାବନ ଓ ପ୍ରାୟୋଗିକ ଉପଯୋଗ, ସଂପଦର ସୁଷମ ବିତରଣ ଓ ସାମ୍ୟବାଦୀ ସମାଜର ପ୍ରତିଷ୍ଠା, ଦେଶର ଅବହେଳିତ ଓ ଦରିଦ୍ର ଜନତାର ଜୀବନ ଧାରଣର ମାନରେ କ୍ରମୋନ୍ନତି ଘଟାଇବା ଉଦ୍ଦେଶ୍ୟରେ ତଥା ବେକାରୀ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଉତ୍ପାଦନକ୍ଷମ ଜୀବିକାଗୁଡ଼ିକର ସୃଷ୍ଟି, ଜାତୀୟ ଉନ୍ନୟନମୂଳକ ଯୋଜନାଗୁଡ଼ିକ ସହିତ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଭାବରେ ଜଡ଼ିତ କରାଇ ପାରିବା ଭଳି ପ୍ରଶାସନିକ ପଦକ୍ଷେପ ପ୍ରଭୃତି ଜନକଲ୍ୟାଣମୁଖୀ ଯୋଜନାଗୁଡ଼ିକର ମହତ୍ୱ ତାତ୍ତ୍ୱିକଭାବରେ ଉପଲବ୍ଧ ହେଉଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଏଗୁଡ଼ିକର ବାସ୍ତବ ରୂପାୟନ ସଂଭବ ହେଉନାହିଁ । ପରିବାର କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ସହିତ ଯଦି ସମକାଳୀନଭାବରେ ବର୍ଣ୍ଣିତ ଯୋଜନାଗୁଡ଼ିକୁ ସୁସମନ୍ୱିତ ମାର୍ଗରେ କାର୍ଯ୍ୟକାରୀ କରାଯିବା ଦ୍ୱାରା ତଥା ଅଗ୍ରାଧିକାର ଭିତ୍ତିରେ ବିପୁଳ ସଂଖ୍ୟକ ଦରିଦ୍ର ଜନତାର ଆଶା ଆକାଂକ୍ଷା ପୂରଣକାରୀ ଯୋଜନାଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯିବାଦ୍ୱାରା ଜନସାଧାରଣଙ୍କ ରୁଚିକୁ ଯୁଗୋପଯୋଗୀ ତଥା ଦେଶୋପଯୋଗୀ ମାର୍ଗରେ ବଦଳାଇ ଦିଆଯିବା ସମ୍ଭବ ହୁଏ ଏବଂ ସେମାନେ ଯଦି ଆର୍ଥିକ ସ୍ୱଚ୍ଛଳତା ଲାଭ କରିବା ଦ୍ୱାରା ପରିବାରରେ ସନ୍ତାନ ସଂଖ୍ୟା ବୃଦ୍ଧି ଲାଭ କରିବା ପରିବର୍ତ୍ତେ ଯୁଗ-ଚେତଣାକୁ ସମ୍ୟକଭାବରେ ଉପଲବ୍ଧି କରିବା ପୂର୍ବକ ପ୍ରତ୍ୟେକ ପରିବାରର ଗୋଟିଏ ବା ଦୁଇଟି ସନ୍ତାନଙ୍କୁ ଉପଯୁକ୍ତ ଭାବରେ ଲାଳନ ପାଳନ କରିବାକୁ ସ୍ୱେଚ୍ଛାକୃତଭାବେ ପସନ୍ଦ କରନ୍ତି, ତାହାହେଲେ ସ୍ଥିତାବସ୍ଥାରେ ନିର୍ଣ୍ଣିତଭାବରେ ଶୁଭଙ୍କରୀ ପରିବର୍ତ୍ତନ ଘଟିବ । ସଂପ୍ରତି ଆମ ଦେଶର ରାଜନୈତିକ ସ୍ଥିତିକୁ ଲକ୍ଷ୍ୟ କରିବା ଦ୍ୱାରା ଅବଶ୍ୟ ଦେଶର ଭବିଷ୍ୟତ ସଂପର୍କରେ ନୈରାଶ୍ୟବାଦୀ ମନୋଭାବ ପୋଷଣ କରିବା ସ୍ୱାଭାବିକ ବୋଧ ହେଉଛି । ମାତ୍ର ଆମମାନଙ୍କୁ ଭବିଷ୍ୟତ ଉପରେ ଆସ୍ଥା ସ୍ଥାପନ କରିବାକୁ ହିଁ ହେବ । ଆମେ ଆଶା କରିବା ଯେ ଆମ ଦେଶର ସୁସଂଯତ ବିକାଶ ଘଟାଇବା ଉଦ୍ଦେଶ୍ୟରେ ବଳିଷ୍ଠ ନେତୃତ୍ୱ ପ୍ରଦାନ କରିବା ପାଇଁ ନିର୍ଦ୍ଦିଷ୍ଟଭାବରେ ଏ ଦେଶର ଜନସାଧାରଣ ଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନରେ ଉପଯୁକ୍ତ ସରକାର ଗଠନ କରି ପାରିବେ । ଅତୀତର ଅଭିଜ୍ଞତା ଓ ଅନୁଭୂତିରୁ ଶିକ୍ଷା ଲାଭ କରି ତଥା ଦେଶ ବିଦେଶର ସାଂପ୍ରତିକ ଘଟଣାବଳି ସମ୍ପର୍କରେ ଜ୍ଞାନ ଅର୍ଜନ କରି ସେମାନେ ଏ ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରାଇ ପାରିବା ଭଳି ଟାଣୁଆ ସରକାର ଗଠନ କରିବାକୁ ନିର୍ଣ୍ଣିତଭାବରେ ମନ ବଳାଇବେ । ବିଳମ୍ବରେ ହେଲେ ମଧ୍ୟ ଯଦି ଆଗାମୀ ଦଶନ୍ଧି ମଧ୍ୟରେ ଆମେ ଠିକଣା ପଥର ଅନୁଗାମୀ ହୋଇ ନ ପାରୁ, ତାହାହେଲେ ଆନ୍ତର୍ଜାତୀୟ କ୍ଷେତ୍ରରେ ଆମ ଦେଶର ମର୍ଯ୍ୟାଦାହାନୀ ଘଟିବା ସଂଗେ ସଂଗେ ବହୁଟାଙ୍କ ପର୍ଯ୍ୟନ୍ତ ଆମର ଦାୟାଦମାନେ ପରମୁଖାପେକ୍ଷୀ ଦୟନୀୟ ଜୀବନ ବିତାଇବାକୁ ବାଧ୍ୟ ହେବେ । ଚଳିତ ଶତାବ୍ଦୀର ଏହି କ୍ରାନ୍ତିକାରୀ ପର୍ଯ୍ୟାୟରେ ଯେଉଁମାନେ ଏ ଦେଶର ନେତୃତ୍ୱ ବହନ କରିବା ଅବସରରେ ସ୍ୱାର୍ଥ ସର୍ବସ୍ୱ ଓ କ୍ଷମତା ଲୋଭୀ ମନୋଭାବର ତାଡ଼ନାରେ ନିଜ ପବିତ୍ର ଜନ୍ମଭୂମିର ଭବିଷ୍ୟତକୁ ଅନ୍ଧକାର ଗର୍ଭକୁ ଠେଲିଦେବେ, ସେମାନଙ୍କ ବଂଶଧରମାନେ ପଶୁତୁଲ୍ୟ ଜୀବନ ଯାପନ କରିବା ଅବସରରେ କରାବର ସେମାନଙ୍କ ପ୍ରତି ଅଭିଶାପ ବର୍ଷଣ କରିବେ । ମିଳିତ ଜାତିସଂଘ ଆନୁକୂଲ୍ୟରେ ପ୍ରକାଶିତ ଏହି ସମୟୋପଯୋଗୀ ଚେତାବନୀ ଆମ ଦେଶର ବୁଦ୍ଧିଜୀବୀମାନଙ୍କ ଜ୍ଞାନ-ଚକ୍ଷୁ ଉନ୍ମୀଳିତ କରୁ—ଏହାହିଁ କାମନା ।

ପଦାର୍ଥ ବିଜ୍ଞାନ ବିଭାଗ,
ରେଭେନ୍ସା ମହାବିଦ୍ୟାଳୟ, କଟକ

# ସର୍କସର ନିରୀହ ଦର୍ଶକ

ଶ୍ରୀ ଦେବାନନ୍ଦ ସାମନ୍ତରାୟ

ବିଚିତ୍ର ଏ ସଂସାରର ଲୀଳାଖେଳା ସୃଷ୍ଟି ଓ ସଂହାର
କିଏ ସେ ଅଦୃଷ୍ଟ ଆସି ତା' ଇଚ୍ଛାରେ ଅନ୍ଧ କରେ
ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ବଡ଼ ଦାଣ୍ଡରେ
କାଳର କରାଳ ଚକ୍ରେ ଯେତେ ରଙ୍ଗ ସବୁ ନିଏ ଧୋଇ;

ଏନ୍ତୁଡ଼ିରୁ ଶ୍ମଶାନର କୂଳ ଯାଏଁ ସବୁ କ'ଣ ମିଛମାୟା
ନାନାରଙ୍ଗେ ନାନାଢଙ୍ଗେ ନାନା କୁଟ କଉତୁକ
ଚିହ୍ନିବା ମୁସିଲ ଛଳନାରେ ମୂର୍ତ୍ତିମନ୍ତ ଏ ଅଜବ ଦୁନିଆ
କ୍ଷଣିକ ଉନ୍ମାଦନାରୁ ଏତେ ଟିକେ ସ୍ୱାର୍ଥସିଦ୍ଧି ପାଇଁ,
ଆତ୍ମଗର୍ବ ଅହଂକାରେ ଏ ମଣିଷ ନିଜସ୍ୱର ସ୍ଥିତି ଭୁଲେ
ଜଗତିରୁ ଜଗତଟା ଦୃଶ୍ୟ ହୁଏ ନାହିଁ ।।

ଯୁଆଡ଼େ ଚାହିଁଲେ ଖାଲି ଶୂନ୍ୟରୁ ମହାଶୂନ୍ୟ ପରିବ୍ୟାପ୍ତ
ଚାରିଆଡ଼େ କୁହୁଡ଼ିର ଘନଘଟା........
ଆଖିରେ ଅନ୍ଧପୁଟୁଳି ଦେଇ କ'ଣ ସବୁ ଘଟିଯାଏ
ଅସ୍ପଷ୍ଟ ସେ ଦୃଶ୍ୟପଟ—ଜାଣିହୁଏ ବୁଝାପଡ଼େ ନାହିଁ
କିଏ ଜାଣେ କେତେକାଳ କଟିବ ଏମିତି
ପଥ ଅଣ୍ଡାଳି ଅଣ୍ଡାଳି ଗତିପରେ ଗତି ପାହିଯାଏ
ସକାଳର ଯେତେ ସ୍ୱପ୍ନ ଯେତେ ସ୍ମୃତି ସଞ୍ଚରେ ସବୁ ମିଛ
ରହା ସାହା କିଛି ମିଳେ ନାହିଁ ।।

ନିର୍ଦ୍ଦୟ ସମୟକୁ ଅତିକ୍ରମ କରି ଏବେ କଷ୍ଟ
ବାଘଭାଲୁ ମାଙ୍କଡ଼ଙ୍କ ମୁଖାପିନ୍ଧା ନାଚ ବି ବିରକ୍ତିକର
କିଏ କାହିଁ ହାତ ଟେକି ଶଙ୍ଖରେ ପାଣିଦେବ
ଯେଣୁ ବାଟେ ଯିଏ ବ୍ୟସ୍ତ ଏତେ ବଡ଼ ସର୍କସ ଭିତରେ,
ଆଣ୍ଠୁରେ ମୁହଁ ଗୁଞ୍ଜି ଅନ୍ଧାରେ ବସିଥିବା ନୀରବ ଦର୍ଶକଠାରୁ
ଆକାଂକ୍ଷିତ ପାଉଣା ପାଇଲା ପରେ........
ଯାହା ବରଂ ଘଟିଯାଉ ଗ୍ୟାଲେରୀର ଭଙ୍ଗାରୁଜା କାଠ ବେଞ୍ଚରେ !!

ଧ୍ୱନିପରେ ଧ୍ୱନି ଦେଇ ଦୃଶ୍ୟମାନ ବଦଳୁଛି—
ସାମନାର ସୁସଜ୍ଜିତ ପଞ୍ଜୁରୀରେ ରଙ୍ଗୀନ ଆଲୋକ ବନ୍ୟା
ମାଷ୍ଟର ଚାବୁକ ଧରି ନିରାପଦ ଦୂରତ୍ୱରେ
ଖେଳୁଆଡ଼ ଫେରିଯାଏ ସେଇ ପୁରୁଣା ଖେଳର ପୁନରାବୃତ୍ତିରେ
ନିରୀହ ଦର୍ଶକ ବିଚରା ବାହାବା ଧ୍ୱନିରେ ମୁକ୍ତି ପାଉଛି,
ପରବର୍ତ୍ତୀ ସୋ' ପାଇଁ ଅସଂଖ୍ୟ ଦର୍ଶକ ଭିଡ଼
ସେ କିନ୍ତୁ ଚିନ୍ତା ଓ ଚେତନାର ସମଗ୍ର ସତ୍ତାକୁ ଏକାକାର କରି
ଅଦୃଷ୍ଟର ମାୟାଜାଲେ ଛନ୍ଦି ହୋଇ ପଥ ଅଣ୍ଡାଳୁଛି
ସର୍କସର ଦୃଶ୍ୟପରେ ଦୃଶ୍ୟ ବଦଳୁଛି !!

ଘର ନଂ ଇ ୩୮/୪,
ଇଉନିଟ-୯ (ଫ୍ଲାଟ୍), ଭୁବନେଶ୍ୱର-୭୫୧୦୦୭

ପଞ୍ଚତନ୍ତ୍ର କାହାଣୀ

# କାକ ଶିରୋମଣି

ଶ୍ରୀ ପ୍ରତାପସିଂହ ମହାପାତ୍ର

ବହୁଦିନ ତଳେ ଆମ ଦେଶର ଦକ୍ଷିଣ ଦିଗରେ ଗୋଟିଏ ବଡ଼ ନଗର ଥିଲା । ତାର ନାମ ମହିଳା ରୋପ୍ୟ । ସେହି ସହରର ଶେଷ ସୀମାରେ ଗୋଟିଏ ବିରାଟକାୟ ବରଗଛ ଥିଲା । ସେହି ଗଛରେ ନାନା ଜାତିର ପକ୍ଷୀ ବସା ବାନ୍ଧି ରହୁଥିଲେ । ଦଳେ କୁଆ ସେଠାରେ ମଧ୍ୟ ରହୁଥିଲେ । ତାଙ୍କ ରାଜାଙ୍କ ନାମ ମେଘବର୍ଣ୍ଣ । ଚାରି ମନ୍ତ୍ରୀଙ୍କ ଗହଣରେ କାକ ରାଜ ମେଘବର୍ଣ୍ଣ କୁଆମାନଙ୍କୁ ଶାସନ କରୁଥିଲା । ସେମାନଙ୍କ ଭଲ ମନ୍ଦ ବୁଝୁଥିଲା ।

ସେହି ବରଗଛର କିଛି ଦୂରରେ ଗୋଟିଏ ପାହାଡ଼ ଥିଲା । ପାହାଡ଼ର ଖୋଲମାନଙ୍କରେ ଦଳେ ପେଚା ଥିଲେ । ଦଳ ଭିତରୁ ଗୋଟିଏ ପେଚାକୁ, ସେମାନେ ସର୍ଦ୍ଦାର ବା ରାଜାଭାବରେ ବାଛିଥିଲେ । ତା'ର ନାମ ଅରି ମର୍ଦ୍ଦନ । କାକରାଜ ମେଘବର୍ଣ୍ଣ ପରି, ପେଚକରାଜ ଅରି ମର୍ଦ୍ଦନ ନିଜ ଜାତିଭାଇଙ୍କ ଭଲ ମନ୍ଦ ଖବର ବୁଝୁଥିଲା ।

ପ୍ରତିଦିନ ରାତିରେ ଅରି ମର୍ଦ୍ଦନ ତା'ର ଦଳବଳ ନେଇ ସହରର ଶେଷ ମୁଣ୍ଡରେ ଥିବା ସେହି ବରଗଛ ନିକଟକୁ ଆସେ । ଗଛ ଚାରିପଟରେ ଚକର ମାରି ପେଚାମାନେ ଘୁରି ବୁଲୁଥାନ୍ତି । ଦୈବାତ୍ ଗୋଟିଏ ଦୁଇଟି କୁଆ ହାବୁଡ଼ରେ ପଡ଼ିଗଲେ, ସବୁ ପେଚା ଏକାଠିହୋଇ ତାକୁ ଆକ୍ରମଣ କରି ମାରି ଦିଅନ୍ତି । ଏହିପରି ପେଚାଦଳ ପ୍ରାୟ ଶହେ ସରିକି କୁଆ ମାରି ପକାଇଲେ । କୁଆ ଦଳରେ ଭାରି ଭାବେଣି ପଡ଼ିଗଲା । ଦିନେ ସେମାନଙ୍କର ରାଜା ମେଘବର୍ଣ୍ଣ ତା'ର ପାଞ୍ଚଜଣ ମନ୍ତ୍ରୀଙ୍କୁ ଡ଼ାକିଲା । ପେଚାମାନଙ୍କ ଦାଉରୁ କିପରି ରକ୍ଷା ମିଳିବ ବୋଲି ପଚାରି କହିଲା—"ଆମ୍ଭମାନଙ୍କ ପକ୍ଷରେ ଗୋଟିଏ ବଡ଼ ଅସୁବିଧା ହେଲା ଯେ, ଆମେ ରାତିରେ ଦେଖିପାରୁ ନାହୁଁ । ତାହାରି ସୁଯୋଗ ପେଚାମାନେ ନେଇ ଆମକୁ ରାତିଅଧିଆ ଆକ୍ରମଣ କରୁଛନ୍ତି । ଅନ୍ୟ ପକ୍ଷରେ, ସେମାନେ ଦିନରେ କେଉଁ ପାହାଡ଼ର ଅନ୍ଧ ସନ୍ଧିରେ ଲୁଚି ଯାଉଛନ୍ତି ଯେ, ତାଙ୍କୁ ଖୋଜି ବାହାର କରି ହେଉନାହିଁ । କ୍ରମେ ଆମର ବଂଶ ନିପାତ ହେବାକୁ ବସିଲେଣି । କେଉଁ ଉପାୟ ପ୍ରୟୋଗ କଲେ, ସେମାନଙ୍କୁ ପରାଜିତ କରିହେବ ; ତୁମେମାନେ ନିଜ ନିଜର ପରାମର୍ଶ ଦିଅ ।

'ଉଜ୍ଜୀବୀ' ନାମକ ଗୋଟିଏ ମନ୍ତ୍ରୀ ନିଜର ମତଦେଇ କହିଲା—"ମହାରାଜ ! ମୋ' ମତରେ ବର୍ତ୍ତମାନ ପେଚାମାନଙ୍କ ସହିତ ଆମର ସନ୍ଧି କରିବା ଉଚିତ । ବଳବାନ୍ ଶତ୍ରୁ ସହିତ ଯୁଦ୍ଧ ନକରି ସନ୍ଧି କରିବା ମଙ୍ଗଳପ୍ରଦ ବୋଲି ଶାସ୍ତ୍ରରେ କୁହାଯାଇଛି । ଏହା ଫଳରେ ଅଯଥା ରକ୍ତପାତ ହେବ ନାହିଁ ।"

ଏହାପରେ କାକରାଜ ମେଘବର୍ଣ୍ଣ ତା'ର ଦ୍ୱିତୀୟ ମନ୍ତ୍ରୀ 'ସଞ୍ଜୀବୀ'କୁ ମତାମତ ଦେବା ପାଇଁ କହିଲା । ସେ କହିଲା—"କାକରାଜ ! ଶତ୍ରୁ ସହିତ ସନ୍ଧି କରିବା ଆଦୌ ଉଚିତ ନୁହେଁ । କାରଣ ସନ୍ଧି ପରେ ଶତ୍ରୁ ଆମର ଅନେକ କ୍ଷତି କରିବ । ନିଆଁ ଦ୍ୱାରା ପାଣି ଗରମ ହେଲେ ମଧ୍ୟ, ସେହି ପାଣି ତ' ପୁଣି ନିଆଁକୁ ଲିଭାଇ ଦେଇପାରେ ! ବିଶେଷ କରି ନିଷ୍ଠୁର, ଲୋଭୀ ଆଉ ଧର୍ମହୀନ ଶତ୍ରୁ ସହିତ ସନ୍ଧି କରିବା ଉଚିତ୍ ନୁହେଁ । ତାଙ୍କ ସହିତ ଶାନ୍ତିଭାବ ଦେଖାଇଲେ ନିଜର କ୍ଷତି । ଏଣୁ ମୋ' ମତରେ ଯେଉଁ ଶତ୍ରୁକୁ ଆମେ ମୁହାଁମୁହିଁ ଲଢ଼େଇରେ ଜିତି ପାରିବୁ ନାହିଁ, ତା' ସହିତ ଛଳ-କୌଶଳ ବା କପଟତା ଆଚରଣ କରି ସମର କରିବା ଉଚିତ୍ । ଏଥିରେ ଆମର ଜୟ ସୁନିଶ୍ଚିତ । କିନ୍ତୁ ସନ୍ଧି କରି ନୁହେଁ । ଆମର ଯୁଦ୍ଧ ଶାସ୍ତ୍ରରେ କୁହାଯାଇଛି ଯେ, ଯେଉଁ ରାଜାର ଭୂମି ଶତ୍ରୁ ହସ୍ତରେ ରକ୍ଷିତ ଏବଂ ବିଧବା ନାରୀର ଅଶ୍ରୁରେ ସିକ୍ତ ହୋଇନାହିଁ ; ସେ ରାଜା ହେବା ପାଇଁ ଯୋଗ୍ୟ ନୁହେଁ ।"

ଏହାପରେ ମେଘବର୍ଣ୍ଣର ତୃତୀୟ ମନ୍ତ୍ରୀ 'ଅନୁଜୀବୀ' ନିଜର ପରାମର୍ଶ ଦେଇ କହିଲା—"ବାୟସରାଜ ! ଆମର ଶତ୍ରୁ କେବଳ ଦୁଷ୍ଟ ନୁହେଁ, ଅତ୍ୟନ୍ତ ବଳଶାଳୀ । ଏଣୁ ତା' ସହିତ ସନ୍ଧି କିମ୍ବା ସମର କରିବା ଉଚିତ୍ ନୁହେଁ । ଏଥିପାଇଁ ଶାସ୍ତ୍ରରେ 'ଯାନ' ନୀତି ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଏଣୁ ଆମେମାନେ ଅନ୍ୟ ଦେଶକୁ ଦଳବଳ ଧରି ଖସିଗଲେ ଭଲ ହେବ । ଏଥିରେ ଭୀରୁତା ବା ଦୁର୍ବଳତା ଭାବ ପ୍ରକାଶ ପାଇବ ନାହିଁ । କାରଣ ପଶୁରାଜ ସିଂହ ମଧ୍ୟ ଆକ୍ରମଣ କରିବା ପୂର୍ବରୁ ପ୍ରଥମେ ପଛଘୁଞ୍ଚା ଦେଇଥାଏ । ନିଜର ବୀରତ୍ୱ ପ୍ରକାଶ କରିବା ପାଇଁ ଯିଏ ଯୁଦ୍ଧ କରେ ; ସେ ଶତ୍ରୁର ଇଚ୍ଛା ହିଁ ପୂରଣ କରିଥାଏ । ନିଜର ବଂଶ ନିପାତ ହୋଇଯାଏ ।"

ଚତୁର୍ଥ ଅମାତ୍ୟ 'ପ୍ରଜୀବୀ' ନିଜର ଅଭିମତ ଦେଇ କହିଲା—"ମହାରାଜ ! ମୋ' ବିଶ୍ୱାସରେ ସନ୍ଧି, ଯୁଦ୍ଧ କିମ୍ବା ଯାନ ନୀତି କୌଣସି ଗୋଟିଏ ମଧ୍ୟ ଆମ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ଏ' ଗୁଡ଼ିକ ଦୋଷ ଯୁକ୍ତ । ବର୍ତ୍ତମାନ ଆମେମାନେ 'ଆସନ' ନୀତି ପାଳନ କରିବା ଉଚିତ୍ ହେବ । ନିଜ ଆସନରେ ଦୃଢ଼ ରହି ଶତ୍ରୁର ମୁକାବିଲା କରିବା ଉଚିତ୍ । କୁମ୍ଭୀର ଯେପରି ନିଜର ଜଳଦୁର୍ଗ ଭିତରେ ଦୃଢ଼ ରହି ସିଂହପରି ବଳଶାଳୀ ପ୍ରାଣୀକୁ ହରାଇ ଦେଇଥାଏ ଏବଂ ହାତୀ ପରି ବିଶାଳକାୟ ଜୀବକୁ ମଧ୍ୟ ପାଣି ଭିତରକୁ ଟାଣି ଆଣିପାରେ ସେହିପରି ଆମେ ନିଜ ଦୁର୍ଗରେ ଦୃଢ଼ ରହି ଶତ୍ରୁର ମୁକାବିଲା କରିବା ଉଚିତ୍ । ନିଜର ଆସ୍ଥାନରେ ଦୃଢ଼ ରହି ଆମର ଗୋଟିଏ ଗୋଟିଏ ସିପାହୀ ଶହ ଶହ ଶତ୍ରୁରୁ ମଧ୍ୟ

ମାରି ଦେଇ ପାରିବ । ଏଣୁ ଆମର ଦୁର୍ଗକୁ ବର୍ତ୍ତମାନ ଦୃଢ଼ କରାଯାଉ ।

ପଞ୍ଚମ ମନ୍ତ୍ରୀ 'ଉପଜୀବୀ' ନିଜର ମତାମତ ଦେଇ କହିଲା — "ମହାରାଜ ମେଘବର୍ଣ୍ଣ ! ମୋର ମନେ ହେଉଛି, ଏ କ୍ଷେତ୍ରରେ ଆମର 'ସଂଶୟ' ନୀତି ଅନୁସରଣ କରିବା ଉଚିତ୍ । ଆମ ଶତ୍ରୁ ପେଚାଠାରୁ କୌଣସି ବଳଶାଳୀ ବନ୍ଧୁର ଆଶ୍ରୟ ନେଇ; ତାର ସାହାଯ୍ୟରେ ଶତ୍ରୁକୁ ପରାଜିତ କରିହେବ । ସେହିପରି ବଳବାନ୍ ମିତ୍ର ନ ମିଳିଲେ, କ୍ଷୁଦ୍ର କ୍ଷୁଦ୍ର ଜୀବର ସହାୟତା ମଧ୍ୟ ଆମକୁ ବଳଶାଳୀ କରି ଦେଇ ପାରିବ । ଯେପରି ଛୋଟ ଛୋଟ ଶିଅ ଦ୍ୱାରା ବଳା ଯାଇଥିବା ଦଉଡି ହାତୀପରି ପ୍ରାଣୀକୁ ଅଟକାଇ ଦେଇ ପାରେ; ସେହିପରି କ୍ଷୁଦ୍ର କ୍ଷୁଦ୍ର ଅସଂଖ୍ୟ ପ୍ରାଣୀଙ୍କ ସାହାଯ୍ୟ ଆମକୁ ଯଥେଷ୍ଟ ଶକ୍ତିଶାଳୀ କରି ଦେଇ ପାରିବ ।"

ନିଜର ପାଞ୍ଚଜଣ ମନ୍ତ୍ରୀଙ୍କ ପରାମର୍ଶ ଶୁଣି ସାରି ମେଘବର୍ଣ୍ଣ 'ସ୍ଥିରଜୀବୀ' ନାମକ ଗୋଟିଏ ବୃଦ୍ଧ କାକ ନିକଟକୁ ଗଲେ । ସେ ମନ୍ତ୍ରୀ ପଦରୁ ଅବସର ନେଇ, ଶାନ୍ତିରେ ବିଶ୍ରାମ କରୁଥିଲେ । ମେଘବର୍ଣ୍ଣ ତାଙ୍କୁ ପ୍ରଣାମ ଜଣାଇ ସବୁକଥା କହି ଶେଷରେ ଅନୁରୋଧ କଲା —"ଆପଣ ଅନୁଗ୍ରହ ପୂର୍ବକ ନିଜର ମତ ଦିଅନ୍ତୁ । ପେଚାଙ୍କୁ କିପରି ନିପାତ କରି ହେବ, ତାହାର ଉପାୟ ଚିନ୍ତା କରନ୍ତୁ ଏବଂ ନିଜେ ଏଥିରେ ଅଂଶ ଗ୍ରହଣ କରନ୍ତୁ ।

କାକବୃଦ୍ଧ ସ୍ଥିରଜୀବୀ ସବୁ ଶୁଣି ସାରି ଶେଷରେ କହିଲେ — "ବତ୍ସ ! ତୁମର ମନ୍ତ୍ରୀବୃନ୍ଦ ନିଜ ନିଜର ବୁଦ୍ଧି ଅନୁସାରେ ଉତ୍ତମ ପରାମର୍ଶ ଦେଇଅଛନ୍ତି । ଯୁଦ୍ଧ ଶାସ୍ତ୍ରରେ ଉଲ୍ଲେଖ ଥିବା ବିଭିନ୍ନ ନୀତି ପରିସ୍ଥିତି ଅନୁସାରେ ପ୍ରୟୋଗ କରାଯାଇଥାଏ । ମୋ' ମତରେ ଏଠାରେ 'ଭେଦ' ନୀତି ପ୍ରୟୋଗ କରିବା ଏକାନ୍ତ ଆବଶ୍ୟକ । ପ୍ରଥମେ ସନ୍ଧି କରି ପେଚାମାନଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବାକୁ ପଡିବ । କିନ୍ତୁ ସେମାନଙ୍କୁ କେବେ ବିଶ୍ୱାସ କରିବ ନାହିଁ । ସନ୍ଧି ସମୟରେ ଯୁଦ୍ଧ କରିବା ପାଇଁ ଗୋପନରେ ଆୟୋଜନ କରିବାକୁ ହେବ । ଯୁଦ୍ଧ ପାଇଁ ସମସ୍ତ ପ୍ରସ୍ତୁତି ସରିଗଲେ, ହଠାତ୍ ଦିନେ ଆକ୍ରମଣ କରି ଶତ୍ରୁକୁ ଧ୍ୱଂସ କରିଦେବ । ମନେ ରଖିବାକୁ ହେବ ଯେ, ସନ୍ଧି ସମୟରେ ଶତ୍ରୁର ଛିଦ୍ର ସ୍ଥାନ ଖୋଜି ବାହାର କରିବାକୁ ପଡିବ । ତା'ର ଦୁର୍ବଳ ସ୍ଥାନ ଜାଣିଗଲେ, ଆକ୍ରମଣ କରିବା ପାଇଁ ଆମକୁ ସୁବିଧା ହେବ ।

"ଆପଣଙ୍କର ମତ ପ୍ରକୃତରେ ଗ୍ରହଣ ଯୋଗ୍ୟ । କିନ୍ତୁ ସେମାନଙ୍କର ନିର୍ବଳ ସ୍ଥାନ ଆମେ ଜାଣି ପାରିବୁ କିପରି ?" ମେଘବର୍ଣ୍ଣ ପ୍ରଶ୍ନ କଲା ।

"ଏଥିପାଇଁ ଆମକୁ ଗୁପ୍ତଚର ରଖିବାକୁ ହେବ । ତାହା ସାହାଯ୍ୟରେ ପେଚାମାନଙ୍କର ଦୁର୍ବଳତା ଜାଣି ସେହି ଅନୁସାରେ ବ୍ୟବସ୍ଥା କରିବାକୁ ପଡିବ । ଗୁପ୍ତଚର ରାଜାର 'ତୃତୀୟ ନୟନ' ବୋଲି ଶାସ୍ତ୍ରରେ କୁହାଯାଇଛି ।" ସ୍ଥିରଜୀବୀ ନିଜର ମତ ଦେଇ ଏହିପରି କହିଲେ ।

"ବର୍ତ୍ତମାନ କ'ଣ କରାଯିବା ଉଚିତ ଆପଣ ପରାମର୍ଶ ଦିଅନ୍ତୁ । ସେହି ଅନୁସାରେ ସବୁ ବ୍ୟବସ୍ଥା ହେବ" । କାକରାଜ ମେଘବର୍ଣ୍ଣ ବ୍ୟସ୍ତ ହୋଇ ପଡି ପଚାରିଲା ।

ବୃଦ୍ଧକାକ ସ୍ଥିରଜୀବୀ ସାନ୍ତ୍ୱନା ଦେଇ କହିଲେ—"ପ୍ରଥମେ ଆମକୁ ଛଳ ବା କପଟତା ଆଚରଣ କରିବାକୁ ହେବ । ତିନି ଦୁଷ୍ଟରେ ଛେଳି କୁକୁର ପାଲଟି ଯିବା କଥା ତୁମେ କ'ଣ ଜାଣି ନାହଁ ? ସେହିପରି ଆମକୁ କୂଟ କପଟ କରି ପେଚାମାନଙ୍କ ମନରେ ପ୍ରଥମେ ବିଶ୍ୱାସ ଜନ୍ମାଇବାକୁ ପଡିବ ।"

"ଆପଣ ଯାହା ଆଦେଶ କରିବେ, ଆମେମାନେ ତାହା ପାଳନ କରିବୁ ।" ମେଘବର୍ଣ୍ଣ କହିଲା ।

ସ୍ଥିରଜୀବୀ ଚାରିଆଡ଼କୁ ଚାହିଁ ଧୀର ସ୍ୱରରେ କହିଲା – ଠିକ ଅଛି । ମୁଁ ତୁମମାନଙ୍କର ଗୁପ୍ତଚର କାମ କରିବି । ପ୍ରଥମେ ତୁମେମାନେ ମୋତେ ଏଥରେ ଖୁମ୍ପି ଲହୁ ଲୁହାଣ କରି ଏହି ଗଛ ତଳେ ପକାଇ ଦେଇ, ସମସ୍ତେ ଋଷ୍ୟମୂକ ପର୍ବତକୁ ପଳାଇ ଯାଅ । ମୁଁ ପେଚାମାନଙ୍କର ବିଶ୍ୱାସ ପାତ୍ର ହୋଇ ସେମାନଙ୍କର ବାସ ସ୍ଥାନର ସନ୍ଧାନ ନେବି । ତା ପରେ କିପରି ସେମାନଙ୍କୁ ନିପାତ କରାଯାଇପାରିବ; ତା'ର ଉପାୟ ବାହାର କରି ତୁମମାନଙ୍କୁ ଯଥା ସମୟରେ ଖବର ଦେବି । ସେ ପର୍ଯ୍ୟନ୍ତ ସମସ୍ତେ ସେହି ପର୍ବତରେ ଥିବ । ଏଠାକୁ ଆଦୌ ଆସିବ ନାହିଁ ।

ସ୍ଥିରଜୀବୀ ପରି ଗୋଟିଏ ବୁଢ଼ା କୁଆକୁ ଖଣ୍ଡିଆ ଖାବରା କରିବା ପାଇଁ ମେଘବର୍ଣ୍ଣର ବିବେକ ବାଧା ଦେଲା । ସେ ଆପତ୍ତି କରିବାକୁ ଯାଉଥିବା ବେଳେ, ସ୍ଥିରଜୀବୀ ତାକୁ ଆଖିଠାର ମାରି ଅତି ଧୀରେ କହିଲା —"ଏଠାରେ ବିଭିନ୍ନ ଜାତିର ପକ୍ଷୀ ଅଛନ୍ତି । ସେମାନଙ୍କ ଭିତରୁ କେହି ହୁଏତ ପେଚା ରାଜାର ଗୁପ୍ତଚର କାମ କରୁଥାଇ ପାରେ ! ମୁଁ ଯେଉଁଭଳି କହିଲି, ତୁମେ ସେହିପରି ମୋତେ ଆକ୍ରମଣ କରି ଖଣ୍ଡିଆ ଖାବରା କରି ପକାଅ । ମନେ ରଖ, ମୋ, ଆଖି ଖୁମ୍ପିବ ନାହିଁ ।

ମେଘବର୍ଣ୍ଣ ଆଉ ଆପତ୍ତି ନ କରି ସଙ୍ଗେ ସଙ୍ଗେ ସ୍ଥିରଜୀବୀ ଉପରେ ଆକ୍ରମଣ ଆରମ୍ଭ କରିଦେଲା । ଦୁଇ କୁଆଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଲାଗିଗଲା । ଅନ୍ୟ କୁଆମାନେ ରାଜାକୁ ସାହାଯ୍ୟ କରିବା ପାଇଁ ଧାଇଁ ଆସିବାରୁ, ସେ ସେମାନଙ୍କୁ ବାରଣ କରି କହିଲା —ତୁମେମାନେ ଦୂରକୁ ଚାଲିଯାଅ । ମୁଁ ନିଜେ ଏହାକୁ ଦଣ୍ଡ ଦେବି" । ଏହିପରି କହି ସେ ସ୍ଥିରଜୀବୀକୁ ଲହୁ ଲୁହାଣ କରି ଗଛ ତଳକୁ ଫିଙ୍ଗି ଦେଲା । ତା'ପରେ ସେ ଅନ୍ୟମାନଙ୍କୁ ଡାକି କହିଲା —"ସମସ୍ତେ ଋଷ୍ୟମୂକ ପର୍ବତକୁ ଉଡିଚାଲ । ସେଠାରେ ରହିବା । ରାଜାଙ୍କର ଆଦେଶରେ ସମସ୍ତ କୁଆ ସେହି ପାହାଡ଼କୁ ଚାଲିଗଲେ ।

ଦୁଇ କୁଆଙ୍କ ମଧ୍ୟରେ ଚାଲିଥିବା ଲଢ଼େଇକୁ 'ଘୁକାଳିକା' ନାମକ ଗୋଟିଏ ପକ୍ଷୀ ଲୁଚି ଲୁଚି ଦେଖୁଥିଲା । ସେ ପେଚକ ରାଜ ଅରିମର୍ଦ୍ଦନର ଗୁପ୍ତଚର । ଘୁକାଳିକା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ପାହାଡ଼ ଖୋଲ ନିକଟକୁ ଉଡିଯାଇ ଅରିମର୍ଦ୍ଦନଙ୍କୁ ଭେଟି କହିଲା —"ମହାରାଜ ! ମୋର ପ୍ରଣାମ ଗ୍ରହଣ କରନ୍ତୁ । ଏକ ଗୋପନ ସମ୍ବାଦ ନେଇ ମୁଁ ଏହି ଅସମୟରେ ଆସିବାକୁ ବାଧ୍ୟ ହେଲି ।

"ଅବିଳମ୍ବେ ପ୍ରକାଶ କର, ଗୁପ୍ତଚର ଅରିମର୍ଦ୍ଦନ ନିର୍ଦ୍ଦେଶ ଦେଇ କହିଲା ।

"ଆଜି କାକରାଜ ମେଘବର୍ଣ୍ଣ ସ୍ଥିରଜୀବୀ ନାମକ ଏକ ବୃଦ୍ଧ କାକ ଉପରେ ଆକ୍ରମଣ କରି ତାକୁ ଗଛ ତଳକୁ ଫିଙ୍ଗି ଦେଇଛି । ପ୍ରଥମେ ଦୁଇ କାକ ଅନେକ ସମୟ ଧରି କ'ଣ ସବୁ କଥାବାର୍ତ୍ତା ହେଉଥିଲେ । ଦୂରରେ ଥିବାରୁ ସେ ଦୁହିଁଙ୍କ କଥା ଶୁଣି ପାରି ନ ଥିଲି । ତା ପରେ ହଠାତ୍ ମେଘବର୍ଣ୍ଣ ଆକ୍ରମଣ କଲା । କାକ ଦଳ ଗଛ ଛାଡି ଦୂରକୁ ପଳାଇ ଯାଇଛନ୍ତି" । ଏହିପରି କହି ଘୁକାଳିକା ବିଦାୟ ନେଲା ।

ରାତି ହେବାରୁ ପେଚକ ରାଜ ତା'ର ଦଳବଳ ଧରି ବରଗଛ ନିକଟକୁ ଉଡି ଆସିଲା । ସମସ୍ତେ ଗଛକୁ ଘେରାଉ କରି ଆକ୍ରମଣ ଆରମ୍ଭ କରିଦେଲେ । ଯେଉଁ କେତେକ କୁଆ ଛୋଟ ଶାବକ

ସହିତ ରହି ଯାଇଥିଲେ, ସେମାନଙ୍କୁ ମାରିବା ପାଇଁ ଗୋଡ଼ାଇଲେ । ସେମାନଙ୍କ କବଳରୁ କେତେକ କୁଆ ମଧ୍ୟ ଖସି ପଳାଇ ଗଲେ । ଏହି ସମୟରେ ତଳେ ପଡ଼ିଥିବା ବୁଢ଼ା କୁଆ କରୁଣ ସ୍ୱରରେ କାଆ କାଆ ...... ରଡ଼ି ଛାଡ଼ିବାକୁ ଲାଗିଲା । ସଙ୍ଗେ ସଙ୍ଗେ ଏଣେ ତେଣେ ଉଡୁଥିବା ପେଚାମାନେ ତାକୁ ଆକ୍ରମଣ କରିବା ପାଇଁ ଧାଇଁ ଆସିଲେ । ବୁଢ଼ା କୁଆ ଅତି କାକୁତି ମିନତି ହୋଇ ସେମାନଙ୍କୁ କହିଲା, —"ମୋତେ ଜୀବନରେ ମାରି ଦିଆ ହେଲେ ବି ଆଗରୁ ଟିକିଏ ମୋ କଥା ଶୁଣ । ମୁଁ କାକରାଜ ମେଘବର୍ଣ୍ଣର ମନ୍ତ୍ରୀ ଥିଲି । ସେ ମୋତେ ଖଣ୍ଡିଆ ଖାବରା କରି ତଳକୁ ଫିଙ୍ଗି ଦେଇଛି । ତୁମର ରାଜାଙ୍କୁ ମୋର ବହୁତ କଥା କହିବାର ଅଛି । ଦୟାକରି ମୋତେ ମାରିବା ଆଗରୁ ତାଙ୍କ ସହିତ ଟିକିଏ ଭେଟ କରାଇ ଦିଅ । ମୁଁ ତାଙ୍କ ସହିତ ଦି'ପଦ କଥା ହୋଇ ସାରିବା ପରେ; ଚାହିଁଲେ ତୁମେମାନେ ମୋତେ ମାରିଦେବ ।"

ପେଚାମାନେ ତାକୁ ଆଉ ନ ମାରି ରାଜାଙ୍କ ନିକଟକୁ ଯାଇ ସବୁ କଥା କହିଲେ । ପେଚକରାଜ ଅରିମର୍ଦ୍ଦନ ନିଜେ ସେଠାକୁ ଆସିଲା । ସ୍ଥିରଜୀବୀର ଲହୁ ଲୁହାଣ ଅବସ୍ଥା ଦେଖି ତାର ହୃଦୟରେ ସାମାନ୍ୟ ଦୟା ଜାତ ହେଲା । ସେ ପଚାରିଲା —"ତୁମକୁ ଏପରି ଖଣ୍ଡିଆ କରି ଏଠାରେ କିଏ ପକାଇ ଦେଇଛି ।"

ବଡ଼ ବିନୟାବନତ ଭାବରେ ପେଚକରାଜଙ୍କୁ ପ୍ରଣାମ କରି ସ୍ଥିରଜୀବୀ କରୁଣ ସ୍ୱରରେ କହିଲା —"ଦେବ ! ଦୁଷ୍ଟ କାକରାଜ ମେଘବର୍ଣ୍ଣ ଆପଣଙ୍କ ସେନାମାନଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲା । ମୁଁ ତାକୁ ବାରଣ କରି କହିଲି ଯେ, ସେମାନେ ଆମଠାରୁ ଯଥେଷ୍ଟ ବଳଶାଳୀ । ଏଣୁ ସମର ନ କରି ତାଙ୍କ ସହିତ ସନ୍ଧିକରି ବନ୍ଧୁତା ସ୍ଥାପନ କଲେ, ଆମର ମଙ୍ଗଳ ହେବ । ତେଣୁ ଚାଲ, ସମସ୍ତେ ତାଙ୍କ ସହିତ ସନ୍ଧିକରି ଆଶ୍ରୟ ନେବା । କିନ୍ତୁ ମୋ କଥା ଶୁଣି ସେ ଦୁଷ୍ଟ ଭାବିଲା ଯେ, ମୁଁ ବୁଝାଉଛି ଆପଣମାନଙ୍କର ହିତ ଚିନ୍ତା କରୁଛି । ତେଣୁ ସେ ହଠାତ ମୋ' ଉପରେ ଆକ୍ରମଣ କରି ତଳକୁ ଖଣ୍ଡିଆ କରି ଫିଙ୍ଗିଦେଲା । ବର୍ତ୍ତମାନ ଆପଣ ମୋର ପ୍ରଭୁ, ପ୍ରାଣ କର୍ତ୍ତା । ମୁଁ ଆପଣଙ୍କର ପାଦ ତଳେ ଶରଣ ନେଉଛି । ମୋର କ୍ଷତ ଭଲ ହୋଇଗଲେ, ମୁଁ ଆପଣଙ୍କ ସହିତ ଯାଇ ମେଘବର୍ଣ୍ଣ କେଉଁଠି ଅଛି ଖୋଜି ବାହାର କରିବି । ତାର ବଂଶ ନିପାତ ପାଇଁ ମୁଁ ଆପଣଙ୍କୁ ସବୁମତେ ସାହାଯ୍ୟ କରିବି ।"

ସ୍ଥିରଜୀବୀର କରୁଣ କଥାରେ ଅରିମର୍ଦ୍ଦନର ମନ ଆତୁରି ବଦଳିଗଲା । ତଥାପି ରାଜାର ଧର୍ମ ଅନୁସାରେ ସେ ନିଜର ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବାକୁ ସ୍ଥିର କଲା । ତା'ର ମଧ୍ୟ ପାଞ୍ଚଜଣ ମନ୍ତ୍ରୀ ଥିଲେ । ସେମାନେ ହେଲେ, 'ରକ୍ତାକ୍ଷ' 'କ୍ରୂରାକ୍ଷ', 'ଦୀପ୍ତାକ୍ଷ', 'ବକ୍ରନାଶ' ଓ 'ପ୍ରାକାରକର୍ଣ୍ଣ'

ପ୍ରଥମେ ସେ ମନ୍ତ୍ରୀ ରକ୍ତାକ୍ଷକୁ ପଚାରିଲା —"ଏହି ବୃଦ୍ଧକାକ ମେଘବର୍ଣ୍ଣର ଜଣେ ମନ୍ତ୍ରୀ । ବର୍ତ୍ତମାନ ଆମର ଶରଣାଗତ । ତା' ସହିତ କେଉଁପରି ବ୍ୟବହାର କରିବା ଉଚିତ ହେବ, ନିଜର ମତ ପ୍ରଦାନ କର ।"

ରକ୍ତାକ୍ଷ ଲାଲ ଲାଲ ଆଖିରେ ବୁଢ଼ା କୁଆକୁ ଚାହିଁ କହିଲା — "ମହାରାଜ ! ଯେତେ ଶୀଘ୍ର ସମ୍ଭବ, ଏହାକୁ ମାରି ଦିଆଯାଉ । ନଚେତ୍ ସେ ଭଲ ହୋଇଗଲେ ଆମର କ୍ଷତି କରିବ । ଶତ୍ରୁ ପ୍ରତି ଯୋଟାଏ ଦୟା କ'ଣ ? ମୋ' ମତରେ ଦୟା ଦେଖାଇବା ଅର୍ଥ ନିଜର ସର୍ବନାଶକୁ ଡ଼ାକି ଆଣିବା ।"

ଏହା ପରେ ଅରିମର୍ଦ୍ଦନ ଦ୍ୱିତୀୟ ମନ୍ତ୍ରୀ କ୍ରୂରାକ୍ଷର ପରାମର୍ଶ ମାଗିଲା । ସେ କହିଲା —"ମହାରାଜ ! ମୋ' ମତରେ ଶରଣାଗତକୁ ହତ୍ୟା କରିବା ପାପ ଅଟେ । ନିଜର ପ୍ରାଣ ବିନିମୟରେ ଶରଣାଗତର ସେବା କରିବା ଉଚିତ୍ । ଏଣୁ ତାକୁ ନ ମାରି ରକ୍ଷା କରାଯାଉ ।"

ତୃତୀୟ ମନ୍ତ୍ରୀ ଦୀପ୍ତାକ୍ଷ, ଦ୍ୱିତୀୟ ମନ୍ତ୍ରୀଙ୍କର ମତାମତ ପ୍ରତି ସମର୍ଥନ ଜଣାଇ କହିଲା —"ମୋର ମଧ୍ୟ ସେହି ମତ, ମହାରାଜ ଶରଣାଗତକୁ ରକ୍ଷା କରିବା ରାଜଧର୍ମ ଅଟେ ।"

ବକ୍ରନାଶ ନାମକ ଚତୁର୍ଥ ମନ୍ତ୍ରୀ ନିଜର ପରାମର୍ଶ ଦେଇ କହିଲା —"ମହାରାଜ ! ଶତ୍ରୁ ଶରଣାଗତ ହେଲେ, ତାକୁ ହତ୍ୟା କରିବା ଘୋର ପାପ । ସେ ଅବଧ୍ୟ । ବୃଦ୍ଧକାକ ସ୍ୱରୂପ ଶରଣାଗତ ଶତ୍ରୁ ମଧ୍ୟ ହିତ କାର୍ଯ୍ୟ କରି ଥାଆନ୍ତି । ଏଣୁ ବୁଢ଼ା କୁଆକୁ ଶରଣ ଦିଆଯାଉ ତା'ର ରହିବାର ସୁବନ୍ଦୋବସ୍ତ କରାଯାଉ ।"

ମନ୍ତ୍ରୀ ପ୍ରାକାରକର୍ଣ୍ଣ ନିଜର ପରାମର୍ଶ ଦେଇ କହିଲା —"ଶାସ୍ତ୍ରରେ କୁହାଯାଇଛି ଯେ, ଆଶ୍ରିତ ସର୍ବଦା ଅବଧ୍ୟ । ନିଜର ସନ୍ତାନ ଭଳିକୁ ସ୍ଥିରଜୀବୀକୁ ଗ୍ରହଣ କରାଯାଉ ।"

ଅରିମର୍ଦ୍ଦନ ମନେ ମନେ ଭାବିଲା, କେବଳ ରକ୍ତାକ୍ଷ ବ୍ୟତିତ ଅନ୍ୟ ମନ୍ତ୍ରୀଗଣ ସ୍ଥିରଜୀବୀର ସପକ୍ଷରେ । ଏଣୁ ତାକୁ ହତ୍ୟା କରାଯିବ ନାହିଁ । ସେ ପ୍ରକାଶ୍ୟରେ କହିଲା —"ଶରଣାଗତକୁ ରକ୍ଷା କରାଗଲା ।" ରାଜାଙ୍କର ଏହି ମତ ସହିତ ରକ୍ତାକ୍ଷ ଏକ ମତ ହୋଇ ପାରିଲା ନାହିଁ । କାରଣ ବୃଦ୍ଧ କାକର ମୃତ୍ୟୁରେ ସେ ପେଚକ କୁଳର ମଙ୍ଗଳ ଦେଖୁଥିଲା । ଅନ୍ୟ ମନ୍ତ୍ରୀମାନଙ୍କ ଉପରେ ସେ ଘୋର ବିରକ୍ତ ହୋଇ କହିଲା, "କେବଳ ତୁମମାନଙ୍କ ଅଦୂର ଦର୍ଶିତା ଓ ମୂର୍ଖତା ଯୋଗୁଁ ଆଜି ପେଚକ ବଂଶ ଧ୍ୱଂସ ହେବାକୁ ଯାଉଛି ।" କିନ୍ତୁ ସେତେବେଳେ କେହି ତା'ର ଧର୍ତ୍ତବାଣୀ ପ୍ରତି କର୍ଣ୍ଣପାତ କଲେ ନାହିଁ ।

ଅରିମର୍ଦ୍ଦନର ନିର୍ଦ୍ଦେଶ କ୍ରମେ ପେଚକ ସୈନ୍ୟଗଣ ଗୋଟିଏ କୋମଳ ଶଯ୍ୟାରେ ସ୍ଥିରଜୀବୀକୁ ଶୁଆଇ ଦେଇ ସେମାନଙ୍କର ବାସସ୍ଥାନ ପାର୍ବତୀୟ ଦୁର୍ଗ ନିକଟକୁ ବହି ନେଇଗଲେ । ଦୁର୍ଗ ନିକଟରେ ପହଞ୍ଚି ସ୍ଥିରଜୀବୀ ନିବେଦନ ଭରା ସ୍ୱରରେ ରାଜାଙ୍କୁ କହିଲା —"ମହାରାଜ ! ମୋ' ଉପରେ ଏତେ କୃପା କାହିଁକି କରୁଛନ୍ତି ? ମୁଁ ଏହାର ଯୋଗ୍ୟ ପାତ୍ର ନୁହେଁ । ଦୟାକରି ମୋତେ ନିଆଁରେ ଜାଳି ଦେବାର ବ୍ୟବସ୍ଥା କରନ୍ତୁ ।"

ଅରିମର୍ଦ୍ଦନ କହିଲା —"ଆପଣ ବର୍ତ୍ତମାନ ଆମର ଆଉ ଶତ୍ରୁ ନୁହନ୍ତି । ଶରଣାଗତ ଅତିଥି । ଏପରି ଆଉ କୁହନ୍ତୁ ନାହିଁ ।"

ସ୍ଥିରଜୀବୀ ପୁଣି କାକୁତି ପୂର୍ଣ୍ଣ ସ୍ୱରରେ କହିଲା —"ନିଆଁରେ ଜଳିଗଲେ, ମୋର ପାପର ପ୍ରାୟଶ୍ଚିତ ହୋଇଯିବ, ମହାରାଜ ! ମୁଁ ଚାହୁଁଛି ନିଆଁରେ ପୋଡ଼ି ମରିଗଲେ ମୋର କାକ ଜନ୍ମର ଦୋଷ ଘୁଞ୍ଚିଯିବ ଏବଂ ମୁଁ ପରଜନ୍ମରେ ପେଚା ହୋଇ ଜନ୍ମ ଗ୍ରହଣ କରିବି । ତା' ହେଲେ ମୁଁ ସେହି ପାପୀ ମେଘବର୍ଣ୍ଣର ପ୍ରତିଶୋଧ ନେଇ ପାରିବି ।"

ରକ୍ତାକ୍ଷ ସ୍ଥିରଜୀବୀର ତୋଷାମଦ ପୂର୍ଣ୍ଣ ମଧୁରକଥା ବୁଝିପାରି ରାଗରେ ଗର୍ଜନ କରି କହିଲା —"ସ୍ଥିରଜୀବୀ ! ତୁ ଅତି ଚତୁର ଆଉ କୁଟିଳ ପ୍ରକୃତିର ପକ୍ଷୀ । ତୁ ପେଚା ରୂପରେ ଜନ୍ମ ନେଲେ ମଧ୍ୟ କୁଆମାନଙ୍କ ହିତ କଥାହିଁ ଚିନ୍ତା କରିବୁ । ତୋତେ ଆଦୌ ବିଶ୍ୱାସ କରିବା ଉଚିତ୍ ନୁହେଁ ।"

ରକ୍ତାକ୍ଷର ଏପରି କଥା ଶୁଣି ମଧ୍ୟ କାହାରି ଚେତା ପଶିଲା ନାହିଁ । ଅରିମର୍ଦ୍ଦନର ସେନାଗଣ ସ୍ଥିରଜୀବୀକୁ ସହିତ ତାକୁ ଦୁର୍ଗର ଦ୍ୱାରଦେଶ ପର୍ଯ୍ୟନ୍ତ ନେଇଗଲେ । ପେଚକରାଜ ସେମାନଙ୍କୁ କହିଲା —ଆମର ଅତିଥି ଯେଉଁଠାରେ ରହିବାକୁ ଚାହୁଁଛନ୍ତି; ତାଙ୍କୁ ସେହିଠାରେ ରଖ । ବୁଢ଼ା କୁଆ ମନେ ମନେ ଭାବିଲା —ଦୁର୍ଗର ଦ୍ୱାର ଦେଶରେ ରହିଲେ ସବଠାରୁ ଭଲ ହେବ । ଅବଶ୍ୟକ

ବନ୍ଦେ ବାହାରକୁ ଯାଇ ହେବ ଏବଂ ଭିତରର ଗତିବିଧି ମଧ୍ୟ ଲକ୍ଷ କରି ହେବ । ଏହିପରି ଭାବି ସେ ଅରିମର୍ଦ୍ଦନଙ୍କୁ କହିଲା, "ମହାରାଜ ! ଆପଣ ପ୍ରକୃତରେ ଜଣେ ଅତ୍ୟନ୍ତ ମହାନୁଭବ ପକ୍ଷୀ । ଏତେ ଆଦର ସତ୍କାର ଦେଖାଇ ମୋତେ ଆଉ ଲଜ୍ଜିତ କରନ୍ତୁ ନାହିଁ । ମୁଁ ଆପଣଙ୍କର ଜଣେ ଅଧମ ସେବକ ମାତ୍ର । ଏଣୁ ସେବକର ରହିବା ସ୍ଥାନ ମୋ ପାଇଁ ଯୋଗ୍ୟ । ମୋତେ ଦୁର୍ଗର ଦ୍ୱାର ଦେଶରେ ରହିବାକୁ ଅନୁମତି ଦିଅନ୍ତୁ । ଆପଣଙ୍କର ପଦ କମଳର ଧୂଳିକଣା ମସ୍ତକରେ ଲଗାଇ ମୁଁ ନିଜକୁ ଭାଗ୍ୟବାନ ମନେ କରିବି ।"

ସ୍ଥିରଜୀବୀର ମିଠା କଥାରେ ପେଚକରାଜ ନିଜକୁ ମଧ୍ୟ ଭୁଲିଗଲେ । ଭଲ ମନ୍ଦ ବିଚାର କରିବାର ଜ୍ଞାନ ତା'ର ଲୋପ ପାଇଗଲା । ସେ ସୈନ୍ୟମାନଙ୍କୁ କହିଲା, "ଦୁର୍ଗର ଦ୍ୱାର ଦେଶରେ ତାଙ୍କ ରହିବାର ବ୍ୟବସ୍ଥା କରିଦିଅ ଏବଂ ଯଥେଷ୍ଟ ଖାଦ୍ୟପେୟ ତାଙ୍କୁ ଆଣି ଦିଅ । ତାଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ତାଙ୍କର ଆଦେଶ କାର୍ଯ୍ୟକାରୀ ହେଲା ।"

ପ୍ରତିଦିନ ସୁସ୍ୱାଦୁ ଏବଂ ପୁଷ୍ଟିକାରକ ଖାଦ୍ୟଖାଇ କ୍ରମଶଃ ସ୍ଥିରଜୀବୀ ହୃଷ୍ଟପୁଷ୍ଟ ହୋଇଗଲା । ତାକୁ ବଳବାନ ହେବାର ଦେଖି ଦିନେ ରକ୍ତାକ୍ଷ ଅନ୍ୟ ମନ୍ତ୍ରୀମାନଙ୍କୁ କହିଲା —"ସତରେ ଏଠାରେ ସମସ୍ତେ ମୂର୍ଖ ! ତୁମମାନଙ୍କ ପରି ମୂର୍ଖ ମଣ୍ଡଳୀରେ ରହିଲେ, ନିଜର ସର୍ବନାଶ ହେବ । ତଥାପି କୌଣସି ପେଚ଼୍ ତା କଥାକୁ ଶୁଣିଲେ ନାହିଁ । ପ୍ରତିଦିନ ବୁଢ଼ା କୁଆକୁ ମାଂସ ପ୍ରଭୃତି ଖାଇବାକୁ ଦେଲେ ।

ରକ୍ତାକ୍ଷ ଅନୁଭବ କଲା, କୌଣସି ପେଚ଼୍ ତା' କଥା ଉପରେ ଗୁରୁତ୍ୱ ଦେଉ ନାହାନ୍ତି । ତେଣୁ ସେଠାରେ ଆଉ ରହିବାକୁ ସେ ଉଚିତ୍ ମନେ କଲା ନାହିଁ । ନିଜର ପରିବାର ସହିତ ଅନ୍ୟ କେଉଁ ପାହାଡ଼ ଖୋଲରେ ଯାଇ ରହିବାକୁ ସ୍ଥିର କଲା । ଦିନେ ପରିବାର ବର୍ଗଙ୍କୁ ଡାକି କହିଲା ଏହି ନିର୍ବୋଧମାନଙ୍କ ମେଳରେ ରହିବା ଅର୍ଥ ବିପଦକୁ ଡାକି ଆଣିବା । ଆଜି ଚାଲ ଏଠାରୁ ବହୁ ଦୂରକୁ ପଳାଇଯିବା ।

ସେହିଦିନ ରକ୍ତାକ୍ଷ ଏବଂ ତାର ଆତ୍ମୀୟ ସ୍ୱଜନ ଦଳତ୍ୟାଗ କରି ଅନ୍ୟ ଏକ ପର୍ବତ କନ୍ଦରକୁ ଚାଲିଗଲେ । ସେମାନେ ଚାଲି ଯିବା ପରେ ସ୍ଥିରଜୀବୀ ଆଶ୍ୱସ୍ତ ହୋଇ ମନେ ମନେ ଭାବିଲା, ଯାହା ହେଉ ରକ୍ତାକ୍ଷ ଦଳତ୍ୟାଗ କରି ଚାଲିଗଲା । ମୋର ଗୋଟାଏ କଣ୍ଟାଗଲା । ଏହି ମୂର୍ଖ ପେଚ଼୍ ଦଳ ଭିତରେ ସେହି କେବଳ ଚତୁର ଆଉ ଦୂରଦର୍ଶୀଥିଲା ।

ରକ୍ତାକ୍ଷ ଚାଲିଯିବା ପରେ ସ୍ଥିରଜୀବୀ ପେଚ଼ବଂଶ ନିପାତ କରିବା ପାଇଁ ଯୋର ସୋରରେ ଉଦ୍ୟମ ଆରମ୍ଭ କରିଦେଲା । ଆଗରୁ କୁହାଯାଇଛି ଯେ, ପେଚ଼ମାନେ ସ୍ୱଭାବତଃ ଦିନରେ ଦେଖି ପାରନ୍ତି ନାହିଁ । ସ୍ଥିରଜୀବୀ ଏହାର ସୁଯୋଗ ନେଇ ଦିନବେଳା ଛୋଟ ଛୋଟ ଶୁଖିଲା କାଠ ଖଣ୍ଡ ଚଞ୍ଚୁ ଦ୍ୱାରା ଚାରିପଟରେ ଜମା କରୁଥାଏ । ଏପରି ଅନେକ କାଠ ଜମା ହୋଇ ଯିବାରୁ ଦିନେ ସକାଳେ ସେ ଋଷ୍ୟମୂକ ପର୍ବତ ନିକଟକୁ ଉଡ଼ିଗଲା । କାକରାଜ ମେଘବର୍ଣ୍ଣଙ୍କୁ ସାକ୍ଷାତ କରି କହିଲା —"ପେଚ଼ବଂଶକୁ ସମୂଳେ ଧ୍ୱଂସ କରିବାର ଯୋଜନା ପୂର୍ଣ୍ଣ ହୋଇଗଲା । ବର୍ତ୍ତମାନ ତୁମେମାନେ ସମସ୍ତେ ନିଜ ନିଜ ଥଣ୍ଟରେ ଖଣ୍ଡିଏ ଲେଖା ଜଳନ୍ତା କାଠି ଧରି ଦୁର୍ଗର ପ୍ରବେଶ ପଥ ନିକଟରେ ଜମା ହୋଇଥିବା କାଠ ଗଦାରେ ନିଆଁ ଲଗାଇ ଦିଅ । ଦୁର୍ଗ ଭିତରେ ଥିବା ସମସ୍ତ ଶତ୍ରୁ ନିଆଁ ଧାସରେ ଏବଂ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମରିଯିବେ । ଆଉ ବିଳମ୍ବ କର ନାହିଁ ।

ମେଘବର୍ଣ୍ଣ ଆନନ୍ଦରେ ସ୍ଥିରଜୀବୀଙ୍କୁ ଅଭିବାଦନ ଜଣାଇ ପଚାରିଲା, ଆପଣଙ୍କର ସବୁ କୁଶଳ ତ ? ସୌଭାଗ୍ୟର କଥା ବହୁତ ଦିନ ପରେ ଆଜି ଆପଣଙ୍କର ଦର୍ଶନ ମିଳିଲା ।"

ସ୍ଥିରଜୀବୀ କହିଲା —"ବତ୍ସ ! ବର୍ତ୍ତମାନ କଥାବାର୍ତ୍ତା କରିବା ପାଇଁ ସମୟ ନାହିଁ । ଯଦି କୌଣସି ଗୁପ୍ତଚର ମୋର ଏଠାକୁ ଆସିବା ଖବର ପେଚକରାଜଙ୍କୁ ଦେଇ ଦିଏ ; ତେବେ ମୋର ଦୀର୍ଘ ଦିନର ଏତେ ପରିଶ୍ରମ ବୃଥା ହୋଇଯିବ । ଆମେ ଆକ୍ରମଣ କରିବା ପୂର୍ବରୁ ଶତ୍ରୁ ହୁଏତ ଅନ୍ୟ ସ୍ଥାନକୁ ଚାଲିଯିବ ! ସେହି କାମ ତୁରନ୍ତ କରିବା ଉଚିତ. ତାକୁ ବିଳମ୍ବ କରିବା ଅନିଷ୍ଟ କାରକ । ଶତ୍ରୁକୁଳ ଧ୍ୱଂସ ହୋଇ ସାରିବା ପରେ ଶାନ୍ତିରେ ବସି କଥାବାର୍ତ୍ତା ହେବା ।

ବୃଦ୍ଧ କାକର ମୂଲ୍ୟବାନ ଉପଦେଶକୁ ମେଘବର୍ଣ୍ଣ ଆନନ୍ଦର ସହିତ ଗ୍ରହଣ କରିନେଲା । ସଙ୍ଗେ ସଙ୍ଗେ ସେ ନିଜର ଅଗଣିତ କାକ ବାହିନୀକୁ ଆଦେଶ ଦେଇ କହିଲା —"ଶୀଘ୍ର ନିଜ ନିଜର ଥଣ୍ଟରେ ଖଣ୍ଡିଏ ଲେଖା ଜ୍ୱଳନ୍ତ କାଠି ଧରି ପେଚ଼୍ ଦୁର୍ଗ ନିକଟକୁ ଉଡ଼ିଚାଲ । ସ୍ଥିରଜୀବୀ ଆଗରେ ପଥ ଦେଖାଇବେ । ସେଠାରେ ପହଞ୍ଚି ଦୁର୍ଗର ଚାରିପଟରେ ଜମା ହୋଇଥିବା କାଠି ଗଦାରେ ନିଆଁ ଲଗାଇ ଦିଅ ।" ରାଜାଙ୍କର ଆଦେଶ ପାଇ କାକବାହିନୀ ଚଞ୍ଚଳ ହୋଇ ଉଠିଲେ । ସମସ୍ତେ ଖଣ୍ଡିଏ ଲେଖା ଜ୍ୱଳନ୍ତ କାଠିଧରି ଦୁର୍ଗ ଅଭିମୁଖେ ଉଡ଼ି ଚାଲିଲେ । କାଠିଗଦାଗୁଡ଼ିକରେ ନିଆଁ ଲଗାଇ ଦେଲେ । ପ୍ରବଳ ବେଗରେ ଅଗ୍ନି ଜଳି ଉଠିଲା । ଦୁର୍ଗ ଭିତରେ ଥିବା ସମସ୍ତ ପେଚ଼୍ ଧୂଆଁ ଓ ନିଆଁ ଧାସରେ ରୁଦ୍ଧ ହୋଇ ମରିଗଲେ । କେହି ଗୋଟିଏ ମଧ୍ୟ ରକ୍ଷା ପାଇ ପାରିଲେ ନାହିଁ ।

ପେଚ଼ବଂଶ ଧ୍ୱଂସ ପାଇ ସାରିବା ପରେ ସମସ୍ତେ ଆନନ୍ଦ ମନରେ ପୁଣି ସେହି ପୁରୁଣା ବରଗଛକୁ ଫେରି ଆସିଲେ । ବିଜୟ ଉଲ୍ଲାସ ଉପଲକ୍ଷେ ଗୋଟିଏ ସଭା ଡ଼କାଗଲା । ବହୁ ପୁରସ୍କାରରେ ସ୍ଥିରଜୀବୀଙ୍କୁ ସମ୍ମାନିତ କରାଗଲା । ସର୍ବ ସମ୍ମତି କ୍ରମେ ତାଙ୍କୁ "ପେଚକକୁଳ ଧ୍ୱଂସୀ –କାକ ଶିରୋମଣୀ" ଉପାଧି ଦିଆଗଲା ।

ଅର୍ଥ ବିଭାଗ, ପାରାଦ୍ୱୀପ ବନ୍ଦର

# ରବି କାର୍ଯ୍ୟକ୍ରମରେ ଚାଷୀର ସହଯୋଗ

ଶ୍ରୀ ଜଗନ୍ନାଥ ମଲ୍ଲିକ

କୃଷି ହେଉଛି ଓଡ଼ିଶାବାସୀଙ୍କ ଜୀବିକାର୍ଜନର ପ୍ରଧାନ ଉପାୟ । ଆମ ରାଜ୍ୟର ଶତକଡ଼ା ପ୍ରାୟ ୮୦ ଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରନ୍ତି । ଅର୍ଥନୈତିକ ଓ ବୈଷୟିକ ଦୃଷ୍ଟି କୋଣରୁ ବିଚାରକଲେ ଓଡ଼ିଶାର ଅଭିବୃଦ୍ଧି କୃଷି ଉପରେ ଅଧିକ ନିର୍ଭରଶୀଳ । କିନ୍ତୁ ବଢ଼ି, ମରୁଡ଼ି ଏବଂ ବାତ୍ୟା ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ପ୍ରଗତି ପଥରେ କ୍ରମାଗତ ଭାବେ ପ୍ରତିବନ୍ଧକ ସୃଷ୍ଟି କରି ଆସିଛି । ଚଳିତବର୍ଷ ମୌସୁମୀ ବାୟୁର ଅନିଶ୍ଚିତ ଅବସ୍ଥା ଯୋଗୁଁ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଖାଦ୍ୟ ଉତ୍ପାଦନର ସମ୍ଭାବନା ହ୍ରାସ ପାଇଛି । ଓଡ଼ିଶାରେ ଏବର୍ଷ ମୌସୁମୀ ବର୍ଷା ବିଳମ୍ବରେ ଆରମ୍ଭ ହୋଇ ଥିବାରୁ ଓ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଖରିଫ ଋତୁରେ କେବଳ ୫୪ ଲକ୍ଷ ହେକଟର ଜମିରେ ଖରିଫ ଫସଲ ବୁଣାଯାଇଥିଲା । ଆମର ଧାର୍ଯ୍ୟ ଲକ୍ଷ ଠାରୁ ଏହା ପ୍ରାୟ ୭ ଲକ୍ଷ ହେକଟର କମ । ପୁଣି ବୁଣାଯାଇଥିବା ଫସଲରେ କମଣ ଇତ୍ୟାଦି କିଛି କରାଯାଇ ପାରିଲା ନାହିଁ । ବର୍ଷା ଅଭାବରୁ ମରୁଡ଼ି ପଡ଼ିଲା । ରାଜ୍ୟର ମାତ୍ର ୮ ଲକ୍ଷ ହେକଟର ଜମିକୁ ବିଭିନ୍ନ ଉପାୟରେ ପାଣି ଯୋଗାଇ ଦିଆଗଲେ ମଧ୍ୟ ଫସଲ ଆମଦାନି ହାରାହାରି ୧୪ଲକ୍ଷ ଟନ କମିଗଲା ।

ଏ ବର୍ଷ ମରୁଡ଼ି ଯୋଗୁଁ ଦୁଇଟି ସମସ୍ୟା ଦେଖା ଦେଇଛି । ପ୍ରଥମତଃ ଖରିଫ ଫସଲର ଆମଦାନି ହ୍ରାସ ପାଇଛି । ଦ୍ୱିତୀୟରେ ବର୍ଷା ଅଭାବ ଯୋଗୁଁ ରବି ଫସଲ ପାଇଁ ବିଭିନ୍ନ ମାଧ୍ୟମରୁ ଆମେ ଯେତିକି ପରିମାଣରେ ଜଳସେଚନ ସୁବିଧା ପାଇ ପାରି ଥାଆନ୍ତେ, ତା ମଧ୍ୟ ମିଳିବ ନାହିଁ । ମରୁଡ଼ି ଯୋଗୁ ଯେଉଁ ଫସଲ ନଷ୍ଟ ହେଲା ତାହାର ଭରଣା କରି ନ ପାରିଲେ ଖାଦ୍ୟ ଅଭାବ ଅହୁରି ବ୍ୟାପକ ହୋଇ ପଡ଼ିବ । ତେଣୁ ସୀମିତ ଜଳ ସଂପଦର ସଦୁପଯୋଗ କରି ବ୍ୟାପକ ଅଞ୍ଚଳରେ ରବି ଫସଲ ଉତ୍ପାଦନ କରିବା ପାଇଁ ସରକାରୀ ପ୍ରଚେଷ୍ଟା ଅବ୍ୟାହତ ରହିଛି । ମାତ୍ର କେବଳ ସରକାରୀ ପ୍ରଚେଷ୍ଟା ଦ୍ୱାରା ଏହା ସମ୍ଭବ ନୁହେଁ । ଚାଷୀମାନଙ୍କର ବଳ ଏବଂ ପ୍ରଚେଷ୍ଟା ଉତ୍ସାହ ଏବଂ ସହଯୋଗ ରବି କାର୍ଯ୍ୟକ୍ରମର ସଫଳତା ପାଇଁ ସର୍ବାଦୌ ବାଞ୍ଛନୀୟ ।

ଗତବର୍ଷ ୨୪ ଲକ୍ଷ ହେକ୍ଟର ଜମିରେ ରବିଚାଷ କରାଯାଇଥିଲା । ଚଳିତବର୍ଷ ୩୪ ଲକ୍ଷ ହେକ୍ଟର ଜମିରେ ରବି ଫସଲ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆମର ଚେଷ୍ଟା ସାର୍ଥକ ହେଲେ ମରୁଡ଼ି ଜନିତ ଫସଲର କ୍ଷୟକ୍ଷତି ଅନେକାଂଶରେ ପୂରଣ ହୋଇ ପାରିବ ।

ଧାନ ଆମର ପ୍ରଧାନ ଫସଲ । କିନ୍ତୁ ଗହମ, ମାଣ୍ଡିଆ, ଜୁଆର ମୁଗ, ବିରି, ବୁଟ, ମଟର ଚିନାବାଦାମ କିମ୍ବା ରାଶି ତୁଳନାରେ ଧାନ ଫସଲ ପାଇଁ ଯଥେଷ୍ଟ ଅଧିକ ପରିମାଣରେ ପାଣି ଆବଶ୍ୟକ ହୁଏ । ତେଣୁ ଚାଷୀମାନେ ପାଣିର ସୁବିଧାକୁ ଚାହିଁ କି ଫସଲ ଚାଷ କରିବେ ତାହା ନିର୍ଣ୍ଣୟ କରିବା ବିଧେୟ । ବିଶେଷ କରି ଉଠା ଜଳସେଚନ ଯୋଜନା , ନଳକୂପ, ସେଚକୂପ କିମ୍ବା ଡାଡ଼ିଆ, ପୋଖରୀ ବା ଆଡ଼ିବନ୍ଧରୁ ପାଣି ଉଠାଇ ରବିଚାଷ କଲାବେଳେ ଧାନ ଚାଷ ପାଇଁ ଆଦୌ ଆଗ୍ରହୀ ହେବା ଉଚିତ୍ ନୁହେଁ । ବରଂ ଅଳ୍ପ ପାଣି ଦରକାର କରୁଥିବା ଗହମ, ଡାଲି ଏବଂ ତୈଳବୀଜ ଫସଲ ଚାଷ କରିବା ଶ୍ରେୟସ୍କର । ସେହିଭଳି ଜଳସେଚିତ ଅଞ୍ଚଳରେ ଚାଷୀମାନେ କେନାଲରୁ ପାଣି ମଡ଼ାଇବାର ସୁବିଧା ପାଉଛନ୍ତି ବୋଲି ସବୁ କିସମ ଜମିରେ ଡାଲୁଅ ଧାନ ଚାଷ କରିବା ବିଜ୍ଞତାର ପରିଚାୟକ ହେବ ନାହିଁ । କେବଳ ଗହୀର ବା ଖାଲ ଜମିରେ ଡାଲୁଅ ଧାନ ଚାଷ ସୀମିତ ରଖାଯିବା ଉଚିତ । କୃଷି ଓ କେନାଲ ବିଭାଗର କର୍ମଚାରୀଙ୍କ ସହାୟତାରେ ପ୍ରତି ଶୋଧ ପାଇଁ କେଉଁ ଫସଲ କେତେ ଜମିରେ ଲାଭଜନକ ଭାବେ ଚାଷ କରିବା ସମ୍ଭବପର ତାହା ନିର୍ଦ୍ଧାରଣ କରାଯିବା ଦରକାର ।

ଅଣ ଜଳସେଚିତ ଅଞ୍ଚଳର ଚାଷୀମାନେ ମାଟିର ରସକୁ ଠିକ ସମୟରେ ଉପଯୋଗ କରିବା ଯେପରି ଦରକାର, ଜଳସେଚିତ ଅଞ୍ଚଳର ଚାଷୀମାନେ ଜଳଦାନୀ କରି ନିୟନ୍ତ୍ରିତ ଜଳସେଚନ ବ୍ୟବସ୍ଥା କରିବା ସେହିଭଳି ଆବଶ୍ୟକ । ପ୍ରୟୋଜନ ଅନୁଯାୟୀ କେନାଲ ଗୁଡ଼ିକରେ ପର୍ଯ୍ୟାୟ କ୍ରମେ ପାଣି ଯୋଗାଇଲେ ଅଳ୍ପ ପାଣିରେ ଡେଙ୍ଗା ଜମିରେ ଫସଲ ଉତ୍ପାଦନ ସମ୍ଭବପର ହେବ । କୃଷି ଓ ଜଳସେଚନ ବିଭାଗ ସହିତ ଚାଷୀମାନଙ୍କର ସହଯୋଗ ଏଥିପାଇଁ ନିତାନ୍ତ ଦରକାର । ଚଳିତ ରବି ଋତୁରେ ବୃହତ ଓ ମଧ୍ୟମ ଜଳସେଚନ ଯୋଜନା ଗୁଡ଼ିକରୁ ୨୫.୨୦ ଲକ୍ଷ ଏକର ପ୍ରତି ପାଣି କେନାଲ ମାଧ୍ୟମରେ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ୪୬ ହଜାର ହେକଟର ଜମିକୁ ୨ ହଜାର ନଳକୂପ ଏବଂ ୧୭୬୩ଟି ଉଠା ଜଳସେଚନ ପଏଣ୍ଟ ଜରିଅରେ ପାଣି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ରାଜ୍ୟ ଉଠାଜଳସେଚନ ନିଗମ ଗ୍ରାମ ପଞ୍ଚାୟତ ଏବଂ ସେବା-ସମବାୟ ସମିତି ଗୁଡ଼ିକରେ ୬୬୦ରୁ ଊର୍ଦ୍ଧ୍ୱ ପାଣି ପମ୍ପ ଗୁଡ଼ାକୁ ଯୋଗାଇ ଦେବା ପାଇଁ ଗଚ୍ଛିତ ରହିଛି । ପଡ଼ିଆ, ପୋଖରୀ, ଝରଣା, ଏବଂ ଛୋଟ ଛୋଟ ନଦୀ ବା ନାଳରୁ ପାଣି ଉଠାଇ ବିଭିନ୍ନ ରବି ଫସଲ ଚାଷ କରିବା ପାଇଁ ଏହି ପମ୍ପ ଗୁଡ଼ିକ ବିଶେଷ ସାହାଯ୍ୟ କରିବ । ଏହା ବ୍ୟତୀତ ବ୍ୟବସାୟିକ ବ୍ୟାଙ୍କ ଏବଂ ସମବାୟ ସମିତି ଜରିଆରେ ନଳକୂପ, ସେଚକୂପ ଓ ଇଲେକଟ୍ରିକ ପମ୍ପ ଇତ୍ୟାଦି ବସାଇ ପାଣି ମଡ଼ାଇବା ପାଇଁ ଋଣ ଯୋଗାଇ ଦିଆଯାଉଛି । କ୍ଷୁଦ୍ରଚାଷୀ, କୃଷି ଶ୍ରମିକ ଏବଂ ଆଦିବାସୀମାନଙ୍କୁ ବିଶେଷ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଏଥିପାଇଁ ରିହାତି ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି । ସେଚକୂପ, ନଳକୂପ ଓ ବିଦ୍ୟୁତ ଚାଳିତ ପମ୍ପ କ୍ଷେତ୍ରରେ ଏହି ରିହାତିର ପରିମାଣ କ୍ଷୁଦ୍ରଚାଷୀ ପାଇଁ ଶତକଡ଼ା ୨୫ ଭାଗ ନାମମାତ୍ର ଚାଷୀଙ୍କ ପାଇଁ ୩୩·୩ ଭାଗ ଏବଂ ଆଦିବାସୀମାନଙ୍କ ପାଇଁ ୫୦ ଭାଗ ହେବ ବୋଲି ଧାର୍ଯ୍ୟ କରାଯାଇଛି । ଚାଷୀମାନେ ଏହିସବୁ ସୁବିଧାର ଉପଯୋଗ କରିବା ଦରକାର । ଏଗ୍ରୋଇଣ୍ଡଷ୍ଟ୍ରିଜ କର୍ପୋରେସନ, ବିଭିନ୍ନ ବ୍ୟାବସାୟିକ ଏବଂ ସମବାୟ ବ୍ୟାଙ୍କ ମଞ୍ଜୁର କରିଥିବା ସେଚକୂପ ଏବଂ ବିଜୁଳି ଚାଳିତ ପମ୍ପ ଇତ୍ୟାଦିର ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବା ବିଧେୟ । ତେବେ ଚଳିତ ବର୍ଷ ରବି ଋତୁରେ ଚାଷୀ ଯେପରି ଏ ଜଳ ସେଚନର ସୁବିଧା ଓ ସୁଯୋଗ ପାଇ ପାରିବେ ତାର ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱ-ପୂର୍ଣ୍ଣ ।

ଗ୍ରାମ ସ୍ତରରେ ଚାଷୀମାନଙ୍କୁ ଉନ୍ନତ ବିହନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । କାରଣ ରବି ଚାଷର ସଫଳତା ଠିକ ସମୟରେ ଉନ୍ନତ ବିହନ ଯୋଗାଣ ଉପରେ ବିଶେଷ ନିର୍ଭର କରୁଛି । ଚଳିତ ରବିଋତୁରେ ଚାଷୀମାନଙ୍କୁ ୬ ହଜାର କ୍ୱିଣ୍ଟାଲ ବିରି, ଏକ ହଜାର କ୍ୱିଣ୍ଟାଲ ମଟର, ଆଠଶହ କ୍ୱିଣ୍ଟାଲ ବୁଟ, ୧୦ ହଜାର କ୍ୱିଣ୍ଟାଲ ଚିନାବାଦାମ, ୨ ଶହ କ୍ୱିଣ୍ଟାଲ ଉନ୍ନତ ମକା ୨୨ ହଜାର ୫ ଶହ କ୍ୱିଣ୍ଟାଲ ମୁଗ, ୨ ହଜାର କ୍ୱିଣ୍ଟାଲ ସୋରିଷ, ୧୧ ହଜାର କ୍ୱିଣ୍ଟାଲ ଡାଲୁଅ ଧାନ , ୨୫ ହଜାର କ୍ୱିଣ୍ଟାଲ ଆଳୁ, ୫ ଶହ କ୍ୱିଣ୍ଟାଲ ମାଣ୍ଡିଆ, ୪ ଶହ କ୍ୱିଣ୍ଟାଲ କୁସୁମୀ, ୧୭ଶହ କ୍ୱିଣ୍ଟାଲ ରାଶି ଏବଂ ୧୦ ହଜାର କ୍ୱିଣ୍ଟାଲ ଉନ୍ନତ ଗହମ ବିହନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଗ୍ରାମ ସ୍ତରରେ ବିହନ ଯୋଗାଣ ମଧ୍ୟ ଆରମ୍ଭ ହେଲଣି ।

ରବି ଚାଷକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ସମୟାନୁଯାୟୀ ଉପଯୁକ୍ତ ପରିମାଣରେ ଖତ ସାର ପ୍ରୟୋଗ କରିବା ଏବଂ ଆବଶ୍ୟକୀୟ ଫସଲ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଚାଷୀ ଏଥି ପ୍ରତି ବିଶେଷ ଧ୍ୟାନ ଦେଲେ ଅଧିକ ଉତ୍ପାଦନ ସମ୍ଭବପର ହେବ । ବିଶେଷ କରି ଜଳସେଚିତ ଅଞ୍ଚଳରେ ଅଧିକ ରବି ଫସଲ ଉତ୍ପାଦନ କରିବା ନିମନ୍ତେ ଏହି ବ୍ୟବସ୍ଥା ଅପରିହାର୍ଯ୍ୟ । ତେଣୁ ସବୁ ବିଷୟ ନିର୍ଭର କରୁଛି ଚାଷୀର ଆଗ୍ରହ ଓ ସହଯୋଗ ଉପରେ ।

ଚଳିତ ବର୍ଷ ସମବାୟ ସମିତି ଓ ଖୁଚୁରା ବିକ୍ରେତାମାନଙ୍କ ଜରିଆରେ ଚାଷୀଙ୍କୁ ୩୭ ହଜାର ମେଟ୍ରିକ ଟନ ଯବକ୍ଷାରଜାନ (Nitrogen) ୧୭,୫୬୦ ମେଟ୍ରିକ ଟନ ଫସଫେଟ (P. O.) ଓ ୯,୦୨୫ ମେଟ୍ରିକ ଟନ୍ ପୋଟାସ୍ (K.O.) ସାର ଯୋଗାଇ ଦେବା ପାଇଁ ଗଚ୍ଛିତ ରଖା ଯାଉଛି । ବିହନ, ସାର, ପୋକମରା ଔଷଧ ଏବଂ କୃଷି ଯନ୍ତ୍ରପାତି ପ୍ରଭୃତି ଚାଷୀମାନେ ଯେପରି ଋଣରେ ପାଇ ପାରିବେ ସେଥିପାଇଁ ମଧ୍ୟ ସୁବିଧା କରାଯାଇଛି । ଏହି ସବୁ ଋଣ ଚାଷୀମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ଯୋଗାଇ ଦିଆଯିବ ।

ରିହାତି ଦରରେ କୃଷି ଯନ୍ତ୍ରପାତି ବିକ୍ରୀ କରିବା ପାଇଁ ଆଗ୍ରୋ-ଇଣ୍ଡଷ୍ଟ୍ରିଜ୍ କରପୋରେସନ ଜରିଆରେ ବିକ୍ରୀ କେନ୍ଦ୍ରମାନ ଖୋଲା ଯାଇଛି । କିନ୍ତୁ ଏହି ବ୍ୟବସ୍ଥା କେବଳ ବ୍ୟବସ୍ଥାରେ ରହିଲେ ଚାଷୀର ଲାଭ ହେବନାହିଁ କିମ୍ବା ସରକାରଙ୍କର ଉଦ୍ଦେଶ୍ୟ ମଧ୍ୟ ସାଧିତ ହେବନାହିଁ । ତେଣୁ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ (V.A.W.) ଚାଷୀମାନେ ସେମାନଙ୍କ ଚାହିଦା ଜଣାଇ କୃଷିଯନ୍ତ୍ରପାତି କିଣି ନିଅନ୍ତୁ ।

ଚାଷୀ ପାଇଁ ସମୟ ଖୁବ ମୂଲ୍ୟବାନ । ତେଣୁ କଥାରେ ଅଛି "ଚାଷ ତର ତର ବଣିକ ମଠ" । ବେଳ ଗଡ଼ିଗଲେ କିମ୍ବା ପାଗ ଛାଡ଼ିଗଲେ ଚାଷୀ ପୁଣିଥରେ ତାହା ଫେରି ପାଇବ ନାହିଁ । ବିଶେଷ କରି ଅଣ ଜଳସେଚିତ ଅଞ୍ଚଳର ଚାଷୀମାନେ ମାଟିର ରସକୁ ଉପଯୋଗ କରି ଡାଲି ବା ତୈଳବୀଜ ଫସଲଚାଷ କଲାବେଳେ ସମୟ-ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

## ॥ ଅନନ୍ୟ ନିର୍ମାତା ॥

ଇଂଲଣ୍ଡର ବୃହତ୍ତମ ଚର୍ଚ୍ଚ ୱେଷ୍ଟ ମିନିଷ୍ଟର ବି ନିର୍ମାଣ ହେଉ-ଥିବାବେଳେ ଏହାର ସ୍ଥାପତି ସାର୍ ରେନ୍ କାର୍ଯ୍ୟର ଅଗ୍ରଗତି ପର୍ଯ୍ୟବେକ୍ଷଣ କରିବା ପାଇଁ ପଦଚାରଣା କରୁଥିଲେ । ସେ ପ୍ରତ୍ୟେକ ଶ୍ରମିକଙ୍କୁ ପ୍ରଶ୍ନ କରୁଥିଲେ, 'ତୁମେ କ'ଣ କରୁଛ ?" ଉତ୍ତର ମିଳୁଥିଲା 'ମୁଁ କାଠ କାଟୁଛି', 'ମୁଁ ପଥର କାଟୁଛି', 'ମୁଁ ଚୁନ ପ୍ରସ୍ତୁତ କରୁଛି' । ଏପରି ବୁଲୁ ବୁଲୁ ଜଣେ ଯୁବକ ମିସ୍ତ୍ରୀ ଏକନିଷ୍ଠଭାବେ କର୍ମରତ ଥିବାର ଦେଖି ସାର୍ ରେନ୍ ଗତାନୁଗତିକଭାବେ ତାଙ୍କୁ ପଚାରିଲେ "ବାବୁ ତୁମେ କ'ଣ କରୁଛ ?" ପ୍ରଶ୍ନକର୍ତ୍ତାଙ୍କ ଆଡ଼କୁ ନଅନାଇ ସେ କହିଲା, "ସାର୍, ମୁଁ ୱେଷ୍ଟ ମିନିଷ୍ଟର୍ ଏବି ଗଢ଼ୁଛି ।"

# କାମପାଇଁ ଶସ୍ୟ ଯୋଜନା

ଡକ୍ଟର ଦାମୋଦର ରାଉତ
ରାଷ୍ଟ୍ରମନ୍ତ୍ରୀ
ସୂଚନା ଓ ଲୋକସମ୍ପର୍କ, ବିଭାଗ

ଆମ ରାଜ୍ୟରେ ସାଧାରଣତଃ ଲୋକେ ଚାରିମାସପାଇଁ ଚାଷ କାମରେ ବ୍ୟସ୍ତ ରହନ୍ତି । ବର୍ଷର ଅନ୍ୟ ଆଠମାସ ସେମାନେ ଅଳସୁଆ ହୋଇ ବସି ଥାନ୍ତି । ଆମର ଚାହିଦା ଅନୁଯାୟୀ ଆମେ ଖାଦ୍ୟ ଶସ୍ୟ ଉତ୍ପାଦନ କରିପାରୁ ନଥିବାରୁ ପୁରାପୁରୀରେ ଦୁଃଖ ଦାରିଦ୍ର୍ୟ ଓ ଦୁର୍ଦ୍ଦଶା ଦେଖାଦିଏ । ସରକାରୀ ହିସାବରୁ ଜଣାପାଏ ଯେ ଆମ ରାଜ୍ୟର ଶତକଡ଼ା ଅଶୀଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ଏମାନଙ୍କ ଦୁଇ ହାତକୁ କାମ ଯୋଗାଇ ଦେଲେ ସମୃଦ୍ଧି ପଥରେ ଆମେ ଯେ ଦ୍ରୁତ ଗତିରେ ଆଗେଇ ପାରିବା ଏଥିରେ ସନ୍ଦେହ ନାହିଁ ।

ଆମର ଚାଷୀଭାଇମାନଙ୍କୁ କାମପାଇଁ ଶସ୍ୟ ଯୋଗାଇ ଦେବା ନିମନ୍ତେ ପଞ୍ଜାବ, ହରିଆନା ଭଳି ବଳକା ରାଜ୍ୟରୁ ଗହମ ସଂଗ୍ରହକରି ଆଜକୁ ଦୁଇବର୍ଷ ତଳେ ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଯୋଜନାବଦ୍ଧଭାବେ କାମ ଆରମ୍ଭ କରାଯାଇଥିଲା । ଏହି "କାମପାଇଁ ଶସ୍ୟ ଯୋଜନା" ବାବଦରେ କେନ୍ଦ୍ର ସରକାର ଚାଉଳ ଓ ଗହମ ଆକାରରେ ତାଙ୍କର ଅନୁଦାନ ଦେଇ ଆସୁଛନ୍ତି । ଆମରାଜ୍ୟକୁ ମିଳିଥିବା ଶସ୍ୟ ପରିମାଣରୁ ପ୍ରାୟ ୭୦ ଭାଗ ଗ୍ରାମ ଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ଜରିଆରେ ବିନିଯୋଗ କରାଯାଉଛି । ୧୯୭୭-୭୮ ରେ ୨୩,୭୭୫ ମେଟ୍ରିକ ଟନ୍, ୧୯୭୮-୭୯-ରେ ୧,୦୩,୦୮୦ ମେଟ୍ରିକ ଟନ୍ ଓ ୧୯୭୯-୮୦ ନଭେମ୍ବର ସୁଦ୍ଧା ୧,୦୦,୨୦୦ ମେଟ୍ରିକ ଟନ୍ ଏବାବଦରେ ବ୍ୟୟ ହୋଇଛି ।

ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ତରଫରୁ ଏହି ଯୋଜନା ଅଧୀନରେ କେତେକ ଉନ୍ନୟନ ମୂଳକ କାର୍ଯ୍ୟ ତଥା ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । କ୍ଷୁଦ୍ର ଜଳସେଚନ ଯୋଜନା, ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ନିର୍ମାଣ, କ୍ଷୁଦ୍ର ପୋଲ ନିର୍ମାଣ, ପାନୀୟ ଜଳ ନିମନ୍ତେ କୂପ ଖନନ ଏବଂ ପଞ୍ଚାୟତ ଗୃହ, ପ୍ରାଥମିକ ଓ ମଧ୍ୟଇଂରାଜି ବିଦ୍ୟାଳୟ ଗୃହ, ମହିଳା ସମିତି ଓ ଯୁବକସଂଘ ଗୃହ ନିର୍ମାଣ ତଥା ମରାମତି ଏହାର ପରିସର ଅନ୍ତର୍ଭୁକ୍ତ ।

ବ୍ଲକ ଜରିଆରେ ଉପରୋକ୍ତ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । କୌଣସି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ନକ୍ସା ଓ ଖର୍ଚ୍ଚର ଚିଠିନକ୍ସି ହିସାବ କରାଯାଇ ସମ୍ପୃକ୍ତ ଅଫିସର ମାନଙ୍କର ଅନୁମୋଦନ ନିଆଯାଉଛି । ପ୍ରତ୍ୟେକ ଯୋଜନା ବାବଦରେ ଅଟକଳ କରାଯାଇଥିବା ମୋଟ ଖର୍ଚ୍ଚର ଶତକଡ଼ା ୬୦ ଭାଗ ଜିନିଷ ଆକାରରେ ବିନିଯୋଗ କରାଯାଉଛି । ଅବଶିଷ୍ଟ ଶତକଡ଼ା ୪୦ ଭାଗ ମଜୁରୀ ଆକାରରେ ଦିଆଯାଉଛି । ମଜୁରୀ ବାବଦରେ ଶ୍ରମିକମାନଙ୍କୁ ୩ ଭାଗ ଶସ୍ୟ ଆକାରରେ ଏବଂ ୧ ଭାଗ ଅର୍ଥ ଆକାରରେ ଦିଆଯାଉଛି । ଯେଉଁ ଶ୍ରମିକମାନେ ଏହିବାବଦରେ କେବଳ ଶସ୍ୟ ନେବାକୁ ଚାହାନ୍ତି ସେମାନଙ୍କୁ ଶସ୍ୟ ଆକାରରେ ତାଙ୍କର ପ୍ରାପ୍ୟ ଦିଆଯାଉଛି । ଯଦି କୌଣସି କାର୍ଯ୍ୟ କେବଳ ମଜୁରୀ ଆକାରରେ ସମାଧାନ ହୋଇପାରେ ସେହିଠାରେ ସମ୍ପୂର୍ଣ୍ଣଭାବରେ ଶସ୍ୟ ବିନିଯୋଗ କରାଯାଉଛି ।

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଯୋଜନାରେ ବିନିଯୋଗ କରାଯାଉଥିବା ଖାଦ୍ୟଶସ୍ୟ ଏବଂ ଅର୍ଥ ସର୍ବନିମ୍ନ ଶ୍ରମିକମାନଙ୍କର ଆର୍ଥିକ ଉନ୍ନତି ସହାୟକ ହେବ । ସେହି ସହାୟେ ଏହି ଯୋଜନା-କାର୍ଯ୍ୟକାରୀ କରିବା ପାଇଁ କଣ୍ଟ୍ରାକ୍ଟରମାନଙ୍କୁ ବାଦଦିଆଯାଇ ଗ୍ରାମ୍ୟକମିଟି ମାଧ୍ୟମରେ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରାଯାଉଛି । ଏହିପରି କରିବାର ଉଦ୍ଦେଶ୍ୟ ହେଉଛି ଯୋଜନାଟି ସର୍ବନିମ୍ନ ଖର୍ଚ୍ଚରେ ଗ୍ରାମଲୋକମାନଙ୍କର ସହଯୋଗରେ ସମାହିତ ହୋଇ ପାରିବ ।

ଏହିଯୋଜନାର ସାଫଲ୍ୟ ପାଇଁ ପଞ୍ଚାୟତ ସମିତି ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଦୁଇଗୋଟି କାର୍ଯ୍ୟ ତଦାରଖ କମିଟି ଗଠନ କରାଯାଇଛି । ପଞ୍ଚାୟତ ସମିତି ସ୍ତରରେ ଗଠିତ କମିଟିରେ ସ୍ଥାନୀୟ ବିଧାନସଭା ସଦସ୍ୟଙ୍କୁ ସଭାପତି ରଖାଯାଇଛି ଏବଂ ଅନ୍ୟାନ୍ୟଙ୍କ ମଧ୍ୟରେ ସମ୍ପୃକ୍ତ ଏସ୍. ଡି. ଓ., ବ୍ଲକ ଅଫିସର ତଥା ତିନିଜଣ ବେସରକାରୀ ବ୍ୟକ୍ତିଙ୍କୁ ସଭ୍ୟଶ୍ରେଣୀଭୁକ୍ତ କରାଯାଇଛି । ପଞ୍ଚାୟତ ସ୍ତରରେ କମିଟି ଗଠନ କରିବା ପାଇଁ ଏସ୍. ଡି. ଓ. ଙ୍କୁ କ୍ଷମତା ପ୍ରଦାନ କରାଯାଇଛି ଏବଂ ସେଥିରେ ସ୍ଥାନୀୟ ପଦ୍ମବର୍ତ୍ତୀ ତଥା ଯୁବକମାନଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରାଯାଇଛି । ଏହିକମିଟି-ମାନ ପଞ୍ଚାୟତ ସମିତି ତଥା ଗ୍ରାମପଞ୍ଚାୟତ ସ୍ତରରେ ସେମାନଙ୍କର ତଦାରଖ କାର୍ଯ୍ୟ ସୁବ୍ୟବସ୍ଥାରେ ସମାଧାନ କରୁଛନ୍ତି । ଉଚ୍ଚପଦସ୍ଥ ଅଫିସରଙ୍କୁ ନେଇ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ମଧ୍ୟ ଅନୁରୂପ କମିଟିମାନ ଗଠନ କରାଯାଇଛି ।

ଏହି ଯୋଜନାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସୁଯୋଗ ଦେବା ସହାୟେ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ତଦନୁଯାୟୀ ସର୍ବୋଦୟ ସମିତି, କାଶୀ ସେବାସଂଘ, ନେହେରୁ ସେବାସଂଘ, ସର୍ବୋଦୟ ରିଲିଫ୍ କମିଟି, ଗ୍ରାମ ବିକାଶ ଫାଉଣ୍ଡେସନ ଓ ଅକ୍ସଫାମ୍ ଇତ୍ୟାଦି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ଆମରାଜ୍ୟରେ ଏହିଯୋଜନା କାର୍ଯ୍ୟକାରୀ କରାଯାଉଛି । ଯୋଜନାର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଜିଲ୍ଲାପାଳ ଏବଂ ବି. ଡି. ଓ.ମାନଙ୍କଠାରୁ ମାସିକ ଓ ତ୍ରୈମାସିକ ରିପୋର୍ଟମାନ ମଗାଯିବା ସଙ୍ଗେ ସଙ୍ଗେ କେନ୍ଦ୍ରସରକାରଙ୍କୁ ଏ ସମ୍ପର୍କରେ ଅବହିତ କରାଯାଉଛି ।

ଏହି ଯୋଜନା ବାବଦରେ କେନ୍ଦ୍ରସରକାର ଯେଉଁ ଖାଦ୍ୟଶସ୍ୟ ଯୋଗାଇ ଥାନ୍ତି, ତାହା ଭାରତୀୟ ଖାଦ୍ୟ କର୍ପୋରେସନ ଜରିଆରେ ମିଳିଥାଏ । ଖାଦ୍ୟ କର୍ପୋରେସନର ଗୋଦାମଗୁଡିକରୁ ଜିଲାସ୍ଥ ଓ ବ୍ଲକ ମହକୁମା ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ଯଥାଶୀଘ୍ର ପହଞ୍ଚାଇଦେବା ସକାଶେ ଏଜେଣ୍ଟ ନିଯୁକ୍ତ କରାଯାଇଛି ।

ବିଗତ ବର୍ଷମାନଙ୍କରେ ଏହିଯୋଜନା ମାଧ୍ୟମରେ ଉଲ୍ଲେଖନୀୟ ଅଗ୍ରଗତି ସାଧିତ ହୋଇଛି ଏବଂ ତହିଁର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା :

| କ୍ରମିକ ସଂଖ୍ୟା | କାର୍ଯ୍ୟର ନାମ | ପରିମାଣ | କାର୍ଯ୍ୟ ସମ୍ପାଦନ ବିବରଣୀ |
|---|---|---|---|
| ୧ | ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ରାସ୍ତା | କିଲୋମିଟର | ୪୭,୬୨୧ |
| ୨ | କ୍ଷୁଦ୍ର ଜଳସେଚନ ପୁଷ୍କରିଣୀ | ସଂଖ୍ୟା | ୩,୯୫୨ |
| ୩ | ପାନୀୟଜଳ କୂପ | ସଂଖ୍ୟା | ୧,୩୦୦ |
| ୪ | ଗ୍ରାମପଞ୍ଚାୟତ ଗୃହ | ସଂଖ୍ୟା | ୨୧ |
| ୫ | ସ୍କୁଲଗୃହ | ସଂଖ୍ୟା | ୩,୯୩୫ |
| ୬ | ଶ୍ରମ ଦିବସ | ସଂଖ୍ୟା | ୩୮୧,୫୮,୦୦୦ |

ଏହି ଯୋଜନାର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ବ୍ଲକ, ସବଡିଭିଜନ ଏବଂ ଜିଲ୍ଲା ସ୍ତରୀୟ ଅଫିସରମାନେ ଆବଶ୍ୟକ ତଦାରଖ କରୁଛନ୍ତି । ଏହାବ୍ୟତୀତ ବିଧାନସଭା ସଦସ୍ୟ, ମନ୍ତ୍ରୀ ତଥା ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଫିସରମାନେ ଅଧିକାଂଶ ସମୟରେ ଉକ୍ତ ଯୋଜନାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବା ଦିନରୁ ଦାଦନ ଶ୍ରମିକରୂପେ ଜୀବିକା ଅର୍ଜନ କରିବାପାଇଁ ରାଜ୍ୟ ବାହାରକୁ ଯାଉଥିବା ଶ୍ରମଜୀବୀ ମାନଙ୍କର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ଗ୍ରାମାଞ୍ଚଳରେ ନରନାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ତଥା ସମାଜର ଆର୍ଥିନୀତିକ ପ୍ରଗତିକୁ ବାସ୍ତବରୂପ ଦେଉଛନ୍ତି ।

## ।। ଲାଞ୍ଜ ଖସିଛି ।।

ଦିନେ ଭକ୍ତ କେଶବଚନ୍ଦ୍ରଙ୍କୁ ଦେଖିବା ପାଇଁ ରାମକୃଷ୍ଣ ପରମହଂସଙ୍କର ଭାରି ଇଚ୍ଛା ହେଲା । ସେତେବେଳେ କେଶବବାବୁ ବ୍ରାହ୍ମ ଭକ୍ତମାନଙ୍କ ସଙ୍ଗରେ ଜୟଗୋପାଳ ସେନଙ୍କର ବେଲଘରିଆ ବଗିଚାରେ ଅବସ୍ଥାନ କରୁଥିଲେ । ଠାକୁରେ ଆଉଜଣେ ଭକ୍ତଙ୍କୁ ସାଙ୍ଗରେ ନେଇ ଗାଡ଼ିରେ ବେଲଘରିଆ ବଗିଚାରେ ଉପସ୍ଥିତ ହେଲେ । କେଶବବାବୁ ସେତେବେଳେ ବ୍ରାହ୍ମ ଭକ୍ତମାନଙ୍କ ସଙ୍ଗରେ ପୋଖରୀରେ ଗାଧୋଇବା ପାଇଁ ପ୍ରସ୍ତୁତ ହେଉଥିଲେ । ରାମକୃଷ୍ଣ ତାଙ୍କୁ ଦେଖାଇ କହିଲେ, "ଏହାର ଲାଞ୍ଜ ଖସିଥିଛି ।" ଏହା ଶୁଣି ବ୍ରାହ୍ମ ଭକ୍ତମ.ନେ ହସି ଉଠିଲେ । କେଶବବାବୁ ସେମାନଙ୍କୁ କହିଲେ "ତୁମେମାନେ ହସ ନାହିଁ, ସେ ଯାହା କହିଲେ ତା'ର ଅର୍ଥ ଅଛି " । ତାପରେ ରାମକୃଷ୍ଣ କହିଲେ, "ବେଙ୍ଗଫୁଲର ଲାଞ୍ଜଥିବା ଯାଏ ପାଣିରେ ରହେ, କିନ୍ତୁ ଲାଞ୍ଜ ଖସିଗଲେ ପାଣିରେ ରହିପାରେ, ପଦାରେ ମଧ୍ୟ ରହିପାରେ । ସେହିପରି ଭଗବାନଙ୍କୁ ଚିନ୍ତାକରି ଯାହାର ଅବିଦ୍ୟା ଦୂର ହୋଇଯାଇଛି, ସେ ସଚ୍ଚିଦାନନ୍ଦ-ସାଗରରେ ବୁଡ଼ି ରହିପାରେ, ପୁଣି ସଂସାରରେ ମଧ୍ୟ ରହିପାରେ ।"

* * *

## ।। ଦୟାର ଦାଉ ।।

ବିଗ୍ୟାନ ଏବଂ ବୁଦ୍ଧି ନଥାଇ ମଣିଷ ଯଦି ସହାନୁଭୂତିଶୀଳ ହୁଏ ତାହା ଲାଭଦାୟକ ହୁଏ ନାହିଁ । ଜଣେ ଦୟାଳୁବ୍ୟକ୍ତି ଏକଦା ବନ୍ୟାଞ୍ଚଳରେ ଭ୍ରମଣ କରିବା ସମୟରେ ନଦୀକୂଳରେ ମାଛଟିଏ ଛଟପଟ ହେଉଥିବାର ଦେଖିଲେ । ଶୀତୁଆ ପାଣି ଓ ପବନର ପ୍ରକୋପରୁ ମାଛଟିକୁ ରକ୍ଷା କରିବା ପାଇଁ ସେ ନିଜ ହାତରେ ଛୋଟ କମଳଟିଏ ଧରି ମାଛକୁ ଘୋଡ଼ି ରଖିଲେ । ତଥାପି ମାଛଟି ଛଟପଟ ହେଉଥିବାର ଅନୁଭବ କରି ତାକୁ ଉଷ୍ମତା ଯୋଗାଇବା ପାଇଁ ତା' ମୁହଁରେ କଫିଗ୍ଲାସଟିଏ ଢ଼ାଳିଲେ । କଫି ଏମିତି ଗରମ ଥିଲା ଯେ ତତ୍କ୍ଷଣାତ ମାଛର ପଞ୍ଚତ୍ୱ ପ୍ରାପ୍ତି ଘଟିଲା ।

* * *

## ।। ତଥାପି ସମୟ ଅଛି ।।

ଥରେ ପ୍ରସିଦ୍ଧ ଇଂରେଜ ମନୀଷୀ ଡ଼କ୍ଟର ଜନସନଙ୍କୁ ଜଣେ ବ୍ୟକ୍ତି କହିଲେ, "ସମୟାଭାବ ଯୋଗୁଁ ମୁଁ ଭଗବାନଙ୍କ ନାମ ସ୍ମରଣ କରି ପାରୁ ନାହିଁ । ସକାଳୁ ମଧ୍ୟରାତ୍ରିପର୍ଯ୍ୟନ୍ତ ଯେତେ ଚେଷ୍ଟା କଲେ ମଧ୍ୟ ମୁହୂର୍ତ୍ତଟିଏ ଅବସର ହେଉନାହିଁ ।" ଡ଼କ୍ଟର ଜନ୍‌ସନ୍ ପ୍ରଶ୍ନ କଲେ, "ଯେଉଁ ପୃଥିବୀର ଦୁଇ-ତୃତୀୟାଂଶ ଜଳାବୃତ ଏବଂ ଅବଶିଷ୍ଟାଂଶରେ ପାହାଡ଼, ପର୍ବତ, ମରୁ, ତୁଷାର, ଗୁଳ୍ମଲତା ଇତ୍ୟାଦି ରହିଛି ସେଥିରେ କୋଟି କୋଟି ଲୋକ ରହିବା ପାଇଁ ସ୍ଥାନ ପାଉଛନ୍ତି କିପରି ? " ପ୍ରଶ୍ନକର୍ତ୍ତା କହିଲେ, "ସଂଗ୍ରାମକରି ମଣିଷ ବାସସ୍ଥାନ ପାଉଛି । " ଜନ୍‌ସନ୍ କହିଲେ, "ସେହିପରି ଉଦ୍ୟମ କଲେ ଭଗବାନଙ୍କୁ ପ୍ରାର୍ଥନା କରିବା ପାଇଁ ତମେ ମଧ୍ୟ କିଛି ମୁହୂର୍ତ୍ତ ବଞ୍ଚାଇ ପାରିବ ।"

# ମରୁଡ଼ି ସମୟରେ ଗୋଖାଦ୍ୟ ସମସ୍ୟା

ଡକ୍ଟର ବଂଶୀଧର ଜେଠୀ

ବନ୍ୟା, ବାତ୍ୟା ଓ ମରୁଡ଼ି ଓଡ଼ିଶା ବାସୀଙ୍କର ଚିର ସହଚର । ଏହି ଦୈବିଦୁର୍ବିପାକ ଯୋଗୁଁ କେବଳ ଯେ ମନୁଷ୍ୟମାନେ ଦୁଃଖକଷ୍ଟ ସହ୍ୟ କରନ୍ତି, ତା ନହେଁ ମନୁ-ଷ୍ୟେତର ପ୍ରାଣୀମାନେ ମଧ୍ୟ ଏହି କଷ୍ଟ ଅନୁଭବ କରନ୍ତି । କୃଷି ସହ ଗୋପାଳନ ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ମରୁଡ଼ି ସମୟରେ ଗୋଖାଦ୍ୟ ବିଶେଷତଃ ନଡ଼ା, କୁଟା ଓ ଘାସ ପ୍ରଭୃତିର ଅଭାବ ପରିଲକ୍ଷିତ ହୋଇଥାଏ । ଏହି ନଡ଼ା, କୁଟା ବା ଘାସ ଗୋରୁ ମଇଁଷି ପ୍ରଭୃତି ଗୃହପାଳିତ ପଶୁଙ୍କର ଆବଶ୍ୟକ ହେଉଥିବା ଖାଦ୍ୟର ଶତକଡ଼ା ୬୦ରୁ ୮୦ ଭାଗ ପୂରଣ କରିଥାଏ । ଆମ ରାଜ୍ୟରେ ବର୍ଷା କମ୍ ହେବାରୁ ଚଳିତ ବର୍ଷ ମରୁଡ଼ି ପରିସ୍ଥିତିର ଉଦ୍‌ଭବ ହୋଇଛି ଓ ଧାନ, ଗହମ, ମାଣ୍ଡିଆ ଆଦି ଶସ୍ୟ ଅମଳରେ ପ୍ରଭୂତ ବାଧା ସୃଷ୍ଟି ହୋଇଛି ।

ମରୁଡ଼ି ସମୟରେ ପଶୁସଂପଦଙ୍କୁ ଖାଦ୍ୟ ଯୋଗାଇବାରେ ଅସୁବିଧା ହୋଇଥାଏ । କାରଣ ଧାନ, ଗହମ, ମାଣ୍ଡିଆ ପ୍ରଭୃତି ମନୁଷ୍ୟ ଉପଯୋଗୀ ଖାଦ୍ୟ ଗୋଟିଏ ଅଞ୍ଚଳରୁ ଅନ୍ୟ ଗୋଟିଏ ଅଞ୍ଚଳକୁ ବୋହି ନିଆଯାଇପାରେ, ମାତ୍ର କୁଟା, ନଡ଼ା ଓ ଚୂଣ୍ଡା ପ୍ରଭୃତି ଗୋଖାଦ୍ୟ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରିବା ବ୍ୟୟସାପେକ୍ଷ ତଥା ଅସୁବିଧାଜନକ । କିନ୍ତୁ ଉତ୍ପାଦନ ଅବ୍ୟାହତ ରଖିବା ତଥା କୃଷି କାର୍ଯ୍ୟରେ ଉପଯୋଗ ପାଇଁ ପଶୁମାନଙ୍କୁ ଖାଦ୍ୟ ଖାଇବାକୁ ଦେବା ଏକ ଅତ୍ୟାବଶ୍ୟକ କାର୍ଯ୍ୟ । ଆମ ରାଜ୍ୟର କେତେକ ଅଞ୍ଚଳରେ ଜଳସେଚନର ସୁବିଧା ଥିବା ଦୃଷ୍ଟିରୁ ସେହି ଅଞ୍ଚଳମାନଙ୍କରେ ଧାନ ଓ ରବି ଫସଲ ପ୍ରଭୃତି ଉତ୍ପାଦିତ ହୋଇଥାଏ । ଏହି ଧାନ ଓ ରବି ଫସଲରୁ ମିଳୁଥିବା ଉପଜାତ ପଦାର୍ଥ ଓ ମରୁଡ଼ି ଅଞ୍ଚଳରେ ସୃଷ୍ଟ ହେଉଥିବା ମରୁଡ଼ି ଉପଜାତ ପଦାର୍ଥ ଓ ମରୁଡ଼ି ସହଣୀ ପନିପରିବାର ଉପଜାତ ପଦାର୍ଥରେ କାଣ୍ଡିଗୁଡ଼ ମିଶାଇ, ପଶୁମାନଙ୍କ ପାଇଁ ଏକ ଉପାଦେୟ ଖାଦ୍ୟ ପ୍ରସ୍ତୁତ କରଯାଇ ପାରେ । ଗୋରୁ, ମଇଁଷି, ଛେଳି ଓ ମେଣ୍ଢାଙ୍କ ସକାଶେ କେତେକ ଗଛର ପତ୍ର ଓ ପିଡ଼ିଆ ଖାଦ୍ୟରୂପେ ବ୍ୟବହାର ମଧ୍ୟ କରଯାଇପାରେ । ଏହି ପ୍ରକାର ପରୀକ୍ଷା ଅନ୍ୟରାଜ୍ୟରେ କରଯାଇଛି । ତେଣୁ ଚଳିତ ବର୍ଷର ମରୁଡ଼ି ସମୟରେ ଏହି ପ୍ରକାର ପରୀକ୍ଷା ଆମରାଜ୍ୟରେ କରଯିବାରେ କୌଣସି ଅସୁବିଧା ନାହିଁ ।

(କ) ମରୁଡ଼ି ସହଣୀ ଉଦ୍ଭିଦ :—

(୧) ମୁଞ୍ଜି ( Munj ) :—ଏହା ଏକପ୍ରକାର ବଣୁଆ ଉଦ୍ଭିଦ ଓ ରାଜ୍ୟର ବହୁ ଅଞ୍ଚଳରେ ଦେଖାଯାଏ । ଘର ଛପର ପାଇଁ ଏହା କେତେକ ଅଞ୍ଚଳରେ ବ୍ୟବହୃତ ହୁଏ ଓ ବହୁଲୋକ ଏହାକୁ ଜାଳେଣୀରୂପେ ବ୍ୟବହାର କରନ୍ତି । ଏହି ଗଛରେ କାଣ୍ଡିଗୁଡ଼ ମିଶାଇ ପଶୁଖାଦ୍ୟରୂପେ ବ୍ୟବହାର କଲେ, ଏହାର ଉପାଦେୟତା ବୃଦ୍ଧି ପାଇଥାଏ । ଶରୀର-ରକ୍ଷକ ଖାଦ୍ୟଭାବରେ ଏଥିରେ ୧ ଭାଗ ୟୁରିଆ ଓ ୧୦ ଭାଗ କାଣ୍ଡିଗୁଡ଼ ମିଶାଇ, ଖାଇବାକୁ ଦିଆଯାଇ ପାରେ। ସବୁଜ ଅବସ୍ଥାରେ ଏହାକୁ ନିର୍ଭୟରେ ଗୋଖାଦ୍ୟ ରୂପେ ଦିଆଯାଇ-ଥାଏ । ଏହି ଗଛରେ ଫୁଲ ଆସିବା ପୂର୍ବରୁ ଏହାକୁ କାଟିଆଣି ପାଳ ବା ଗଣି ପକାଇ ସାଇତା ଯାଇପାରେ ।

(ଖ) ଗଛର ପତ୍ର ଓ ଲତା :—

ମରୁଡ଼ି ସମୟରେ ଗଛର ପତ୍ର ଓ ଲତା, ବଣ ଓ ଅନାବନା ଘାସ ପ୍ରଭୃତିକୁ ଗୋଖାଦ୍ୟ ରୂପେ ମଧ୍ୟ ବ୍ୟବହାର କରଯାଇ ପାରିବ ।

କେତେକ ଗଛର ପତ୍ରକୁ ଆମେ ଛେଳି ଓ ମେଣ୍ଢା ପ୍ରଭୃତିଙ୍କୁ ଖାଇବାକୁ ଦେଉଥାଉ ଓ ଆଉ କେତେକ ଗଛର ପତ୍ରକୁ ଆମେ ଗୋରୁ ଓ ମଇଁଷି ପ୍ରଭୃତିଙ୍କୁ ମୋଟା ଖାଦ୍ୟରୂପେ ଖାଇବାକୁ ଦେଇ-ଥାଉ । ବିଭିନ୍ନ ପ୍ରକାର ଗଛର ପତ୍ରରେ ଭିନ୍ନ ଭିନ୍ନ ଖାଦ୍ୟୋପ-ଯୋଗୀ ଗୁଣ ରହିଛି । ସାଧାରଣତଃ ସବୁ ଗଛର ନରମ ବା କଅଁଳ ପତ୍ରରେ ତନ୍ତୁ ଅଂଶ କମ୍‌ଥାଏ ଏବଂ ପ୍ରୋଟିନ୍ ଅଂଶ ଅଧିକ ଥାଏ । ମାତ୍ର ଗଛର ପତ୍ର ପାଚିଲା ହୋଇଥିଲେ, ଏଥିରେ ତନ୍ତୁ ଅଂଶ ଅଧିକ ଥାଏ । କିନ୍ତୁ ପ୍ରୋଟିନ୍ ଅଂଶ ଅପେକ୍ଷାକୃତ କମ୍ ଥାଏ । ଆହୁରି ମଧ୍ୟ ଗଛର ପତ୍ରରେ କ୍ୟାଲସିୟମ୍ ବା ଚୂନଅଂଶ ପ୍ରଚୁର ପରିମାଣରେ ଥାଏ ମାତ୍ର ଫସ୍‌ଫରସ୍ ଅଂଶ କମ୍‌ଥାଏ । ପତ୍ରରେ ଟାନିକ୍ ଏସିଡ୍ ନାମକ ଏକପ୍ରକାର ଏସିଡ୍ ଥିବାରୁ ପଶୁମାନେ ପତ୍ରକୁ ଭଲଭାବରେ ହଜମ୍ କରିପାରନ୍ତି ନାହିଁ ।

ଅଶ୍ୱତ୍ଥ, ବାଉଁଶ, ଆମ୍ବ, ବର, ତୁତ, ସଜନା, ନିମ, ଡିମିରି, ଖଇର, ଶିଶୁ, ଅର୍ଜୁନ, ଜାମୁ, ବେଲ, କୁସୁମ, ସୁବବୁଲ, ତେନ୍ତୁଳି, ଶିରିଷ ପ୍ରଭୃତି ଗଛର ପତ୍ରକୁ ପଶୁଖାଦ୍ୟରୂପେ ଦିଆଯାଇପାରେ । ଏହାକୁ କଞ୍ଚା ବା ଅଳ୍ପ ଶୁଖାଇ ଦିଆଯାଇଥାଏ ।

କୁଦାବୁଲ, କଦଳୀ, ବୋରୀ, ଗଲୁରି, ଅରଖ ପ୍ରଭୃତି ଗଛର ପତ୍ରକୁ ମଧ୍ୟ ପଶୁଖାଦ୍ୟରୂପେ ବ୍ୟବହାର କରଯାଇପାରେ ।

(ଗ) କୁଟା ବା ନଡ଼ା ଓ ଅନ୍ୟାନ୍ୟ ଶସ୍ୟର ଉପଜାତ ପଦାର୍ଥ

ଯେଉଁ ମରୁଡ଼ି ଅଞ୍ଚଳରେ ଧାନ ବା ଅନ୍ୟାନ୍ୟ ଶସ୍ୟଗଛ ଅଳ୍ପ ବଢ଼ିବାପରେ ମରିଯାଇଥିବ, ସେହି ଅଞ୍ଚଳରେ ଏହାକୁ ଗୋ-ଖାଦ୍ୟରୂପେ ବ୍ୟବହାର କରଯାଇପାରିବ । ପ୍ରତିବର୍ଷରୁ ଥିବା ନଡ଼ା ବା ପାଳକୁ ମଧ୍ୟ ଏବର୍ଷ ଗୋରୁମାନଙ୍କୁ ଖାଇବାକୁ

ଦିଆଯାଇପାରିବ । ଏହି ଘାସ ବା ନଡ଼ାକୁ ଛୋଟ ଛୋଟ କରି କାଟି ଏଥିରେ ୧ ଭାଗ ୟୁରିଆ ଓ ୧ ଭାଗ କାଣ୍ଡିଗୁଡ଼ ସହ ୦.୫ ଭାଗ ଧାତବ ମିଶ୍ରଣ ଓ ୧ ଭାଗ ଲୁଣ ମିଶାଇ ଖାଇବାକୁ ଦିଆଯାଇପାରେ । ସେହିପରି ଭାବରେ ଆଖୁ ଖଦଡ଼ାକୁ ମଧ୍ୟ ଗୋରୁ ମଇଁଷିଙ୍କୁ ଖାଇବାକୁ ଦିଆଯାଇପାରେ । ଗୋଖାଦ୍ୟରେ କୁଣ୍ଡା ଅଂଶ ଅଧିକ ପରିମାଣରେ ଦିଆଗଲେ, କୁଟା ବା ନଡ଼ା ମଧ୍ୟ କମାଇ ଦିଆଯାଇପାରେ ।

ଏହାଛଡ଼ା ମହୁଲଖଦଡ଼ା, ଶାଳମଞ୍ଜି ପିଡ଼ିଆ, ନିମ୍ବମଞ୍ଜି ପିଡ଼ିଆ, ମଦଭାଟିର ଖଦଡ଼ା, ପୋଖରୀଦଳ, ଆମ୍ବଟାକୁଆ, ଜାମୁକୋଳିମଞ୍ଜି, ତେନ୍ତୁଳିମଞ୍ଜି, ବିଲାତିକୁଣ୍ଡାମଞ୍ଜି ଓ ମହୁଲଫୁଲ ପ୍ରଭୃତି ମଧ୍ୟ ଗୋରୁଗାଈଙ୍କୁ ଖାଇବାକୁ ଦିଆଯାଇପାରେ ।

ଆମ୍ବଟାକୁଆ :—ଏଥିରୁ କୋଇଲିକୁ ଛଡ଼ାଇ ତାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଗରମ ପାଣିରେ ପକାଇବାକୁ ହେବ । ତାପରେ ତାକୁ ଖରାରେ ଶୁଖାଇ ଢେଙ୍କିରେ କୁଟି କୁଣ୍ଡା ସାଙ୍ଗରେ ମିଶାଇ ଖାଇବାକୁ ଦିଆଯାଇପାରେ । ଗୋଟିଏ ସାଧାରଣ ଓଜନର ଗୋରୁକୁ ଦୈନିକ ୧ କିଲୋ ଓଜନର ଆମ୍ବ କୋଇଲି ଗୁଣ୍ଡ କୁଣ୍ଡାରେ ମିଶାଇ ଦିଆଯାଇପାରେ । ଏହା ମକା ପରିବର୍ତ୍ତେ ବ୍ୟବହାର କରାଯାଇପାରେ ।

ଜାମୁକୋଳିମଞ୍ଜି :—ଗୋରୁଙ୍କ ପାଇଁ ଏହା ଗୋଟିଏ ଉପାଦେୟ ଖାଦ୍ୟ । ଏହାକୁ ଶିଝାଇ, ପାଣିରେ ଧୋଇ, ଖରାରେ ଶୁଖାଇ ଭଲଭାବରେ ଗୁଣ୍ଡକରି ଗୋରୁଙ୍କୁ ଖାଇବାକୁ ଦିଆଯାଇପାରେ । ଗୋଟିଏ ଗାଈ ବା ବଳଦକୁ ଏଥିରୁ ୧ କିଲୋ, କୁଣ୍ଡାସହ ମିଶାଇ ଦିଆଯାଇପାରେ ।

ତେନ୍ତୁଳିମଞ୍ଜି :—ଏହା ଏକ ଉପାଦେୟ ଖାଦ୍ୟ । ବହୁ-ପରିମାଣରେ ତେନ୍ତୁଳିମଞ୍ଜି ମିଳୁଥିବା ସମୟରେ ଏହାକୁ ସଂଗ୍ରହକରି, ଖରାରେ ଶୁଖାଇ, ଗୁଣ୍ଡକରି ଗୋରୁଙ୍କୁ ଖାଇବାକୁ ଦିଆଯାଏ । ମଞ୍ଜିଗୁଣ୍ଡକୁ ରାତିରେ ପାଣିରେ ଭିଜାଇ କୁଣ୍ଡାସହ ରାନ୍ଧି ଦେଲେ ଭଲ । ଏକକିଲୋ ମିଶ୍ରିତ ଦାନାରେ ଏଥିରୁ ୧ କିଲୋ ଦିଆଯାଏ ।

ବିଲାତିକୁଣ୍ଡାମଞ୍ଜି :—ଏହାକୁ ଗୁଣ୍ଡକରି ପିଡ଼ିଆ ସଙ୍ଗେ ମିଶାଇ ଗୋରୁଙ୍କୁ ଖାଇବାକୁ ଦିଆଯାଇପାରେ । କୋଦଅ, ବିରି, ବୁଟ ବଦଳରେ ବ୍ୟବହାର କରାଯାଇଥାଏ ।

ମହୁଲଫୁଲ :—ବୟସ୍କ ଗୋରୁଙ୍କୁ ଏକକିଲୋ ଲେଖାଏଁ ଖାଇବାକୁ ଦେଲେ ଅଧକିଲୋ ମିଶ୍ରିତ ଦାନା ଦେବାକୁ ପଡ଼େନାହିଁ, ଏହାଫଳରେ ଗାଈଙ୍କର ଦୁଗ୍ଧଦେବା ଶକ୍ତି କମିଯାଏ ନାହିଁ ।

ମରୁଡ଼ି ସମୟରେ ଗୋଖାଦ୍ୟର କେତୋଟି ଦୈନିକ ନିର୍ଘଣ୍ଟ :—

(କ) ୧୫୦ କେ: କିରୁ ୩୦ କେ: ଜି ଓଜନର ଅଣ ଉତ୍ପାଦନକ୍ଷମ ଗାଈ ଓ ବଳଦଙ୍କ ପାଇଁ

| | | |
|---|---|---|
| (୧) କୁଟା, ନଡ଼ା ବା ଆଖୁଖଦଡ଼ା | .. | ୨ କେ. ଜି. |
| କାଣ୍ଡିଗୁଡ଼ | .. | ୦. ୪ କେ. ଜି. |
| ଆଖୁ ଅଗକଟା | .. | ୮ କେ. ଜି. |
| ୟୁରିଆ | .. | ୨୨ ଗ୍ରାମ |
| ଲୁଣ | .. | ୩୦ ଗ୍ରାମ |
| ବିଶୋଧିତ ହାଡ଼ଗୁଣ୍ଡ | .. | ୨୦ ଗ୍ରାମ |
| ଅତ୍ୟାବଶ୍ୟକ ଧାତବ ମିଶ୍ରଣ | .. | ୦.୫ ଗ୍ରାମ (ସପ୍ତାହରେ ଦୁଇଥର) |
| (୨) ଆଖୁ ଖଦଡ଼ା ବା ନଡ଼ା | .. | ୩ କେ. ଜି. |
| କାଣ୍ଡିଗୁଡ଼ | .. | ୦.୫ କେ. ଜି. |
| ୟୁରିଆ | .. | ୨୫ ଗ୍ରାମ |
| ଲୁଣ | .. | ୩୦ ଗ୍ରାମ |
| ଧାତବ ମିଶ୍ରଣ | .. | ୫୦ ଗ୍ରାମ |
| ଭିଟାମିନ 'ଏ' | .. | ୮୦୦୦ ଆଇ.ୟୁ. |

(ଖ) ଉତ୍ପାଦନକ୍ଷମ ଗାଈ ବା ବଳଦ (୧୬୦ରୁ ୩୦୦ କେ. ଜି. ଓଜନର)

| | | |
|---|---|---|
| ଆଖୁ ଖଦଡ଼ା ବା ନଡ଼ା | .. | ୪ କେ. ଜି. |
| କାଣ୍ଡିଗୁଡ଼ | .. | ୮୦୦ ଗ୍ରାମ |
| କଟା ଆଖୁ ଅଗ | .. | ୨ କେ. ଜି. |
| ୟୁରିଆ | .. | ୨୨ ଗ୍ରାମ |
| ବିଶୋଧିତ ହାଡ଼ଗୁଣ୍ଡ | .. | ୨୦ ଗ୍ରାମ |
| ଅତ୍ୟାବଶ୍ୟକ ଧାତବ ମିଶ୍ରଣ | .. | ୦.୫ ଗ୍ରାମ |

(ଗ) ବର୍ଦ୍ଧିଷ୍ଣୁ ପଶୁଙ୍କ ପାଇଁ ଦୈନିକ ଖାଦ୍ୟ ନିର୍ଘଣ୍ଟ :—

| | | |
|---|---|---|
| (କ) ନଡ଼ା ବା ଆଖୁଖଦଡ଼ା | .. | ୨ କେ. ଜି. |
| କାଣ୍ଡିଗୁଡ଼ | .. | ୦.୮ କେ. ଜି. |
| କଟା ଆଖୁଅଗ | .. | ୩ କେ. ଜି. |
| ୟୁରିଆ | .. | ୩୫ରୁ ୪୦ ଗ୍ରାମ |
| ଲୁଣ | . | ୨୦ ଗ୍ରାମ |
| ବିଶୋଧିତ ହାଡ଼ଗୁଣ୍ଡ | | ୨୦ ଗ୍ରାମ |
| ଅତ୍ୟାବଶ୍ୟକ ଧାତବ ମିଶ୍ରଣ | .. | ୦.୫ ଗ୍ରାମ (ସପ୍ତାହରେ ଦୁଇଥର) |
| (ଖ) ନଡ଼ା ବା ଆଖୁ ଖଦଡ଼ା | .. | ୩ କେ. ଜି. |
| କାଣ୍ଡିଗୁଡ଼ | .. | ୦.୮୦ କେ. . |
| ୟୁରିଆ | .. | ୩୫ରୁ ୪୦ ଗ୍ରାମ |
| ଲୁଣ | .. | ୨୦ ଗ୍ରାମ |
| ଧାତବମିଶ୍ରଣ | .. | ୨୫ ଗ୍ରାମ |
| ଭିଟାମିନ୍ 'କ' | .. | ୮୦୦୦ ଆଇ. ୟୁ. |

ଖାଦ୍ୟପ୍ରସ୍ତୁତି ପ୍ରଣାଳୀ :—ଆଖୁ ଖଦଡ଼ା ବା ନଡ଼ାକୁ ଛୋଟ ଛୋଟ କରି କାଟି ଦିଆଯାଏ ଓ ତଳେ ୧୦ରୁ ୧୫ ସେ. ମି. ବହଳରେ ବିଛାଇ ଦିଆଯାଏ । ୟୁରିଆ ଓ କାଣ୍ଡିଗୁଡ଼ ମିଶ୍ରଣକୁ ତା'ଉପରେ ସମାନ ଭାବରେ ଛିଞ୍ଚି ଦିଆଯାଏ । ୧୦୦ କେ.ଜି. ନଡ଼ାରେ ୧ କେ. ଜି. ୟୁରିଆ ଓ ୧୦ କେ. ଜି. କାଣ୍ଡିଗୁଡ଼ ଦିଆଯାଏ । ତାପରେ ଏଥିରେ ଲୁଣ, ଧାତବ ମିଶ୍ରଣ ଓ ଭିଟାମିନ୍ 'କ' ଦିଆଯାଇ ହାତରେ ଗୋଳେଇ ଦିଆଯାଏ । ଗୋରୁ ମଇଁଷି ଏହି ଖାଦ୍ୟକୁ ଭଲଭାବରେ ଖାଇଥାନ୍ତି । ଏହି ଖାଦ୍ୟ ଅଳ୍ପ ଖର୍ଚ୍ଚ ସାପେକ୍ଷ ଓ ବହୁଦିନ ରଖି ଖାଇବାକୁ ଦିଆଯାଇପାରିବ ।

ଉପର ବର୍ଣ୍ଣିତ ଖାଦ୍ୟ ନିର୍ଘଣ୍ଟରେ ଆଞ୍ଚଳିକ ଭିତ୍ତିରେ ମିଳୁଥିବା ଖାଦ୍ୟ ଉପାଦାନକୁ ନେଇ ସାମାନ୍ୟ ପରିବର୍ତ୍ତନ କରାଯାଇ ପାରିବ । ବର୍ତ୍ତମାନ ମରୁଡ଼ି ପରିସ୍ଥିତିର ମୁକାବିଲା କରିବାକୁ ହେଲେ, ଆମକୁ ଉଲ୍ଲିଖିତ ଖାଦ୍ୟ ନିର୍ଘଣ୍ଟରୁ ଯେକୌଣସି ଗୋଟିକର ସାହାଯ୍ୟ ନେବାକୁ ହେବ ।

ନିର୍ଦ୍ଦେଶକ, ପଶୁପାଳନ ବିଭାଗ, ଓଡ଼ିଶା

# ଶିଶୁମାନଙ୍କ ସାମଗ୍ରିକ କଲ୍ୟାଣପାଇଁ ମିଳିତ ଉଦ୍ୟମ ଆବଶ୍ୟକ

ଆନ୍ତର୍ଜାତିକ ଶିଶୁବର୍ଷ ଉପଲକ୍ଷେ ୟୁନିସେଫ୍ ଓ ଆମ ରାଜ୍ୟର ଗୋଷ୍ଠୀଉନ୍ନୟନ ଓ ସମାଜକଲ୍ୟାଣ ବିଭାଗ ତରଫରୁ ଆୟୋଜିତ ଅଭିନବ ଏହି ଉତ୍ସବଟି ଆମ ପକ୍ଷରେ ଏକ ଗୌରବର ବିଷୟ । ସମଗ୍ର ବିଶ୍ୱରେ ସମ୍ପ୍ରତି ପାଳିତ ହେଉଥିବା ଆନ୍ତର୍ଜାତିକ ଶିଶୁବର୍ଷ ଉପଲକ୍ଷେ ମୁଁ ଆମ ରାଜ୍ୟର ଅଗଣିତ ଶିଶୁମାନଙ୍କୁ ଶୁଭେଚ୍ଛା ଜଣାଉଛି । ଆଜି ଏଠାରେ ଆୟୋଜିତ 'ଛୋଟପିଲଙ୍କର' ଏହି ପ୍ରଦର୍ଶନୀଟି କେବଳ ଏକ ସାଧାରଣ ଚିତ୍ର ବା କଣେଇ ପ୍ରଦର୍ଶନୀ ନୁହେଁ । ଏହା ଆମ ରାଜ୍ୟର ଛୋଟ ଛୋଟ ପିଲଙ୍କ ପାଇଁ ଏକ ମୂଲ୍ୟବାନ ଉପହାର । ଚିତ୍ତ ଓ ଶୋଭଣା ଶିଶୁ ମନରେ ଆନନ୍ଦ ଭରିଦେବା ସଙ୍ଗେ ସଙ୍ଗେ ଶିଶୁର ମାନସିକ ବିକାଶ ଦିଗରେ ସାହାଯ୍ୟ କରେ । ତେଣୁ ଶିଶୁମାନଙ୍କ ଭବିଷ୍ୟତ ଗଠନ ଦିଗରେ ଏଭଳି ପ୍ରଦର୍ଶନୀର ଯେ ଯଥେଷ୍ଟ ଗୁରୁତ୍ୱ ରହିଛି, ଏଥିରେ ସନ୍ଦେହ ନାହିଁ ।

ଆପଣମାନେ ଜାଣିଥିବେ, ଆମ ଦେଶରେ ପ୍ରତିବର୍ଷ ଏକୋଇଶ ନିୟୁତ ଶିଶୁ ଜନ୍ମଗ୍ରହଣ କରନ୍ତି । ଏମାନଙ୍କ ମଧ୍ୟରୁ ପ୍ରତି ହଜାରରେ ଶହେ ବାଇଶିଟି ଶିଶୁ ଜନ୍ମର ପ୍ରଥମ ବର୍ଷଭିତରେ ମୃତ୍ୟୁ ବରଣ କରନ୍ତି । ଶିଶୁ ମୃତ୍ୟୁହାର ସମଗ୍ର ମୃତ୍ୟୁ ସଂଖ୍ୟାର ଶତକଡ଼ା ୪୦ ଭାଗ । ଆମ ଦେଶରେ ପ୍ରାୟ ଦୁଇ ନିୟୁତ ମାନସିକ ବ୍ୟାଧିଗ୍ରସ୍ତ ଶିଶୁ , ଆଠଲକ୍ଷ ଅନ୍ଧ ଶିଶୁ , ପାଞ୍ଚଲକ୍ଷ ବିକଳାଙ୍ଗ ଶିଶୁ ଏବଂ ଦୁଇଲକ୍ଷ ବଧିର ଶିଶୁ ଅଛନ୍ତି । ପ୍ରତି ବର୍ଷ ପ୍ରାୟ ବାର ହଜାରରୁ ଚଉଦ ହଜାର ପର୍ଯ୍ୟନ୍ତ ଶିଶୁ ଖାଦ୍ୟପ୍ରାଣ 'କ' ଅଭାବରୁ ଅନ୍ଧ ହୁଅନ୍ତି । ଏହି ଜଟିଳ ସମସ୍ୟା ପ୍ରତି ଆଜି ମୁଁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛି । ମୁଁ ଆଶା କରୁଛି ପ୍ରତ୍ୟେକ ବ୍ୟକ୍ତି ସମାଜର ଏହି ଅବହେଳିତ ଅଙ୍ଗଟି ପ୍ରତି ସଚେତନ ହେବେ । ଆଜିର ଶିଶୁ କାଲିର ନାଗରିକ । ଏମାନଙ୍କ ମଧ୍ୟରେ ଜନ୍ମ ନେବେ ଅଗଣିତ ରାଷ୍ଟ୍ରନାୟକ, ଡାକ୍ତର, ଇଞ୍ଜିନିୟର୍, ବୈଜ୍ଞାନିକ, କଳାକାର ଓ ଶିକ୍ଷକ ଇତ୍ୟାଦି । ସମାଜରେ ସମସ୍ତଙ୍କର ଆବଶ୍ୟକତା ଅଛି । ଜଣେ ଅନ୍ୟର ଶୂନ୍ୟସ୍ଥାନ ପୂରଣ କରି ପାରିବ ନାହିଁ । ତେଣୁ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଆମର ଆଭିମୁଖ୍ୟ ବଦଳାଇବାକୁ ହେବ, ନୂତନ ଚେତନା ସୃଷ୍ଟି କରିବାକୁ ପଡ଼ିବ ଏବଂ ନୂତନ ଉପାୟ ଉଦ୍ଭାବନ କରିବାକୁ ହେବ ।

ଶିଶୁ ବିକାଶ ଯୋଜନାର ବିଭିନ୍ନ ପରିକଳ୍ପନା ମଧ୍ୟରେ ଅକାଳ ମୃତ୍ୟୁ ଓ ଜନ୍ମହାର ନିୟନ୍ତ୍ରଣ, ଶିଶୁର ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି, ପୁଷ୍ଟିସାର, ପ୍ରାକ୍ ବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷା, କମ୍ ବୟସର ବାଳକ ବାଳିକାମାନଙ୍କୁ କାମରେ ନିଯୁକ୍ତ କରିବା ବ୍ୟବସ୍ଥାର ପ୍ରତିରୋଧ, ଅକର୍ମଣ୍ୟ ବିକଳାଙ୍ଗ ଶିଶୁର ଉନ୍ନତି, ଶିଶୁ ଅପରାଧ ହ୍ରାସ, କାର୍ଯ୍ୟରତା ମହିଳାମାନଙ୍କର ଯତ୍ନ, ଅନାଥ ଶିଶୁମାନଙ୍କର ଯତ୍ନ ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକ ପ୍ରଧାନ । ସମାଜରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣ, ବିଶେଷକରି ହରିଜନ–ଆଦିବାସୀ ଲୋକଙ୍କର ଶିଶୁମାନଙ୍କପାଇଁ ଏହି କାର୍ଯ୍ୟକ୍ରମଗୁଡ଼ିକ କିପରି ଗୁରୁତ୍ୱପୂର୍ଣ୍ଣ, ତାହା ଆପଣମାନେ ହୃଦୟଙ୍ଗମ କରିପାରୁଥିବେ ।

କେବଳ ଗ୍ରାମଗୋଷ୍ଠୀ–ସମାଜକଲ୍ୟାଣ ବିଭାଗ ଦ୍ୱାରା ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବପର ନୁହେଁ । ସ୍ୱାସ୍ଥ୍ୟ, ଶିକ୍ଷା, ଆଦିବାସୀ ଉନ୍ନୟନ, ଶ୍ରମବିଭାଗମାନଙ୍କର ପ୍ରତ୍ୟେକ କର୍ମଚାରୀ ଏଭଳି କାର୍ଯ୍ୟକ୍ରମ ସହିତ ନିଜକୁ ସାମିଲ କରିନେବା ଉଚିତ୍ । ଏ କ୍ଷେତ୍ରରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଅକୁଣ୍ଠ ସାହାଯ୍ୟ ସହଯୋଗର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମକୁ ଏକ ମହତ ଦାୟିତ୍ୱ ରୂପେ ଗ୍ରହଣ କରି ଶିଶୁମାନଙ୍କ ସାମଗ୍ରିକ କଲ୍ୟାଣ ପାଇଁ ମିଳିତଭାବେ ଉଦ୍ୟମ କରିବା ନିମନ୍ତେ ମୁଁ ରାଜ୍ୟର ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣଙ୍କୁ ନିବେଦନ କରୁଛି ।

୧୯୭୯ ଆନ୍ତର୍ଜାତିକ ଶିଶୁବର୍ଷ କେବଳ ଏତିକିରେ ଶେଷ ହେବ ନାହିଁ । ଏ କାର୍ଯ୍ୟକ୍ରମ ଆମ ଜାତୀୟ ନୀତିର ଏକ ବିଶିଷ୍ଟ ଅଙ୍ଗ । ଯେପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ଦରିଦ୍ରତମ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ନ ହୋଇଛି, ସେପର୍ଯ୍ୟନ୍ତ ଆମର ଏହି କାର୍ଯ୍ୟକ୍ରମ ବ୍ୟାହତ ରହିବ ।

ପରିଶେଷରେ, ଶିଶୁମାନଙ୍କ ପାଇଁ ଆୟୋଜିତ ଏହି କଣେଇ ପ୍ରଦର୍ଶନୀ ଓ ଅନ୍ୟାନ୍ୟ ଶିଶୁକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ୟୁନିସେଫ୍ ସଂସ୍ଥାଙ୍କର ଅକୁଣ୍ଠ ସାହାଯ୍ୟ ପାଇଁ ମୁଁ ସେମାନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଛି ।

ଜୟହିନ୍ଦ

୪-୧୨-୧୯୭୯ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଶିଶୁସମାରୋହ ଉପଲକ୍ଷେ
ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଅଭିଭାଷଣ

## ଓଡ଼ିଆ ଚଳଚ୍ଚିତ୍ରର ପ୍ରୋତ୍ସାହନ ପାଇଁ ରାଜ୍ୟ ସ୍ତରୀୟ ପୁରସ୍କାର

ରାଜ୍ୟ ସାଂସ୍କୃତିକ ବିଭାଗ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ରକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯେଉଁ ରାଜ୍ୟ ସ୍ତରୀୟ ଚଳଚ୍ଚିତ୍ର ପୁରସ୍କାର ନିୟମାବଳୀ ପ୍ରଣୟନ କରଯାଇଛି, ତଦନୁଯାୟୀ ଶ୍ରେଷ୍ଠ ଚଳଚ୍ଚିତ୍ରର ପ୍ରଯୋଜକଙ୍କୁ ଟ ୫୦୦୦ଙ୍କାର ନଗଦ ପୁରସ୍କାର ଓ ଶ୍ରେଷ୍ଠ ଶିଶୁ ତଥା ଶିକ୍ଷାମୂଳକ ଚଳଚ୍ଚିତ୍ରର ପ୍ରଯୋଜକଙ୍କୁ ଟ ୨୦୦୦ଙ୍କାର ନଗଦ ପୁରସ୍କାର ଦେବା ପାଇଁ ସ୍ଥିର କରଯାଇଛି । ଏହା ବ୍ୟତୀତ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜକଙ୍କୁ ମଧ୍ୟ ଟ୧୦୦୦ଟଙ୍କାର ନଗଦ ପୁରସ୍କାର ଦିଆଯିବ ।

ନିକଟରେ ସଂଶୋଧିତ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପୁରସ୍କାର ନିୟମାବଳୀ ଅନୁଯାୟୀ ପ୍ରତିବର୍ଷ ଉପଯୁକ୍ତ ବିବେଚିତ ଶ୍ରେଷ୍ଠ ଚଳଚ୍ଚିତ୍ରଗୁଡ଼ିକୁ ପ୍ରଶଂସାପତ୍ର ସହିତ ଉପରୋକ୍ତ ହାରରେ ନଗଦ ପୁରସ୍କାର ଦିଆଯିବ ।

ଶ୍ରେଷ୍ଠ ନିର୍ଦ୍ଦେଶକ ଗଳ୍ପ ଲେଖକ, ଅଭିନେତା ଅଭିନେତ୍ରୀଙ୍କୁ ନଗଦ ୨୦୦୦ଟଙ୍କା ଲେଖାଏଁ ଓ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ପ୍ରଚ୍ଛଦପଟ ଗାୟକ, ପ୍ରଚ୍ଛଦପଟ ଗାୟିକା ଫଟୋଗ୍ରାଫର ଓ ସାଉଣ୍ଡ ରେକର୍ଡରଙ୍କୁ ନଗଦ ଟ୧,୦୦୦ଙ୍କା ଲେଖାଏଁ ପ୍ରଶଂସାପତ୍ର ସହିତ ପ୍ରଦାନ କରଯିବ ।

## ବିଶ୍ୱବ୍ୟାଙ୍କ ସହାୟତାରେ ୫ କୋଟି ୨୫ ଲକ୍ଷ ଟଙ୍କାର ଆଭ୍ୟନ୍ତରୀଣ ମଧୁର ମତ୍ସ୍ୟଚାଷ କାର୍ଯ୍ୟକ୍ରମ

ବିଶ୍ୱବ୍ୟାଙ୍କ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶକ୍ରମେ ବାଲେଶ୍ୱର କଟକ, ପୁରୀ ଗଞ୍ଜାମ, ବଲାଙ୍ଗିର, ସମ୍ବଲପୁର ଓ ଫୁଲବାଣୀ ଜିଲ୍ଲାର ୧୬ ହଜାର ହେକ୍ଟର ଜଳାଶୟରେ ଉନ୍ନତ ମିଶ୍ରିତ ମତ୍ସ୍ୟଚାଷ କରଯିବା ପାଇଁ ବିଶ୍ୱବ୍ୟାଙ୍କ ଓ କୃଷି ପୁନଃ ଅର୍ଥଲଗାଣ ଉନ୍ନୟନ କର୍ପୋରେସନଙ୍କ ସହାୟତାରେ ପ୍ରାୟ ୫ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଯୋଜନା କାର୍ଯ୍ୟକାରୀ କରଯାଉଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟରେ ଏକ ମାଛ ବିହନ କର୍ପୋରେସନ ଗଠନ କରଯାଇ ମତ୍ସ୍ୟଚାଷୀମାନଙ୍କୁ ଉନ୍ନତ ମତ୍ସ୍ୟ ଜାଆଁଳ ଯୋଗାଇ ଦେବା ସଙ୍ଗେ ସଙ୍ଗେ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଗଠନ କରି ମତ୍ସ୍ୟଚାଷୀମାନଙ୍କୁ ଆର୍ଥିକ ଓ ବୈଷୟିକ ସାହାଯ୍ୟ ଦିଆଯିବ ।

ଅଟକଳ କରଯାଇଥିବା ୫ କୋଟି ୨୫ ଲକ୍ଷ ଟଙ୍କା ମଧ୍ୟରୁ ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୨ କୋଟି ୧୦ ଲକ୍ଷ ଟଙ୍କା, ଭାରତ ସରକାର ତାଙ୍କ ଅଂଶ ପାଇଁ ୧ କୋଟି ୫ଲକ୍ଷ ଟଙ୍କା ଏବଂ କୃଷି ପୁନଃ ଅର୍ଥଲଗାଣ ଉନ୍ନୟନ କର୍ପୋରେସନ ତାଙ୍କ ଅଂଶ ବାବଦରେ ୨ କୋଟି ୧୦ ଲକ୍ଷ ଟଙ୍କା ଦେବେ ।

## ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାରେ ୧୫୦ କୋଟି ଟଙ୍କାର ଅର୍ଥ ଲଗାଣ ଯୋଜନା

କୃଷି ପୁନଃ ଅର୍ଥ ଲଗାଣ ତଥା ଉନ୍ନୟନ ନିଗମ ପକ୍ଷରୁ ରାଜ୍ୟର କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ବିନିଯୋଗ ହେବା ନିମନ୍ତେ ୧୫୦ କୋଟି ଟଙ୍କାର ଏକ ଅର୍ଥ ଲଗାଣ ଯୋଜନା ହାତକୁ ନିଆଯାଇଛି । ଏହା ୧୯୮୩ ମସିହାରେ ସଂପୂର୍ଣ୍ଣ ହେବ ।

ସମବାୟ ବ୍ୟାଙ୍କ, ବ୍ୟବସାୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଅର୍ଥ ଲଗାଣ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରିବା ନିମନ୍ତେ ଏହି ନିଗମରୁ ଅର୍ଥ ଯୋଗାଇ ଦିଆଯାଉଛି । ଏହାର ଆର୍ଥିକ ସହାୟତାରେ କୃଷି, ସମବାୟ, ଜଙ୍ଗଲ, ମତ୍ସ୍ୟଚାଷ ଏବଂ ପଶୁପାଳନଆଦି କ୍ଷେତ୍ରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକରେ ଏହି ନିଗମର ସହାୟତା କ୍ରମେ ବୃଦ୍ଧି ପାଉଛି । ଏହି ସଂସ୍ଥାର ଆର୍ଥିକ ସହାୟତା ଉପରେ ନିର୍ଭରଶୀଳ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ, ଜିଲ୍ଲା ଓ ବ୍ୟାଙ୍କ ସ୍ତରରେ ଏ ସଂପର୍କୀୟ କାର୍ଯ୍ୟର ସମୀକ୍ଷା କରଯିବ । ରାଜ୍ୟ ସ୍ତରରେ ଏଥିପାଇଁ କୃଷି ଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ନିଯୁକ୍ତ କରଯାଇଛି । ଏଥିରେ କମାଣ୍ଡ ଏରିଆ ଉନ୍ନୟନ କମିଶନର, କୃଷି, ପଶୁପାଳନ. ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ଏବଂ ଜଳସେଚନ ବିଭାଗର ଶାସନ ସଚିବ ଓ କେତେକ ବିଭାଗୀୟ ମୁଖ୍ୟ ସଭ୍ୟ ଅଛନ୍ତି ।

## ମରୁଡ଼ି ଅଞ୍ଚଳରେ ରାସ୍ତା ନିର୍ମାଣ ଓ ପାନୀୟ ଜଳ ଯୋଗାଣ ପ୍ରତି ଅଗ୍ରାଧିକାର

ରାଜ୍ୟରେ ମରୁଡ଼ିଗ୍ରସ୍ତ ୪ ଗୋଟି ସ୍ୱାୟତ୍ତ ଶାସନ ଏବଂ ୨୩ଟି ବିଜ୍ଞାପିତ ଅଞ୍ଚଳରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇବା-ପାଇଁ ରାସ୍ତା ମରାମତି ବାବଦରେ ନଗର ଉନ୍ନୟନ ବିଭାଗ ୧୦ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ବଡ଼ବିଲ, ଦେଓଗଡ଼, ସୁନ୍ଦରଗଡ଼, ଭୁବନେଶ୍ୱର ସ୍ୱାୟତ୍ତ ଶାସନ ଅଞ୍ଚଳ ସମେତ ଟାଙ୍ଗୀ, ଆଠଗଡ଼, କରଞ୍ଜିଆ, ଯୋଡ଼ା, କବିସୂର୍ଯ୍ୟନଗର ଆସ୍କା, ହିଞ୍ଜିଳିକାଟୁ, ବୁଗୁଡ଼ା, ପୋଲସରା, କୋଦଳା, ଦିଗପହଣ୍ଡି, ଚିକିଟି, ପୁରୁଷୋତ୍ତମ-ପୁର, ଖଲ୍ଲିକୋଟ, ବେଲଗୁଣ୍ଠା, କାଶୀନଗର, କୋରାପୁଟ, ଉମରକୋଟ ଖରିଆର -ରୋଡ଼, ଜୁନାଗଡ଼, ଖଡ଼ିଆଳ, ପୁରବାଣୀ ଓ ବରଗଡ଼ ବିଜ୍ଞାପିତ ଅଞ୍ଚଳମାନଙ୍କୁ ପ୍ରତ୍ୟେକରେ ଟ୪୦,୦୦୦–ଲେଖାଏଁ ବ୍ୟୟ ବରାଦ କରି ଏହି ଅର୍ଥ ମଞ୍ଜୁର କରାଯାଇଛି ।

୧୯୭୯-୮୦ ବର୍ଷ ମଧ୍ୟରେ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧୮୬୯ ଗୋଟି ନଳକୂପ ବସାଇବା କାର୍ଯ୍ୟ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂସ୍ଥା ଦ୍ୱାରା ସଂପୂର୍ଣ୍ଣ କରାଯାଇଛି ।

## ମରୁଡ଼ିଗ୍ରସ୍ତ ଅଞ୍ଚଳର ଶିଶୁମାନଙ୍କ ପାଇଁ ଜରୁରୀ ଖାଦ୍ୟ ଯୋଗାଣ ବ୍ୟବସ୍ଥା

ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ଥିବା ପ୍ରାକ୍-ବିଦ୍ୟାଳୟ ବୟସର ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ମାଗଣାରେ ସୁଷମ ଖାଦ୍ୟ ଯୋଗାଇ ଦେବାପାଇଁ ସରକାର ନିଷ୍ପତ୍ତି କରିଛନ୍ତି । ଏ ବାବଦରେ ରାଜସ୍ୱ ବିଭାଗ ତରଫରୁ ୮ ଲକ୍ଷ ୭୭ ହଜାର ଟଙ୍କା ମଞ୍ଜୁର କରାଯାଇ ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ବିଭାଗଙ୍କ ଦାୟିତ୍ୱରେ ଦିଆଯାଇଛି । ଏଥିପାଇଁ ଯେଉଁ ଖାଦ୍ୟ ଆବଶ୍ୟକ ହେବ ତାହା 'କେୟାର' ସଂସ୍ଥା ତରଫରୁ ଯୋଗାଇ ଦିଆଯିବ । ଏହାଫଳରେ ଅଧିକ ୧ ଲକ୍ଷ ୭୬ ହଜାର ଶିଶୁ ଓ ମହିଳା ଉପକୃତ ହୋଇପାରିବେ । ଏହାବ୍ୟତୀତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅନୁସାରେ କେନ୍ଦ୍ର ସରକାରଙ୍କ ସହାୟତାରେ ଆଉ ୧୮ ହଜାର ଶିଶୁ ଓ ମହିଳାଙ୍କୁ ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି । ଏହି ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ବିଭାଗଙ୍କ ଉଦ୍ୟମରେ ତଥା ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ ।

## ସୁନ୍ଦରଗଡ଼ ଜିଲ୍ଲାରେ କାଜୁବାଦାମ ଚାଷ

ଗତ ଆର୍ଥିକ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ୧୦ ଲକ୍ଷ ଟଙ୍କା ମୂଲ୍ୟର କାଜୁବାଦାମ ଓ ମୁର୍ଗାତନ୍ତୁ ଉତ୍ପାଦିତ ହୋଇଛି ।

ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କାଜୁବାଦାମ ଓ ମୁର୍ଗାତନ୍ତୁ ଉତ୍ପାଦନ କାର୍ଯ୍ୟକ୍ରମ ଅନୁଯାୟୀ ଉଭୟ ସରକାରୀ ଓ ବେସରକାରୀ ଜମିରେ ଏଗୁଡ଼ିକ ଉତ୍ପାଦିତ ହେଉଛି । ଏହି ଜିଲ୍ଲାପାଇଁ ମଞ୍ଜୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ବାବଦରେ ହୋଇଥିବା ୪୩ ଲକ୍ଷ ଟଙ୍କା ମଧ୍ୟରୁ ୩୦ ଲକ୍ଷ ଟଙ୍କା ଶ୍ରମ-ଭିତ୍ତିକ କାର୍ଯ୍ୟରେ ବିନିଯୋଗ କରାଯାଉଛି । ଏହା ଫଳରେ ଜିଲ୍ଲାର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ୫ ହଜାରରୁ ଅଧିକ ଶ୍ରମ-ଜୀବୀଙ୍କୁ ଛୋଟ ଛୋଟ ଜଳାଧାର ନିର୍ମାଣ କାର୍ଯ୍ୟରେ ଲଗାଯାଇଛି । ଏତଦ୍ୱାରା ଜଳସେଚନର ସୁବିଧା ପାଇଁ କେତେକ ପରିମାଣ ପତିତ ଜମି ଆବାଦ କରାଯାଇ ପାରିବ । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପାଇଁ ସମାନ ପରିମାଣ ଅର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଏହା ବ୍ୟତୀତ, ଏହି ଜିଲ୍ଲାର ୨୦୦ ହେକ୍ଟର ପତିତ ଜମିରେ ଏବର୍ଷ ବୃକ୍ଷରୋପଣ କରାଯାଇଛି ।

## ଜଳସେଚନ ଲାଗି ୧ ଲକ୍ଷ ୫୦ ହଜାର ସେଚକୂପ ଖୋଳାଯିବ

ସାଂପ୍ରତିକ ମରୁଡ଼ି ପରିସ୍ଥିତି ଦୃଷ୍ଟିରୁ ଚଳିତ ବର୍ଷ ୧ ଲକ୍ଷ ୫୦ ହଜାର ସେଚକୂପ ଖୋଳାଯିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହାବ୍ୟତୀତ ୧୫ ହଜାର ଘରୋଇ ସେଚକୂପ ଓ ୩ ହଜାର ନଳକୂପକୁ ବିଦ୍ୟୁତ୍ ସଂଯୋଗ କରାଯିବ ।

ଜଳସେଚନ ନିମନ୍ତେ ରାଜ୍ୟର ଭୂତଳ ଜଳ ସଂପଦର ବିନି-ଯୋଗ ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏକ ସର୍ବେକ୍ଷଣରୁ ଜଣା ଯାଇଛି ଯେ ମୋଟ ୫ ଲକ୍ଷ ୫୦ ହଜାର ସଂପ୍ରସାରିତ ସେଚକୂପ ବା ପ୍ରାୟ ୨୨ ଲକ୍ଷ ସାଧାରଣ କୂପ ପାଇଁ ପର୍ଯ୍ୟାପ୍ତ ଭୂତଳ ଜଳ ରହିଛି । ଏବର୍ଷ ଜୁନ ମାସ ସୁଦ୍ଧା ୨ ଲକ୍ଷ ୮୧ ହଜାର ସେଚକୂପ ଖୋଳା ସରିଛି ।

ସମବାୟ ସଂସ୍ଥା, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ସେଚକୂପ ଖୋଳିବା ନିମନ୍ତେ ଚାଷୀମାନଙ୍କୁ ଋଣ ଯୋଗାଇ ଦେଉଛନ୍ତି । ଗତ ଆର୍ଥିକ ବର୍ଷ ମଧ୍ୟରେ ସମବାୟ ବ୍ୟାଙ୍କଗୁଡ଼ିକ ୩୫,୦୭୭ଟି ସେଚକୂପ ପାଇଁ ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ୩,୩୨୩ଟି ସେଚକୂପ ପାଇଁ ଋଣ ମଞ୍ଜୁର କରିଥିଲେ । ଚାଷୀମାନଙ୍କୁ ଏହିସବୁ ସଂସ୍ଥାରୁ ଋଣ ମିଳିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା, ଗ୍ରାମ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନ୍ସି ଓ କମାଣ୍ଡ ଏରିଆ ଉନ୍ନୟନ ସଂସ୍ଥା ପକ୍ଷରୁ ସାହାଯ୍ୟ ଯୋଗାଇ ଦିଆଯାଉଛି । ଏହିସବୁ ସଂସ୍ଥା କାର୍ଯ୍ୟକାରୀ ହେଉନଥିବା ଅଞ୍ଚଳରେ ରାଜ୍ୟ ସରକାର ଚାଷୀମାନଙ୍କୁ ସେଚକୂପ ବାବଦରେ ସାହାଯ୍ୟ ଯୋଗାଉଛନ୍ତି ।

ଗତ ଜୁନ୍ ମାସ ସୁଦ୍ଧା ୯,୬୫୭ଟି ପଂପସେଟକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ଏବର୍ଷ ୧୫ ହଜାର ପଂପସେଟକୁ ଜଳସେଚନ ପାଇଁ ତ୍ୱରାନ୍ୱିତ ଭାବେ ବିଦ୍ୟୁତ୍କରଣ କରିବା ନିମନ୍ତେ ରାଜ୍ୟ ବିଦ୍ୟୁତ୍ବୋର୍ଡ ତାଙ୍କ ସର୍କଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେଚକୂପ ସାହାଯ୍ୟରେ ଚାଷୀମାନେ ଯେପରି ଚଳିତ ରବି ଋତୁରେ ଫସଲ ଉତ୍ପାଦନ କରି ପାରିବେ, ସେଥିପାଇଁ ସେମାନଙ୍କୁ ଯଥା ଶୀଘ୍ର ଋଣ ଯୋଗାଇ ଦେବାକୁ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ମରୁଡ଼ିଗ୍ରସ୍ତ ଅଞ୍ଚଳ ପାଇଁ ୯୬,୦୦୦ ଟନ୍ ଗହମ

ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ୧୯୭୯ ନଭେମ୍ବର ମାସ ସୁଦ୍ଧା ମୋଟ ୯୬ ହଜାର ୭୫ ଟନ୍ ଗହମ ପଠାଯାଇଛି ।

ଏଥିମଧ୍ୟରୁ କଟକ, ବୋଲାଙ୍ଗିର, ପୁରୀ, ଗଞ୍ଜାମ, ଫୁଲବାଣୀ, କଳାହାଣ୍ଡି, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାଗୁଡ଼ିକରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଗତ ପାଞ୍ଚମାସ ମଧ୍ୟରେ ୩୧ ହଜାର ୭୫ ଟନ୍ ଗହମ ବିକ୍ରୟ ହୋଇଛି । ଏହି ଗହମ ରାଜ୍ୟ ସରକାର ନିର୍ଦ୍ଧାରିତ ଦରରେ ଏବଂ ନ୍ୟାୟମୂଲ୍ୟ ଦୋକାନଗୁଡ଼ିକ ଦେଇ ଏହା ଯୋଗାଇ ଦିଆ-ଯାଉଛି ।

ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ କେନ୍ଦ୍ରୀୟ ଭଣ୍ଡାରରୁ ବିଭିନ୍ନ ମରୁଡ଼ିଗ୍ରସ୍ତ ଅଞ୍ଚଳକୁ ମୁଖ୍ୟତଃ ଅଧିକ ଗହମ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । କେନ୍ଦ୍ରୀୟ ଭଣ୍ଡାରରୁ

ଏପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରୁ ୬୫ ହଜାର ଟନ୍ ଚାଉଳ ଯୋଗାଇ ଦିଆଯାଇଛି । ବିଭିନ୍ନ ଜିଲ୍ଲାରୁ କେତେ ପରିମାଣର ଚାଉଳ ଯୋଗାଇ ଦିଆଯିବ ତାହା ନିମ୍ନରେ ପ୍ରଦତ୍ତ ହେଲା—

ସୁନ୍ଦରଗଡ଼—୬,୦୦୦ ଟନ୍, ଢେଙ୍କାନାଳ—୬,୦୦୦ ଟନ୍, ପୁରୀ—୫,୫୦୦ ଟନ୍, ଗଞ୍ଜାମ—୫,୦୦୦ ଟନ୍, କୋରାପୁଟ—୪,୫୦୦ ଟନ୍, ମୟୂରଭଞ୍ଜ—୬,୫୦୦ ଟନ୍, ବାଲେଶ୍ୱର—୫,୦୦୦ ଟନ୍, କେନ୍ଦୁଝର—୬,୦୦୦ ଟନ୍, ଫୁଲବାଣୀ—୬,୦୦୦ ଟନ୍, କଟକ—୮,୫୦୦ ଟନ୍, ସମ୍ବଲପୁର—୨,୦୦୦ ଟନ୍, ବଲାଙ୍ଗୀର—୨,୦୦୦ ଟନ୍, କଳାହାଣ୍ଡି—୧,୦୦୦ ଟନ୍ ।

ଚଳିତ ବର୍ଷର ମରୁଡ଼ି ପରିସ୍ଥିତି ଦୃଷ୍ଟିରୁ ରାଜ୍ୟ ସରକାର ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ବର୍ଷସାରା ଖୋଲା ରଖିବାକୁ ସ୍ଥିର କରିଛନ୍ତି ।

## ରାଜ୍ୟରେ ୪ ଗୋଟି ବିଦ୍ୟୁତ କେନ୍ଦ୍ର ନିର୍ମିତ ହେଉଛି

ବର୍ତ୍ତମାନ ରାଜ୍ୟରେ ତାଳଚେର ତାପଜ ବିଦ୍ୟୁତ ସଂପ୍ରସାରଣ କେନ୍ଦ୍ର ଓ ରେଙ୍ଗାଲି, ଅପର କୋଲାବ ଏବଂ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ତାଳଚେର ତାପଜ ସଂପ୍ରସାରଣ କେନ୍ଦ୍ରର ପ୍ରଥମ ୟୁନିଟ ୧୯୮୦ ମସିହା ଡିସେମ୍ବର ସୁଦ୍ଧା ଏବଂ ଦ୍ୱିତୀୟ ୟୁନିଟ ୧୯୮୧ ମସିହା ମଇମାସ ସୁଦ୍ଧା ପ୍ରତିଷ୍ଠିତ ହେବ । ଏହା ସମ୍ପୂର୍ଣ୍ଣ ହେଲେ ୨୨୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବ । ସେହିପରି ରେଙ୍ଗାଲି ବିଦ୍ୟୁତ କେନ୍ଦ୍ରର ଦୁଇଟି ୟୁନିଟ ୧୯୮୨ ମସିହା ଡିସେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେଲେ ୧୦୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇପାରିବ । ୨୪୦ ମେଗାୱାଟ ବିଶିଷ୍ଟ ଅପର କୋଲାବ ବିଦ୍ୟୁତ କେନ୍ଦ୍ରର ୩ଟିଯାକ ୟୁନିଟ ୧୯୮୩ ମସିହା ମାର୍ଚ୍ଚ ମାସଠାରୁ ୧୯୮୪ ମସିହା ଡିସେମ୍ବର ମାସ ମଧ୍ୟରେ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପରେ ୧୨୦ ମେଗାୱାଟବିଶିଷ୍ଟ ୫ଟି ୟୁନିଟ ବସାଇବାର କାର୍ଯ୍ୟକ୍ରମ ରହିଛି ।

ରେଙ୍ଗାଲି, ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ଯୋଜନା ୩ଟିରେ ୨୧ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

ବର୍ତ୍ତମାନ ତାଳଚେର ତାପଜ ସଂପ୍ରସାରଣ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୭୮ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଗେଇ ଚାଲିଛି ।

## ରେଙ୍ଗାଲି ବୁଡ଼ି ଅଞ୍ଚଳ ଲୋକଙ୍କ ବ୍ୟକ୍ତିଗତ ଉଦ୍ୟମରେ ଥଇଥାନ କାର୍ଯ୍ୟକ୍ରମ

ରେଙ୍ଗାଲି ବନ୍ଧ ଯୋଜନାର ପ୍ରଥମ ପର୍ଯ୍ୟାୟରେ ବୁଡୁଥିବା ୫୩ଟି ଗ୍ରାମ ମଧ୍ୟରୁ ଦରେଇକେଲା ଗ୍ରାମବାସୀମାନେ ବ୍ୟକ୍ତିଗତ ଉଦ୍ୟମରେ ଥଇଥାନ ହେବା ନିମନ୍ତେ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଦରେଇକେଲା ଗ୍ରାମର ନିକଟବର୍ତ୍ତୀ ଦଲବେହେରା ମୁଣ୍ଡା, ହୁସୁରୁଲିଆ, ଦେହୁରୀପାଳି, ଆମଖୋଲ ଓ ଉଦୟପୁର ଆଦି ଆଖପାଖ ଗ୍ରାମଗୁଡ଼ିକରେ ଥିବା ଖେସେରା ଜଙ୍ଗଲର ଯୁଗ ଯୁଗ ଧରି ଅନାବଶ୍ୟକ ଭାବରେ ପଡ଼ି ରହିଥିବା ଜମିକୁ ସେମାନେ ସେମାନଙ୍କର ପୁନର୍ବସତି କ୍ଷେତ୍ର ରୂପେ ବାଛି ନେଇଛନ୍ତି । ସେମାନଙ୍କୁ ଏଠାରେ ଚାଷ ପାଇଁ ଜମି ଓ ଘର ପାଇଁ ଡିହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ଗ୍ରାମବାସୀମାନେ ଜଙ୍ଗଲ ସଫା କରି ଜମିକୁ ଚାଷୋପଯୋଗୀ କରି ଫସଲ ଉଠାଇଛନ୍ତି ।

ସମ୍ବଲପୁର ଜିଲ୍ଲା ଦେଓଗଡ଼ ସବଡିଭିଜନ ଅନ୍ତର୍ଗତ ଏହି ଗ୍ରାମରେ ବସବାସ କରୁଥିବା ବିଭିନ୍ନ ଜାତିର ୬୯ଟି ପରିବାର ସେମାନଙ୍କ ଚାଷଜମି, ଘର ଓ ଗଛ ପାଇଁ ମୋଟରେ ୧୦ଲକ୍ଷ ୭୨ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ପାଇଛନ୍ତି । କ୍ଷତିପୂରଣ ଟଙ୍କା ପାଇବା ପରେ ସେମାନେ ଏହାକୁ ଡାକଘର ସଞ୍ଚୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଓ ଜାତୀୟକରଣ ବ୍ୟାଙ୍କରେ ଗଚ୍ଛିତ ରଖି ବର୍ତ୍ତମାନ ନିଜ ନିଜର ଥଇଥାନ ପାଇଁ ବ୍ୟକ୍ତିଗତ ଉଦ୍ୟମ ଆରମ୍ଭ କରିଛନ୍ତି ।

## ୪୬ ହଜାର ହେକ୍ଟର ଜମିରେ ଆଖୁଚାଷ

ଚଳିତ ବର୍ଷ ରାଜ୍ୟର ବିଭିନ୍ନ କୃଷି ଜିଲ୍ଲାରେ ୪୬ ହଜାର ୫୦୦ ହେକ୍ଟର ଜମିରେ ଆଖୁଚାଷ କରାଯାଇଛି । ମରୁଡ଼ି ପରିସ୍ଥିତି ସତ୍ତ୍ୱେ ଆଖୁ ଫସଲର ଅବସ୍ଥା ସ୍ୱାଭାବିକ ରହିଛି ।

ବରଗଡ଼ ଚିନିକଳ ପାଇଁ ଏବର୍ଷ ଏକ ହଜାର ଏକର ଜମିରୁ ପ୍ରାୟ ୨୨ ହଜାର ଟନ ଆଖୁ ସଂଗୃହୀତ ହେବା ନିମନ୍ତେ କୃଷକମାନଙ୍କ ସହିତ ଚୁକ୍ତି କରାଯାଇଛି । ଏହା ବ୍ୟତୀତ ଏହି ଚିନିକଳର କର୍ତ୍ତୃପକ୍ଷ ବଲାଙ୍ଗୀର ଜିଲ୍ଲାରୁ ୧୫ ହଜାର ଟନ ଆଖୁ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଚିନିକଳ ପାଇଁ ଅଧିକ ଆଖୁ ସଂଗୃହୀତ ହେବା ନିମନ୍ତେ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇଛି । ବରଗଡ଼ କୃଷି ଜିଲ୍ଲାରେ ଉନ୍ନତ ଧରଣର ଆଖୁ ଚାଷ ପାଇଁ ଏକଶହ ଏକର ଜମିରେ ଉନ୍ନତ ଆଖୁ ବିହନ ଉତ୍ପାଦନ କରାଯିବ ।

## ସମବାୟ ଆନ୍ଦୋଳନର ଅଗ୍ରଗତି

### ୨୮ଲକ୍ଷ ଲୋକ ସମବାୟ ସଭ୍ୟ ତାଲିକାଭୁକ୍ତ

ସମବାୟ ଆନ୍ଦୋଳନ କ୍ରମେ ଅଧିକ ଲୋକପ୍ରିୟ ହେଉଥିବାରୁ ରାଜ୍ୟରେ ସମବାୟ ସମିତିଗୁଡ଼ିକର ସଭ୍ୟ ସଂଖ୍ୟା ଗତ ୨ ବର୍ଷ ତଳେ ୨୧ ଲକ୍ଷ ୯ ହଜାର ଥିବା ସ୍ଥଳେ ବର୍ତ୍ତମାନ ତାହା ୨୮ ଲକ୍ଷରେ ପହଞ୍ଚିଲାଣି ।

ସମବାୟ ଜରିଆରେ ସାଧାରଣ ଚାଷୀ ବିଶେଷତଃ କ୍ଷୁଦ୍ର ଓ ନାମମାତ୍ରଚାଷୀମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୃଷକମାନେ ଚାଷ କାମ ପାଇଁ ମହାଜନମାନଙ୍କଠାରୁ ଋଣ ପାଇବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅଳ୍ପ ହାରରେ ଓ ଠିକ୍ ସମୟରେ ସେମାନଙ୍କୁ କୃଷି ଋଣ ଯୋଗାଇ ଦିଆଯାଉଛି । ୧୯୭୭ ମସିହା ଜୁନମାସ ସୁଦ୍ଧା ମୋଟ କୃଷି ଋଣ ୩୮ କୋଟି ୬୧ଲକ୍ଷ ଟଙ୍କା ହୋଇଥିବା ସ୍ଥଳେ ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୬୧ କୋଟି ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । କୃଷି ଋଣର ସୁଧ ହାର ଶତକଡ଼ା ୧୪.୫୦ରୁ ୧୧ କୁ କମାଇ ଦିଆଯାଇଛି । ସମବାୟ ସମିତି ସଭ୍ୟମାନେ ଚାହିଦା ମୁତାବକ ଶୀଘ୍ର ଋଣ ପାଇ ପାରିବା ନିମନ୍ତେ ସମବାୟ ସମିତି ଆଇନର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।

ଆଦିବାସୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବୃହତ ବହୁମୁଖୀ ସମବାୟ ସମିତି ଓ କୃଷକ ସେବା ସମିତିମାନ ଗଢ଼ାଯାଇଛି । ସମବାୟ ଆନ୍ଦୋଳନକୁ ଅଧିକ ଫଳପ୍ରଦ କରିବା ଉଦ୍ଦେଶ୍ୟରେ ଏହି ବିଭାଗର ପ୍ରଶାସନିକ ସଙ୍ଗଠନକୁ ସୁଦୃଢ଼ କରାଯାଇଛି । ଏଥିପାଇଁ ୩ ଗୋଟି ନୂତନ ଡେପୁଟି ରେଜିଷ୍ଟ୍ରାର ଡିଭିଜନ ସୃଷ୍ଟି କରାଯାଇଛି ଏବଂ ନିକଟରେ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସମବାୟ ଡିଭିଜନ ଖୋଲା ଯିବାର ପ୍ରସ୍ତାବ ରହିଛି । ଚାଷୀମାନଙ୍କର ଶସ୍ୟ ସଂରକ୍ଷଣ ପାଇଁ

୧୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଶସ୍ୟ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ ହେଉଛି । ଏତଦ୍ୱାରା ଅଧିକ ୨ ଲକ୍ଷ ୪୦ ହଜାର ଟନ ଶସ୍ୟ ସଂରକ୍ଷଣ ପାଇଁ ଗୋଦାମ ଘରମାନ ସ୍ଥାପିତ ହୋଇ ପାରିବ ।

ସମବାୟ ଭିତ୍ତିରେ ସେଚକୂପ ସାହାଯ୍ୟରେ ଅଧିକ ଫସଲ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଏଥିପାଇଁ ଏପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ୨ ଲକ୍ଷ ୬୬ ହଜାର ସେଚକୂପ ଖୋଳା ଯାଇଛି ଓ ୯ ହଜାର ୬୦୦ ବିଦ୍ୟୁତ ଚାଳିତ ପଂପସେଟ ବସାଯାଇଛି ।

## ଆଦିବାସୀ ଝିଅଙ୍କ ପାଇଁ ସିଲେଇ ଶିକ୍ଷା କେନ୍ଦ୍ର

ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ତାଙ୍ଗରପାଲି ବ୍ଲକର କୁର୍ଗା ଗ୍ରାମରେ ଏକ ଛଅ ମାସିଆ ସିଲେଇ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରାଯାଇଛି ।

ମାସିକ ୫୦ ଟଙ୍କା ବୃତ୍ତି ପାଇ ୧୮ ଜଣ ବାଳିକା ଏଠାରେ ତାଲିମ୍ ପାଉଛନ୍ତି । ତାଲିମ ପାଇଁ ପ୍ରତ୍ୟେକ ବାଳିକାକୁ ଗୋଟିଏ ଲେଖାଏଁ ସିଲେଇ ମେସିନ୍ ଯୋଗାଇ ଦିଆଯାଉଛି । ସିଲେଇ ମେସିନ୍ କିଣିବା ପାଇଁ ୨୫୦ ଟଙ୍କା ସାହାଯ୍ୟ ଓ ୫୦୦ ଟଙ୍କା ସ୍ୱଳ୍ପ ସୁଧ ହାରରେ ଋଣ ଆକାରରେ ଯୋଗାଇ ଦିଆଯାଉଛି ।

## ଟେଷ୍ଟ ରିଲିଫ ବାବଦରେ ୧ କୋଟି ୧୪ ଲକ୍ଷ ଟଙ୍କା ଓ ଆଡ଼ିବନ୍ଧ ବାବଦରେ ୨୦ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର

ରାଜ୍ୟର ମରୁଡ଼ିଗ୍ରସ୍ତ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା-ପାଇଁ ଆଜିସୁଦ୍ଧା ଟେଷ୍ଟ ରିଲିଫ୍ ବାବଦରେ ୧ କୋଟି ୧୪ ଲକ୍ଷ ଟଙ୍କା ଓ ଆଡ଼ିବନ୍ଧ ନିର୍ମାଣ ପାଇଁ ୨୦ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରାଯାଇଛି ।

ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲାକୁ ଟେଷ୍ଟ ରିଲିଫ୍ ପାଇଁ ୬ ଲକ୍ଷଟଙ୍କା ଓ ଆଡ଼ିବନ୍ଧ ପାଇଁ ୨ ଲକ୍ଷ ଟଙ୍କା ଦିଆଯାଇଛି । ସେହିପରି ବଲାଙ୍ଗୀର ଜିଲ୍ଲାକୁ ୧୮ ଲକ୍ଷ ଟଙ୍କା ଓ ୨ ଲକ୍ଷ ୭୦ ହଜାର ଟଙ୍କା, କଟକ ଜିଲ୍ଲାକୁ ୭ ଲକ୍ଷ ଟଙ୍କା ଓ ୧ ଲକ୍ଷ ଟଙ୍କା, ଢେଙ୍କାନାଳ ଜିଲ୍ଲାକୁ ୧୦ ଲକ୍ଷଟଙ୍କା ଓ ୧ ଲକ୍ଷଟଙ୍କା, ଗଞ୍ଜାମ ଜିଲ୍ଲାକୁ ୮ଲକ୍ଷ ଟଙ୍କା ଓ ୨ ଲକ୍ଷ ଟଙ୍କା, କୋରାପୁଟ ଜିଲ୍ଲାକୁ ୧୦ ଲକ୍ଷଟଙ୍କା ଓ ୨ଲକ୍ଷ ୫୦ ହଜାର ଟଙ୍କା ଏବଂ କଳାହାଣ୍ଡି ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଓ ୩ଲକ୍ଷ ଟଙ୍କା ଦିଆଗଲାଣି । ଆଉ ମଧ୍ୟ କେନ୍ଦୁଝର ଜିଲ୍ଲାକୁ ୭ ଲକ୍ଷ ଟଙ୍କା ଓ ୩୦ ହଜାର ଟଙ୍କା, ମୟୂରଭଞ୍ଜ ଜିଲ୍ଲାକୁ ୭ ଲକ୍ଷଟଙ୍କା ଓ ୧ ଲକ୍ଷ ଟଙ୍କା, ପୁରୀ ଜିଲ୍ଲାକୁ ୬ଲକ୍ଷ ଟଙ୍କା ଓ ୧ ଲକ୍ଷ ଟଙ୍କା, ଫୁଲବାଣୀ ଜିଲ୍ଲାକୁ ୭ଲକ୍ଷ ଟଙ୍କା ଓ ୧ ଲକ୍ଷ ଟଙ୍କା, ସମ୍ବଲପୁର ଜିଲ୍ଲାକୁ ୧୦ଲକ୍ଷ ଟଙ୍କା ଓ ୨ ଲକ୍ଷ ଟଙ୍କା ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ୮ ଲକ୍ଷ ଟଙ୍କା ଓ ୯୦ ହଜାର ଟଙ୍କା ଦିଆଯାଇଛି ।

ଟେଷ୍ଟ ରିଲିଫ ବାବଦରେ ଆଜି ସୁଦ୍ଧା ୨୯ ଲକ୍ଷ ୫୪ ହଜାର ଟଙ୍କା ଏବଂ ଆଡ଼ିବନ୍ଧ ବାବଦରେ ୬ ଲକ୍ଷ ୨୮ ହଜାର ଟଙ୍କା ବ୍ୟୟ କରାଯାଇଛି । ଏ ବାବଦରେ ଆଉ ଅଧିକ ଯଥାକ୍ରମେ ୨ କୋଟି ୨ ଲକ୍ଷ ଟଙ୍କା ଓ ୮ ଲକ୍ଷ ୪୫ ହଜାର ଟଙ୍କା ଆବଶ୍ୟକ ହେବ ବୋଲି ଅଟକଳ କରାଯାଇଛି । ଟେଷ୍ଟରିଲିଫ କାର୍ଯ୍ୟପାଇଁ ଗ୍ରାମପୋଷୀ ଓ ସମାଜ କଲ୍ୟାଣ ବିଭାଗ ସବୁଜିଲ୍ଲାକୁ ଆଜି ସୁଦ୍ଧା ୧୨ ହଜାର ମେଟ୍ରିକ ଟନ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି । ଏଥିପାଇଁ ୨୨ ହଜାର ୮୦୦ ମେଟ୍ରିକ ଟନ ଖାଦ୍ୟଶସ୍ୟ ଆବଶ୍ୟକ ପଡ଼ିବ ବୋଲି ଅଟକଳ କରାଯାଇଛି ।

## ଆଦିବାସୀ ହରିଜନ ଛାତ୍ରଙ୍କ ପାଇଁ ଦୁଇ ଶହଟି ମେଧାବୃତ୍ତି

ମେଧାବୀ ଆଦିବାସୀ ଓ ହରିଜନ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ଆହରଣ କରିବା ଦିଗରେ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ୨ ଶହଟି ମେଧାବୃତ୍ତି ମଞ୍ଜୁର କରିଛନ୍ତି ।

୧୯୭୮-୭୯ ମସିହା ମାଧ୍ୟମିକ ବୋର୍ଡ ପରୀକ୍ଷାରେ ସେମାନେ ହାସଲ କରିଥିବା କୃତିତ୍ୱକୁ ବିଚାରକୁ ନେଇ ୧୦୦ ଜଣ ଆଦିବାସୀ ଓ ୧୦୦ ଜଣ ହରିଜନ ଛାତ୍ର ଛାତ୍ରୀଙ୍କୁ ଜଣ ପିଛା ଏକକାଳୀନ ୫୦୦ ଟଙ୍କା କରି ଏହି ମେଧାବୃତ୍ତି ଦିଆଯିବ । ଆଦିବାସୀ ଓ ହରିଜନମାନଙ୍କର ଲୋକସଂଖ୍ୟା ଅନୁପାତରେ ବିଭିନ୍ନ ଜିଲ୍ଲା ପାଇଁ ଧାର୍ଯ୍ୟହୋଇଥିବା ଏହି ବୃତ୍ତିଗୁଡ଼ିକର ସଂଖ୍ୟା ହେଲା :—ସମ୍ବଲପୁର ୧୯, ସୁନ୍ଦରଗଡ଼—୧୩, କେନ୍ଦୁଝର—୧୨, ମୟୂରଭଞ୍ଜ—୨୦, ବାଲେଶ୍ୱର —୧୨, କଟକ—୨୨, ଢେଙ୍କାନାଳ—୯, ଫୁଲବାଣୀ—୯, ବଲାଙ୍ଗୀର— ୧୧ କଳାହାଣ୍ଡି—୧୩, ଗଞ୍ଜାମ—୧୫, କୋରାପୁଟ—୩୪. ଏବଂ ପୁରୀ—୧୧ । ସଂପୃକ୍ତ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ ଛାତ୍ରବୃତ୍ତି କମିଟି ଜିଲ୍ଲାର ମେଧାବୀ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କର ଯୋଗ୍ୟତା ଭିତ୍ତିରେ ଏହି ବୃତ୍ତି ମଞ୍ଜୁର କରିବେ ।

## ‘କାମ ପାଇଁ ଶସ୍ୟ’ ଯୋଜନାରେ ୧ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ଶସ୍ୟ ଯୋଗାଇ ଦିଆଯାଇଛି

ଯୋଜନା ଓ ସମନ୍ୱୟ ବିଭାଗ ସରକାରଙ୍କ ବିଭିନ୍ନ ବିଭାଗକୁ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ‘କାମପାଇଁ ଶସ୍ୟ’ ଯୋଜନାନୁସାରେ ଆଜିସୁଦ୍ଧା ୧ ଲକ୍ଷ ୧୦ ହଜାର ମେଟ୍ରିକ ଟନ ଖାଦ୍ୟ ଶସ୍ୟ ଯୋଗାଇ ଦେଇଛନ୍ତି । ତନ୍ମଧ୍ୟରୁ [illegible] ଜଳସେଚନ ବିଭାଗକୁ ସର୍ବାଧିକ ୭୫ ହଜାର ଟନ୍ ଶସ୍ୟ ଦିଆଯାଇଛି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୭ ହଜାର ଟନ, ସେଚ ଓ ଶକ୍ତି ବିଭାଗକୁ ୧୫ ହଜାର ଟନ, ପୂର୍ତ୍ତ ବିଭାଗକୁ ୬ ହଜାର ଟନ. ମୃତ୍ତିକା ସଂରକ୍ଷଣ ସଂସ୍ଥାକୁ ୫୦୦ ଟନ, କୃଷି ଶିଳ୍ପ କର୍ପୋରେସନକୁ ୩୦୦ ଟନ, ବନ୍ୟ ବିଭାଗକୁ ୫୦୦ ଟନ, ଜାତୀୟ ରାଜପଥ ସଂସ୍ଥାକୁ ୫ ହଜାର ଟନ ଏବଂ ପଞ୍ଚାୟତମାନଙ୍କୁ ୨୦୦ ଟନ ଖାଦ୍ୟ ଶସ୍ୟ ଦିଆଯାଇଛି ।

## ଭୂମିହୀନ ଚାଷୀମାନଙ୍କ ପାଇଁ କେତେକ ସୁବିଧା


ରାଜ୍ୟର ଭୂମିହୀନ ଚାଷୀମାନଙ୍କ ସୁବିଧା ପାଇଁ ସରକାର କେତେକ ପ୍ରଗତିମୂଳକ ନିଷ୍ପତ୍ତି କରିଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ ଯେଉଁ ଭୂମିହୀନ ଚାଷୀ ସରକାରୀ ଅନାବାଦୀ ଜମି ଦଖଲ କରି ଥିବେ, ତାଙ୍କୁ ତାଙ୍କର ନିଜ ଦଖଲ ଜମି ସମେତ ଏକ ଷ୍ଟାଣ୍ଡର୍ଡ ଏକର ଜମି ପଟ୍ଟା କରି ଦିଆଯିବ । ଅର୍ଥାତ୍ ଜମିର କିସମ ଅନୁସାରେ ସେହି ଚାଷୀ ୧ ଏକରଠାରୁ ୪ ଏକର ୫୦ ଡିସିମିଲ ପର୍ଯ୍ୟନ୍ତ ଜମି ପାଇ ପାରିବେ । ଏହା ପୂର୍ବରୁ ସେପରି କ୍ଷେତ୍ରରେ ଜଣେ ଚାଷୀ ନିଜର ଜମିକୁ ମିଶାଇ ୨ ଏକରରୁ ଅଧିକ ଜମି ପାଉନଥିଲେ । ଏତଦ୍ୱାରା ‘ଭୂମିହୀନ ଚାଷୀ’ ସଂଜ୍ଞାର ପରିସର ବୃଦ୍ଧି ପାଇବ ।

ସରକାରଙ୍କ ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଯେଉଁ ଗୋଚର ପରି ସର୍ବସାଧାରଣ ଜମି ଦଖଲ କରିଥିବା ଭୂମିହୀନ ବ୍ୟକ୍ତିଙ୍କୁ ସେସବୁ ଜମିରୁ ଉଚ୍ଛେଦ କରିବା ପାଇଁ ଯେଉଁ ଜୋରିମାନା ଆଦାୟ କରଯାଇ ଥାଏ, ତାହାର ପରିମାଣ ଜମି ମୂଲ୍ୟର ଦୁଇଗୁଣରୁ ଅଧିକ ହେବ ନାହିଁ । ସ୍ଥଳବିଶେଷରେ ଦଖଲକାରୀ ବ୍ୟକ୍ତିଙ୍କର ଆର୍ଥିକ ଅବସ୍ଥା ବିଚାର କରି ଜିଲାସ୍ତରୀୟ କର୍ମଚାରୀ ଜୋରିମାନାକୁ ଆଂଶିକ ବା ସଂପୂର୍ଣ୍ଣ ଭାବରେ ଛାଡ଼ କରିଦେଇ ପାରିବେ । ଏହା ପୂର୍ବରୁ ସେପରି ଜମି ଦଖଲକାରୀ ଲୋକମାନଙ୍କଠାରୁ ସାର୍ଟିଫିକେଟ ମକଦ୍ଦମା କରିଆରେ ଅତ୍ୟଧିକ ପରିମାଣର ଜୋରିମାନା ଆଦାୟ କରଯାଉଥିଲା ।

ଉପରୋକ୍ତ ନିଷ୍ପତ୍ତିଗୁଡ଼ିକ ବ୍ୟତୀତ ସରକାର ସ୍ଥିର କରିଛନ୍ତି ଯେ ଏଣିକି ନିର୍ବିବାଦୀୟ ଦାଖଲ ଖାରଜ ମକଦମା ଗୁଡ଼ିକ ତହସିଲଦାରଙ୍କ ପରିବର୍ତ୍ତେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଫଇସଲ ହୋଇ ପାରିବ ।

## କୋରାପୁଟ ଜିଲ୍ଲାରେ ଫସଲ ରକ୍ଷା କରିବା ପାଇଁ ବିଭିନ୍ନ ପଦକ୍ଷେପ

କୋରାପୁଟ ଜିଲ୍ଲାରେ ହୋଇଥିବା ବ୍ୟାପକ ମରୁଡ଼ି ଦାଉରୁ ଖରିଫ ଫସଲକୁ ରକ୍ଷା କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଚାଷୀମାନଙ୍କୁ ସବ୍‌ସିଡ଼ି ହାରରେ ଉଠାଜଳସେଚନ ପମ୍ପସେଟରୁ ଜଳ ଯୋଗାଇ ଦେବାକୁ ସରକାର ଯେଉଁ ନିଷ୍ପତ୍ତି କରିଥିଲେ, ତଦନୁସାରେ ଜିଲ୍ଲାର ୨୫୯ଟି ପମ୍ପସେଟରୁ ୨୧୧ଟି ପମ୍ପ କାର୍ଯ୍ୟକାରୀ କରାଗଲାଣି । ଫଳରେ ୧୮୬୫ ଜଣ ଚାଷୀଙ୍କର ପ୍ରାୟ ୩ ହଜାର ୪୦୮ ଏକର ଜମି ଜଳସେଚିତ ହୋଇ ପାରିଛି । ଏହା ବ୍ୟତୀତ ଜିଲ୍ଲାରେ ଥିବା ୧୮୨ଟି ଡିଜେଲ ପଂପ ମଧ୍ୟରୁ ୬୮ଟି ପଂପ ଚାଷୀମାନଙ୍କୁ ଭଡ଼ା ସୂତ୍ରରେ ଏବଂ ସବ୍‌ସିଡ଼ି ହାରରେ ଯୋଗାଇ ଦେବା ଫଳରେ ୪୭୨ ଏକର ଜମି ଜଳସେଚିତ ହୋଇପାରିଛି । ସେହିପରି ଆଡ଼ିବନ୍ଧ ନିର୍ମାଣ କରିବାକୁ ମଞ୍ଜୁର କରାଯାଇଥିବା ୨ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟରୁ ୧ ଲକ୍ଷ ୪୪ ହଜାର ୨୪୦ ଟଙ୍କା ବ୍ୟୟରେ ୨୪୪ଟି ଆଡ଼ିବନ୍ଧ ନିର୍ମାଣ କରାଯାଇଛି । ଫଳରେ ୯ ହଜାର ୩୧୩ ଏକର ଜମି ଜଳସେଚିତ ହୋଇପାରିଛି ।



## ଗେଜେଟେଡ୍ ଅଫିସରମାନଙ୍କ ବେତନ ଓ ଭତ୍ତା ସଂପର୍କରେ ନୂତନ ନିର୍ଦ୍ଦେଶନାମା

ଗେଜେଟେଡ୍ ଅଫିସରଙ୍କ ବେତନ ପଇଠ ସଂକ୍ରାନ୍ତରେ ୧୯୬୯ ଡିସେମ୍ବର ପହିଲାଠାରୁ କାର୍ଯ୍ୟକାରୀ ହେଉଥିବା ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ନଥିପତ୍ର ଠିକଣା କରିବା ସକାଶେ ମହାଲେଖାଗାର କାର୍ଯ୍ୟାଳୟ ନିୟୋଜିତ ଥିବାରୁ ୧୯୬୯ ଅକ୍ଟୋବର ପହିଲାଠାରୁ ଏହି ସଂସ୍ଥା ପୂର୍ବଭଳି ବେତନ ଚିଠା (ପେ'ସ୍ଲିପ) ଦେବା ବନ୍ଦକରି ଦେଇଛନ୍ତି । ଏହା ଫଳରେ ସାମୟିକଭାବ ପାଇଁ ବେତନ ଚିଠା ପାଉଥିବା କେତେକ ଗେଜେଟେଡ୍ ଅଫିସର ପରବର୍ତ୍ତୀ କାଳରେ ବେତନ ପାଇବା ଦିଗରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ ୧୯୬୯ ଡିସେମ୍ବର ପହିଲା କିମ୍ବା ତହିଁପରେ ଏହି ଗେଜେଟେଡ୍ ଅଫିସରମାନଙ୍କ ବେତନ, ଡ୍ରଇଂ ଏଣ୍ଡ ଡିସ୍‌ବର୍ସମେଣ୍ଟ ଅଫିସରଙ୍କ ଦ୍ୱାରା ଉଠାଯାଇ ପଇଠ କରାଯାଇ ପାରିବ । ଯେଉଁ ଗେଜେଟେଡ୍ ଅଫିସରମାନେ ବେତନ ପାଉନାହାନ୍ତି ସେମାନେ କାଳେ ଅସୁବିଧାର ସମ୍ମୁଖୀନ ହେବେ ସେଥିନିମନ୍ତେ ଉକ୍ତ ଅଫିସରମାନେ ୧୯୬୯ ନଭେମ୍ବର ୩୦ ତାରିଖ ମଧ୍ୟରେ ବେତନ ନ ପାଉଥିବା ସମୟପାଇଁ ନିଜ-ନିଜର ମୂଳବେତନ ଓ ମହଙ୍ଗାଭତ୍ତା ସାମୟିକଭାବେ ଉଠାଇ ପାରିବେ । ଏଭଳି କ୍ଷେତ୍ରରେ ୧୯୬୯ ନଭେମ୍ବର ୩୦ ତାରିଖ କିମ୍ବା ତହିଁପର ପର୍ଯ୍ୟନ୍ତ ସଂପୃକ୍ତ ଅଫିସରମାନଙ୍କ ନିଯୁକ୍ତି କାଏମ ରହିଥିବା ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ବିଧିବଦ୍ଧ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ହୋଇଥିବା ଆବଶ୍ୟକ । ରାଜ୍ୟ ଅର୍ଥବିଭାଗ ଅଫିସ ମେମୋରାଣ୍ଡମ୍ ନଂ ୪୦୧୭୧/ଏଫ୍ ତା ୨୪-୮-୧୯୬୯ ଅନୁଯାୟୀ ଏହି ଅଫିସରମାନେ ଉପରୋକ୍ତ ସମୟପାଇଁ ଉଠାଉଥିବା ମୂଳ ବେତନ ଇତ୍ୟାଦି ବ୍ୟତୀତ ଯାହା କିଛି ଅଧିକା ପ୍ରାପ୍ୟ ଥିବ ତାହା କାଳକ୍ରମେ ସଂପୃକ୍ତ ସରକାରୀ ଦପ୍ତରର ମୁଖ୍ୟଙ୍କଠାରୁ ବୁଝି ପାଇବେ ।

ମହାଲେଖାଗାରଙ୍କଠାରୁ ବେତନ ଚିଠା ନ ପାଇ ଦରମା ଓ ମହଙ୍ଗାଭତ୍ତା ଉଠାଇପାରି ନଥିବା ଯୋଗୁଁ କେତେକ ଗେଜେଟେଡ୍ ଅଫିସର ନିଜ ନିଜର ଘରଖର୍ଚ୍ଚ ତଥା ଅନ୍ୟାନ୍ୟ ବ୍ୟକ୍ତିଗତ ପାଉଣା ପାଇ ପାରି ନାହାନ୍ତି । ପୂର୍ବୋକ୍ତ ଅନୁଚ୍ଛେଦର ନିର୍ଦ୍ଦେଶାନୁଯାୟୀ ମହାଲେଖାଗାରଙ୍କ ପ୍ରାଧିକାର ବିନା ୧୯୬୯ ନଭେମ୍ବର ୩୦ ତାରିଖ ଯାଏଁ ଅଫିସରମାନେ ଯେହେତୁ ନିଜ ନିଜର ମୂଳ ବେତନ ଓ ମହଙ୍ଗାଭତ୍ତା ଉଠାଇ ପାରିବେ, ସେ ଦୃଷ୍ଟିରୁ ଅନୁରୂପ ସମୟପାଇଁ ସେମାନେ ନିଜ ନିଜର ଘରଖର୍ଚ୍ଚ ତଥା ଅନ୍ୟାନ୍ୟ ବ୍ୟକ୍ତିଗତ ପାଉଣା ୧୯୬୯ ନଭେମ୍ବର ୩୦ ତାରିଖ ମଧ୍ୟରେ ଉଠାଇ ପାରିବେ । ପ୍ରମାଣ ଆଉକି ଆବଶ୍ୟକ ସ୍ଥଳେ ସଂପୃକ୍ତ ଅଫିସରମାନେ ନିୟମାନୁଯାୟୀ ପ୍ରତିସ୍ୱାକ୍ଷର କରିବା ବାଞ୍ଛନୀୟ ।

# ଜିଲ୍ଲା ପରିକ୍ରମା

## ଗୋପାଳନରେ ଗୋଟିଏ ଆଗୁଆ ଗାଆଁ :– ରାଇସୁଆଁ

କେଉଁଝରର ଗଡ଼ଠୁଁ ଯେଉଁ ଅଙ୍କାବଙ୍କା ରାସ୍ତାଟି ଚମ୍ପୁଆ ଓ ବଡ଼ବିଲ ଆଡ଼ିକୁ ମାଡ଼ିଯାଇଛି, ତା'ରି କଡ଼ରେ ଗୋଟିଏ ଛୋଟିଆ ଗାଆଁ ରାଇସୁଆଁ । କେଉଁଝର ଗଡ଼ଠାରୁ ମୋଟେ ବାଟ ୬ କି: ମିଟର ।

ସେଇଗାଁରେ ୧୯୭୩ ମସିହା ଡ଼ିସେମ୍ବର ମାସ ପହିଲା ଦିନ ଗୋଟିଏ ଗ୍ରାମ ଉପକେନ୍ଦ୍ର (Key Village Sub-Centre) ଖୋଲାଗଲା, ପଶୁପାଳନ ବିଭାଗ ତରଫରୁ ଏହି ଉପକେନ୍ଦ୍ର ଖୋଲାଯିବାର ଉଦ୍ଦେଶ୍ୟ ହେଲା ଯେ ସେ ଅଞ୍ଚଳରେ ଥିବା ଗୋରୁଗାଈମାନଙ୍କର ସର୍ବାଙ୍ଗୀନ ଗୁଣାତ୍ମକ ବୃଦ୍ଧି ମାଧ୍ୟମରେ ଦୁଗ୍ଧ ଉତ୍ପାଦନ ବଢ଼ାଇବା । ଏହି ଉପକେନ୍ଦ୍ର ୧୦ ଗୋଟି ସନ୍ନିବେଶିତ ଗାଁରେ ଥିବା ୯୧୦ ଗୋଟି ପ୍ରଜନନକ୍ଷମ ଗାଈଙ୍କୁ ନେଇ ଗଠିତ । ଏହି ଦଶ ଗୋଟି ଗାଁ ହେଲା:–ରାଇସୁଆଁ, ଗୋପିନାଥପୁର, ହର୍ଷପୁର, ସିଲିସୁଆଁ, ରଇପାଣି, ଧୁରପଡ଼ା, ରାଡ଼ାବନ୍ଧ, ତଳାବଙ୍ଗ, ତୋଟାସାହି, ବାଇଗୁଡ଼ା । ଏହି ସବୁ ଗାଁ ରାଇସୁଆଁରୁ ୩ କି: ମି: । ଏହି ଗାଁଗୁଡ଼ିକ ମଧ୍ୟରୁ ରାଇସୁଆଁ ଗୋଟିଏ ବଡ଼ଗାଁ ଏବଂ କେବଳ ଏହି ଗାଁରେ ୨୭୫ ଗୋଟି ପ୍ରଜନନକ୍ଷମ ଗାଈ ରହିଛନ୍ତି ।

ରାଇସୁଆଁ ଗାଆଁରେ ଥିବା ମୋଟ ପରିବାର ସଂଖ୍ୟା ୩୦୦ । ଏହି ତିନିଶହ ପରିବାର ମଧ୍ୟରୁ ୧୩୦ ଗୋଟି ପରିବାର କ୍ଷୁଦ୍ର ଓ ନାମମାତ୍ର କୃଷୀ ଶ୍ରେଣୀର ଏବଂ ଅବଶିଷ୍ଟ ପରିବାର ଦିନ ମଜୁରିଆ ।

୧୯୭୪ ମସିହା ଏପ୍ରିଲମାସରେ ହୋଇଥିବା ସମୀକ୍ଷାରୁ ଜଣାଯାଏ ଯେ ସେତେବେଳେ କେବଳ ୧୦ ଗୋଟି ପରିବାର ଦୁଗ୍ଧ ବିକ୍ରୟ କରୁଥିଲେ । ୧୯୭୪ ମସିହାଠାରୁ ୧୯୭୬ ମସିହା ପର୍ଯ୍ୟନ୍ତ "କି" ଭିଲେଜ କାର୍ଯ୍ୟକ୍ରମ ଅନୁସାରେ କୃତ୍ରିମ ପ୍ରଜନନ ସହାୟତାରେ ହରିଆନାଷଣ୍ଢଙ୍କ ଶୁକ୍ର ଦ୍ୱାରା ଦେଶୀଗାଈଙ୍କଠୁଁ ଉନ୍ନତ ଗାଈ ସୃଷ୍ଟି କରାଯାଇଥିଲା । ୧୯୭୬ ମସିହାଠାରୁ ଏହି କେନ୍ଦ୍ରରୁ, ଲୋକମାନଙ୍କ ରୁଚିଦାନୁସାରେ ହରିଆନା ଷଣ୍ଢର ଶୁକ୍ରସହ, ବିଦେଶୀ ଜର୍ସିଷଣ୍ଢଙ୍କ ଶୁକ୍ର ମଧ୍ୟ ଯୋଗାଇ ଦିଆଯାଉଛି । ଫଳରେ ଏହି ଅଞ୍ଚଳରେ ଉଲ୍ଲିଖିତ ବର୍ଷଠାରୁ ସଙ୍କର ପ୍ରଜନନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏହା ପରେ ପରେ ଏହି ଅଞ୍ଚଳ ନାମମାତ୍ର କୃଷୀ ଉନ୍ନୟନ ଯୋଜନାଞ୍ଚଳରେ ଅନ୍ତର୍ଭୁକ୍ତ ହେବାରୁ, ଲୋକମାନଙ୍କୁ ଗୋପାଳନ ମାଧ୍ୟମରେ ଅଧିକ ରୋଜଗାର କରି ଗୁଜରାଣ ମେଣ୍ଟାଇବା ସକାଶେ, ଋଣ ଓ ରିହାତି ଆକାରରେ ସଙ୍କର ଗାଈ ଯୋଗାଇବା କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।

ଏହି ଅଞ୍ଚଳରେ ସଙ୍କର ପ୍ରଜନନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାପରେ, ବର୍ତ୍ତମାନ ସଙ୍କର ଗାଈମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ନିକଟ ଅତୀତରେ ନିଆଯାଇଥିବା ନିମ୍ନବର୍ଣ୍ଣିତ ସମୀକ୍ଷାରୁ ଏହା ଜଣାଯାଏ ।

| | ସଙ୍କର ଜର୍ସି | ମଇତାନୀ ମିଶ: | ହରିଆନା ମିଶା | ମୋଟ |
|---|---|---|---|---|
| ଦୁଧ ଦେଉଥିବା ଗାଈ | ୧୨୨ | ୧୭୮ | .. | ୩୦୦ |
| ଛଡ଼ା .. | ୫୮ | ୧୫୦ | .. | ୨୦୮ |
| ମାଈବାଛୁରୀ .. | ୬୪ | ୮୨ | .. | ୧୪୬ |
| .. | | | | ୬୫୪ |

ଉପରବର୍ଣ୍ଣିତ ନିରୀକ୍ଷାରୁ ଜଣାଯାଏ ଯେ ରାଇସୁଆଁ ଗାଁର ଲୋକମାନେ ଗୋପାଳନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଅଛନ୍ତି କାରଣ ସେ ଗାଁରେ ସର୍ବାଧିକ ସଙ୍କରଜାତୀୟ ଗୋରୁ ଅଛନ୍ତି । ତେଣୁ ଉକ୍ତ ଗାଁର କୃଷୀମାନଙ୍କ ମନରେ ଆହୁରି ଅଧିକ ଆଗ୍ରହ ଜାତ କରାଇବା ଉଦ୍ଦେଶ୍ୟରେ, ସେଠାର ନାମମାତ୍ର କୃଷୀ ଓ ଦିନ ମଜୁରିଆଙ୍କର ୧୬ ଗୋଟି ସଙ୍କର ଗାଈ ବାଛୁରୀଙ୍କୁ, ଉପଯୁକ୍ତ ଲାଳନପାଳନ ସକାଶେ, ସୁଷମ ଦାନା ସାହାଯ୍ୟ ଆକାରରେ ଯୋଗାଇ ଦିଆଯାଉଛି ।

ପଶୁପାଳନ ସମ୍ବନ୍ଧରେ ଅଧିକ ଜ୍ଞାନ ଅର୍ଜନ ପାଇଁ ରାଇସୁଆଁ ଗାଁର କୃଷୀମାନଙ୍କୁ ରାଜ୍ୟ ବାହାରେ ଥିବା ଅତ୍ୟାଧୁନିକ ଗୋଶାଳା (Dairy Farm) ଗୁଡ଼ିକୁ (ଯଥା ବମ୍ବେ, ଗୁଜରାଟ, ପଞ୍ଜାବ ପ୍ରଭୃତି) ଶିକ୍ଷାମୂଳକ ଭ୍ରମଣରେ ପଠାଯାଉଛି । ଏହାଛଡ଼ା ଏହି ଅଞ୍ଚଳରେ ପଶୁପାଳନ ସମ୍ବନ୍ଧୀୟ ପ୍ରାମାଣିକ ଚିତ୍ର ପ୍ରଦର୍ଶନୀ, ସାଙ୍ଗଠନିକ ସଭା, କରାଯାଉଛି ଓ ପୁସ୍ତିକା ବଣ୍ଟାଯାଉଛି ।

ସଙ୍କର ପ୍ରଜନନ ମାଧ୍ୟମରେ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ସଙ୍କର ଗାଈଗୋରୁ ପାଳନ କରିଥିବା କୃଷୀମାନଙ୍କୁ ନିଜବାଡ଼ିରେ ଘାସ ଚାଷ କରିବାପାଇଁ ପ୍ରବର୍ତ୍ତାଯାଉଛି । ଏଥିପାଇଁ ଘାସମଞ୍ଜି ଓ ସାର, ପଶୁପାଳନ ବିଭାଗ ତରଫରୁ ରିହାତି ହାରରେ କୃଷୀମାନଙ୍କୁ ଯୋଗାଇ ଦିଆଯାଉଛି । ତେଣୁ ଏ ଅଞ୍ଚଳରେ ଖରିଫ ଋତୁରେ ଏମ: ପି: ଚେରି, ବରଗଡ଼ି ଓ ମକା କୃଷୀମାନେ ଚାଷ କରୁଛନ୍ତି ଏବଂ ରବି ଋତୁରେ ବରସିମ ପ୍ରଭୃତି ଚାଷ କରୁଛନ୍ତି ।

ଏଠାରେ ଗୋଟିଏ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରାଯାଇଛି । ବର୍ତ୍ତମାନ ଏହି ସମିତି ତରଫରୁ କେବଳ ସକାଳଓଳି ଥରେ ମାତ୍ର ଦୁଗ୍ଧ ସଂଗୃହିତହୋଇ, କୋଡ଼ା ଏବଂ ବଡ଼ବିଲରେ ବିକ୍ରୀ କରାଯାଉଛି । ଦୈନିକ ହାରାହାରି ୭୦୦ ଲିଟର କ୍ଷୀର, ରାଇସୂଆଁ, ଜଜାବଙ୍ଗ, ହର୍ଷପୁର ଏବଂ ରାଜବନ୍ଧରୁ ସଂଗ୍ରହ କରାଯାଉଛି । କେଉଁ ଗାଁରୁ କେତେ ପରିମାଣ ଦୁଗ୍ଧ ଦୈନିକ ସଂଗୃହିତ ହେଉଛି, ତାର ଏକ ହିସାବ ନିମ୍ନରେ ଦିଆଗଲା:—

ସନ୍ଧ୍ୟା ବେଳେ ଦୁହାଁ ହୋଇଥିବା ଦୁଗ୍ଧକୁ, ଚାଷୀ, କେଉଁଝରଗଡ଼ରେ ବିକ୍ରୀ କରୁଥାଏ କାରଣ ଏ ସମୟରେ ଆଉ କୋଡ଼ା କିମ୍ବା ବଡ଼ବିଲ ପଠାଇବା କଷ୍ଟ କର ହୋଇଥାଏ । ଏବେ ସନ୍ଧ୍ୟାବେଳରୁ ମଧ୍ୟ କ୍ଷୀର ପଠାଯାଉଛି । ଦୁଗ୍ଧ ନେବା ଆଣିବା ସକାଶେ କେଉଁଝରସ୍ଥ ନାମମାତ୍ର ଚାଷୀ ଉନ୍ନୟନ ସଂସ୍ଥାତରଫରୁ ଏହି ଗାଁକୁ ରିଆତିମୂଲ୍ୟରେ ଗୋଟିଏ ଟ୍ରିକେଲଗାଡ଼ି ଯୋଗାଇ ଦିଆଯାଇଛି । ଦେଖାଯାଉଛି ଯେ ଏହି ଗାଁରେ ସଭ୍ୟଙ୍କ ଗାଈମାନଙ୍କ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ଅବସ୍ଥାର ମଧ୍ୟ ଉନ୍ନତି ଘଟୁଛି । ବର୍ତ୍ତମାନ ସମିତି ମାଧ୍ୟମରେ ବାର୍ଷିକ ପ୍ରାୟ ସାତ ଲକ୍ଷ ଟଙ୍କାର ଦୁଗ୍ଧ ବିକ୍ରୀ କରାଯାଉଛି । ଏହି ଅଞ୍ଚଳରେ ଗୋପାଳନ କ୍ଷେତ୍ରରେ ଆଶୁ ବିକାଶ ସାଧିତ ହେଉଥିବାରୁ, ରାଜ୍ୟ ସରକାର ମଧ୍ୟ ଏହି ଅଞ୍ଚଳକୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ଅଧିକ ଆଗ୍ରହୀ ।

# ରଙ୍ଗଣିପାଟଣାର ଗର୍ବ—ଘନ ସାହୁ

ଶ୍ରୀ ଯାମିନୀକାନ୍ତ ଜଗଦେବ

ସେଦିନର ଏକ ବର୍ଷଣ ମୁଖର ସଂଧ୍ୟା, ପୁରୀ ଜିଲ୍ଲାପାଳ ରଙ୍ଗଣିପାଟଣା ଗାଁ ପରିଦର୍ଶନରେ ଯାଇଥାନ୍ତି । ଗାଁଟି ଛୋଟିଆ, ଏହାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ସେମାନେ ବଡ଼ ସରଳ ଓ ସେମାନଙ୍କର ମିଠା କଥା ବଡ଼ ହୃଦୟ ସ୍ପର୍ଶୀ । ଜୀବନ ଯାପନ ପ୍ରଣାଳୀ ମଧ୍ୟ ନିରାଡ଼ମ୍ବର ମନେ ହେଉଥିଲା । ଆଉ କିଛି ସମୟ ସେ ଗାଁରେ ରହି ସେମାନଙ୍କ ସାଙ୍ଗରେ ଭାବର ଆଦାନ ପ୍ରଦାନ କରିଥାନ୍ତି । କିନ୍ତୁ ସମୟ ନଥିଲା, ଆଉ କେବେ ଆସିବି ଭାବି ମନକୁ ସାନ୍ତ୍ୱନା ଦେଇ ଫେରି ଆସିଥିଲି । ତଥାପି ମୋ ମନରେ ଅମ୍ଳାନ ହୋଇ ରହିଗଲା ଚାଷୀ ଘନ ସାହୁର ଅତୀତ ଓ ବର୍ତ୍ତମାନ ।

ଚାଷୀ ଘନ ସାହୁ ସେଦିନ ତାର ଅତୀତ ଓ ବର୍ତ୍ତମାନର ହସକାନ୍ଦ ଅନୁଭୂତି ଯେତେବେଳେ ଜିଲ୍ଲାପାଳଙ୍କ ଆଗରେ କହୁଥାଏ, ମୋର ମନେ ହେଉଥାଏ ଏଦେଶରେ ଯଦି ଘନ ସାହୁ ପରି ଶହ ଶହ ଚାଷୀ ବାହାରନ୍ତେ ତା'ହେଲେ ଏତେ ଅଭାବ ଅନାଟନ ରହନ୍ତା ନାହିଁ । ଦେଶ ଆମର ସୁଜଳା-ସୁଫଳା ହୋଇ ହସି ଉଠନ୍ତା ଓ ତାରି ଅପୂରନ୍ତ ହସ ଦେଖି ତା'କୋଳରେ ଟିକି ଟିକି ପିଲାସବୁ ଭୁଲିଯାନ୍ତେ ଦୁଃଖ ଆଉ ନୈରାଶ୍ୟ । ଘନ ସାହୁ କେବଳ ମୋର ନମସ୍ୟ ନୁହେଁ ଜାତିର ନମସ୍ୟ ମଧ୍ୟ । ଆଜି ଏଇ ଲେଖାଟି ଲେଖିଲା ବେଳେ ତାରି ଖରାଖିଆ ତାଣ ମୁହଁ ଉପରେ ଯେଉଁ ହସର ପରସ୍ତ ସେଦିନ ଫୁଟି ଉଠିଥିଲା, ମୋର ତାହା ସ୍ପଷ୍ଟ ମନେ ପଡୁଛି । ଏ ଦେଶ ଚାଷୀର ଦେଶ । ଚାଷୀ ଯଦି ହସି ଉଠେ, ଦେଶ ହସି ଉଠିବ ।

ଘନ ସାହୁର ଜୀବନ ବୃତ୍ତାନ୍ତ ଏକ ଅଲିଖା ସ୍ମୃତି । ଅତୀତ ତାର ଥିଲା ଅନ୍ଧକାରମୟ । ପରିବାରର ଭରଣ ପୋଷଣ ପାଇଁ ତାକୁ ଅତି ସାହସର ସହିତ ସଂଗ୍ରାମ କରିବାକୁ ପଡ଼ିଛି । ଜମି ମାତ୍ର ଏକ ଏକର ଛଅ ଡେସ୍‌ମିଲ୍ । ପରିବାର ସଂଖ୍ୟା ୯ ଜଣ । ଜଳସେଚନର କିଛି ସୁବିଧା ନାହିଁ । ତଥାପି ରଘୁନାଥଙ୍କର ଆଶୀର୍ବାଦ ନେଇ ଜୀବନ ରକ୍ଷା ପାଇଁ ସେ ଆଗେଇ ଚାଲିଛି । ବିପୁଳ ଉତ୍ସାହ—ମନରେ ଅଶେଷ ଉଦ୍ଦୀପନା ଚାଷ କରିବି, ଫସଲ କରିବି— ନିଜ ଗୋଡ଼ରେ ଛିଡ଼ା ହୋଇ ମଣିଷ ପରି ମଣିଷ ହେବି । ଏଇ ଚେତନା ତାକୁ ଆଜି ଆଗେଇ ଆଣିଛି ଅତୀତର ଅନ୍ଧକାରରୁ ବର୍ତ୍ତମାନର ସ୍ୱଚ୍ଛ ଦିବା ଲୋକକୁ ।

ଦିନକର ଘଟଣା,—ଜଣେ ସରକାରୀ କର୍ମଚାରୀଙ୍କ ସହ ଘନ ସାହୁର ଦେଖାହୁଏ । ସେ କର୍ମଚାରୀ ଜଣକ ହେଉଛନ୍ତି ଓଡ଼ଗାଁ ବ୍ଲକ୍‌ର ସମବାୟ ସଂପ୍ରସାରଣ ଅଫିସର । ସେ ରଙ୍ଗଣି ପାଟଣା ଯାଇଥିଲେ ଚାଷର ଉନ୍ନତି ନିମିତ୍ତ ଅର୍ଥ ଲଗାଣ କରିବା ପାଇଁ । ସଂପ୍ରସାରଣ ଅଫିସର ଘନ ସାହୁକୁ ଉପଦେଶ ଦେଲେ ଯେ ଏକ



କୂପ ଖନନ କରି ବିଦ୍ୟୁତ୍ ଚାଳିତ ପମ୍ପ ବସାଇଲେ ବର୍ଷର ସବୁ ସମୟରେ ଚାଷ କରି ଜମିକୁ ଚିର ସବୁଜ ରଖାଯାଇ ପାରିବ । କୃଷି ବିଭାଗର ପରାମର୍ଶ ଗ୍ରହଣ କଲେ ଚାଷ ବି ଭଲ ହେବ ଓ ଉତ୍ପାଦନ ବଢ଼ିବ । ଏକଥା ଶୁଣି ଘନ ସାହୁ ଆନନ୍ଦରେ ଅଧୀର ହୋଇ ପଡ଼ିଲା । ସଂପ୍ରସାରଣ ଅଫିସର ତାର ସମସ୍ତ ବନ୍ଦୋବସ୍ତ କରିଦେବେ ବୋଲି କହିଲେ ।

# ଓଡ଼ିଶା ମନ୍ତ୍ରୀମଣ୍ଡଳର ସଂପ୍ରସାରଣ ଓ ବିଭାଗ ବଣ୍ଟନ



**ଶ୍ରୀ ନୀଳମଣି ରାଉତରାୟ**

ମୁଖ୍ୟମନ୍ତ୍ରୀ — ରାଜନୈତିକ ଓ ପ୍ରଶାସନିକ (ପାର୍ଲିଆମେଣ୍ଟାରୀ ବ୍ୟାପାର ବିଭାଗ), ଯୋଜନା ଓ ସମନ୍ୱୟ, ସ୍ୱରାଷ୍ଟ୍ର, ସୂଚନା ଓ [illegible] ଓ ଗୃହ ନିର୍ମାଣ ।



**ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି**

ପରିବହନ, ବିଦ୍ୟୁତ୍, ଶିକ୍ଷା ଓ ଯୁବସେବା ଏବଂ କନସେସନ (ତଥା କନସେସନ) ।




**ଡକ୍ଟର ରାମପ୍ରସାଦ ମିଶ୍ର**

ଅର୍ଥ



**ଶ୍ରୀ ନଟବର ପ୍ରଧାନ**

ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ, ଖାଦ୍ୟ ଓ ଯୋଗାଣ, ଆଇନ ।



**ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର**


ଶିଳ୍ପ, ଖଣି ଓ ଭୂତତ୍ତ୍ୱ



ଡକ୍ଟର ହଁସକେତନ ସାହୁ
ନଗର ଉନ୍ନୟନ ଓ ଅବକାରୀ ତଥା ନିଶା-
ନିବାରଣ ।




ଶ୍ରୀ ବୃନ୍ଦାବନ ନାୟକ
ପୂର୍ତ୍ତ ଓ ଗ୍ରାମ ଉନ୍ନୟନ



ଶ୍ରୀ ବେଦପ୍ରକାଶ ଅଗ୍ରୱାଲ
ବାଣିଜ୍ୟ ଓ ପରିବହନ, ରାଜନୀତିକ ଓ
ପ୍ରଶାସନିକ (ପାର୍ଲିଆମେଣ୍ଟାରୀ ବ୍ୟାପାର)
ଏବଂ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ।




ଶ୍ରୀ ଶରତ କୁମାର ଦେବ
ଜଳସେଚନ (ଉଠା ଜଳସେଚନ
ବ୍ୟତୀତ) ।



ଶ୍ରୀ ଜଗନ୍ନାଥ ମଲ୍ଲିକ
କୃଷି ଓ ସମବାୟ




ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ
ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ



ଶ୍ରୀ ପାସିରାମ ମାଝି
ଆଦିବାସୀ ଓ ଗ୍ରାମମଙ୍ଗଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ।

## ରାଷ୍ଟ୍ରମନ୍ତ୍ରୀବୃନ୍ଦ



ଶ୍ରୀ ବୀରଭଦ୍ର ସିଂହ
ଆଦିବାସୀ ଓ ଗ୍ରାମମଙ୍ଗଳ ଏବଂ ଜଳସେଚନ (ଉଠା ଜଳସେଚନ) ।

ଶ୍ରୀ ସହରାଇ ଓରାମ
ଗ୍ରାମ ଉନ୍ନୟନ ଓ ମତ୍ସ୍ୟ



ଶ୍ରୀ ଇଗ୍ନେସ ମାଝି
ଆଇନ (ହିନ୍ଦୁ ଦେବୋତ୍ତର ବ୍ୟତୀତ) ଏବଂ ଶ୍ରମ, କର୍ମନିୟୋଗ ଓ ଗୃହ ନିର୍ମାଣ ।





ଶ୍ରୀ ହରିହର ସ୍ୱାଇଁ

ସ୍ୱରାଷ୍ଟ୍ର (କାରାଗାର), ବାଣିଜ୍ୟ ଓ ପରିବହନ ଏବଂ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର (ପର୍ଯ୍ୟଟନ) ।



ଶ୍ରୀ ରବିସିଂହ ମାଝି

ଅବକାରୀ ଓ ନିଶା ନିବାରଣ




ଡକ୍ଟର ଦାମୋଦର ରାଉତ

ସୂଚନା ଓ ଲୋକସମ୍ପର୍କ ଏବଂ ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ।




ଶ୍ରୀ କାଳିନ୍ଦୀ ବେହେରା

ଶିକ୍ଷା ଓ ଯୁବସେବା ଏବଂ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର (ସାଂସ୍କୃତିକ ବ୍ୟାପାର) ।



ଶ୍ରୀ ମହେଶ୍ୱର ବାଗ୍

ପୂର୍ତ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ



ଶ୍ରୀ ପ୍ରେମଚନ୍ଦ୍ର ଭଗତ୍

ଖାଦ୍ୟ ଓ ଯୋଗାଣ ଏବଂ ପଶୁପାଳନ



ଶ୍ରୀ ମୁରଲୀଧର ଗୁରୁ

କୃଷି ଓ ଆଇନ (ହିନ୍ଦୁ ଦେବୋତ୍ତର)



ଶ୍ରୀ ନବୀନ ପ୍ରଧାନ

ଅବକାରୀ




ଶ୍ରୀ ଶ୍ରୀକାନ୍ତ କୁମାର ଜେନା

ଶିଳ୍ପ ଓ ନଗର ଉନ୍ନୟନ



ଶ୍ରୀ ରଘୁନାଥ ହେମ୍ବ୍ରମ୍

ଜଙ୍ଗଲ



୧୯୭୯ ନଭେମ୍ବର ୧୮ ତାରିଖ ଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରସ୍‌ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ପ୍ରଥମ ରାଜ୍ୟସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି ।

ମେସର୍ସ ଇଷ୍ଟ ଇଣ୍ଡିଆ ପାଇରେଟ ଲିମିଟେଡ୍‌ଙ୍କ ପରିଚାଳିତ ପ୍ରଥମ ବିମାନ ଯାତ୍ରା ଉତ୍ସବ ଅକ୍‌ଟୋବର ୨୨ ତାରିଖ ଦିନ ଭୁବନେଶ୍ୱର ବିମାନ ବନ୍ଦରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ ।



ଘନ ସାହୁ ଦରଖାସ୍ତ କଲେ । ସମବାୟ ବିଭାଗ ଦ୍ୱାରା
ଣ ମଂଜୁର କରି ଟଙ୍କା ଯୋଗାଇ ଦେଲେ । ସେହି ଟଙ୍କାରେ ଟା
ଲରେ କୂଅ ଖୋଳା ହେଲ ଓ ମୋଟର ସହିତ ପମ୍ପ ବସିଲ ।
ଷି ଅଫିସରଙ୍କ ପରାମର୍ଶରେ ଘନ ସାହୁ ଗ୍ରୀଷ୍ମ ଋତୁ ଅଧିକ
ମଳକ୍ଷମ ଧାନ, ଲଙ୍କା ମରିଚ, ପୋଟଳ, କୋବି ଓ ଅନ୍ୟାନ୍ୟ ଶୀତ
ନିଆ ଚଷିବା । ବୈଜ୍ଞାନିକ ପ୍ରଣାଳୀରେ ପ୍ରସ୍ତୁତ ବଗିଚାରେ ଫଳ
ାଇଲ । ଆନନ୍ଦରେ ଆଖିରୁ ଲୁହ ଝରି ଯାଉଥାଏ । ବର୍ଷକୁ
ଗାଧିକ ଫସଲ । ବର୍ତ୍ତମାନ ସେ ଗଞ୍ଜଣି ପାଟଣାର କାହିଁ
ଡ଼ିଶାର ଏକ ଗର୍ବ ।

୧୯୭୩ ମସିହାରେ କୂପ ଋଣ ବାବଦରେ ଟ୨,୫୦୦.୦୦
ପମ୍ପ ଋଣ ବାବଦରେ ଟ୫,୦୦୦.୦୦ ଗଞ୍ଜଣି ପାଟଣା ସେବା
ସମବାୟ ସମିତିରୁ ନେଇ ଘନ ସାହୁ ତାକୁ ପୂର୍ଣ୍ଣ ବିନିଯୋଗ କରିଥିବାରୁ
ଟ୨,୧୦୪.୧୬ ପଇସା ମୂଳ ସୁଧ ସହିତ ଋଣଦାନ ସଂସ୍ଥାକୁ ଫେରାଇ ସାରିଛି ।
ଆଉ ମଧ୍ୟ ଖରିଫ ଓ ରବିର ସମବାୟ ଋଣ ଠିକ୍ ସମୟରେ ପରିଶୋଧ
କରି ପାରିଛି । ବ୍ୟାଙ୍କର କରଜ ୩ ବର୍ଷ ମଧ୍ୟରେ ସୁଝି ପାରିଛି ।
ବର୍ତ୍ତମାନ ସେହି ଜମିରୁ ୫ ବର୍ଷ ମଧ୍ୟରେ ଟ୨୫,୦୦୦ ଲାଭ କରି
ପାର୍ଶ୍ୱବର୍ତ୍ତୀ ଜମି ଅନ୍ୟ ଏକ କୃଷକ ବନ୍ଧୁଙ୍କ ଠାରୁ କିଣି ପାରିଛି ।
ଆଜି ତାର କି ଆନନ୍ଦ । ସେ ଆଜି ଋଣ ମୁକ୍ତ । ସମସ୍ତ ବ୍ୟାଙ୍କ
ଅଫିସର ଆଜି ଆଗେଇ ଆସୁଛନ୍ତି ଋଣ ଦେବା ପାଇଁ । ତା'ର
ଋଣ ନେବାରେ ଓ ପରିଶୋଧ କରିବାରେ କୌଣସି ଦ୍ୱିଧା ନାହିଁ ।
ସେ ସାହସ କାଢ଼ିଛି ସବୁଜ ବିପ୍ଳବ ସୃଷ୍ଟି କରି ତାର ଗାଁର ରୂପ
ପରିବର୍ତ୍ତିତ କରିବ ।

ରଘୁନାଥ ଜୀଉ ତାକୁ ଆଶୀର୍ବାଦ କରନ୍ତୁ । ତାର ଶ୍ରମନିଷ୍ଠ
ମନ ଯାହା ଖୋଜୁଛି ତାହା ବାସ୍ତବରେ ରୂପାୟିତ ହେଉ ।

ନୁବିଭାଗୀୟ ଅଧିକାରୀ,
ୟାଗଡ଼, ପୁରୀ



## ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋରେସନ

ଦୁର୍ବଳ ଗୋଷ୍ଠୀର ତନ୍ତୁବାୟ ପରିବାରମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଲକ୍ଷ୍ୟରେ ୧୯୭୬ ମସିହାରେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋ-ରେସନ ଗଠିତ ହୋଇଥିଲ । ଯେଉଁ ତନ୍ତୁବାୟ ପରିବାର ସମବାୟ ସମିତି ପରିସରଭୁକ୍ତ ହୋଇ ନାହାନ୍ତି ସେମାନଙ୍କୁ ବିଭିନ୍ନ ଭାବରେ ସାହାଯ୍ୟ ଦେଇ ହସ୍ତତନ୍ତ ଶିଳ୍ପର ବିକାଶ ଘଟାଇବା ସଙ୍ଗେ ସଙ୍ଗେ ସାମଗ୍ରିକ ଭାବେ କର୍ମ ନିଯୁକ୍ତିର ସୁଯୋଗ ସଂପ୍ରସାରିତ କରିବା ଏହି କର୍ପୋରେସନର ମୌଳିକ ଲକ୍ଷ୍ୟ ।


୧୯୭୯ ଅକଟୋବର ମାସ ଶେଷ ସୁଦ୍ଧା ଏହି କର୍ପୋରେସନ ୩୮ ଗୋଟି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକରେ ୬୭୨ ଗୋଟି ହସ୍ତତନ୍ତ ବସା ଯାଇଛି ଓ ୧୧,୩୪୪ ଜଣ ବୁଣାକାରଙ୍କୁ ପୁରା ସମୟ ପାଇଁ କାମ ଯୋଗାଇ ଦେବା ସମ୍ଭବ ହୋଇଛି । ଏହି କର୍ପୋରେସନର ପ୍ରଚେଷ୍ଟା ଫଳରେ ୨୬୩୯ ଗୋଟି ହସ୍ତତନ୍ତକୁ ଆଧୁନିକୀକରଣ କରାଯାଇଛି ଓ ୬୨୬ ଗୋଟି ନୂଆ ଡିଜାଇନ ପ୍ରଚଳନ ହୋଇଛି ।

ଏହି କର୍ପୋରେସନ ୧ କୋଟି ୬୮ ଲକ୍ଷ ଟଙ୍କା ମୂଲ୍ୟର ୨୮ ଲକ୍ଷ ୭୫ ହଜାର ମିଟର ବସ୍ତ୍ର ଉତ୍ପାଦନ କରି ପାରିଛି ଓ ଏହି ମଧ୍ୟରୁ ୧ କୋଟି ୩ ଲକ୍ଷ ଟଙ୍କା ମୂଲ୍ୟର ହାତ ବୁଣା ଲୁଗା ବିକ୍ରୟ କରିଛି । ବିଦେଶକୁ ପ୍ରାୟ ୧୬ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ ବସ୍ତ୍ର ରପ୍ତାନୀ କରାଯାଇଛି ।

ହୃଦୟହୀନ ହୋଇ ଶବ୍ଦ ଉଚ୍ଚାରଣ କରିବା ଅପେକ୍ଷା ମୌନ ରହି ହୃଦୟର ସହିତ ପ୍ରାର୍ଥନା କରିବା ଶ୍ରେୟସ୍କର

—ଗାନ୍ଧିଜୀ

# ଅନନ୍ୟ ଜୀବନ ବୀମା ସୁବିଧା



**୫ ବର୍ଷିଆ ଡାକଘର ପୌନଃପୁନିକ ଜମା (ରେକରିଂ ଡିପୋଜିଟ) ଯୋଜନାର ଏକ ଅତିରିକ୍ତ ଆକର୍ଷଣ ।**

୫-ବର୍ଷ ମିଆଦ ପୂରିବା ଆଗରୁ କୌଣସି ଜମାକର୍ତ୍ତାଙ୍କର ମୃତ୍ୟୁ ଘଟିଲେ ତାଙ୍କର ମନୋନୀତ ବ୍ୟକ୍ତି ବା ଆଇନସମ୍ମତ ଉତ୍ତରାଧିକାରୀଙ୍କୁ ଏହାର ସମ୍ପୂର୍ଣ୍ଣ ପରିପକ୍ୱ ମୂଲ୍ୟ ମିଳେ, ଅବଶ୍ୟ ଏହା କେତେକ ସର୍ତ୍ତ-ସାପେକ୍ଷ ।

ଏହାଛଡ଼ା ଜାତୀୟ ସଂଚୟ ସଂଗଠନର ଅନ୍ୟାନ୍ୟ ସୁବିଧା

- ଆପଣଙ୍କର ଦୁଆର ମୁହଁରୁ ପ୍ରତି ମାସର ଜମା ଅର୍ଥ ସଂଗ୍ରହ
- ଆୟକର ଓ ସମ୍ପତ୍ତିକର ରିହାତି
- ସ୍ଥାନାନ୍ତରିକରଣ, ମନୋନୟନ ଓ ଟିକଟ କାର୍ଡ ସୁବିଧା
- ଆକାଉଣ୍ଟଟିଏ ଖୋଲିବାପାଇଁ ୫ ଟଙ୍କା ଯଥେଷ୍ଟ

ବିଶେଷ ବିବରଣୀ ନିମନ୍ତେ ନିକଟତମ ଡାକଘର ସହ ଯୋଗାଯୋଗ କରନ୍ତୁ ।

**ଜାତୀୟ ସଂଚୟ ସଂଗଠନ**


## କର୍ମ ଦୁର୍ଭିକ୍ଷ

କର୍ଣ୍ଣେଲ ବାର୍ଡସ୍ମିଥ ୧୮୬୧ ମସିହାରେ ଗଭୀର ଅନୁଧ୍ୟାନ କରି ଗୋଟିଏ ମୂଲ୍ୟବାନ ରିପୋର୍ଟ ପ୍ରସ୍ତୁତ କରିଥିଲେ । ତହିଁରେ ସେ ଉଲ୍ଲେଖ କରିଥିଲେ, "ଭାରତରେ ଯେଉଁସବୁ ଦୁର୍ଭିକ୍ଷ ପଡ଼େ, ସେ ସବୁ କାମର ଦୁର୍ଭିକ୍ଷ ସିନା, ଖାଦ୍ୟର ଦୁର୍ଭିକ୍ଷ ନୁହେଁ । ଲୋକଙ୍କ ପାଖରେ କ୍ରୟ ଶକ୍ତି ରହିଲେ ଖାଦ୍ୟ ମିଳିବା କଷ୍ଟକର ହୁଏ ନାହିଁ" । ଏହି ନୀତି ଅନୁସରଣ କରି ଆମ ରାଜ୍ୟ ସରକାର ବର୍ତ୍ତମାନ ଲଗିଆଡ଼େ 'କାମ ବିନିମୟରେ ଖାଦ୍ୟ' କାର୍ଯ୍ୟକ୍ରମର ବ୍ୟାପକତା ଉପରେ ସବୁଠାରୁ ବେଶି ଗୁରୁତ୍ୱ ଦେଉଛନ୍ତି ।



୧୯୭୯ ଅକ୍ଟୋବର ୨୧ ତାରିଖ ଦିନ ରାଜ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବୀରଭଦ୍ର ସିଂହ ଖଡ଼ିଆଳ କଲେଜ ଗୃହର ଭିତ୍ତି ସ୍ଥାପନ କରୁଛନ୍ତି ।

କଟକ ପ୍ରେସ [illegible] ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଦାମୋଦର ରାଉତଙ୍କୁ ସମ୍ବର୍ଦ୍ଧନା ।

